# ଧରିତ୍ରୀ DHARITRI

ସମ୍ବଲପୁର, ରବିବାର, ଏପ୍ରିଲ ୧୧/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Sambalpur, Sunday, April 11/2021 ★★

୧୭ଶ ଭାଗ ୧୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଏଟିକେରୁ ଖେଳିବେ ଲିଷ୍ଟନ କୋଲାକୋ**
ରେକର୍ଡ ଟ୍ରାନ୍ସଫର ଫି' ବିନିମୟରେ ଫରୱାର୍ଡ ଲିଷ୍ଟନ କୋଲାକୋଙ୍କ ସହ ଚୁକ୍ତି କରିଛି ଆଇଏସ୍ଏଲ୍ ଦଳ ଏଟିକେ ମୋହନବାଗାନ।
୧୬

୧୪
**ସ୍କୁଲ ପାଠ୍ୟକ୍ରମରେ କପିଲ ଶର୍ମା**
ଚତୁର୍ଥ ଶ୍ରେଣୀର ଏକ ସାଧାରଣ ଜ୍ଞାନ ବହିରେ ସ୍ଥାନ ପାଇଛନ୍ତି କପିଲ, ଯାହାର ଟାଇଟେଲ ରହିଛି 'ଦି କମେଡି କିଙ୍ଗ୍ କପିଲ ଶର୍ମା।



# ଯବାନଙ୍କ ଗୁଳିରେ ୪ ମୃତ

**ପଶ୍ଚିମବଙ୍ଗ ନିର୍ବାଚନୀ ହିଂସା**

- କୁଚ୍‌ବିହାର ଶୀତଲକୁଚି ବୁଥ୍‌ରେ ମତଦାନ ବନ୍ଦ
- ଷଡ଼ଯନ୍ତ୍ରକାରୀ ଶାହା ଇସ୍ତଫା ଦିଅନ୍ତୁ: ମମତା
- ଟିଏମ୍‌ସି ଗୁଣ୍ଡାମାନେ ହିଂସା ସୃଷ୍ଟି କରୁଛନ୍ତି: ମୋଦି

**କୋଲକାତା/କୁଚ୍‌ବିହାର, ୧୦।୪**

ପଶ୍ଚିମବଙ୍ଗରେ ନିର୍ବାଚନୀ ରାଜନୀତି କ୍ରମଶଃ ହିଂସ୍ର ହେବାରେ ଲାଗିଛି। କ୍ଷମତା ବଜାୟ ରଖିବା ଲକ୍ଷ୍ୟରେ ଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ସରକାର ଗଢ଼ିବା ଲାଗି ଆଶାୟୀ ଥିବା ଭାଜପା ମଧ୍ୟରେ କଡ଼ା ମୁକାବିଲା ହେଉଥିବାବେଳେ ଉଭୟ ଦଳର ନେତାଙ୍କ ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ ଜାରି ରହିଛି। ଶନିବାର ଚତୁର୍ଥ ପର୍ଯ୍ୟାୟରେ ୪୪ ଆସନ ଲାଗି ମତଦାନ ହେଉଥିବାବେଳେ ହିଂସାରେ ୫ ଜଣଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣ କେନ୍ଦ୍ରୀୟ ସୁରକ୍ଷା ବଳ (ସିଆଇଏସ୍ଏଫ୍) ଯବାନଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି। ଏହାକୁ ନେଇ କେବଳ ପଶ୍ଚିମବଙ୍ଗ ନୁହେଁ, ଜାତୀୟ ରାଜନୀତି ମଧ୍ୟ ସରଗରମ ହୋଇଛି।

ସୂଚନା ଅନୁଯାୟୀ କୁଚ୍‌ବିହାର ଜିଲାର ଶୀତଲକୁଚିସ୍ଥିତ ୧୨୬ ନମ୍ବର ବୁଥ୍‌ରେ ଭୋଟଗ୍ରହଣ ଚାଲିଥିବାବେଳେ ସ୍ଥାନୀୟ ଲୋକେ ସୁରକ୍ଷା ବଳ ଉପରେ ଆକ୍ରମଣ କରିବାରୁ ସେମାନେ ଗୁଳି ଚଳାଇଥିଲେ ବୋଲି ପୋଲିସ କହିଛି। ଏହି ଗୁଳିକାଣ୍ଡରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍ଏଫ୍)



ଶୀତଲକୁଚିସ୍ଥିତ ୧୨୬ ନମ୍ବର ବୁଥ୍‌ରେ ହିଂସା ପରେ କେନ୍ଦ୍ରୀୟ ସୁରକ୍ଷା ବଳ ଯବାନ।

କହିବା ଅନୁଯାୟୀ, ୩୫୦ରୁ ୪୦୦ ଉତ୍ତ୍ୟକ୍ତ ଲୋକେ ଯବାନମାନଙ୍କୁ ଘେରାଉ କରିବା ସହ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଯବାନଙ୍କଠାରୁ ରାଇଫଲ ଛଡ଼ାଇବାକୁ ଉଦ୍ୟମ ହୋଇଥିଲା। ସେମାନଙ୍କ ଆକ୍ରମଣରେ ୫/୬ ଯବାନ ଗୁରୁତର ଆହତ ହୋଇଥିବା ସିଆଇଏସ୍ଏଫ୍ ପକ୍ଷରୁ କୁହାଯାଇଛି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ଉତ୍ତେଜନା ବଢ଼ିବା ସହ ବୋମା ଫିଙ୍ଗାଯାଇଥିଲା। ସ୍ଥିତି ନିୟନ୍ତ୍ରଣକୁ ଆଣିବା ଲାଗି କେନ୍ଦ୍ରୀୟ ସୁରକ୍ଷା ବଳ ଲାଠିଚାଳନା କରିଥିଲା। ହିଂସାକାଣ୍ଡ ପରେ ଉକ୍ତ ବୁଥ୍‌ରେ ମତଦାନକୁ ବନ୍ଦ ରଖିବା ଲାଗି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସେଠାରେ ସାନି ମତଦାନ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ନିର୍ବାଚନ କମିଶନ ହିଂସାକାଣ୍ଡ ସମ୍ପର୍କରେ ସବିଶେଷ ରିପୋର୍ଟ ମାଗିଛନ୍ତି। ଉକ୍ତ ଜିଲାର ପଠାନଟୁଲିସ୍ଥିତ ୮୫ ନମ୍ବର ବୁଥ୍ ବାହାରେ ☞ପୃଷ୍ଠା-୧୩

# ହିସାବ ଦେବେ ମନ୍ତ୍ରୀ

**ମେ ୧୫ରୁ ୨୫ କାର୍ଯ୍ୟ ସମୀକ୍ଷା କରିବେ ନବୀନ**

**ଭୁବନେଶ୍ୱର,୧୦।୪(ବ୍ୟୁରୋ)**

ଆସନ୍ତା ମେ' ୨୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ବିଜେଡି ସରକାର ପଞ୍ଚମ ପାଳିର ଦ୍ୱିତୀୟ ବର୍ଷ ପୂରଣ କରିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ



ନବୀନ ପଟ୍ଟନାୟକ

ମନ୍ତ୍ରୀମାନେ ନିଜ ବିଭାଗର ବର୍ଷକ କାର୍ଯ୍ୟର ହିସାବ ଦେବେ। ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି କେତେ ପାଳନ କରାଯାଇଛି, ସରକାରଙ୍କ କେଉଁ ବିଭାଗ କେତେ ସଫଳ ହୋଇଛି ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବେ। ଆସନ୍ତା ମେ' ୧୫ରୁ ୨୫ ଯାଏ ଏହି ସମୀକ୍ଷା ହେବ। ଶନିବାର ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କୁ ବ୍ୟକ୍ତିଗତ ଭାବେ ଚିଠି ଲେଖି ଏହା ଜଣାଇଛନ୍ତି। ସଚିବମାନଙ୍କ ଉପସ୍ଥିତିରେ ମନ୍ତ୍ରୀମାନେ ସେମାନଙ୍କ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ୫-ଟି ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ। ଏଥିସହିତ ୫-ଟି ଓ 'ମୋ ସରକାର' କାର୍ଯ୍ୟକ୍ରମ ସେମାନଙ୍କ ବିଭାଗରେ କିଭଳି କାର୍ଯ୍ୟକାରୀ କରାଯାଉଛି ଓ ଏହା ସେମାନଙ୍କ ବିଭାଗର କାର୍ଯ୍ୟଧାରାରେ କିଭଳି ଉନ୍ନତି ଆଣିଛି, ବିଭାଗକୁ କେତେ ଲୋକାଭିମୁଖୀ କରିପାରିଛି ସେ ସମ୍ପର୍କରେ ମଧ୍ୟ ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗଣତନ୍ତ୍ରରେ ଜନତା ହେଉଛନ୍ତି ମାଲିକ। ତେଣୁ ଗଣତନ୍ତ୍ରରେ ଉତ୍ତରଦାୟିତ୍ୱ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ସାଢ଼େ ୪ କୋଟି ଜନତା ଯେଉଁ ଦାୟିତ୍ୱ ☞ପୃଷ୍ଠା-୧୩

# ରେଡ୍ ଜୋନ୍‌ରେ ଖୋର୍ଦ୍ଧା, ସୁନ୍ଦରଗଡ଼

**ଦିନକରେ ୧,୩୭୪ ପଜିଟିଭ୍, ୨ ମୃତ**

- ସୁନ୍ଦରଗଡ଼ରେ ସର୍ବାଧିକ ୩୫୫ ଚିହ୍ନଟ
- ଛତିଶଗଡ଼ ସୀମା ସିଲ୍, ବସ୍ ଚଳାଚଳ ବନ୍ଦ

**ଭୁବନେଶ୍ୱର,୧୦।୪(ବ୍ୟୁରୋ)**

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଦ୍ରୁତ ସଂକ୍ରାମକ ହୋଇଛି। ଦୈନିକ ସଂକ୍ରମଣ ରେକର୍ଡ ଭାଙ୍ଗି ଚାଲିଛି। ଶେଷ ୨୪ଘଣ୍ଟାରେ ରାଜ୍ୟରେ ୧,୩୭୪ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨ଜଣଙ୍କ ଜୀବନ ଯାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୮୧୨ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଓ ୫୬୨ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେପଟେ ଚିନ୍ତା ବଢ଼ାଇଲାଣି ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଜିଲା। ଏହି ଦୁଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ସ୍ଥିତି ଏପରି ହୋଇଛି ଯେ, ଖୋର୍ଦ୍ଧା ଓ ସୁନ୍ଦରଗଡ଼ ଏବେ ରେଡ୍ ଜୋନ୍‌କୁ ଚାଲି ଆସିଛି। ସୁନ୍ଦରଗଡ଼ରେ ସର୍ବାଧିକ ୧,୨୪୧ଜଣ ସକ୍ରିୟ ରୋଗୀ ଥିବାବେଳେ ଖୋର୍ଦ୍ଧା ଜିଲାରେ ୧,୦୧୬ଜଣ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

**ଧାର୍ମିକ ସ୍ୱାଧୀନତା କ୍ଷୁଣ୍ଣ**

# ଏସ୍‌ସିବିରୁ ହାଇଦର ଫେରାର

- ପଡ଼ୋଶୀ ଜିଲାକୁ ଆଲର୍ଟ
- କଟକ ସୀମାରେ ଚାଲିଛି ସର୍ଚ୍ଚ ଅପରେଶନ
- ସୁରକ୍ଷା କର୍ମୀଙ୍କୁ ଧକ୍କା ମାରି ଫେରାର: ଜେଲ ଡିଜି

**କଟକ ଅଫିସ, ୧୦।୪**

ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର ଶନିବାର ଚିକିତ୍ସାଧୀନ ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲରୁ ଫେରାର ହୋଇଯାଇଛନ୍ତି। ସୁରକ୍ଷା କର୍ମୀଙ୍କୁ ଧକ୍କା ମାରି ହାଇଦର



ଶେଖ୍ ହାଇଦର

ହସ୍ପିଟାଲରୁ ଫେରାର ହୋଇଯାଇଥିବା ପୋଲିସ ପକ୍ଷରୁ କୁହାଯାଉଛି। ଏସ୍‌ସିବି କର୍ତ୍ତୃପକ୍ଷଙ୍କ ତରଫରୁ ଏନେଇ ମଙ୍ଗଳାବାଗ ଥାନାରେ ଅଭିଯୋଗ କରାଯିବା ପରେ କମିଶନରେଟ ପୋଲିସ ସର୍ଚ୍ଚ ଅପରେଶନକୁ ଜୋରଦାର କରିଛି। ପଡ଼ୋଶୀ କେନ୍ଦ୍ରାପଡ଼ା ଏବଂ ଯାଜପୁର ଏସ୍‌ପିଙ୍କୁ ଆଲର୍ଟ କରାଯାଇଛି। ଏଥିସହ କଟକ ସୀମାକୁ ଚାରିପଟୁ ସିଲ୍ କରାଯାଇ ଯାଞ୍ଚ କଡ଼ାକଡ଼ି କରାଯାଇଥିବା କଟକ ଡିସିପି ପ୍ରତୀକ ସିଂ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ କେନ୍ଦୁଝର ଖଣି ବ୍ୟବସାୟୀ ରଶ୍ମୀରଞ୍ଜନ ମହାପାତ୍ର ଅପହରଣ ଓ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ହୋଇ ଆଜୀବନ ଜେଲଦଣ୍ଡାଦେଶ ପାଇଥିବା ଅଭିଯୁକ୍ତ ହାଇଦର ସମ୍ବଲପୁର ସର୍କଲ ☞ପୃଷ୍ଠା-୧୩

# ଏମାର ମଠରୁ ମିଳିଲା ୪୫ ରୁପା ଇଟା

**ଜିଲା କୋଷାଗାରକୁ ଗଲା**

**ପୁରୀ ଅଫିସ,୧୦।୪**

ରୁପା ଇଟାକୁ ନେଇ ଚର୍ଚ୍ଚାରେ ଥିବା ପୁରୀ ଏମାର ମଠରୁ ଦେବୋତ୍ତର ବିଭାଗର ତାଲିକାଭୁକ୍ତ ୪୫ଖଣ୍ଡ ରୁପା ଇଟାକୁ ଶନିବାର ଜିଲା କୋଷାଗାରକୁ ପଠାଯାଇଛି। ଏହି ରୁପା ଇଟା ଏମାର ମଠର ଏକ କୋଠରିରେ ପ୍ରାୟ ୪ଫୁଟ ତଳେ ପୋତା ହୋଇ ରହିଥିଲା। ନୂଆ ଟ୍ରଷ୍ଟ ବୋର୍ଡ ଓ ପୋଲିସ ଉପସ୍ଥିତିରେ ଦେବୋତ୍ତର ନିରୀକ୍ଷକ ଅଖା ଭିତରେ ଥିବା ରୁପା ଇଟାକୁ ଜବତ କରିଛନ୍ତି। ୨୦୧୦ରେ ଦେବୋତ୍ତର ବିଭାଗ ୫୨୨ ଖଣ୍ଡ ଇଟା ଜିଲା କୋଷାଗାର ନେଇଥିବାବେଳେ ବାକି ୪୫ ରୁପା ଇଟାର ହିସାବ କରି ମହନ୍ତ ରାଜଗୋପାଳ ରାମାନୁଜ ଦାସଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏମାର ମଠ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ଥିବାରୁ ମଠ ମହନ୍ତ ଏହାକୁ ଚଟାଣ ତଳେ ପୋତି ☞ପୃଷ୍ଠା-୧୩

# ଇଡ୍‌କୋ ଅପାରଗତା ଶିଳ୍ପାୟନରେ ବାଧକ

**ସିଏଜି ରିପୋର୍ଟ**

- ସରକାରୀ ଉଦ୍ୟୋଗରେ ବ୍ୟାପକ ଅନିୟମିତତା
- କ୍ଷତି ହୋଇଛି ବିପୁଳ ରାଜସ୍ୱ

**ଭୁବନେଶ୍ୱର,୧୦।୪(ବ୍ୟୁରୋ)**

ରାଜ୍ୟରେ ଶିଳ୍ପାୟନକୁ ଆଗକୁ ନେବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବାବେଳେ ଜମି ଅଧିଗ୍ରହଣ ଏ ଦିଗରେ ବଡ଼ ସମସ୍ୟା ହୋଇ ଛିଡ଼ାହୋଇଛି। ଜମି ଅଧିଗ୍ରହଣ ସମସ୍ୟା ଦୂର କରିବାକୁ ସରକାର ଲ୍ୟାଣ୍ଡ ବ୍ୟାଙ୍କ ଗଠନ ଲାଗି ନିଷ୍ପତ୍ତି ନେଇଛନ୍ତି। ଏହି ଦାୟିତ୍ୱ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ) ଉପରେ ନ୍ୟସ୍ତ କରାଯାଇଛି। କିନ୍ତୁ ଇଡ୍‌କୋ ଜମି ଅଧିଗ୍ରହଣ କରିବାରେ ଏକପ୍ରକାର ବିଫଳ ହୋଇଛି। ଫଳରେ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରୁଥିବା ଶିଳ୍ପ ସଂସ୍ଥାଗୁଡ଼ିକୁ ଜମି ଯୋଗାଇ ଦେଇ ହେଉନାହିଁ। ହେଲେ ଯେଉଁ ଜମି ଅଧିଗ୍ରହଣ ହେଉଛି, ତାହାକୁ ଇଡ୍‌କୋ ନିଜ ଅଧୀନକୁ ଆଣି ପାରୁନାହିଁ। କେବଳ ଇଡ୍‌କୋ ନୁହେଁ, ରାଜ୍ୟର ଅନ୍ୟାନ୍ୟ ସରକାରୀ ଉଦ୍ୟୋଗ (ପିଏସ୍‌ୟୁ)ରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଛି। ନିକଟରେ ବିଧାନସଭାରେ ଉପସ୍ଥାପିତ କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ(ସିଏଜି)ଙ୍କ ୨୦୧୯ ସରକାରୀ ଉଦ୍ୟୋଗ ଅଡିଟ୍ ରିପୋର୍ଟରେ ଏ କଥା କୁହାଯାଇଛି।

ରିପୋର୍ଟରେ ଦର୍ଶାଯାଇଛି ଯେ, ବିଭିନ୍ନ ଜିଲାରେ ଇଡ୍‌କୋ ଦ୍ୱାରା ଅଧିଗ୍ରହଣ କରାଯାଉଥିବା ଜମିରେ ୩୯% ଜବରଦଖଲ ରହିଥିବାବେଳେ କେତେକ କ୍ଷେତ୍ରରେ ବିବାଦ ରହିଛି। ଫଳରେ ସେହି ସବୁ ଜମି ଶିଳ୍ପାୟନ ପାଇଁ ଆବଣ୍ଟିତ କରାଯାଇ ପାରିନାହିଁ। କେବଳ ସେତିକି ନୁହେଁ, ଇଡ୍‌କୋ ଲ୍ୟାଣ୍ଡ ବ୍ୟାଙ୍କର ଜମି ଆବଣ୍ଟନ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିୟମାବଳୀ ପ୍ରସ୍ତୁତ କରି ନ ଥିଲା। ଦୁଇ ଶିଳ୍ପସଂସ୍ଥା ଷ୍ଟେରଲାଇଟ ଏନର୍ଜି ଲିମିଟେଡ୍ ଏବଂ ବେଦାନ୍ତ ଲିମିଟେଡ୍ ସେମାନଙ୍କର ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ଆବଣ୍ଟିତ ଜମିରେ ଆରମ୍ଭ କରି କରିସାରିଲେଣି। ଏହାସତ୍ତ୍ୱେ ଇଡ୍‌କୋ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣର ସର୍ତ୍ତାବଳୀ ଉଲ୍ଲଂଘନ ସାଙ୍ଗକୁ ଆବଶ୍ୟକତାକୁ ମୂଲ୍ୟାୟନ ନ ☞ପୃଷ୍ଠା-୧୩




ଧରିତ୍ରୀ
DHARITRI
ରବିବାର, ୧୧ ଏପ୍ରିଲ, ୨୦୨୧



ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କୁ ନାଗପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଆର୍‌ଏସ୍‌ଏସ୍ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ଦଳ ଗଢ଼ିବେ ଜଗନଙ୍କ ଭଉଣୀ



**ହାଇଦ୍ରାବାଦ, ୧୦।୪:** ଆନ୍ଧ୍ରପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ ଏସ୍ ରାଜଶେଖର ରେଡ୍ଡୀଙ୍କ ଝିଅ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କ ଭଉଣୀ ୱାଇ ଏସ୍ ଶର୍ମିଳା ରେଡ୍ଡୀ ତେଲଙ୍ଗାନାରେ ଜୁନ ୮ରେ ନୂଆ ଦଳ ଘୋଷଣା କରିବେ। ଏ ନେଇ ତାଙ୍କ ମା' ୱାଇ ଏସ୍ ବିଜୟଲକ୍ଷ୍ମୀ ସୂଚନା ଦେଇଛନ୍ତି। ବାପାଙ୍କ ମାର୍ଗରେ ଯାଇ ଲୋକଙ୍କ ସେବା କରିବାକୁ ଶର୍ମିଳା ଏହି ନିଷ୍ପତ୍ତି ନେଇଥିବା ଏବଂ ଏଥିପାଇଁ ସେ ବେଶ୍ ଖୁସିଥିବା ବିଜୟଲକ୍ଷ୍ମୀ କହିଛନ୍ତି। ତେଲଙ୍ଗାନାରେ ୨୦୨୩ ବିଧାନସଭା ନିର୍ବାଚନ ପୂର୍ବରୁ ଦଳର ନାଁ, ଲୋଗୋ ଆଦି ଉନ୍ମୋଚନ କରାଯିବ।

### ବିହାର ପୋଲିସକୁ ପିଟି ହତ୍ୟା

**ଉତ୍ତର ଦିନାଜପୁର, ୧୦।୪:** ଏକ ବାଇକ୍ ଚୋରି ମାମଲାର ତଦନ୍ତ ପାଇଁ ପଶ୍ଚିମବଙ୍ଗ ଯାଇଥିବା ବିହାର କିଶନଗଞ୍ଜ ପୋଲିସ ଏସ୍‌ଏଚ୍‌ଓ ଅଶ୍ୱିନୀ କୁମାରଙ୍କୁ ଉତ୍ତର ଦିନାଜପୁର ଥାନା ଅଞ୍ଚଳରେ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଶ୍ୱିନୀ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉତ୍ତର ଦିନାଜପୁରରେ ପହଞ୍ଚିବା ପରେ ଅପରାଧୀଙ୍କ ସମେତ ସ୍ଥାନୀୟ ଲୋକେ ତାଙ୍କୁ ଘେରିଯାଇଥିଲେ। ବାଡ଼ି, ପଥର ଆଦିରେ ଆକ୍ରମଣ କରିବା ଯୋଗୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଇସ୍‌ଲାମପୁର ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପୂର୍ଣ୍ଣିଆ ରେଞ୍ଜ ଆଇଜିଙ୍କ ସୂଚନା ଅନୁଯାୟୀ, ଚୋରି ଅଭିଯୁକ୍ତଙ୍କୁ ଧରିବାକୁ ଅଶ୍ୱିନୀ ଆସିଥିଲେ। ତାଙ୍କ ସହ ଇସ୍‌ଲାମପୁର ଏସ୍‌ପି ମଧ୍ୟ ଥିଲେ। ଘଟଣାରେ ଜଣଙ୍କୁ ଅଟକ ରଖାଯାଇଛି। ତେବେ ପଶ୍ଚିମବଙ୍ଗରେ ପହଞ୍ଚିବା ପରେ ସେଠାକାର ପୋଲିସ ଅଶ୍ୱିନୀ କୁମାରଙ୍କୁ ସହଯୋଗ କରି ନ ଥିଲା ବୋଲି ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯିବ ବୋଲି ଆଇଜି କହିଛନ୍ତି।

### ତ୍ରିପୁରା ଜିଲା ପରିଷଦ ନିର୍ବାଚନରେ ଭାଜପା ପରାଜିତ

**ଅଗରତାଲା, ୧୦।୪:** ତ୍ରିପୁରା ଆଦିବାସୀ ପରିଷଦ ନିର୍ବାଚନରେ ଭାଜପା ଓ ଏହାର ସହଯୋଗୀ ଦଳ ପରାଜିତ ହୋଇଛନ୍ତି। ଫଳରେ ଗୈରିକ ଦଳକୁ ଶକ୍ତ ଝଟ୍‌କା ଲାଗିଛି। ଗୁରୁତ୍ୱପୂର୍ଣ୍ଣ ତ୍ରିପୁରା ସ୍ୱୟଂକ୍ରିୟ ଜିଲା ପରିଷଦ ନିର୍ବାଚନରେ ନୂଆ ସଂଗଠନ ଟିଆଇପିଆର୍‌ଏ (ଦି ଇଣ୍ଡିଜେନିଅସ୍ ପ୍ରୋଗ୍ରେସିଭ୍ ରିଜିଅନାଲ ଆଲିଆନ୍ସ) ୨୮ ଆସନରୁ ୧୮ଟିରେ ବିଜୟୀ ହୋଇଛି। ଭାଜପା ଓ ଏହାର ସହଯୋଗୀ ଦଳଙ୍କୁ ମାତ୍ର ୯ଟି ଆସନ ମିଳିଥିବାବେଳେ ଅନ୍ୟ ଆସନଟି ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଳିଛି। ବାମଦଳ ଓ କଂଗ୍ରେସ ଗୋଟିଏ ହେଲେ ଆସନ ଜିତିପାରି ନାହାନ୍ତି। ଗତ ସେପ୍ଟମ୍ବରରେ କଂଗ୍ରେସ ରାଜ୍ୟ ସଭାପତି ପଦରୁ ଇସ୍ତଫା ଦେଇଥିବା ପ୍ରଦ୍ୟୋତ୍ ମାଣିକ୍ୟ ଦେବ ବର୍ମନ ଟିଆଇପିଆର୍‌ଏର ନେତୃତ୍ୱ ନେଉଛନ୍ତି।

## ‘ପୂଜା କଲେ ମାସ୍କ ଦରକାର ନାହିଁ’



କରୋନାରୁ ମୁକ୍ତି ପାଇବାକୁ ମଧ୍ୟପ୍ରଦେଶର ଜଣେ ମନ୍ତ୍ରୀ ଏୟାରପୋର୍ଟରେ ପୂଜାର୍ଚ୍ଚନା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଭାଜପା ନେତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଉଷା ଠାକୁର ଇନ୍ଦୋର ବିମାନବନ୍ଦରଠାରେ ମାସ୍କ ନ ପିନ୍ଧି ଦେବୀ ଅହଲ୍ୟା ବାଇ ହୋଲ୍‌କରଙ୍କୁ ପୂଜା ସହ ନାଚଗୀତ କରୁଥିବା ଦେଖିବାକୁ ମିଳିଛି। ତାଙ୍କ ସହ ଏୟାରପୋର୍ଟ ନିର୍ଦ୍ଦେଶକ ଆର୍ଯ୍ୟାମା ସନ୍ନ୍ୟାସ ଏବଂ ଅନ୍ୟ କର୍ମଚାରୀ ମଧ୍ୟ ସାମିଲ ଥିଲେ। ମନ୍ତ୍ରୀ ଠାକୁର ପୂର୍ବରୁ ସର୍ବସାଧାରଣରେ ମାସ୍କ ପିନ୍ଧୁ ନ ଥିବାରୁ ସମାଲୋଚନାର ଶିକାର ହୋଇଥିଲେ। ପ୍ରତିଦିନ ହୋମଯଜ୍ଞ ଓ ହନୁମାନ ଚାଳିଶା ପଢୁଥିବାରୁ ତାଙ୍କୁ ମାସ୍କ ପିନ୍ଧିବା ଦରକାର ନାହିଁ ବୋଲି ସେ କହିଛନ୍ତି। ଏଭଳି କରି ସେ ନୂଆ ବିବାଦରେ ଫସିଛନ୍ତି।

## ସତୀଶ କୌଲଙ୍କ ପରଲୋକ



ପ୍ରାୟ ୩ ଶହ ହିନ୍ଦୀ ଓ ପଞ୍ଜାବୀ ଚଳଚ୍ଚିତ୍ର ସମେତ ‘ମହାଭାରତ’ରେ ଅଭିନୟ କରିଥିବା ବର୍ଷୀୟାନ ଅଭିନେତା ସତୀଶ କୌଲଙ୍କ ତାଙ୍କ ଲୁଧିଆନା ସ୍ଥିତ ବାସଭବନରେ ଶନିବାର ପରଲୋକ ଘଟିଛି। ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। କିଛି ଦିନ ପୂର୍ବରୁ ସେ କରୋନାରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତ ବର୍ଷ ମେ'ରେ ଦେଶବ୍ୟାପୀ ଲକ୍‌ଡାଉନ ଚାଲିଥିବାବେଳେ ମୌଳିକ ଆବଶ୍ୟକତା ପାଇଁ ସତୀଶ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆର୍ଥିକ ସହାୟତା ମାଗିଥିଲେ। ଫିଲ୍ମ କ୍ୟାରିୟରରେ ଅଧିକାଂଶ ପଞ୍ଜାବୀ ଫିଲ୍ମରେ ସେ ଅଭିନୟ କରିଥିବାବେଳେ ୮୫ ଚଳଚ୍ଚିତ୍ରରେ ତାଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା। ସେହିପରି ବଲିଉଡ୍ ଫିଲ୍ମ କର୍ମ, ପ୍ରେମ ପର୍ବତ, ୱାରେଣ୍ଟ, ଗୁହ୍ନାଓ କା ଫୈସଲା, ଭକ୍ତି ମେ ଶକ୍ତି, ଡ୍ୟାନ୍ସ ଡ୍ୟାନ୍ସ, ରାମ ଲକ୍ଷନ, ପ୍ୟାର୍ ତୋ ହୋନା ହି ଥା ସମେତ ଦୂରଦର୍ଶନର ଲୋକପ୍ରିୟ ଶୋ' ବିକ୍ରମ ବେତାଳରେ ତାଙ୍କ ଅଭିନୟର ଯାଦୁ ଦେଖିବାକୁ ମିଳିଥିଲା।

# ‘ଟିକା ନିଅଣ୍ଟ ପାଇଁ କେନ୍ଦ୍ର ଦାୟୀ’







ଭର୍ଚୁଆଲ ମିଟିଂରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ।

**ନୂଆଦିଲ୍ଲୀ, ୧୦।୪**

- ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଟିକା ଅଭାବ
- ଭାକ୍ସିନ୍ ରପ୍ତାନି ଯୋଗୁ ନିଅଣ୍ଟିଆ ସ୍ଥିତି
- ନିର୍ବାଚନ ରାଲି, ଧର୍ମୀୟ ସମାବେଶ ସଂକ୍ରମଣ ବଢ଼ାଉଛି

ଦେଶରେ କୋଭିଡ୍ ଟିକାର ନିଅଣ୍ଟ ସ୍ଥିତି ପାଇଁ କଂଗ୍ରେସ ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଭୁଲ୍ କୋଭିଡ୍ ପରିଚାଳନାକୁ ଦାୟୀ କରିଛନ୍ତି। ଦେଶର କୋଭିଡ୍ ସ୍ଥିତି ଏବଂ ସଂକ୍ରମଣ ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସୋନିଆ କଂଗ୍ରେସ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ ଶନିବାର ଏକ ଭର୍ଚୁଆଲ ବୈଠକ କରିଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କଂଗ୍ରେସ ନେତ୍ରୀ ଟେଷ୍ଟିଂ, ଟ୍ରେସିଂ ଏବଂ ଟିକାକରଣକୁ ଗୁରୁତ୍ୱ ଦେବା ସହ ସଂକ୍ରମଣ ସଂଖ୍ୟାକୁ ନେଇ ସରକାର ସ୍ୱଚ୍ଛତା ଅବଲମ୍ବନ କରିବା ଉଚିତ ବୋଲି କହିଛନ୍ତି। ପ୍ରଥମେ ଭାରତରେ ଟିକାକରଣ ଅଭିଯାନକୁ ଫୋକସ କରାଯିବା ଜରୁରୀ। ଏହା ପରେ ଅନ୍ୟ ଦେଶକୁ ଟିକା ରପ୍ତାନି କିମ୍ବା ସହାୟତା ଭାବେ ଯୋଗାଯାଇପାରିବ। ନରେନ୍ଦ୍ର ମୋଦି ସରକାରଙ୍କ ଟିକା ପରିଚାଳନାକୁ ସମାଲୋଚନା କରି ସୋନିଆ କହିଛନ୍ତି, ବିଭିନ୍ନ ଦେଶକୁ ଟିକା ରପ୍ତାନି କରାଯିବା ଫଳରେ ଦେଶରେ ନିଅଣ୍ଟ ସ୍ଥିତି ସୃଷ୍ଟି ହେଲା। ରାହୁଲ ମଧ୍ୟ ଦିନକ ପୂର୍ବରୁ ଟିକାର ଘରୋଇ ଆବଶ୍ୟକତା ଉପରେ ପ୍ରାଥମିକତା ଦେବାକୁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମହାରାଷ୍ଟ୍ର ସମେତ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ରାଜସ୍ଥାନ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଛତିଶଗଡ଼ ଓ ବିହାର ଟିକା ନିଅଣ୍ଟର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ ରାଜ୍ୟରେ ନିର୍ବାଚନ ପ୍ରଚାର ର୍‌ୟାଲି ଓ ଧର୍ମୀୟ ସମାବେଶ ବେଳେ ବିପୁଳ ଜନସମାଗମ ସଂକ୍ରମଣ ବଢ଼ାଉଛି। ଜାତୀୟ ସ୍ୱାର୍ଥକୁ ଊର୍ଦ୍ଧ୍ୱରେ ରଖି ଆମେ ଏଥିପାଇଁ ନିଜକୁ ଦାୟୀ କରିବା ଆବଶ୍ୟକ ବୋଲି କଂଗ୍ରେସ ନେତ୍ରୀ କହିଥିଲେ।

### ପଞ୍ଜାବ, ରାଜସ୍ଥାନରେ ଟିକା ଅଭାବ

**ଚଣ୍ଡିଗଡ଼, ୧୦।୪**

ମହାରାଷ୍ଟ୍ର ପରେ ଏବେ ପଞ୍ଜାବ ଓ ରାଜସ୍ଥାନରେ କରୋନା ଟିକା ଅଭାବ ଦେଖାଦେଇଛି। ଏ ନେଇ ଉଭୟ ରାଜ୍ୟ ସରକାର କେନ୍ଦ୍ରକୁ ଜଣାଇଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି, ଟାର୍ଗେଟ ଅନୁଯାୟୀ ଦିନକୁ ୨ ଲକ୍ଷ ଲୋକଙ୍କ ଟିକାକରଣ କରାଗଲେ ରାଜ୍ୟରେ ମହଜୁଦ୍ ଟିକା ୩ ଦିନରେ ଶେଷ ହୋଇଯିବ। ତୁରନ୍ତ ଆବଶ୍ୟକ ଟିକା ଯୋଗାଇଦେବାକୁ ସେ କେନ୍ଦ୍ର ସରକାରଙ୍କୁ ଜଣାଇଛନ୍ତି। ପଞ୍ଜାବରେ ସର୍ବନିମ୍ନ ଟିକାକରଣ ହୋଇଥିବା ନେଇ କେନ୍ଦ୍ର ସରକାରଙ୍କ ଅଭିଯୋଗର ଜବାବ ରଖି ଅମରିନ୍ଦର କହିଛନ୍ତି, ନୂଆ କୃଷି ଆଇନ ବିରୋଧରେ ପଞ୍ଜାବ ଚାଷୀ ଆନ୍ଦୋଳନ ଜାରି ରଖିଥିବାରୁ ମୋଦି ସରକାର ଏଭଳି ଆକ୍ରୋଶମୂଳକ ମନ୍ତବ୍ୟ ଦେଉଛନ୍ତି। ସେହିପରି ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜସ୍ଥାନରେ ଟିକା ଶେଷ ହୋଇଯିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖି ଜଣାଇଛନ୍ତି। ରାଜ୍ୟକୁ ତୁରନ୍ତ ୩୦ ଲକ୍ଷ ଡୋଜ ଟିକା ଯୋଗାଇଦେବାକୁ ସେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ମଧ୍ୟ କୋଭିଡ୍ ଭାକ୍ସିନ ଶେଷ ହୋଇଆସୁଥିବା ସମ୍ପର୍କରେ ଶନିବାର ସୂଚନା ଦେଇଛନ୍ତି।

## ୧.୩୨ କୋଟି ଟପିଲା ସଂକ୍ରମଣ

**ନୂଆଦିଲ୍ଲୀ, ୧୦।୪**

- ୨୪ ଘଣ୍ଟାରେ ସର୍ବାଧିକ ୧,୪୫,୩୮୪ ପଜିଟିଭ୍
- ଦିନକରେ ୭୯୪ ମୃତ
- ସକ୍ରିୟ ମାମଲା ୧୦ ଲକ୍ଷରୁ ଅଧିକ

ଦେଶରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ପ୍ରତିଦିନ ନୂଆ ରେକର୍ଡ ସୃଷ୍ଟି କରୁଛି। ଗତ ୨୪ ଘଣ୍ଟା ମଧ୍ୟରେ ୧,୪୫,୩୮୪ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ସହ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧କୋଟି ୩୨ ଲକ୍ଷ ୫ ହଜାର ୯୨୬ରେ ପହଞ୍ଚିଛି। ସେହିପରି ଗୋଟିଏ ଦିନରେ କରୋନା ୭୯୪ ଜୀବନ ନେବା ପରେ ଏହି ରୋଗଜନିତ ମୃତ୍ୟୁସଂଖ୍ୟା ୧,୬୮,୪୩୬ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି।

ଭାରତରେ କ୍ରମାଗତ ୩୧ ଦିନ ହେଲା ସଂକ୍ରମଣ ବଢ଼ିଚାଲିଛି। ଫଳରେ ସକ୍ରିୟ ମାମଲା ସଂଖ୍ୟା ୧୦,୪୬,୬୩୧ରେ ପହଞ୍ଚିଛି, ଯାହା ମୋଟ ମାମଲାର ୭.୯୩ ପ୍ରତିଶତ। ସାଢ଼େ ୬ ମାସ ପରେ ସକ୍ରିୟ ମାମଲା ସଂଖ୍ୟା ୧୦ ଲକ୍ଷ ଟପିଥିବା କୁହାଯାଉଛି। ଫେବୃୟାରୀ ୧୨ରେ ସକ୍ରିୟ ମାମଲା ସର୍ବନିମ୍ନ ୧,୩୫,୯୨୬ ଥିଲା ଯାହାକି ମୋଟ ମାମଲାର ମାତ୍ର ୧.୨୫ ପ୍ରତିଶତ।

ଦୈନିକ ସଂକ୍ରମଣରେ ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତରପ୍ରଦେଶ, ଦିଲ୍ଲୀ, କର୍ନାଟକ, କେରଳ, ମଧ୍ୟପ୍ରଦେଶ, ତାମିଲନାଡୁ, ଗୁଜରାଟ ଓ ରାଜସ୍ଥାନ ଆଗରେ ରହିଛନ୍ତି। ମୋଟ ସଂକ୍ରମଣର ୮୩ ପ୍ରତିଶତରୁ ଊର୍ଦ୍ଧ୍ୱ ମାମଲା ଏହି ରାଜ୍ୟଗୁଡ଼ିକରୁ ଆସୁଛି। ସଂକ୍ରମଣ ରୋକିବା ପାଇଁ ବିଭିନ୍ନ ରାଜ୍ୟ ନାଇଟ୍ କର୍ଫ୍ୟୁ, ସୀମିତ ଲକ୍‌ଡାଉନ ଆଦି କଟକଣା ଲଗାଇଥିବାବେଳେ ଟିକାକରଣ ବଢ଼ାଇବା ଉପରେ ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଦେଶରେ ୯,୮୦,୭୫,୧୬୦ ଡୋଜ୍ କୋଭିଡ୍ ଟିକା ଦିଆଗଲାଣି।



## ପ୍ରିନ୍ସ ଫିଲିପଙ୍କୁ ତୋପ ସଲାମୀ



ଟାୱାର ଅଫ୍ ଲଣ୍ଡନଠାରେ ପ୍ରିନ୍ସ ଫିଲିପ୍‌ଙ୍କ ସମ୍ମାନାର୍ଥେ ତୋପ ସଲାମୀ ଦିଆଯାଉଛି।

**ଲଣ୍ଡନ, ୧୦।୪(ପି.ଟି.)**

ବ୍ରିଟିଶ ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ସ୍ୱାମୀ ପ୍ରିନ୍ସ ଫିଲିପ୍‌ଙ୍କ ପରଲୋକରେ ବ୍ରିଟେନରେ ୮ ଦିନିଆ ଜାତୀୟ ଶୋକ ପାଳନ କରାଯାଉଛି। ପ୍ରିନ୍ସଙ୍କୁ ସମ୍ମାନ ଜଣାଇ ଶନିବାର ସଂଯୁକ୍ତ ରାଜ୍ୟର ସମସ୍ତ ରାଜଧାନୀରେ ତୋପ ସଲାମୀ ଦିଆଯାଇଛି। ଏହା ବ୍ୟତୀତ ବିଦେଶରେ ଥିବା କେତେକ ରୟାଲ ନେଭି ଜାହାଜରେ ମଧ୍ୟ ତୋପ ସଲାମୀ ଦିଆଯାଇଛି। ଡ୍ୟୁକ୍ ଅଫ୍ ଏଡିନ୍‌ବର୍ଗ ପ୍ରିନ୍ସ ଫିଲିପ୍‌ଙ୍କର ଶୁକ୍ରବାର ୯୯ ବର୍ଷ ବୟସରେ ପରଲୋକ ହୋଇଥିଲା। ଲଣ୍ଡନ, କାର୍ଡିଫ, ବେଲଫାଷ୍ଟ ଏବଂ ଏଡିନବର୍ଗରେ ଶନିବାର ମଧ୍ୟାହ୍ନରେ ଏକସମୟରେ ୪୧ ରାଉଣ୍ଡ ତୋପ ଫୁଟାଯିବା ସହ ୮ ଦିନିଆ ଜାତୀୟ ଶୋକ ପାଳନ ଆରମ୍ଭ ହୋଇଛି।

## ‘କୋଭିଡ୍ ନିୟମ ନ ମାନିଲେ ରାଲି ବନ୍ଦ’

**ନୂଆଦିଲ୍ଲୀ, ୧୦।୪(ପି.ଟି.)**

କରୋନା ସଂକ୍ରମଣ ବଢୁଥିବାରୁ ନିର୍ବାଚନ ପ୍ରଚାର ବେଳେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ରକ୍ଷା ଆଦି ଗାଇଡଲାଇନ ପାଳନ କରିବା ପାଇଁ ନିର୍ବାଚନ କମିଶନ ଷ୍ଟାର ପ୍ରଚାରକ ଓ ରାଜନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। କୋଭିଡ୍ ଗାଇଡଲାଇନ ପାଳନ ନ ହେଲେ ନିର୍ବାଚନୀ ରାଲି ବନ୍ଦ କରିବାକୁ ଇସି କୁଣ୍ଠାବୋଧ କରିବେ ନାହିଁ ବୋଲି କହିଛନ୍ତି। ଗତବର୍ଷ ନିର୍ବାଚନ କମିଶନଙ୍କ ପକ୍ଷରୁ କୋଭିଡ୍ ଗାଇଡଲାଇନ ଜାରି କରାଯାଇଥିଲା। ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ନେତାମାନଙ୍କୁ ପତ୍ର ଲେଖି ଇସି ଏହା ଜଣାଇଦେଇଛନ୍ତି।

## ଆସାମର ୪ ବୁଥ୍‌ରେ ସାନି ମତଦାନ ନିର୍ଦ୍ଦେଶ

**ଗୁଆହାଟୀ, ୧୦।୪(ଆଇଏଏନ୍‌ଏସ୍)**

ଆସାମର ୩ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଟି ବୁଥ୍‌ରେ ସାନି ମତଦାନ ପାଇଁ ନିର୍ବାଚନ କମିଶନ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ବୁଥ୍‌ଗୁଡ଼ିକରେ ଏପ୍ରିଲ୍ ୧ ତାରିଖ ଭୋଟଗ୍ରହଣ କରାଯାଇଥିଲା। ତେବେ ବିଭିନ୍ନ ରିପୋର୍ଟ ଏବଂ କେତେକ ସ୍ଥିତିକୁ ବିଚାରକୁ ନେଇ ସେହିସବୁ ବୁଥ୍‌ରେ ଏପ୍ରିଲ ୨୦ରେ ସାନି ମତଦାନ ପାଇଁ ଇସି ନିଷ୍ପତ୍ତି ନେଇଛନ୍ତି। ରତାବାରି ଆସନର ଇନ୍ଦିରା ଏମ୍.ଭି. ସ୍କୁଲ୍ (ଦକ୍ଷିଣ), ସୋନାଇ ଆସନର ମଧ୍ୟ ଧାନଚାରୀ ଲୋୟର ପ୍ରାଇମେରି ସ୍କୁଲ ଏବଂ ହାଲଫ୍ଲଙ୍ଗ ଆସନର ଖୋଥଲିର ଲୋୟାର ପ୍ରାଇମେରି ସ୍କୁଲ ଓ ମୌଳଦାମ ଲୋୟର ପ୍ରାଇମେରି ସ୍କୁଲରେ ପୁନର୍ବାର ମତଦାନ ହେବ।

## ହିଂସା ସତ୍ତ୍ୱେ ଚତୁର୍ଥ ପର୍ଯ୍ୟାୟରେ ୭୬% ମତଦାନ

**କୋଲକାତା, ୧୦।୪**

ପଶ୍ଚିମବଙ୍ଗର କୁଚ୍‌ବିହାର ଜିଲାରେ ନିର୍ବାଚନୀ ହିଂସାରେ ୫ ଜଣଙ୍କ ମୃତ୍ୟୁ ଘଟିବା ସତ୍ତ୍ୱେ ଚତୁର୍ଥ ପର୍ଯ୍ୟାୟ ମତଦାନ ହାର ଭଲ ରହିଛି। ଏହି ପର୍ଯ୍ୟାୟରେ ୪୪ ଆସନ ଲାଗି ଭୋଟ ଗ୍ରହଣ ହୋଇଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ୭୬.୧୬ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ମତଦାନ କେନ୍ଦ୍ରଗୁଡ଼ିକରେ ଭୋଟରମାନଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ୫ ଜିଲାରୁ ଏକକୋଟିରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଛନ୍ତି। ଏହି ପର୍ଯ୍ୟାୟରେ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହଯୋଗୀ ପାର୍ଥ ଚାଟାର୍ଜୀ ପ୍ରମୁଖଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଚଳଚ୍ଚିତ୍ର ତାରକା, ଏମ୍‌ପି ଏବଂ କ୍ରିକେଟରଙ୍କ ସମେତ ୩୭୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ନିର୍ବାଚନ କମିଶନ ୮୦ ହଜାରରୁ ଊର୍ଦ୍ଧ୍ୱ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ ନିୟୋଜିତ କରିଥିଲେ।

### ଇସିଙ୍କ ନୋଟିସର ଜବାବ ରଖିଲେ ମମତା

କେନ୍ଦ୍ରୀୟ ସୁରକ୍ଷା ବଳ ପ୍ରତି ମନ୍ତବ୍ୟକୁ ନେଇ ନିର୍ବାଚନ କମିଶନଙ୍କ ନୋଟିସ ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶନିବାର ଜବାବ ରଖିଛନ୍ତି। କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ପ୍ରତି ତାଙ୍କର ସର୍ବୋଚ୍ଚ ସମ୍ମାନ ରହିଛି। ତେବେ ଭୋଟରମାନଙ୍କୁ ସିଏପିଏଫ୍ ଭୟଭୀତ କରାଇ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସପକ୍ଷରେ ଭୋଟ ଦେବା ନିମନ୍ତେ ପ୍ରଭାବିତ କରୁଥିବା ଗୁରୁତର ଅଭିଯୋଗ ଆସିଛି। ଟିଏମ୍‌ସି ପକ୍ଷରୁ ଅନେକ ଏତଲା ଦାଏର ହୋଇଥିଲେ ହେଁ ମାତ୍ର ଅଳ୍ପ କେତୋଟିର ସମାଧାନ ହୋଇଛି। କେନ୍ଦ୍ରୀୟ ବଳ ବିରୋଧରେ ମନ୍ତବ୍ୟ ଦେଇ ସେ ନିର୍ବାଚନ ଆଚରଣ ବିଧି କିମ୍ବା ଭାରତୀୟ ଦଣ୍ଡ ସଂହିତା(ଆଇପିସି)ର କୌଣସି ଧାରାର ଉଲ୍ଲଂଘନ କରି ନ ଥିବା ମମତା କହିଛନ୍ତି। ଇସିଙ୍କ ଆଗରେ ମମତା ତାଙ୍କ ଭାଷଣର କିଛି ଅଂଶ ମଧ୍ୟ ଉପସ୍ଥାପନ କରିଛନ୍ତି।

## ଗୋଗ୍ରା, ହଟ୍ ସ୍ପ୍ରିଙ୍ଗ୍‌ସରୁ ହଟିବାକୁ ମନାକଲା ଚାଇନା

**ନୂଆଦିଲ୍ଲୀ, ୧୦।୪**



ଭାରତ ଓ ଚାଇନା ସୈନ୍ୟବାହିନୀର ୧୧ତମ କମାଣ୍ଡର ସ୍ତରୀୟ ଆଲୋଚନା ଶୁକ୍ରବାର ଆରମ୍ଭ ହୋଇଥିଲା। ପୂର୍ବ ଲଦାଖର ଗୋଗ୍ରା ଏବଂ ହଟ୍ ସ୍ପ୍ରିଙ୍ଗସ ଅଞ୍ଚଳରୁ ସୈନ୍ୟ ଓ ଯାନବାହନ ପ୍ରତ୍ୟାହାର କରିନେବା ପାଇଁ ଭାରତ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଚାଇନା ସେନା ପ୍ରତ୍ୟାଖ୍ୟାନ କରିଦେଇଥିବା ଜଣାପଡ଼ିଛି। ଗତ ଫେବୃୟାରୀରେ ପଙ୍ଗୋଙ୍ଗ୍ ସୋ ସେକ୍ଟରର ଉଭୟ ପାର୍ଶ୍ୱରୁ ଭାରତ ଓ ଚାଇନା ସୈନ୍ୟ ପ୍ରତ୍ୟାହାର ଆରମ୍ଭ କରିଥିଲେ। ଫଳରେ ସୀମାରେ ଦୀର୍ଘଦିନର ଅଚଳାବସ୍ଥା ପରେ ଏକ ସକାରାତ୍ମକ ଅଗ୍ରଗତି ହୋଇଥିଲା। ତେବେ ପୁଣିଥରେ ଚାଇନା କଠୋର ଆଭିମୁଖ୍ୟ ପ୍ରକାଶ କରିବା ଫଳରେ ଏଥିରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଆଲୋଚନାରେ ବସିବା ପୂର୍ବରୁ ଚାଇନା ପକ୍ଷ ସମ୍ପୂର୍ଣ୍ଣ କଠୋର ନିଷ୍ପତ୍ତି ନେଇ ଆସିଥିଲେ ବୋଲି ଭାରତୀୟ ସେନା ସୂତ୍ରରୁ ଜଣାପଡ଼ିଛି। ଏକାଦଶ ପର୍ଯ୍ୟାୟ ଆଲୋଚନା ଦୀର୍ଘ ୧୩ ଘଣ୍ଟା ଧରି ଚାଲିଥିଲା। ଏହି ଅବସରରେ

### ୧୧ତମ କମାଣ୍ଡର ସ୍ତରୀୟ ଆଲୋଚନା

ଭାରତ ଗୋଗ୍ରା-ହଟ୍ ସ୍ପ୍ରିଙ୍ଗ୍‌ସ ଅଞ୍ଚଳରୁ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର କରିବା ସହ ଡେପସାଙ୍ଗ ଅଞ୍ଚଳରେ ପୁନର୍ବାର ପାଟ୍ରୋଲିଂ ଚାଲୁ କରିବା ପାଇଁ ପ୍ରସ୍ତାବ ଦେଇଥିଲା। ଆଲୋଚନାରେ ଭାରତ ପକ୍ଷରୁ ୧୪ କର୍ପସ କମାଣ୍ଡର ଲ୍ୟୁଟନାଣ୍ଟ ଜେନେରାଲ ପି.ଜି.କେ. ମେନନ ଏବଂ ଚାଇନା ପକ୍ଷରୁ ସାଉଥ୍ ଜିନ୍‌ଜିଆଙ୍ଗ ମିଲିଟାରି ଡିଷ୍ଟ୍ରିକ୍ଟ ମୁଖ୍ୟ ମେଜର ଜେନେରାଲ ଲିଉ ଲିନ୍ ଆଲୋଚନାର ନେତୃତ୍ୱ ନେଇଥିଲେ। ଭାରତ ପାର୍ଶ୍ୱର ଚୁଶୁଲ-ମୋଲଡୋ ସୀମାରେ ଆଲୋଚନା ହୋଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୩,୫୬,୫୧,୩୧୪ | ୨୯,୩୩,୪୧୫ | ୧୦,୯୧,୩୫,୫୫୩ |
| ଭାରତ | ୧,୩୩,୩୨,୧୫୯ | ୧,୬୯,୧୧୦ | ୧,୨୦,୬୯,୨୫୫ |
| ଓଡ଼ିଶା | ୩,୪୮,୮୧୨ | ୧୯୨୬(+୫୩) | ୩,୩୯,୬୦୩ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ୪ ସିନେମା ହଲ୍ ସିଲ୍

ପାରଳାଖେମୁଣ୍ଡି,୧୦।୪(ଡି.ଏନ୍.ଏ.)

କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ କରିଥିବା ଗଜପତି ଜିଲା ପାରଳାଖେମୁଣ୍ଡିର ୪ ସିନେମା ହଲ୍‌କୁ ଶନିବାର ସିଲ୍ କରାଯାଇଛି। ସହରରେ ଥିବା ଲକ୍ଷ୍ମୀ, ଜୟା, ନଟରଜ ଓ ଶ୍ରୀକ୍ରିଷ୍ଣା ସିନେମା ହଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିଛି ଜିଲା ପ୍ରଶାସନ। ସିନେ ପ୍ରେମୀମାନେ କୋଭିଡ୍ ନିୟମ ନ ମାନି ଗହଳି ଜମାଇଥିବା ଓ ହଲ୍ ମାଲିକ ଆବଶ୍ୟକ ଅନୁମତିପତ୍ର ଦେଖାଇ ପାରି ନ ଥିବାରୁ ସିଲ୍ କରାଯାଇଥିବା ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତ ଜାନୀ କହିଛନ୍ତି। ଏଥିସହ ଲକ୍ଷ୍ମୀ ଓ ଜୟା ହଲ୍‌ର ମାଲିକଙ୍କ ଉପରେ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଶ୍ରୀକ୍ରିଷ୍ଣା ଓ ନଟରାଜ ହଲ୍‌ର ମାଲିକଙ୍କ ପାଖରେ ଆବଶ୍ୟକ ଅନୁମତିପତ୍ର ନ ଥିବାରୁ ସିଲ୍ ହୋଇଛି।

ତେଲୁଗୁ ସୁପରଷ୍ଟାର୍ ପବନ କଲ୍ୟାଣଙ୍କ ନୂଆ ସିନେମା 'ୱକିଲ ସାବ୍' ଶୁକ୍ରବାର ରିଲିଜ ହୋଇଥିଲା। ଏହି ସୁପରଷ୍ଟାରଙ୍କ ଫିଲ୍ମ ଦେଖିବାକୁ ଆନ୍ଧ୍ର ସୀମାନ୍ତ ଗଜପତି ଜିଲାର ଫ୍ୟାନମାନେ ଉତ୍ସୁକତାର ସହ ଚାହିଁରହିଥିଲେ। ପାରଳାଖେମୁଣ୍ଡି ସହରରେ ଥିବା ଲକ୍ଷ୍ମୀ, ଜୟା ଓ ଶ୍ରୀକ୍ରିଷ୍ଣା ହଲ୍‌ରେ 'ୱକିଲ ସାବ୍' ରିଲିଜ ହୋଇଥିଲା। ପ୍ରିୟ ଅଭିନେତାଙ୍କ ଫିଲ୍ମ ଦେଖିବା ପାଇଁ ଶତାଧିକ ଲୋକ



ସିଲ୍ ହୋଇଥିବା ଶ୍ରୀକ୍ରିଷ୍ଣା ସିନେମା ହଲ୍।

## କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ

ହଲ୍‌ଗୁଡ଼ିକରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଭିଡ଼ ଜମାଇଥିଲେ। କେହି ମାସ୍କ ପିନ୍ଧି ନ ଥିବା ବେଳେ ସାମାଜିକ ଦୂରତ୍ୱ ମଧ୍ୟ ରକ୍ଷା କରାଯାଉ ନ ଥିଲା। ସେହିପରି ନଟରାଜ ହଲ୍‌ରେ ଅନ୍ୟ ଏକ ସିନେମା ଚାଲିଥିଲେ ମଧ୍ୟ ସେଠାରେ ଅନୁରୂପ ଘଟଣା ଦେଖିବାକୁ ମିଳିଥିଲା। ଏହି ସୂଚନା ପାଇବା ପରେ ଜିଲାପାଳ ଅନୁପମ ସାହା ଓ ଏସ୍‌ପି ତପନ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଏବଂ ତାଙ୍କ ଟିମ୍ ହଲ୍‌ଗୁଡିକରେ ଚଢ଼ାଉ କରିଥିଲେ। ପୋଲିସ ଦେଖି ଦର୍ଶକମାନେ ଛତ୍ରଭଙ୍ଗ ଦେଇଥିଲେ। ହଲ୍ ନିକଟରେ ମାସ୍କ ପିନ୍ଧି ନ ଥିବା ଅମାନିଆମାନଙ୍କଠାରୁ ପୋଲିସ ୪୨ ହଜାର ଟଙ୍କା ଜରିମାନା ଆଦାୟ କରିଥିଲା। କୋଭିଡ୍ ନିୟମ ଉଲ୍ଲଂଘନ କରାଯାଇଥିବାରୁ ପ୍ରଶାସନ ଓ ପୋଲିସ ଉପସ୍ଥିତିରେ ଶନିବାର ଉକ୍ତ ହଲ୍‌ଗୁଡ଼ିକୁ ସିଲ୍ କରାଯାଇଛି। ଅନ୍ୟପକ୍ଷରେ ପାରଳାଖେମୁଣ୍ଡି ସହରରେ ଶନିବାର ମାସ୍କ ଯାଞ୍ଚ କରାଯାଇ ସନ୍ଧ୍ୟା ସୁଦ୍ଧା ଜରିମାନା ବାବଦକୁ ୨୦ ହଜାର ଟଙ୍କା ଆଦାୟ ହୋଇଥିବା ଥାନା ଅଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।

# ନାବାଳିକାଙ୍କୁ ଅପହରଣ କରି ବିବାହ: ୬ ମାସ ପରେ ହତ୍ୟା

ଭଦ୍ରକ ଅଫିସ, ୧୦।୪

ନାବାଳିକାଙ୍କୁ ପ୍ରଥମେ ଅପହରଣ କରି ବିବାହ। ଏହାର ୬ ମାସ ପରେ ତାଙ୍କୁ ଯୌତୁକ ପାଇଁ ମାରି ଦିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଚରଦିଆ ପଞ୍ଚାୟତ ଶୈଳେନ୍ଦ୍ରପଲ୍ଲୀ ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ପୋଲିସ ଏହି ଘଟଣାରେ ମୃତା ନାବାଳିକା ସୀତା ମାଇତିଙ୍କ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗାଁର ରାମଶଙ୍କର କାଣ୍ଡାର ଓ ତାଙ୍କ ମା' ପୂର୍ଣ୍ଣିମା କାଣ୍ଡାର। ଏ ନେଇ ଥାନାରେ ମାମଲା (ନଂ. ୧୨୦/୨୧) ରୁଜୁ କରାଯାଇଛି।

ମୃତା ସୀତାଙ୍କ ବାପା ଗୋପାଳ ମାଇତି ଥାନାରେ ଅଭିଯୋଗ କରିଛନ୍ତି, ୧୦ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ତାଙ୍କ ଝିଅକୁ ସେହି ଗାଁର ରାମଶଙ୍କର ୬ ମାସ

## ସ୍ୱାମୀ, ଶାଶୁ ଗିରଫ

ପୂର୍ବେ ଅପହରଣ କରି କେଉଁଆଡ଼େ ନେଇଯାଇଥିଲେ। ସେତେବେଳେ ଅପହରଣ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପରେ ସେଠାରେ ରାମଶଙ୍କର ସୀତାଙ୍କୁ ବିବାହ କରିଥିବା ବେଳେ ନିକଟରେ ସେମାନେ ଘରକୁ ଫେରିଥିଲେ। କିନ୍ତୁ ରାମଶଙ୍କରଙ୍କ ପରିବାର ଲୋକେ ଏହି ବିବାହକୁ ବିରୋଧ କରି ଆସୁଥିଲେ। ଗତ ୬ ତାରିଖରେ ସୀତା ବିଷପିଇ ଦେଇଥିବା ଶାଶୁଘର ପକ୍ଷରୁ କୁହାଯାଇଥିଲା। ତାଙ୍କୁ ପ୍ରଥମେ ଚାନ୍ଦବାଲି ଓ ପରେ ଭଦ୍ରକ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଭଦ୍ରକରେ ପହଞ୍ଚିଲା ବେଳକୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୌତୁକ ପାଇଁ ନିର୍ଯାତନା ଦିଆଯାଇ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଗୋପାଳ ଏତଲାରେ ଦର୍ଶାଇଛନ୍ତି।

# ଟିକା ନେବା ସତ୍ତ୍ୱେ ଯୁବ ଡାକ୍ତରଙ୍କ ଜୀବନ ଗଲା

ଭୁବନେଶ୍ୱର, ୧୦।୪ (ବ୍ୟୁରୋ)

ରାଜ୍ୟର ବହୁ ଡାକ୍ତର ଏବେ ସଂକ୍ରମିତ। କେତେଜଣଙ୍କର ମୃତ୍ୟୁ ଘଟିଥିବାବେଳେ ରବିବାର ଆଉଜଣଙ୍କ ଜୀବନ ନେଇଛି କରୋନା। ଭୁବନେଶ୍ୱରର ଏକ ଘରୋଇ ମେଡିକାଲର ଜଣେ ଯୁବ ଡାକ୍ତରଙ୍କର କରୋନାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ ଡାକ୍ତରଙ୍କ ନାମ ହୃଦାନନ୍ଦ ଭୂୟାଁ (୩୨)। ଏନେଇ ସରକାରୀସ୍ତରରେ କିଛି ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ମିଳିଥିବା ସୂଚନାନୁସାରେ, ଡା. ଭୂୟାଁ କିଛିଦିନ ତଳେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହା ପୂର୍ବରୁ ସେ କରୋନା ଟିକାର ଦୁଇଟି ଡୋଜ୍ ମଧ୍ୟ ନେଇଥିଲେ। ଏହା ସତ୍ତ୍ୱେ ତାଙ୍କର କରୋନାରେ ମୃତ୍ୟୁ ହୋଇଥିବାରୁ ଟିକାର ପ୍ରଭାବକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେ ସିକଲସେଲ୍‌ରେ ପୀଡିତ ଥିଲେ ବୋଲି ସୂଚନା ମିଳିଛି। ଡା. ଭୂୟାଁ ଏମ୍‌କେସିଜିରେ ଏମ୍‌ବିବିଏସ୍ ଓ ଏସ୍‌ସିବିରେ ପିଜି ଶେଷ କରିବା ପରେ ଉକ୍ତ ଘରୋଇ ହସ୍ପିଟାଲରେ କାର୍ଯ୍ୟ କରୁଥିଲେ।

# ୭୨% ସଂକ୍ରମଣ ୫ ରାଜ୍ୟରେ

ନୂଆଦିଲ୍ଲୀ, ୧୦।୪



ଦେଶରେ କରୋନା ସଂକ୍ରମଣ ଦ୍ରୁତ ବେଗରେ ମାଡ଼ିଚାଲିଛି। ଗୋଟିଏ ଦିନରେ ସର୍ବାଧିକ ୧,୪୫,୩୮୪ ଆକ୍ରାନ୍ତ ହୋଇଛନ୍ତି। ସଂକ୍ରମଣର ୭୨.୨୩ ପ୍ରତିଶତ କେବଳ ୫ଟି ରାଜ୍ୟରୁ ଆସୁଥିବା ଜଣାପଡ଼ିଛି। ସେହି ରାଜ୍ୟଗୁଡ଼ିକ ହେଲେ ମହାରାଷ୍ଟ୍ର, ଛତିଶଗଡ଼, କର୍ନାଟକ, ଉତ୍ତରପ୍ରଦେଶ ଓ କେରଳ। ମୋଟ ସଂକ୍ରମଣର ୫୧.୨୩ ପ୍ରତିଶତ କେବଳ ମହାରାଷ୍ଟ୍ରରୁ ରେକର୍ଡ କରାଯାଇଛି। ସେଠାରେ ଗୋଟିଏ ଦିନରେ ୫୮,୯୯୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ଥିବା ଛତିଶଗଡ଼ରେ ୨୪ ଘଣ୍ଟାରେ ୧୧,୪୪୭ ମାମଲା ସାମନାକୁ ଆସିଥିବାବେଳେ ଉତ୍ତରପ୍ରଦେଶରେ ୯,୫୮୭ ପଜିଟିଭ୍ ଚିହ୍ନଟ ହୋଇଛି। କର୍ନାଟକରେ ଦିନକରେ ୭,୯୫୫ ଆକ୍ରାନ୍ତ ହୋଇଥିବାବେଳେ କେରଳରେ ୫,୦୬୩ ସଂକ୍ରମିତ ହୋଇଥିବା ଜଣାପଡ଼ିଛି।

# ୧୫ ଯାଏ ଝଡ଼ବର୍ଷା

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ଆସନ୍ତା ୧୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଓ ଘଡ଼ଘଡ଼ି ଜାରି ରହିବ। ଆସନ୍ତା ୩ରୁ ୪ ଦିନ ଯାଏ ରାଜ୍ୟର ସର୍ବୋଚ୍ଚ ତାପମାତ୍ରାରେ ସେତେଟା ପରିବର୍ତ୍ତନ ହେବନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଆଗାମୀ ୨୪ ଘଣ୍ଟା ଭିତରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ହୋଇପାରେ। ଏଥିସହ କେତେକ ସ୍ଥାନରେ ଝଡ଼ବର୍ଷାର ଆଶଙ୍କା ରହିଛି। ଏହି ସମୟ ମଧ୍ୟରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଓ ଗଜପତି ଜିଲାରେ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, କଳାହାଣ୍ଡି, ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାରେ ବର୍ଷା ସହିତ ପବନ ବହିବା ଆଶଙ୍କା ରହିଛି। ଏହି ସମୟରେ ପବନର ଘଣ୍ଟା ପ୍ରତି ବେଗ ୩୦ରୁ ୪୦ କି.ମି. ରହିବା ନେଇ ଅନୁମାନ କରାଯାଇଛି।

ରାଜ୍ୟରେ ମେଘୁଆ ପାଗ ରହୁଥିବାରୁ ତାତିର ପ୍ରକୋପ ହ୍ରାସପାଇଛି। ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ଟିଟିଲାଗଡ଼, ବୌଦ୍ଧ, ଭବାନୀପାଟଣା ଏବଂ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରିରେ ୩୯.୫ ଏବଂ ସୋନପୁରରେ ୩୯.୨ ଡିଗ୍ରୀ ସେଲସିୟସ ରହିଛି।

# ମାଣ୍ଡିଆକେକ୍ ପ୍ରସ୍ତୁତି ପ୍ରଣାଳୀକୁ ସ୍ୱୀକୃତି

ସମ୍ବଲପୁର,୧୦।୪(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)କୁ ଆଉ ଏକ ସଫଳତା ମିଳିଛି। ହୋମ୍ ସାଇନ୍ସର ପିଜି ଓ ସ୍କୁଲ ଅଫ କେମେଷ୍ଟ୍ରି ବିଭାଗର ମିଳିତ ମାଣ୍ଡିଆ ପ୍ରସ୍ତୁତିପ୍ରଣାଳୀକୁ ଜାତୀୟ ସ୍ତରରେ ମାନ୍ୟତା ମିଳିଛି। ଭାରତୀୟ ପ୍ରଣାଳୀ ଅଫିସ ଭାରତ ସରକାରଙ୍କ ପକ୍ଷରୁ ୨୦ବର୍ଷ ପାଇଁ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ପ୍ରଣାଳୀରେ ଆଉ କେହି କେକ୍ ତିଆରି କରିପାରିବେ ନାହିଁ। ଯଦି କରିବେ ତା'ହେଲେ ଏସ୍‌ୟୁଠାରୁ ଅନୁମତି ନେବାକୁ ପଡ଼ିବ ନ ହେଲେ କିଣିବାକୁ ପଡ଼ିବ ବୋଲି କୁଳପତି ସଞ୍ଜୀବ ମିତ୍ତଲ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ବିଶ୍ୱବିଦ୍ୟାଳୟ ହୋମ୍ ସାଇନ୍ସ ବିଭାଗ ମୁଖ୍ୟ ଚନ୍ଦ୍ରଶେଖର ଲେଙ୍କା, ସ୍କୁଲ ଅଫ କେମେଷ୍ଟ୍ରି ପ୍ରଫେସର ପ୍ରମିଳା କୁମାରୀ ମିଶ୍ର, ଅଚ୍ୟୁତ କୁମାର ବିଶ୍ୱାଳ, ତୃପ୍ତି ପ୍ରଧାନ, ତୃପ୍ତି କୁମାରୀ ପ୍ରମୁଖ ମିଳିତ ଭାବେ ମାଣ୍ଡିଆକେକ୍ ତିଆରି କରିଥିବାରୁ ସେମାନଙ୍କୁ ଏହି ଶ୍ରେୟ ଦିଆଯାଉଛି। ସେହିପରି ଚନ୍ଦ୍ରଶେଖର ଲେଙ୍କା କହିଛନ୍ତି, ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ। ହେଲେ ତାହାର ସ୍ୱାଦ ଭଲ ନ ଥିବାରୁ ଛୋଟ ପିଲା ହେଉ କି ବଡ଼ ଲୋକ ଖାଇବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ତେଣୁ ମାଣ୍ଡିଆରେ କେକ୍ ପ୍ରସ୍ତୁତ କଲେ ଖାଇବାରେ ଆଗ୍ରହ ହେବ ବୋଲି ଚିନ୍ତା କରାଯାଇଥିଲା। ଏହାର ସ୍ୱତନ୍ତ୍ର ପ୍ରସ୍ତୁତି ପ୍ରଣାଳୀ ରହିଛି। ଫ୍ୟାଟ ଭାଗ କମ ରହି କିଭଳି ସୁଆଦିଆ ହେବ ସେ ନେଇ ଗୁରୁତ୍ୱ ଦିଆଯାଇଛି। ଏହାକୁ ପରୀକ୍ଷା ମଧ୍ୟ କରାଯାଇଛି।

## ଏସ୍‌ୟୁର ଆଉ ଏକ ସଫଳତା


ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ତିଆରି ହୋଇଥିବା ମାଣ୍ଡିଆ କେକ୍।

ଏହା ଶିଶୁ ଓ ଅନ୍ୟମାନଙ୍କୁ ହେଉଥିବା ବିଭିନ୍ନ ରୋଗ ପ୍ରତିଷେଧକ ଭାବେ ମଧ୍ୟ କାମ କରିବ। ବଜାରରେ ମିଳୁଥିବା କେକ୍‌ଠାରୁ ଏହା ଅଧିକ ସୁଆଦିଆ ଓ କମ୍ ମୂଲ୍ୟ ରହିଛି। ଗୋଟିଏ କେକ୍ ପ୍ରତି ମାତ୍ର ୨ ଟଙ୍କା ରହିଛି। ଆଗକୁ ସରକାରଙ୍କ ସାଧାରଣ ବଣ୍ଟନ (ପିଡିଏସ୍) ଓ ଅଙ୍ଗନୱାଡି କେନ୍ଦ୍ରରେ ମଧ୍ୟ ଏହି କେକ୍ ଦିଆଯିବାକୁ ଯୋଜନା ରହିଛି। ଏଥିପାଇଁ ସରକାରଙ୍କୁ ଅନୁରୋଧ କରାଯିବ। ୨୦୨୦ ଅଗଷ୍ଟ ମାସରେ ଇଣ୍ଡିଆନ ପେଟେନ ଅଫିସରେ ସ୍ୱୀକୃତି ପାଇଁ ଆବେଦନ କରାଯାଇଥିଲା। ୨୦୨୧ ମାର୍ଚ୍ଚ ୩୧ରେ ଏହି ପ୍ରସ୍ତୁତି ପ୍ରଣାଳୀକୁ ସ୍ୱୀକୃତି ମିଳିଥିବା ସେ କହିଛନ୍ତି।






**ଆଜିର ମନ୍ତବ୍ୟ**

"ଟିକା ପରିଚାଳନାରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ଘରୋଇ ଟିକାକରଣକୁ ପ୍ରାଥମିକତା ଦେଇ ଦେଶର ସ୍ୱାର୍ଥକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। **-ସୋନିଆ ଗାନ୍ଧୀ, କଂଗ୍ରେସ ଅଧକ୍ଷା**"



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଖୁସି
ପରିବାରବର୍ଗ



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଲା ଚିତଉ ନାନୀ,**
**ବାର ଓଷା ପର୍ବ ସଙ୍ଗରେ ଘେନି,**
**ଶମ୍ଭର ଦଶମୀ ଅଲଣା ଜାଉ,**
**ସବୁ ଓଷା ବାର ଏଇଠି ଥାଉ।**

ଓଡ଼ିଆ ଘରର ଓଷା ବାର, ପୂନେଇଁ ପରବ। ବାର ମାସରେ ତେର ପର୍ବ ପାଳନ କରାଯିବା ଭଳି ଚିତାଲାଗି ଅମାବାସ୍ୟାଠାରୁ ପର୍ବ ଆରମ୍ଭ ହୋଇ ଶମ୍ଭର ଦଶମୀଠାରେ ପର୍ବ ଶେଷ ହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅନ୍ଧର ଗାଇକୁ**
**ଖୋଦା ଜଗୁଆଳ।**

ଅସହାୟକୁ ଭଗବାନ ସାହା। ଯାହାର ଭଲମନ୍ଦ ଦେଖିବାକୁ କେହି ନାହାନ୍ତି ସେମାନେ ବଞ୍ଚି ରହିଥାନ୍ତି ଦଇବଙ୍କ ଆଶ୍ରୟରେ। ଦୈବ ବା ଭଗବାନ ସଭିଙ୍କର ମାତାପିତା ଓ ଆଶ୍ରୟଦାତା। ସେମାନଙ୍କର ଜୀବନ ରକ୍ଷା ହୋଇଥାଏ ପରମ ପିତା ଭଗବାନଙ୍କ କୃପା ଦ୍ୱାରା। ଯାହାର କେହି ସାହାଯ୍ୟକାରୀ ନାହାନ୍ତି ତାଙ୍କର କେବଳ ଭଗବାନ ସାହାଭରସା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

# ଲ୍ୟାଣ୍ଡମାଇନ ବିସ୍ଫୋରଣରୁ ବର୍ତ୍ତିଲେ ଯବାନ



ପୋତାଯାଇଥିବା ଲ୍ୟାଣ୍ଡମାଇନକୁ ନିଷ୍କ୍ରିୟ କରାଯାଉଛି।

ମାଲକାନଗିରି,୧୦।୪( ଡି.ଏନ୍.ଏ.)

ଛତିଶଗଡ଼ ବିଜାପୁରରେ ୨୨ ଯବାନଙ୍କ ଶହୀଦ ହେବାର ଦୁଃଖ ଦେଶବାସୀଙ୍କ ମନରୁ ଲିଭିନାହିଁ। ହେଲେ ସୀମାନ୍ତ ଅଞ୍ଚଳରେ ମାଓବାଦୀମାନେ ପୁଣି ସକ୍ରିୟ ହୋଇଛନ୍ତି। ଶନିବାର ଛତିଶଗଡ଼ କୁଶନାଡ଼ କ୍ୟାମ୍ପର ୫୩ ବାଟାଲିୟନର ଆଇଟିବିପି ଯବାନମାନେ କୋମ୍ବିଂ ଅପରେଶନ ଚଳାଇଥିବାବେଳେ ମାଓବାଦୀମାନେ ସେମାନଙ୍କୁ ଟାର୍ଗେଟକରି ଲ୍ୟାଣ୍ଡମାଇନ ବିଛାଇଥିଲେ। ହେଲେ ଯବାନମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବିଜାପୁର ଘଟଣା ପରେ ଅଧିକ ସତର୍କ ଥିବା ଯବାନ ଟିମ୍ ମେଟାଲ ଡିଟେକ୍ଟର ସାହାଯ୍ୟରେ ଲ୍ୟାଣ୍ଡମାଇନକୁ ଠାବ କରିଥିଲେ। ସମସ୍ତ ଲ୍ୟାଣ୍ଡମାଇନକୁ ନିଷ୍କ୍ରିୟ କରାଯାଇଥିବା ଜଣାପଡ଼ିଛି।

# ପୋଲିସ ମାନୁନି କଟକଣା, ଜନସାଧାରଣଙ୍କୁ ଜରିମାନା

**ଥୋଡ଼ିରେ ମାସ୍କ ପିନ୍ଧୁଛି ପୋଲିସ**

ସମ୍ବଲପୁର, ୧୦।୪(ବ୍ୟୁରୋ)

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଦେଖାଦେଇଛି। ଏହାକୁ ମୁକାବିଲା ପାଇଁ ସରକାର ନୂଆ ଗାଇଡ୍‌ଲାଇନ କରିଛନ୍ତି। ୧୪ ଦିନିଆ ମାସ୍କ ପିନ୍ଧା ଅଭିଯାନ ଭଳି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ନିୟମ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଥିରେ ଖିଲାପ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ଓ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ସମ୍ବଲପୁର ଜିଲାରେ ଖୋଦ୍ ପୋଲିସ କରୋନା କଟକଣା ମାନୁ ନ ଥିବା ଦେଖାଯାଉଛି। ନିଜେ ଠିକ୍‌ରେ ମାସ୍କ ପିନ୍ଧୁ ନ ଥିବାବେଳେ ମାସ୍କ ଚେକିଂ ନାମରେ ଲୋକଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରୁଛି। ନିୟମ ଦୃଷ୍ଟିରୁ ପୋଲିସ କୌଣସି ଲୋକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିପାରିବ ନାହିଁ। ଯଦି କୌଣସି ବ୍ୟକ୍ତି କଟକଣା ନ ମାନେ ତା' ଉପରେ ଜରିମାନା କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ଦିଆଯାଇଛି। ହେଲେ କ୍ଷମତାର ଅପବ୍ୟବହାର କରି ପୋଲିସ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ଚା, ଜଳଖିଆ ଦୋକାନରେ ଗ୍ରାହକମାନେ ଖାଇସାରିବା ପରେ ପୋଲିସ ଯାଇ ଫାଇନ କାଟୁଛି। ଏହାକୁ ନେଇ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଥିବା ଦେଖିବାକୁ ମିଳୁଛି। ଲୋକେ ମାକ୍ସ ପିନ୍ଧି କିଭଳି ଖାଇବେ ବୋଲି ଯୁକ୍ତି କରୁଛନ୍ତି। ଅନ୍ୟପଟେ ଦୁଇଚକିଆ ଗାଡ଼ି ଆଗକୁ ଯାଇ ପୋଲିସ ଆରୋହୀ ଓ ବାଇକ୍‌କୁ ଟାଣି ଦେଉଥିବା ଘଟଣା ନଜରକୁ ଆସିଛି। ଏଥିଯୋଗୁ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ସେହିପରି ମାସ୍କ ଚେକିଂ କରୁଥିବା ସମୟରେ ପୋଲିସ ନିଜେ ମାସ୍କ ପରିଧାନ କରୁନାହାନ୍ତି। କେତେକ ପୋଲିସ କର୍ମଚାରୀ ନାମକୁମାତ୍ର ଥୋଡ଼ିରେ ମାସ୍କ ଲଗାଇ ଜରିମାନା ଆଦାୟ କରୁଛନ୍ତି। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତ୍ତୁଲା ଗଙ୍ଗାଧର କହିଛନ୍ତି, ପୋଲିସ ମାସ୍କ ପିନ୍ଧିବା ନିହାତି ଆବଶ୍ୟକ। କାରଣ ପୋଲିସ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବ। ଏ ନେଇ ସମସ୍ତ କର୍ମଚାରୀ, ଅଧିକାରୀଙ୍କୁ ଯତ୍ନବାନ ହେବାକୁ କଡ଼ା ନିର୍ଦ୍ଦେଶ ଦିଆଯିବ।



ମାସ୍କ ଚେକିଂ ସମୟରେ ପୋଲିସ କର୍ମଚାରୀ ଥୋଡ଼ିରେ ମାସ୍କ ପିନ୍ଧିଛନ୍ତି ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜି ବିଳାସକାରକ ଶୁକ୍ର ରାଶିରେ ଅବସ୍ଥାନ କରିଥିବାରୁ ମନ ଉତ୍ଫୁଲ୍ଲିତ ରହିବ। ପ୍ରିୟବନ୍ଧୁଙ୍କ ଆଗମନର ସୂଚନା ସାଙ୍ଗକୁ ନୂତନ ସ୍ଥାନ ବୁଲିଯିବାର ସୁଯୋଗ ମିଳିବ। ଅତୀତ ଶତ୍ରୁତାରୁ ମନରେ ଶଙ୍କା ସୃଷ୍ଟି ହେଲେ ହେଁ କିଛି ଅସୁବିଧା ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ସାମ୍ବାଦିକତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ବୃଷ** ଏକାଦଶରେ ରବି ଓ ବୁଧ ସହ ଚନ୍ଦ୍ରଙ୍କ ସ୍ଥିତି ହେତୁ ସକାଳୁ ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରି ଯାତ୍ରା କରିବାକୁ ବାଧ ହେବେ। ଗୃହ ନିର୍ମାଣ ସମ୍ପର୍କୀୟ କୌଣସି ସମସ୍ୟା କାମକୁ ଅଟକାଇବାର ଆଶଙ୍କା ରହିଛି। ବ୍ୟବସାୟ, ପରିବହନ, ବାଣିଜ୍ୟ, ସଭାସମିତି, ସାହିତ୍ୟ, ସାମ୍ବାଦିକତା, ଏଜେନ୍‌ଶିପ୍ ପ୍ରଭୃତିରେ ଆଶା ପୂରଣ ହେବ।

**ମିଥୁନ** ଶନିଙ୍କ ପ୍ରଭାବରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ କୌଣସି କାମ ଅଟକିବ ନାହିଁ। ବିଭିନ୍ନ ସୂତ୍ରରୁ ଧାର, କରଜ କରି ଆବଶ୍ୟକତା ପୂରଣରେ ସମର୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ରୋଗପୀଡ଼ା ନିୟନ୍ତ୍ରଣ ମଧ୍ୟରେ ରହିବ। କର୍ମକ୍ଷେତ୍ରର ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ** କେନ୍ଦ୍ରସ୍ଥ ଶୁକ୍ର ଓ ଶନି ହେତୁ ହଜିଲା ଦିନର ଅଭୁଲା ସମୟଗୁଡ଼ିକୁ ମନେପକାଇ ଭାବ ବିଭୋର ହେବେ। କର୍ମକ୍ଷେତ୍ରର ଅବ୍ୟବସ୍ଥା ମାନସିକ ସ୍ଥିତିକୁ ନିରୁତ୍ସାହିତ କରିବ। ନିଜ ଲୋକମାନଙ୍କ ଅନାଦର ଓ ଖାପଛଡ଼ା ମନୋଭାବରୁ ସାମୟିକ ଦୁଃଖୀ ହୋଇପାରନ୍ତି। ଅବଶ୍ୟ ଅର୍ଥନୈତିକ, ସାମାଜିକ, ରାଜନୈତିକ କ୍ଷେତ୍ରରେ ସମ୍ମାନ ଅକ୍ଷୁଣ୍ଣ ରହିବ।

**ସିଂହ** ଚନ୍ଦ୍ର ଅଷ୍ଟମସ୍ଥ ହୋଇ ଶନିଙ୍କ ଦୃଷ୍ଟିରେ ଥିବାରୁ ମନରେ ଅଶାନ୍ତି ସୃଷ୍ଟି ହେଲେ ମଧ ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିଷାଦଗ୍ରସ୍ତ କରିପାରେ। ଅଫିସ୍ କାମରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ବ୍ୟବସାୟିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବ।

**କନ୍ୟା** ବୁଧଗ୍ରହ ଶନିଦୃଷ୍ଟ ହେତୁ କାମ ସମ୍ପନ୍ନ ଦିଗରେ ଜଣେ ବିଜାତୀୟ ବ୍ୟକ୍ତିଙ୍କ ଅବଦାନ ଅବିସ୍ମରଣୀୟ ରହିବ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସୁଯୋଗର ସଦ୍‌ବ୍ୟବହାର କଷ୍ଟକର ହେବ। ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ କଳହ ହୋଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** ଶୁକ୍ର ଦ୍ୱାଦଶସ୍ଥ ଚନ୍ଦ୍ରଙ୍କ ଯୋଗୁଁ କିଛି ଅସୁବିଧା ନ ଥିଲେ ମଧ କର୍ମକ୍ଷେତ୍ରରେ ଟେନ୍‌ସନ ଲାଗି ରହିବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। କଳା, ସାହିତ୍ୟ, ସଙ୍ଗୀତ, ରାଜନୀତି, ସାମ୍ବାଦିକତା, ଅଦାଲତ କ୍ଷେତ୍ରରୁ ଶୁଭଫଳ ପାଇବେ। ପାରିବାରିକ କ୍ଷେତ୍ରରେ ନିଜ ନିଷ୍ପତ୍ତିକୁ ହଠାତ୍ ବଦଳାଇପାରନ୍ତି।

**ବିଛା** ସମସ୍ତ ଗ୍ରହ ରାଶିଠାରୁ ସାତୋଟି ସ୍ଥାନରେ ଏକପାଖିଆ ରହିଥିବାରୁ କାର୍ଯ୍ୟ ସାଧନରେ ବ୍ୟତିକ୍ରମ ଅବଶ୍ୟମ୍ଭାବୀ। ସାଧାରଣ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ ସୁସମ୍ପର୍କରେ ଭଙ୍ଗା ପଡ଼ିପାରେ। ସ୍ୱାସ୍ଥ୍ୟ ସମସ୍ୟା ବିଗିଡ଼ିବାରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** ଅଷ୍ଟମାଧିପତି ସହ ଦୁଇଟି ଗ୍ରହ ଚତୁର୍ଥସ୍ଥ ଯୋଗୁ ପାରିବାରିକ ସମସ୍ୟା ସତ୍ତ୍ୱେ କାମରେ ଅବହେଳା କରିପାରିବେ ନାହିଁ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ସହ ଯିବାକୁ ବାଧ ହେବେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମକର** ଅନୁକୂଳ ଗ୍ରହସ୍ଥିତିଜନିତ ଯେମିତି ଯାହା ଇଚ୍ଛା କରିବେ ତାହା ସମ୍ପନ୍ନ କରିବାରେ କୌଣସି ଅସୁବିଧା ରହିବ ନାହିଁ। ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ଣରେ ପାଇବେ। ନୂତନ ବନ୍ଧୁ ସମ୍ପର୍କ, ଆନୁଷ୍ଠାନିକ କାମ, ଭ୍ରମଣ ଓ ବନ୍ଧୁମିଳନଜନିତ ଖୁସି ଅନୁଭବ କରିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**କୁମ୍ଭ** ବୃହସ୍ପତି ଓ ଶନିଙ୍କ ସୁପ୍ରଭାବରେ ଆର୍ଥିକ ସ୍ଥିତି, ପ୍ରକଳ୍ପ କାର୍ଯ୍ୟ, ନୂତନ ଯୋଜନାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। କିନ୍ତୁ ଶ୍ରବଣା ଯାହାକୁ ନିଜର ବୋଲି ମନେକରିବେ ସେ ହିଁ ଧୋକା ଦେଇପାରେ। ପିଲାଙ୍କ ଅଭିଯୋଗକୁ ଗୁରୁତ୍ୱ ନ ଦେବା ବଡ଼ ଭୁଲ୍ ହୋଇପାରେ। ପୁରାତନ ରୋଗପୀଡ଼ା ବୃଦ୍ଧି ପାଇବ, ଯାହାକି ମୁଣ୍ଡବ୍ୟଥାର କାରଣ ହେବ।

**ମୀନ** ଆଜି ଶୁକ୍ରଙ୍କ ପ୍ରଭାବରୁ ମନ ବହୁତ ଖୁସି ରହିବ। ସରକାରୀ ସ୍ତରରେ କିମ୍ବା ଆନୁଷ୍ଠାନିକ କାମରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିବେ। ନିକଟ ଅତୀତରେ ରେବତୀ ନକ୍ଷତ୍ର ବହୁତ ଟଙ୍କା ଖର୍ଚ୍ଚ କରିଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପାରିବାରିକ କ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହୋଇପାରେ।

ଆଜି ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ରବିବାର, ଅମାବାସ୍ୟାର ନିଶାପାଳନ, ଏପ୍ରିଲ ୧୧ ତାରିଖ, ନିରାପଦ ମାତୃତ୍ୱ ଦିବସ, ରାଶିନକ୍ଷତ୍ର- ସକାଳ.୦୮।୫୭ ଗତେ ଧନୁ ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୫ ଗତେ ଘ.୦୯।୪୩ ମଧ୍ୟେ ଅମୃତବେଳା। ଦିବା ଘ.୦୫।୩୫ ଗତେ ଘ.୦୬।୨୫ ମଧ୍ୟେ, ଘ.୦୧।୦୨ ଗତେ ଘ.୦୧।୫୧ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ.୦୪।୨୬ ଗତେ ଘ.୦୬।୦୦ ମଧ୍ୟେ ରାହୁକାଳ ।।


# classifieds

**Everyday 0674-2580101, 2549302**





**BRIDE WANTED**

Brahmin boy 1990 B.Tech Asst. Manager Nationalised Bank, Bbsr. 9437555525. D-20478

ବ୍ରାହ୍ମଣ, ଖଣ୍ଡାୟତ, କରଣ, ଗୁଡ଼ିଆ, ବଣିଆ, ତେଲି ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68278

**GROOM WANTED**

Government job/ Business କରୁଥିବା ବ୍ରାହ୍ମଣ ବରପାତ୍ର ଆବଶ୍ୟକ। Contact: 7653915602. D-70829

46 ବୟସ୍କା Railway Government ଚାକିରିଆ କରଣ unmarried ଝିଅଙ୍କୁ any caste married, unmarried ପୁଅ ଦରକାର। 7681060810. D-67979





**SALE**

Hyundai Xcent car 85000km camera LED, 2017 with OLA attached well contition 4,80,000/- negotiable. 8249533255. D-69391

Scorpio, Ertiga Vdi, Waganr Vxi, Polo Diesel, Maruti Eco, Hyundai i10, Dzire Vdi, Hondacity Diesel, 9937557575, 9337116330. D-20425





**SALE**

ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ plot ମିଳୁଛି। owner 9090963952. D-70831

Ready to move Duplex for sale at DHPL Villa One Kalarahanga. Contact: 9937059891. D-20218

ହଂସପାଳର 30'road electricity ଥାଇ gharabari plot ନିଅନ୍ତୁ। Balianta canal roadରେ immediate ଘର କରନ୍ତୁ। 9437005434. D-70834

ଭୁବନେଶ୍ୱର Hot location ପାହାଳ NH ଜଗନ୍ନାଥମନ୍ଦିର ପାଖରେ yellow zone plot sqft. 1850/-, ବାଲିଅନ୍ତାରେ ଘରବାରି boundary sqft. 1200/-, 7978230118, 8249477254. D-70826

ମୋର ନିଜସ୍ୱ ପ୍ଲଟ୍ କଳିଙ୍ଗନଗର, ଘାଟିକିଆରେ 200ft. ରୋର୍ଡକୁ ଲାଗିକରି ଅଛି ଏବଂ କୋଳଥିଆରେ readymade plot ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। 9438166196. D-20479

Bhubaneswar ସୁନ୍ଦରପଦା, କାଟେଣୀ ପାଖରେ ଘରବାଡ଼ି ପ୍ଲଟ 1200 Sqft. 18,00,000/-, 7,50,000/- କିଣି ଘର କରନ୍ତୁ। Liza - 7749020933. D-70833

Bhubaneswar Jaydev Vihar ଛକରେ Sqft. 5000/-ରେ ଘରବାରି Plot ମିଳୁଛି। Owner - 9090963952. D-70832

1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891. D-20409

Ready to move flats sales 2BHK / 3BHK. Patia Big Bazar Near Kalarahanga. Bhubaneswar. Price 30 - 53 lakh. Approved- BDA/ RERA. 7008346486. D-70580

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891. D-20464

ସୁନ୍ଦରପଦା Hi-tech Apartment Opposite ରେ Boundary ଥାଇ Gharabari Plot କିଣନ୍ତୁ। 7008492511. D-69390

3500 sqft. developed boundary plot near Charbatia Housing Board Cuttack @600. No broker. 9937299609. D-20432

Demarcated residential Plot at Sundargram (Dadhi College Front), Balianta, Rangabazar, Madanpur (GEC Front), Ranasinghpur (AIIMS), Malipada, Janala. Contact: 7978209813, 9777955594. D-70822

ଭୁବନେଶ୍ୱର ଗଙ୍ଗପଡ଼ା NH-16ରୁ 400mtr ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 7978676652. D-70819

Book 3BHK premium duplex, Hanspal Chhack, 1km. from NH (Low price, Bank finance). 7327043914. D-70586

Ready to move house/plot on Bhubaneswar Patia, Raghunathpur, Kalarahanga, Dhauli, Phulnakhara, Mancheswar, Hanspal, Puri canal road, Ranga Bazar, Patrapada. Contact: 8249363553. D-70821

GHARABADI Yellowzone plot for sale. Samantarapur- 1750-3600/-, Uttara and Sundarpada- 1450/-, (S.C. Plot- 1200/-, Uttara N.H). Mob- 7978551614, 9439049194. D-20480

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ଛକପାଖରେ ଘରବାରି SC Plot 5,41,000/-ରେ ବିକ୍ରି ହେବ। 9439832956. D-70824

3BHK semifurnished readymade flats 1600sqft. 67.50L Bhubaneswar, brokers excuse. 6371090682. D-68279

**PURCHASE**

୩X୬ ଫୁଟିଆ ପୁରୁଣା ଖଟ (କାଠ ଓ ଲୁହା) ଆବଶ୍ୟକ। ଯୋଗାଯୋଗ ନଂ.- ୭୯୭୮୨୪୨୨୦୧, ୯୭୭୬୦୧୬୨୧୦. ଧ-୨୦୪୭୭

**GENERAL**

**SALE**

A.C SALE: Three 1.5ton carrier window A.C. personally used excellent running. Sale @12000/- each no bargening. 9777238267. D-20431

For sale 4numbers very good condition Iron Chest, useful for Jewellers. Please call: 9437033691. D-70233





Shoproom (10'x10') opposite BijuPatnaik College, Jayadev Vihar main road. Contact: 9938511622. D-20476

1BHK flat main road Soubhagyanagar Unit-8 Office, family, Bachelors. 9000004523. D-20481

10000 sqft. open land for Godown or Commercial use purpose, NH 316, Lingipur, Bhubaneswar. M. 9437110900. D-20468

2 Big Room, Dining, Kitchen, Single Toilet, Garage at Prakruti Vihar, Delta Square, Baramunda (BBSR). 9861004060. D-67788

3BHK house rent Rs. 8000/- near SBI Lane, Oldtown. Contact: 9556791383. D-59880





Get good massage for your health the best therapy. 7749997224. D-70444

Swarna SPA newly open positively health benefits with expert therapist. 9556978408. D-70576

Zen SPA positively health benefits with experts therapeutic genuinely massage. 7205084157. D-70577

Refreshing your mind, your body with the best therapy at Lotus Spa. 9801811949. D-70445





ଜଗନ୍ନାଥ ଆଷ୍ଟ୍ରୋରେ ମାତ୍ର ୫ଘଣ୍ଟାରେ ସମସ୍ତ ପ୍ରକାର ପାରିବାରିକ/ ବ୍ୟବସାୟିକ ସମାଧାନ। 7894677450. D-59987

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**୰ମଦନ ମୋହନ ବେହେରା**

ମଇତାପୁର, ସିମୁଳିଆ, ବାଲେଶ୍ୱର

ତିରୋଧାନ: ୦୧।୦୪।୨୧

ଠାକୁରଙ୍କ କୃପାରୁ ଆପଣଙ୍କ ଅମର ଆତ୍ମର ସଦ୍‌ଗତି ହେଉ।

**-:ଶୋକସନ୍ତପ୍ତ:-**

ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୨୦୪୮୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅପରାଧୀଙ୍କୁ ସମର୍ଥନ କରିବା ଭାଜପାର ଅଭ୍ୟାସ: ବିଜେଡି

**ଭୁବନେଶ୍ୱର,୧୦।୪(ବ୍ୟୁରୋ):** ମିଥ୍ୟା ଏବଂ ଭିତ୍ତିହୀନ ବିବୃତି ଦେବା ସହିତ ଆପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ସମର୍ଥନ କରିବା ଓଡ଼ିଶା ଭାଜପାର ଅଭ୍ୟାସରେ ପରିଣତ ହୋଇଗଲାଣି। ଖବରଦାତା ସମ୍ମିଳନୀରେ ସେମାନେ ଜଣେ ଅପରାଧୀଙ୍କୁ ସମର୍ଥନ କରିଛନ୍ତି, ଯାହାକି ଅତ୍ୟନ୍ତ ଦୁଃଖଦାୟକ ଓ ନିନ୍ଦନୀୟ ବୋଲି ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି। ସେ କହିଛନ୍ତି ଯେ ଭାଜପା ଯେଉଁ ତୁମ୍ବନାଥ ସୁବୁଦ୍ଧିଙ୍କ ରକ୍ଷା ପାଇଁ ଆଗକୁ ଆସିଛି ସେହି ବ୍ୟକ୍ତିଙ୍କର ଆହୁରି ଅନେକ ଆପରାଧିକ ମାମଲା ରହିଛି। ୨୦୧୦ ଜୁଲାଇ ୨୨ ତାରିଖରେ ଧୀର ସାମଲ ହତ୍ୟା ମାମଲାରେ ତୁମ୍ବନାଥଙ୍କୁ ଗିରଫ କରାଯାଇଥିଲା। ଏହି ହତ୍ୟାକାଣ୍ଡ ବ୍ରହ୍ମପୁର ଥାନା ବଡ଼ବଜାରସ୍ଥିତ ନଗର ସାହିରେ ଘଟିଥିଲା। ଏହି ମାମଲାରେ ସେ ଗିରଫ ହୋଇ ଜେଲ ଯାଇଥିଲେ। ପରବର୍ତ୍ତୀ ସମୟରେ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ସର୍କଲ ଜେଲରୁ ଏମ୍‌କେସିଜିକୁ ପଠାଯାଇଥିଲା। ଚିକିତ୍ସାଧୀନ ଥିବାବେଳେ ୨୦୧୦ ନଭେମ୍ବରରେ ସେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ହସ୍ପିଟାଲରୁ ଫେରାର ହୋଇଯାଇଥିଲେ। ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଆକ୍ରମଣ ଏବଂ ଅନ୍ୟ ମାମଲାରେ ମଧ ସେ ଜଡ଼ିତ। ଗତ ମାସ ୧୪ ତାରିଖରେ ସେ ପୁରୀ ଶ୍ରୀମନ୍ଦିର ଭିତରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲେ। ଯେଉଁମାନେ ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି କାର୍ଯ୍ୟକଳାପ ପାଇଁ ତାଙ୍କୁ ଗିରଫ କରାଯାଇଥିଲା। ତୁମ୍ବନାଥ ସୁବୁଦ୍ଧି ତାଙ୍କର ଦୀର୍ଘ ଆପରାଧିକ କାର୍ଯ୍ୟକଳାପ ପାଇଁ ବେଶ୍ ଜଣାଶୁଣା। ଅତୀତରେ ଧଳ ସାମନ୍ତ ଭାଇଙ୍କଠାରୁ ଆରମ୍ଭ କରି ଗ୍ୟାଙ୍ଗଷ୍ଟର ଟିଟୋ ଓ ଅନ୍ୟ ଅପରାଧୀଙ୍କୁ ସମର୍ଥନ କରିବାର ବହୁ ନଜିର ରହିଛି। ଶାନ୍ତିପୂର୍ଣ୍ଣ ଓଡ଼ିଶାକୁ ଉତ୍ତରପ୍ରଦେଶ କିମ୍ବା ବିହାରରେ ପରିଣତ କରିବାକୁ ଚେଷ୍ଟା ନ କରନ୍ତୁ ବୋଲି ଲେନିନ କହିଛନ୍ତି। ଭାଇଚାରା ଓ ସହନଶୀଳତାର ରାଜ୍ୟ ଭାବେ ପରିଚିତ ଶାନ୍ତିପ୍ରିୟ ଓଡ଼ିଶାର ଲୋକେ ଭାଜପାର ଏଭଳି ଅପରାଧୀଙ୍କୁ ସମର୍ଥନ କରିବା ନୀତିକୁ ଆଦୌ କ୍ଷମାଦେବେ ନାହିଁ ବୋଲି ସେ କହିଛନ୍ତି।

# ଭିତରକନିକାରେ ଡଲ୍‌ଫିନ ସଂଖ୍ୟା ବଢ଼ିଲା

**କେନ୍ଦ୍ରାପଡ଼ା ଅଫିସ,୧୦।୪**

## ଚଳିତବର୍ଷ ଅଛନ୍ତି ୩ ପ୍ରଜାତିର ୩୪୨ ଡଲ୍‌ଫିନ୍



## ଗତବର୍ଷ ୬୨ ଡଲ୍‌ଫିନ ଥିଲେ

ଜାତୀୟ ଉଦ୍ୟାନ ଭିତରକନିକାରେ ଗତ ୩ ବର୍ଷ ଧରି କ୍ରମାଗତ ହ୍ରାସ ପାଉଥିବା ଡଲ୍‌ଫିନଙ୍କ ସଂଖ୍ୟା ଚଳିତ ବର୍ଷ ଆଶାତୀତ ଭାବେ ବୃଦ୍ଧି ପାଇଛି। ଏହି ସାମୁଦ୍ରିକ ଅଞ୍ଚଳରେ ମୋଟ୍ ୩ ପ୍ରଜାତିର ୩୪୨ ଡଲ୍‌ଫିନ ଥିବା ଚଳିତ ବର୍ଷ ଗଣନା ସମୟରେ ତଥ୍ୟ ମିଳିଛି। ଡଲ୍‌ଫିନ ଗଣନାକୁ ନେଇ ଚଳିତ ବର୍ଷ ବହୁ ବାଦବିବାଦ ସୃଷ୍ଟି ହୋଇଥିଲା। ଜାନୁୟାରୀରେ ଏହି ସାମୁଦ୍ରିକ ପ୍ରାଣୀଙ୍କ ଗଣନା ହେବାକୁ ଥିବାବେଳେ ତିଥି ଓ ପାଗକୁ ନେଇ ପରିବେଶବିତ୍‌ମାନେ ଆପତ୍ତି ଉଠାଇଥିଲେ। ଏଥିପାଇଁ ଫେବୃୟାରୀରେ ଏହାର ପୁନଃଗଣନା କରାଯାଇଥିଲା।

ରାଜନଗର ବନବିଭାଗ ଅଧୀନରେ ହୋଇଥିବା ଏହି ଗଣନାରେ ନିୟୋଜିତ ୯ ଟିମ୍‌ର ନେତୃତ୍ୱ ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ, ବିଶେଷଜ୍ଞ ଡ. ମୁମତାଜ ଖାନ, ଶିବ ପ୍ରସାଦ ପରିଡ଼ା ପ୍ରମୁଖ ନେଇଥିଲେ। ଧାମରାଠାରୁ ଦେବୀ ମୁହାଣ ପର୍ଯ୍ୟନ୍ତ ହୋଇଥିବା ଗଣନା ସମୟରେ ୨୮୧ ହମ୍ପବ୍ୟାକ୍, ୨୨ ବଟଲନୋଜ ଓ ୩୯ଟି ଇରାୱାଡି ଡଲ୍‌ଫିନ ଦେଖିବାକୁ ମିଳିଛି। ଏହି ସାମୁଦ୍ରିକ ଅଞ୍ଚଳରେ ୨୦୧୮ରେ ୩୦୭ ଡଲ୍‌ଫିନ ଦେଖିବାକୁ ମିଳିଥିବା ବେଳେ ୨୦୧୯ରେ ୧୨୬ ଓ ୨୦୨୦ରେ ମାତ୍ର ୬୨ ଡଲ୍‌ଫିନ ଦେଖିବାକୁ ମିଳିଥିଲା। ଭିତରକନିକା ସଂଲଗ୍ନ ୧୪୫ ବର୍ଗ କିଲୋମିଟର ସାମୁଦ୍ରିକ ଅଞ୍ଚଳ ଓ ନିକଟସ୍ଥ ନଦୀ ନାଳରେ ୨୦୧୯ରେ ଦେଖା ଦେଇଥିବା ୧୨୬ ଡଲ୍‌ଫିନ ମଧ୍ୟରୁ ୧୪ ଇରାୱାଡି, ୧୪ ବଟଲନୋଜ ଓ ୯୮ ହମ୍ପବ୍ୟାକ ପ୍ରଜାତିର ଡଲ୍‌ଫିନ ଥିଲେ। ୨୦୨୦ରେ ଗୋଟିଏ ହେଲେ ହମ୍ପବ୍ୟାକ୍ ପ୍ରଜାତିର ଡଲ୍‌ଫିନ୍ ଦେଖିବାକୁ ମିଳି ନ ଥିଲେ। କେବଳ ୬୦ ଇରାୱାଡି ଓ ୨ ବଟଲନୋଜ ଡଲ୍‌ଫିନ ଥିଲେ। ଚଳିତ ବର୍ଷ ହମ୍ପବ୍ୟାକ୍ ପ୍ରଜାତି ଡଲ୍‌ଫିନଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ହୋଇଥିବା ବେଳେ ଇରାୱାଡି ପ୍ରଜାତିର ଡଲଫିନ ସଂଖ୍ୟା କମ୍ ରହିଛି।

ଏସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ, ବିରଜା କୁମାର ପତି ପ୍ରମୁଖ କହିଛନ୍ତି, ଡଲ୍‌ଫିନଙ୍କ ସଂଖ୍ୟା ବୃଦ୍ଧି ମନରେ ଖୁସି ଆଣିଛି। ତେବେ ଏହା ସାମୟିକ। ଗତ ବର୍ଷକ ମଧ୍ୟରେ କରୋନା ସଂକ୍ରମଣ ପାଇଁ ଦେଶରେ କଟକଣା ଲାଗୁ ହୋଇଥିଲା। କଟକଣା ପାଇଁ ପରିବହନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବାରୁ ବେଆଇନ ଚିଙ୍ଗୁଡ଼ି ଫାର୍ମ ଓ ସମୁଦ୍ରାଞ୍ଚଳରେ ମାଛଧରା କାର୍ଯ୍ୟ ନିୟମିତ ଭାବେ ଚାଲୁ ହୋଇନାହିଁ। ଆର୍ଦ୍ରଭୂମି ଭିତରକନିକା ସଂଲଗ୍ନ ସାମୁଦ୍ରିକ ପରିବେଶ ସୁସ୍ଥ ରହିଥିବାରୁ ଡଲ୍‌ଫିନଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ମହଜୁଦ୍ ଥିଲା। ସେଥିପାଇଁ ଡଲ୍‌ଫିନଙ୍କ ସଂଖ୍ୟା ବୃଦ୍ଧି ହୋଇଛି। ଚିଙ୍ଗୁଡ଼ି ଘେରିରୁ ଉଦ୍‌ବୃତ୍ତ ରାସାୟନିକ ବର୍ଜ୍ୟବସ୍ତୁ ଡଲ୍‌ଫିନଙ୍କ ସଂଖ୍ୟା ହ୍ରାସର କାରଣ ହୋଉଥିବା ବେଳେ ବେଆଇନ ମାଛଧରା ଏହାର ଅନ୍ୟତମ କାରଣ ଥିଲା।

ସୂଚନାଯୋଗ୍ୟ, ଚଳିତ ବର୍ଷ ଚିଲିକାରେ ୧୮୮, ପୁରୀରେ ୪, ଭଦ୍ରକରେ ୮, ବଲେଶ୍ୱର ସାମୁଦ୍ରିକ ଅଞ୍ଚଳରେ ୨ ଡଲ୍‌ଫିନ ଦେଖା ଯାଇଥିଲା। ତେବେ ବରହମପୁର ଡିଭିଜନରେ କୌଣସି ଡଲ୍‌ଫିନ ଦେଖିବାକୁ ମିଳି ନ ଥିଲା।

# ଅଢ଼େଇ ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଆସିଲା




**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

ରାଜ୍ୟରେ ଟିକା ଅଭାବରୁ ଟିକାକରଣ ବାଧାପ୍ରାପ୍ତ ହୋଇଛି। ଏପରିସ୍ଥିତିରେ ଓଡ଼ିଶାକୁ ଶନିବାର ଅଢ଼େଇ ଲକ୍ଷ ଡୋଜ୍ ଟିକା ଆସିଥିବାରୁ ଆଶ୍ୱସ୍ତି ମିଳିଛି। ଭୁବନେଶ୍ୱର ବିମାନ ବନ୍ଦରରେ ଟିକା ପହଞ୍ଚିବା ପରେ ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼, ନୂଆପଡ଼ା, କଳାହାଣ୍ଡି, ବରଗଡ଼, ଗଞ୍ଜାମ, କୋରାପୁଟ, ବାଲେଶ୍ୱର, କନ୍ଧମାଳ ଆଦି ୧୦ ଜିଲାକୁ ପଠାଯାଇଛି। ହେଲେ ଏହାକୁ ମିଶାଇ ରାଜ୍ୟରେ ଗଚ୍ଛିତ ଟିକା ମାତ୍ର ଦୁଇଦିନ ଯିବ। ଏହାପରେ ପୁଣି ଟିକାକରଣ ବାଧାପ୍ରାପ୍ତ ହେବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ରବିବାରଠାରୁ ସାରା ଦେଶରେ 'ଟିକା ଉତ୍ସବ' ଆରମ୍ଭ ହେବାକୁ ଯାଉଛି । ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଯଦି ଦୁଇଦିନ ଭିତରେ ରାଜ୍ୟକୁ ଆଉ ଟିକା ପଠା ନ ଯାଏ ତେବେ 'ଟିକା ଉତ୍ସବ' ସଫଳ ହୋପାରିବ ନାହିଁ।

## ଦୁଇଦିନରେ ସରିଯିବ

ସୂଚନାଯୋଗ୍ୟ, ଓଡ଼ିଶାକୁ ଅତି କମ୍‌ରେ ୨୫ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଯୋଗାଇବା ପାଇଁ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ଏହା ପହଞ୍ଚିଲେ 'ଟିକା ଉତ୍ସବ' ସଫଳ କରିପାରିବୁ ବୋଲି ମହାପାତ୍ର ଜଣାଇଥିଲେ।

ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନାନୁସାରେ, ରାଜ୍ୟକୁ ମୋଟ୍ ୪୨,୭୧,୮୭୦ ଡୋଜ୍ କୋଭିଶିଲ୍ଡ ଟିକା ଆସିଥିବାବେଳେ ୪୦,୩୮,୨୧୨ ବ୍ୟବହାର ହୋଇଛି। ବାକି ୨,୩୩,୬୫୮ ଡୋଜ୍ ଗଚ୍ଛିତ ଅଛି। ସେହିପରି ରାଜ୍ୟକୁ ୩,୩୬,୭୮୦ ଡୋଜ୍ କୋଭାକ୍ସିନ ଟିକା ଆସିଥିବାବେଳେ ୨,୫୮,୮୨୦ ବ୍ୟବହାର ହୋଇଛି ଓ ୭୭,୯୬୦ ଡୋଜ୍ ଟିକା ରହିଛି।

# ପିପିଲି କଂଗ୍ରେସ ପ୍ରାର୍ଥୀ ଅଜିତଙ୍କୁ କରୋନା

**ପିପିଲି,୧୦।୪(ସ୍ୱ.ପ୍ର.)**

ଦିନକୁ ଦିନ କମ୍ପୁଛି ପିପିଲି। ଉପନିର୍ବାଚନ ପାଇଁ ପିପିଲି-ଡେଲାଙ୍ଗରେ ପ୍ରମୁଖ ଦଳଗୁଡ଼ିକ ମଧ୍ୟରେ ଘମାଘୋଟ ପ୍ରଚାର ହେଉଛି। ସେପଟେ ପ୍ରଚାର ମଧ୍ୟରେ କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜ କରୋନା ସଂକ୍ରମିତ ହୋଇଛନ୍ତି। ପୂର୍ବରୁ ପ୍ରଚାର ବେଳେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବାବେଳେ ଶୁକ୍ରବାର ତାଙ୍କର ପଜିଟିଭ ରିପୋର୍ଟ ଆସିଛି। ତେଣୁ ତାଙ୍କୁ କୋଭିଡ୍ କେୟାର ହସ୍ପିଟାଲ ନିଆଯାଇ ଚିକିତ୍ସା କରାଯାଉଛି। ଚିକିତ୍ସାଧୀନ ଅବସ୍ଥାରେ ମଧ ପ୍ରଚାର ପାଇଁ ସକ୍ରିୟ ହୋଇ ରହିଛନ୍ତି। ପ୍ରଚାରକୁ ଜୋରଦାର କରିବା ପାଇଁ ସେ କର୍ମୀମାନଙ୍କୁ ସୋସିଆଲ ମିଡିଆରେ ଆହ୍ୱାନ ଦେଇଛନ୍ତି। ତେଣୁ ତାଙ୍କ ପାଇଁ ଦଳର ବରିଷ୍ଠ ନେତାମାନେ ପିପିଲିରେ ଡେରା ପକାଇଛନ୍ତି। ତାଙ୍କ ଅନୁପସ୍ଥିତି ଯୋଗୁ ଷ୍ଟାର୍ କ୍ୟାମ୍ପେନର୍‌ମାନେ ଏବେ ପ୍ରଚାରକୁ ଜୋରଦାର କରିଛନ୍ତି।

# ଭାଜପା ନେତ୍ରୀ, ବୁଥ୍ ସଭାପତିଙ୍କୁ ଆକ୍ରମଣ

**ପିପିଲି,୧୦।୪(ସ୍ୱ.ପ୍ର.)**


ଆକ୍ରମଣ ପରେ ପିପିଲି ଥାନା ଆଗରେ ଭାଜପା ନେତା ଓ କର୍ମୀଙ୍କ ପ୍ରତିବାଦ।

## ପିପିଲି ଉପନିର୍ବାଚନ

ପିପିଲି ଉପନିର୍ବାଚନକୁ ଆଉ ସପ୍ତାହେ ବାକି ରହିଛି। ୩ ପ୍ରମୁଖ ଦଳ ପକ୍ଷରୁ ନିର୍ବାଚନ ପ୍ରଚାରକୁ ଜୋରଦାର କରାଯାଇଛି। ଏଭଳି ସ୍ଥିତିରେ ଶନିବାର ଭାଜପା ନେତ୍ରୀ ରଶ୍ମିରେଖା ଦାଶ ଏବଂ ସହଜପୁର ପଞ୍ଚାୟତ ୧୦୨ ନମ୍ବର ବୁଥ୍ ସଭାପତି ସରୋଜ ସେଠୀଙ୍କୁ ବିଜେଡି କର୍ମୀ ଆକ୍ରମଣ କରିଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପକ୍ଷରୁ ପିପିଲି ଥାନା ସମ୍ମୁଖରେ ନାରାବାଜି ଦିଆଯାଇଛି। ଭାଜପା ରାଜ୍ୟ ଉପସଭା ନେତ୍ରୀ ପ୍ରଭାତି ପରିଡ଼ା, ନେତ୍ରୀ ମନସ୍ମିତା ଖୁଣ୍ଟିଆ ପ୍ରମୁଖ ଥାନାରେ ପହଞ୍ଚି ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ। ଖବର ପାଇ ସନ୍ଧ୍ୟାରେ ପୁରୀ ଏସ୍‌ପି କେ. ବିଶାଲ ସିଂ, ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନା ପିପିଲି ଥାନାରେ ପହଞ୍ଚି ଘଟଣାର ଅନୁସନ୍ଧାନ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପିପିଲି ଥାନାରେ ଏକ ମାମଲା(ନଂ.୧୮୫/୨୦୨୧) ରୁଜୁ କରାଯାଇଛି। ଆକ୍ରମଣକାରୀଙ୍କ ବିରୋଧରେ ଖୁବ୍‌ଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି ବଡ଼ଜେନା କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଭାଜପା ନେତ୍ରୀ ରଶ୍ମିରେଖା ଏବଂ ବୁଥ ସଭାପତି ସରୋଜ ପ୍ରମୁଖ ରାଇଘରପୁର ଗ୍ରାମରେ ଘରକୁ ଘର ପ୍ରଚାର କରୁଥିବାବେଳେ ସେହି ଗ୍ରାମର ଲିଙ୍ଗରାଜ ସ୍ୱାଇଁ କେତେଜଣ ବିଜେଡି କର୍ମୀଙ୍କ ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହ ଭାଜପା ନେତ୍ରୀ ରଶ୍ମିରେଖାଙ୍କୁ ମଧ ଗୋଇଠା ମାରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗ ହୋଇଛି। ବୁଥ ସଭାପତି ସରୋଜ ଜଣେ ଦଳିତ ହୋଇଥିବାରୁ ଶାସକ ବିଜେଡିର କର୍ମୀମାନେ ତାଙ୍କୁ ଜାତିଆଣ ଆକ୍ଷେପ କରିଥିବା ଯୋଗୁ ତାଙ୍କୁ ମାନସିକସ୍ତରରେ ଆଘାତ ଲାଗିଛି ବୋଲି ସେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଭାଜପାର ଏଭଳି ଅଭିଯୋଗକୁ ବିଜେଡି ଖଣ୍ଡନ କରିଛି। ଦଳର କେହି ଏ ଆକ୍ରମଣରେ ସମ୍ପୃକ୍ତ ନାହାନ୍ତି। ପରାଜୟ ଭୟରେ ଭାଜପା ଏଭଳି ମିଥ୍ୟା ଅଭିଯୋଗ ଆଣିଛି ବୋଲି ବିଜେଡି ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ୍ ୧୧ରୁ ୧୪ ପର୍ଯ୍ୟନ୍ତ ଟିକା ଉତ୍ସବ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଭାକ୍ସିନ୍ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

# ମୁଖ୍ୟ ଶାସନ ସଚିବଙ୍କ ନୂଆପଡ଼ା, କଳାହାଣ୍ଡି ଗସ୍ତ

**ଭୁବନେଶ୍ୱର,୧୦।୪(ବ୍ୟୁରୋ)/ ନୂଆପଡ଼ା ଅଫିସ**



## କୋଭିଡ୍ ମୁକାବିଲା ପ୍ରସ୍ତୁତିର ସମୀକ୍ଷା କଲେ

- ଖୁବ୍‌ଶୀଘ୍ର ଯୋଗଦେବେ ବିଶେଷଜ୍ଞ ଡାକ୍ତର
- ନୂଆପଡ଼ା ଜିଲା କୋଭିଡ୍ ହସ୍ପିଟାଲରେ ବଢ଼ିବ ଆଇସିୟୁ ସଂଖ୍ୟା
- କଳାହାଣ୍ଡି ଜିଲାକୁ ଦିଆଯିବ ଆଧୁନିକ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ

ସୀମାବର୍ତ୍ତୀ ଜିଲାଗୁଡ଼ିକରେ କୋଭିଡ୍ ସଂକ୍ରମଣର ନିୟନ୍ତ୍ରଣ ପାଇଁ ଶନିବାର ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର ନୂଆପଡ଼ା ଓ କଳାହାଣ୍ଡି ଜିଲା ଗସ୍ତ କରିଥିଲେ। ତାଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ମଧ ଯାଇଥିଲେ। ଦୁଇ ଜିଲାକୁ ଯାଇ କୋଭିଡ୍ ସ୍ଥିତି ସମୀକ୍ଷା କରିଥିଲେ।

ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ନୂଆପଡ଼ା ସିଲ୍‌ଦାସ୍ଥିତ ଜିଲା କୋଭିଡ୍ ହସ୍ପିଟାଲ ପରିଦର୍ଶନ କରି ସେଠାରେ ଚିକିତ୍ସା ସୁବିଧା, ବେଡ୍, ଆଇସିୟୁ, ଔଷଧ ଓ ଅନ୍ୟାନ୍ୟ ଚିକିତ୍ସା ବ୍ୟବସ୍ଥା ଆଦିର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କରିଥିଲେ। ପରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ସ୍ୱାଧା ଦେବ ସିଂଙ୍କ ସମେତ ଜିଲାସ୍ତରୀୟ ଅଧିକାରୀଙ୍କ ସହ କୋଭିଡ୍ ମୁକାବିଲା ନେଇ ଆଲୋଚନା କରିଥିଲେ। ଜିଲା ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ନୂଆପଡ଼ାକୁ ଲାଗିଥିବା ପଡ଼ୋଶୀ ରାଜ୍ୟରେ ସଂକ୍ରମଣ ବୃଦ୍ଧି ପାଉଥିବାରୁ ବାହାରୁ ଆସୁଥିବା ଲୋକଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ ଏବଂ ଏକାନ୍ତବାସ କଡ଼ାକଡ଼ି କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। କୋଭିଡ୍ ପ୍ରତିରୋଧ ପାଇଁ ବ୍ୟାପକ ଜନସଚେତନତା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ କମିଟି, ସରପଞ୍ଚ, ୱାର୍ଡ ମେମ୍ବର, ସାମାଜିକ ଅନୁଷ୍ଠାନକୁ ସଚେତନତା ଓ ଏକାନ୍ତବାସ କାର୍ଯ୍ୟରେ ସାମିଲ କରିବା ପାଇଁ ସେ କହିଛନ୍ତି। ନୂଆପଡ଼ା ଜିଲା କୋଭିଡ୍ ହସ୍ପିଟାଲରେ ଆଇସିୟୁ ସଂଖ୍ୟା ବଢ଼ାଇବାକୁ ବୈଠକରେ ନିଷ୍ପତ୍ତି ହୋଇଥିବାବେଳେ ଜିଲାରେ କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକ୍ଷମ କରିବା ସହିତ ଦୈନିକ ଟେଷ୍ଟିଂ ବୃଦ୍ଧି କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଥିଲେ, ଜିଲାରେ ବର୍ତ୍ତମାନ ପର୍ଯ୍ୟାପ୍ତ ଔଷଧ ମହଜୁଦ ରହିଛି। କରୋନା ଟିକାକରଣ ଚାଲିଛି। ଜିଲା ପାଇଁ ମଧ ଅଧିକ ଡାକ୍ତର ନିୟୋଜିତ କରାଯାଇଛି। ସେମାନେ ଖୁବ୍‌ଶୀଘ୍ର କାର୍ଯ୍ୟରେ ଯୋଗଦେବେ ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର, ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡା. ସିବିକେ ମହାନ୍ତିଙ୍କ ସମେତ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ।

ଏହାପରେ କଳାହାଣ୍ଡି ଯାଇ ପ୍ରଥମେ ଭବାନୀପାଟଣାସ୍ଥିତ କୋଭିଡ୍ ହସ୍ପିଟାଲରେ ସମସ୍ତ ଚିକିତ୍ସା ସୁବିଧା ବିଷୟରେ ଅନୁଧ୍ୟାନ କରିଥିଲେ। ପରେ ସ୍ଥାନୀୟ ନର୍ସିଂ ସ୍କୁଲ ସଭାକକ୍ଷରେ ଜିଲାପାଳ ଗାୱାଲି ପରାଗ୍ ହର୍ଷଦ୍‌ଙ୍କ ସମେତ ଜିଲା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। କଳାହାଣ୍ଡି ଜିଲାରେ କରୋନା ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ସେହିପରି ଏହି ଜିଲାରେ ଖୁବ୍‌ଶୀଘ୍ର ବିଶେଷଜ୍ଞ ଡାକ୍ତର ଯୋଗଦେବେ ଏବଂ ଜିଲାକୁ ଏକ ଆଧୁନିକ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ ବୋଲି ପ୍ରଦୀପ୍ତ ମହାପାତ୍ର କହିଛନ୍ତି।

ଜନ୍ମବାର୍ଷିକ ଶୁଭେଚ୍ଛା

(ସାଇ)
ସାଇ ଶିବମ୍ ମହାନ୍ତି
କୁଦିଆରୀ, ମହତାବ ନଗର, ଜଟଣୀ
ଆଜି ତୋର ଷଷ୍ଠ ଜନ୍ମବାର୍ଷିକ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶିରିଡ଼ି ସାଇ ବାବା, ଗାଦିବ୍ରହ୍ମ ଓ ମହାବୀରଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ ହେଉ। ତୋର ଭବିଷ୍ୟତ ଉଜ୍ଜ୍ୱଳ ହେବା ସହିତ ତୋତେ ଦୀର୍ଘାୟୁ ଓ ଭଲ ମଣିଷ ପରି ମଣିଷଟିଏ କରି ଗଢ଼ି ତୋଳନ୍ତୁ। **:ଶୁଭେଚ୍ଛା ସହ:** ବାପି ମାମା, ବିପିନ୍ ମାମା, ଅନିତା ମାମି, ସୁମି ମାମି, ଝରଣା ମାଉସୀ, ମୀନା ଅଜା, ମାନା ଆଈ, ବାବା, ମିମି ଓ ଅନ୍ୟମାନେ ।
ଧ-୨୦୪୭୨

ପ୍ରଥମ ଜନ୍ମଦିନ ଶୁଭେଚ୍ଛା

ଶ୍ରଦ୍ଧାଞ୍ଜଳି (ଖୁସି)
ବାପା: କାହ୍ନା, ମାଆ:ଜଲି
ଭଗବତୀ ବସ୍ତି, ବରମୁଣ୍ଡା, ଜଗନ୍ନାଥ ମନ୍ଦିର ପାଖ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେମାଆ: କାନ୍ତା, ଜେଜେବାପା: ପ୍ରକାଶ, ପିଉସୀ ନାନୀ: ପ୍ରିୟଙ୍କା, ପିଉସା: ସୁଶାନ୍ତ, ସାନ ପିଉସୀ: ପଲ୍ଲୀ, ଦାଦା: ପ୍ରତାପ, ମାମୁ: ପପୁ ।
ଧ-୨୦୪୭୩



ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। –ଶ୍ରୀଅରବିନ୍ଦ

# ଧର୍ମୀୟ ସ୍ୱାଧୀନତା କ୍ଷୁଣ୍ଣ



ଆକାର ପଟେଲ

'ଲୋକମାନଙ୍କର ଧର୍ମ ଚୟନ କରିବା ପାଇଁ ସ୍ୱାଧୀନତା ରହିଛି : ସୁପ୍ରିମକୋର୍ଟ'– ଗତକାଲି ପ୍ରକାଶିତ ଏହି ଶୀର୍ଷକ ଖବରଟି ଏକ ଜନସ୍ୱାର୍ଥ ମାମଲା ବା ପିଆଇଏଲ୍ ସମ୍ପର୍କରେ ଥିଲା। ଭାରତୀୟମାନେ ଯେଉଁ ଧର୍ମରେ ଜନ୍ମ ନେଇଛନ୍ତି ତାହା ପରିବର୍ତ୍ତନ କରିବାକୁ ବନ୍ଦ କରିବା ପାଇଁ ଦାବି କରାଯାଇଥିବା ପିଆଇଏଲ୍‌କୁ ନେଇ ବିଚାରପତିମାନେ କ୍ରୋଧ ପ୍ରକାଶ କରିଥିଲେ। ଏହା କି ପ୍ରକାର ପିଟିଶନ ବୋଲି ସେମାନେ କହିଥିଲେ। ୧୮ ବର୍ଷ ଉର୍ଦ୍ଧ୍ୱରୁ ବୟସର ଜଣେ କାହିଁକି ତା' ଧର୍ମ ପସନ୍ଦ ବା ଚୟନ ନ କରିବ ବୋଲି ସେମାନେ ପ୍ରକାଶ କରିଥିଲେ। ଏହି ପିଟିଶନ ଦାଖଲ କରିଥିଲେ ଭାଜପାର ଅଶ୍ୱିନୀ ଉପାଧ୍ୟାୟ। ଧାର୍ମିକ ସ୍ୱାଧୀନତାକୁ ନେଇ ଭାରତୀୟ ନ୍ୟାୟିକ ବ୍ୟବସ୍ଥାର ଏକ ଲମ୍ବା ଇତିହାସ ରହିଆସିଛି। ଏହାକୁ ପୁନର୍ବାର ଚର୍ଚ୍ଚା କରିବା ଉଚିତ୍ ହୋଇପାରେ। ପ୍ରଥମତଃ, ପାଠକମାନଙ୍କୁ ଏହା ବୁଝିବାକୁ ଦିଆଯାଉ ଯେ, ତୁମର ଧାର୍ମିକ ସ୍ୱାଧୀନତା ନାହିଁ। ତୁମେ ଯେଉଁଥିରେ ଜନ୍ମ ହୋଇଥିଲ ସେହି ଧର୍ମକୁ ବଦଳାଇବାକୁ ତୁମର ଅଧିକାର ନାହିଁ। ଏହା ହିଁ ବାସ୍ତବ କଥା । ଆମ ସମ୍ବିଧାନର ଅନୁଚ୍ଛେଦ ୨୫ରେ ଉଲ୍ଲେଖ ରହିଛି ଯେ, ସବୁ ଲୋକଙ୍କର ଅନ୍ତଃକରଣ ସ୍ୱାଧୀନତା ଏବଂ ଧର୍ମକୁ ଅବାଧ ରୂପରେ ମାନିବା, ଆଚରଣ କରିବା ଓ ପ୍ରଚାର କରିବାର ସମାନ ଅଧିକାର ରହିଛି। ଏହା ସ୍ପଷ୍ଟତଃ ମୌଳିକ ଅଧିକାର। ଏକ ଡିବେଟ ପରେ ମୌଳିକ ଅଧିକାର ଡ୍ରାଫ୍ଟ ବା ଚିଠା ପ୍ରସ୍ତୁତ କରାଯାଇଥିଲା ,ଯେଉଁଥିରେ ଭାରତୀୟ ଖ୍ରୀଷ୍ଟିଆନମାନଙ୍କୁ ସ୍ୱତନ୍ତ୍ର ଭାବେ ଧର୍ମ ପ୍ରସାର( ଅନ୍ୟ ଲୋକଙ୍କୁ ପରିବର୍ତ୍ତନ କରିବାକୁ) କରିବା ପାଇଁ କୁହାଯାଇଥିଲା। କେ.ଏମ.ମୁନ୍‌ସିଙ୍କ ସମେତ ଆମର ଅନ୍ୟ ସମ୍ବିଧାନ ପ୍ରଣେତାମାନେ ଖ୍ରୀଷ୍ଟିଆନଙ୍କ ସହ ଏକମତ ହୋଇଥିଲେ। ଆସେମ୍ବ୍ଲିରେ କେବଳ ଓଡ଼ିଶାର ୨୬ ବର୍ଷୀୟ ଲୋକନାଥ ମିଶ୍ର ଧର୍ମ ପରିବର୍ତ୍ତନ ଅଧିକାରକୁ ବିରୋଧ କରିଥିଲେ। 'ଭାରତକୁ ଧର୍ମନିରପେକ୍ଷ କରି ହିନ୍ଦୁମାନେ ଅନ୍ୟ ସମ୍ପ୍ରଦାୟଗୁଡ଼ିକୁ ସମର୍ଥନ କରିଛନ୍ତି ଏବଂ ଏହି ପରିବର୍ତ୍ତନ ଅଧିକାର ସେମାନଙ୍କୁ ଦେବା ଉଚିତ,କିନ୍ତୁ ମୌଳିକ ଅଧିକାର ଭାବେ ନୁହେଁ 'ବୋଲି ସେ କହିଥିଲେ। ବାସ୍ତବରେ ତାଙ୍କର ଏତେ ବ୍ୟସ୍ତ ହେବାର ନ ଥିଲା, କାରଣ ପରେ ଛଳରେ ଏହି ଅଧିକାର କାଢ଼ି ନିଆଗଲା ଯେମିତି ଭାରତରେ ସୁପ୍ରିମକୋର୍ଟଙ୍କ ଅନୁମୋଦନ କ୍ରମେ ଅନ୍ୟ ଅଧିକାରଗୁଡ଼ିକ କ୍ଷେତ୍ରରେ ଘଟିଛି। ଆସନ୍ତୁ ଏ ସଂକ୍ରାନ୍ତରେ ମୋ ନିଜ ରାଜ୍ୟ ଗୁଜରାଟ କଥା ଦେଖିବା।

୨୦୦୩ରେ ଗୁଜରାଟରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଏକ ଆଇନ ପାସ୍ କଲେ, ଯାହା ଗୁଜରାଟୀମାନଙ୍କ ପାଇଁ ସବୁ ଧାର୍ମିକ ସ୍ୱାଧୀନତାକୁ ଶେଷ କରିଦେଲା। ଧର୍ମ ପରିବର୍ତ୍ତନ ପାଇଁ ସରକାରଙ୍କ ଅନୁମତି ଦରକାର ବୋଲି ଏହି ଆଇନରେ ପ୍ରାବଧାନ ରହିଲା। ସେମାନେ କାହିଁକି ଧର୍ମ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି ;ସେମାନଙ୍କ ବୃତ୍ତି ଓ ମାସିକ ଆୟ ସମ୍ପର୍କିତ ବିବରଣୀ ; ଯେଉଁ ଧର୍ମରୁ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି ଓ ସେଥିରେ କେତେ ବର୍ଷ ରହିଥିଲେ ; ଦଳିତ କି ଆଦିବାସୀ ; ଧର୍ମ ପରିବର୍ତ୍ତନର ତାରିଖ ଓ ସମୟ ; ସେମାନଙ୍କ ସହ ତାଙ୍କ ପରିବାରର ସମସ୍ତଙ୍କର ନାମ, ଠିକଣା, ବୟସ ; ପରିବର୍ତ୍ତନ ସମୟରେ ଉପସ୍ଥିତ ଅତିଥିମାନଙ୍କର ନାମ ଓ ଠିକଣା ସବୁ ଏକ ଫର୍ମରେ ପୂରଣ କରି ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟଙ୍କୁ ଦେବାକୁ ପଡ଼ିଲା । ଧର୍ମ ପରିବର୍ତ୍ତନର ୧୦ ଦିନ ଭିତରେ ଏହା ନ କଲେ ସେମାନଙ୍କୁ ବର୍ଷେ ଜେଲରେ ରହିବାକୁ ପଡ଼ିଲା।

ଆଇନରେ ଉଲ୍ଲେଖ ରହିଛି ଯେ,ଯେଉଁ ବ୍ୟକ୍ତି ସେମାନଙ୍କ ଧର୍ମ ପରିବର୍ତ୍ତନ କରାଉଛନ୍ତି ସେ ଧର୍ମାନ୍ତରୀକରଣର ମାସେ ପୂର୍ବରୁ ଆଉ ଏକ ଫର୍ମରେ ଉପର ଲିଖିତ ସମସ୍ତ ବିବରଣୀ ପୂରଣ କରି ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟଙ୍କ ଅନୁମତି ପାଇଁ ତାଙ୍କ ନିକଟରେ ଦାଖଲ କରିବା ଦରକାର। ପ୍ରଶାସନ ମାସେ ଭିତରେ ଏହାକୁ ଅନୁମୋଦନ କିମ୍ବା ନାକଚ କରିପାରନ୍ତି। ଧର୍ମ ପରିବର୍ତ୍ତନ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ମନା କରିବା ଅର୍ଥ ତାହା ନିଶ୍ଚିତ ଭାବେ ତାଙ୍କର ସ୍ୱାଧୀନତାକୁ ପ୍ରଭାବିତ କରିବା। ଧର୍ମ ପରିବର୍ତ୍ତନକୁ ସରକାର ଅନୁମୋଦନ ନ କରିବା ମାନେ ଜଣଙ୍କୁ ତାଙ୍କ ଜନ୍ମିତ ଧର୍ମରେ ପୂର୍ବଭଳି ରହିବାକୁ ପଡ଼ିଲା। ଗୁଜରାଟ ବିଧାନସଭା ଜାନୁୟାରୀ ୨୦୨୦ରେ ପ୍ରକାଶ କଲା ଯେ, ରାଜ୍ୟରେ ଗତ ୫ ବର୍ଷରେ ଧର୍ମ ପରିବର୍ତ୍ତନ ପାଇଁ ମୋଟରେ ୧,୮୯୫ ଦରଖାସ୍ତ ଦାଖଲ କରାଯାଇଥିଲା। ସେଥିରୁ ସରକାର ୮୮୯ ଜଣଙ୍କୁ ଧର୍ମ ପରିବର୍ତ୍ତନ କରିବାକୁ ମନା କରିଦେଇଥିଲେ। ଧର୍ମ ପରିବର୍ତ୍ତନ ଲାଗି ଅନୁମତି ପାଇଥିବା ୧୦୦୬ ଜଣଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଥିଲେ ସୁରଟର ଦଳିତ ମହିଳା। ସେମାନେ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ। ବୌଦ୍ଧ ଧର୍ମ ଗ୍ରହଣ କରିବା ପାଇଁ ଦଳିତମାନେ ବହୁ ସଂଖ୍ୟାରେ ଦରଖାସ୍ତ ପ୍ରଦାନ କରିଥିଲେ। କାରଣ ୨୦୧୪ରେ ସାମୂହିକ ଉତ୍ସବରେ ଧର୍ମ ପରିବର୍ତ୍ତନ କରିବାକୁ ସେମାନଙ୍କୁ ନିଷିଦ୍ଧ କରାଯାଇଥିଲା। ମୋଦି ସରକାର ବୌଦ୍ଧ ଓ ଜୈନରୁ ହିନ୍ଦୁ ଏବଂ ହିନ୍ଦୁରୁ ସେହି ଦୁଇ ଧର୍ମକୁ ପରିବର୍ତ୍ତନର ବ୍ୟବସ୍ଥାକୁ ରାଜ୍ୟ ଅଧିନିୟମରୁ ବାଦ୍ ଦେବା ପାଇଁ ଆଇନକୁ ସଂଶୋଧନ କରିବା ନିମନ୍ତେ ଚେଷ୍ଟା କରିଥିଲେ। ଅର୍ଥାତ, ଆଇନ ଦୃଷ୍ଟିରୁ ହିନ୍ଦୁଙ୍କ ଭଳି ବୌଦ୍ଧ ଓ ଜୈନଙ୍କୁ ଦେଖାଯିବ କିନ୍ତୁ ବାସ୍ତବରେ ସେମାନେ ଆଉ ଧର୍ମ ପରିବର୍ତ୍ତନ କରିପାରିବେ ନାହିଁ। କିନ୍ତୁ ହିନ୍ଦୁମାନଙ୍କ ସହ ସଂଯୋଜିତ କରିବାକୁ ଗୁଜରାଟର ଜୈନମାନେ ବିରୋଧ କଲେ ଏବଂ ସରକାର ଆଇନର ସଂଶୋଧନରୁ ଓହରିଗଲେ। ମୁଁ କେବଳ ଗୁଜରାଟର ଦୃଷ୍ଟାନ୍ତ ଦେଲି, କିନ୍ତୁ ଭାରତର ପ୍ରାୟ ସମସ୍ତ ରାଜ୍ୟରେ ଏହି ଆଇନ ରହିଛି ଓ ମୌଳିକ ଅଧିକାର କୁହାଯାଉଥିବା ଏହି ଆଇନର ଆପରାଧୀକରଣ କରାଯାଉଛି।

ଧର୍ମ ପରିବର୍ତ୍ତନ ପାଇଁ ଗୁଜରାଟ ଆଇନରେ ୩ ବର୍ଷ ଦଣ୍ଡ ବ୍ୟବସ୍ଥା ରହିଛି (ଯଦି ଜଣେ ମହିଳା, ଦଳିତ କିମ୍ବା ଆଦିବାସୀ ଧର୍ମ ପରିବର୍ତ୍ତନ କରନ୍ତି ତେବେ ଏହାକୁ ୪ ବର୍ଷ କରାଯାଇଛି)। ଧର୍ମ କ୍ଷେତ୍ରରେ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟଙ୍କ ଅନୁମତି ନ ଦେବା କିଭଳି କାମ କରିବ ତାହା ବୁଝାପଡୁନାହିଁ। ଏଇ ନିକଟରେ କେତ ମାସ ହେବ ଭାଜପା ଶାସିତ ରାଜ୍ୟ ଉତ୍ତରାଖଣ୍ଡ,ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ଅନ୍ୟ ରାଜ୍ୟଗୁଡ଼ିକ 'ଲଭ ଜିହାଦ' ଆଇନ ପାସ କରିଛନ୍ତି,ଯାହା ପୁନଶ୍ଚ ଧାର୍ମିକ ସ୍ୱାଧୀନତା ଉପରେ ବୁଣି ରାଜ୍ୟଗୁଡ଼ିକର ହାତମୁଠାକୁ ଟାଣ କରିଛି। ଏଣୁ ଭାରତୀୟଙ୍କର ଧାର୍ମିକ ସ୍ୱାଧୀନତା ରହିଛି ବୋଲି କହିବା ସମ୍ପୂର୍ଣ୍ଣ ଭୁଲ୍।

Email:aakar.patel@gmail.com

# ଏଫ୍‌ସିଆଇ ନାଁରେ ଖାଦ୍ୟ ସୁରକ୍ଷା ଉପରେ ଆକ୍ରମଣ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ ଏପ୍ରିଲ ପାଞ୍ଚ ତାରିଖରେ ଚାଷୀମାନେ ଦେଶବ୍ୟାପୀ 'ଏଫ୍‌ସିଆଇ ବଞ୍ଚାଓ ଦିବସ' ପାଳନ କରିଛନ୍ତି। ଚାଷୀ ସଙ୍ଗଠନଙ୍କ ସର୍ବଭାରତୀୟ ମଞ୍ଚ, 'ସଂଯୁକ୍ତ କିଷାନ ମୋର୍ଚ୍ଚା'ର ଡାକରାରେ ଦେଶର ବିଭିନ୍ନ ସ୍ଥାନରେ ଥିବା ଭାରତୀୟ ଖାଦ୍ୟ ନିଗମର କାର୍ଯ୍ୟାଳୟ ଓ ଗୋଦାମ ଆଗରେ ହୋଇଥିବା ପ୍ରତିବାଦ ଧାରଣାରେ ଲକ୍ଷ ଲକ୍ଷ ଚାଷୀ ଅଂଶଗ୍ରହଣ କରିବା ଦେଖାଯାଇଛି। କେନ୍ଦ୍ର ସରକାରଙ୍କ ତିନୋଟି କୃଷି ଆଇନର ପ୍ରଣୟନ ପରେ ଦେଶରେ ସରକାରୀ ମଣ୍ଡି ବ୍ୟବସ୍ଥା ଓ ଖାଦ୍ୟଶସ୍ୟର ସରକାରୀ ସଂଗ୍ରହ ବନ୍ଦ ହେବାକୁ ଯାଉଥିବାରୁ ଏଫ୍‌ସିଆଇର ଭବିଷ୍ୟତ ନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ଏପରି କି କୃଷି ଆଇନ ଆଣିବାର ଅନେକ ପୂର୍ବରୁ ବି ଦେଶରେ ଖାଦ୍ୟଶସ୍ୟର ବଣ୍ଟନ ନେଇ ସରକାର ଯେଉଁ ନୀତି ଆପଣେଇଛନ୍ତି ତାହା ଏଫ୍‌ସିଆଇକୁ ଦୁର୍ବଳ କରିବାକୁ ଉଦ୍ଦିଷ୍ଟ ବୋଲି ସେମାନେ କହିଛନ୍ତି।

ଦେଶରେ କୋଟି କୋଟି ଗରିବ ଓ ଭୋକିଲା ଲୋକଙ୍କ ଖାଦ୍ୟ ନିରାପତ୍ତାକୁ ନିଶ୍ଚିତ କରିବା, ଖାଦ୍ୟ ସଙ୍କଟ ପରିସ୍ଥିତିରେ ବଜାରରେ ଖାଦ୍ୟଶସ୍ୟର ଦାମ୍‌କୁ ସ୍ଥିର ରଖିବା ଏବଂ ଫସଲର ବିକ୍ରି ସମୟରେ ଶୋଷଣର ଶିକାର ହେଉଥିବା ଚାଷୀଙ୍କୁ ସହାୟତା ପ୍ରଦାନ କରିବାର ଲକ୍ଷ୍ୟ ନେଇ ୧୯୬୪ ମସିହାରେ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ପ୍ରତିଷ୍ଠା କରାଯାଇଥିଲା। ଗତ ୫୬ ବର୍ଷ ଧରି ଏହି ସଂସ୍ଥା ଚାଷୀଙ୍କଠାରୁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ସିଧାସଳଖ କିଣିବା ସହିତ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଦେଶର କୋଟି କୋଟି ଭୋକିଲା ଲୋକଙ୍କୁ ଶସ୍ତା ମୂଲ୍ୟରେ ଖାଦ୍ୟ ଯୋଗାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି। କିନ୍ତୁ ଦେଶ ପାଇଁ ଏତେବଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଥିଲେ ବି ବର୍ତ୍ତମାନର କେନ୍ଦ୍ର ସରକାର ତାକୁ ଦୁର୍ବଳ କରିବାକୁ ଏବଂ ଘରୋଇ କମ୍ପାନୀ ହାତରେ ଟେକି ଦେବାକୁ ଉଦ୍ୟମ କରି ଆସିବା ଦେଖାଯାଇଛି।

ସରକାରଙ୍କ ଦାବି ହେଲା, ଯେ ଗୋଦାମରେ ଖାଦ୍ୟଶସ୍ୟର ଜମା ବାବଦରେ ଏଫ୍‌ସିଆଇକୁ ପ୍ରତି କିଲୋ ଚାଉଳ ଓ ଗହମ ପାଇଁ ଯଥାକ୍ରମେ ଟ.୩୭ ଓ ଟ.୨୭ ଖର୍ଚ୍ଚ କରିବାକୁ ପଡୁଛି। ଏହା ବ୍ୟତୀତ ଏଫ୍‌ସିଆଇ ଉପରେ ଋଣଭାର ଲଗାତର ବଢ଼ିବାରେ ଲାଗିଛି। କିନ୍ତୁ ସରକାରଙ୍କ ଏହି ଦାବିର ବାସ୍ତବତାଟି କ'ଣ ? ମୋଦି ସରକାର କ୍ଷମତାକୁ ଆସିବା ସମୟରେ ଏଫ୍‌ସିଆଇର ଋଣଭାର ମାତ୍ର ୯୧,୪୦୧ କୋଟି ରହିଥିବା ବେଳେ ଆଜି ତାହା ୩.୮୧ଲକ୍ଷ କୋଟିକୁ ବୃଦ୍ଧି ପାଇବା ପାଇଁ ଖୋଦ୍ ସରକାର ହିଁ ଦାୟୀ। କାରଣ ଖାଦ୍ୟାନ୍ନ ସବ୍‌ସିଡି ବାବଦରେ ସରକାର ପ୍ରତିବର୍ଷ ବଜେଟ୍‌ରେ ଦେଉଥିବା ଅନୁଦାନକୁ ଗତ କିଛିବର୍ଷ ଧରି ଲଗାତର ହ୍ରାସ କରିବା ସହ ନିଜର ଖର୍ଚ୍ଚ ଭରଣା ପାଇଁ ଋଣ ଆଣିବାକୁ ଏଫ୍‌ସିଆଇକୁ ବାଧ୍ୟ କରିଛନ୍ତି। ଚଳିତବର୍ଷ ବଜେଟରେ ସରକାରଙ୍କ ଖାଦ୍ୟାନ୍ନ ସବ୍‌ସିଡିର ପରିମାଣ ଟ.୧.୧୫ ଲକ୍ଷ କୋଟି ପାଖାପାଖି ରହିଛି, ଯାହା କି ଏ ବାବଦରେ ଆବଶ୍ୟକ ପଡୁଥିବା ଖର୍ଚ୍ଚର ଏକ ଛୋଟ ଭାଗ ମାତ୍ର। ଏହା ବ୍ୟତୀତ ସରକାର ଗତ କିଛିବର୍ଷ ହେଲା ଏଫ୍‌ସିଆଇର ବିସ୍ତାର ଓ ଆଧୁନିକୀକରଣ ପାଇଁ କୌଣସି ପୁଞ୍ଜିନିବେଶ କରି ନାହାନ୍ତି। ବର୍ଦ୍ଧିତ ଆବଶ୍ୟକତାକୁ ଦେଖି ନୂତନ ଗୋଦାମ ନିର୍ମାଣ କରିବା ପରିବର୍ତ୍ତେ ଆଦାନୀ ପରି ଘରୋଇ କମ୍ପାନୀଙ୍କ ନିର୍ମିତ ଗୋଦାମକୁ ଭଡ଼ାସୂତ୍ରରେ ନେବା ବୃଦ୍ଧି ପାଇଛି।

ତିନି କୃଷି ଆଇନ ଅନ୍ତର୍ଗତ ସରକାରଙ୍କ ନୂଆ ମଣ୍ଡି ଆଇନ, ସରକାରୀ ମଣ୍ଡି ବାହାରେ ବିନା ସହାୟକ ଦର(ଏମ୍‌ଏସ୍‌ପି)ରେ ଘରୋଇ କମ୍ପାନୀଙ୍କ କିଣାବିକାକୁ ଅନୁମତି ଦେଉଥିବା ବେଳେ ସଂଶୋଧିତ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ – ୨୦୨୦ ଅନ୍ତର୍ଗତ ସରକାର ଘରୋଇ ବ୍ୟବସାୟୀ ଓ କର୍ପୋରେଟ୍‌ମାନଙ୍କୁ ଗୋଦାମରେ ଖାଦ୍ୟଶସ୍ୟର ଅସୀମିତ ଜମା କରି ରଖିବା ପାଇଁ ଅନୁମତି ଦେଉଛି। ପ୍ରଥମଟି ସରକାରୀ ମଣ୍ଡିକୁ ଅକାମୀ କରି ଦେଇ ତାରି ଜାଗାରେ ଘରୋଇ ମଣ୍ଡି ଖୋଲିବାକୁ ସୁଯୋଗ ଦେବା ସହ ଖାଦ୍ୟଶସ୍ୟର ସରକାରୀ ସଂଗ୍ରହ ଏବଂ ସର୍ବନିମ୍ନ ସହାୟକ ଦର ବ୍ୟବସ୍ଥାକୁ ଏକଦମ୍ ସମାପ୍ତ କରିଦେବ। ଦେଶରେ ଖାଦ୍ୟଶସ୍ୟର ଯୋଗାଣରେ ଆଉ ସରକାରଙ୍କ କୌଣସି ଭୂମିକା ରହିବନି। ଏହି ଆଇନ ଖାଦ୍ୟପଦାର୍ଥକୁ ଗୋଦାମ ଓ ଶୀତଳ ଭଣ୍ଡାରରେ ଜମା କରିବା, ତା'ର ପ୍ରକ୍ରିୟାକରଣ କରିବା ଏବଂ ବିକ୍ରି କରିବା ଆଦି ସବୁଥିରେ କେବଳ ଘରୋଇ କମ୍ପାନୀଙ୍କୁ ହିଁ ଏକାଧିକାର ଦେବାକୁ ଯାଉଛି।

କେନ୍ଦ୍ର ସରକାର ଦେଶର ଗରିବ ଲୋକଙ୍କୁ ଖାଦ୍ୟଶସ୍ୟ ଯୋଗାଉଥିବା ବର୍ତ୍ତମାନର ରାଶନ ବ୍ୟବସ୍ଥାକୁ ସମାପ୍ତ କରି ତା'ରି ଜାଗାରେ ଲାଭାର୍ଥୀଙ୍କ ବ୍ୟାଙ୍କ୍ ଖାତାକୁ ସିଧାସଳଖ ନଗଦ ସବ୍‌ସିଡି ପ୍ରଦାନ (ଡିବିଟି) କରିବାକୁ ଯାଉଛନ୍ତି। ପୁଡୁଚେରୀ, ଚଣ୍ଡିଗଡ଼ ଓ ଝାଡ଼ଖଣ୍ଡ ପରି କିଛି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପରୀକ୍ଷାମୂଳକ ଭାବେ ଏହି ଯୋଜନାକୁ ଆରମ୍ଭ କରାଯାଇଛି। ସେଠାକାର ଅନୁଭୂତି ତିକ୍ତ ପ୍ରମାଣିତ ହେବା ସତ୍ତ୍ୱେ ସରକାର ତାକୁ ସାରା ଦେଶରେ ଲାଗୁ କରିବାକୁ ଚାହିଁବା ପରିତାପର ବିଷୟ। ଏଭଳି ଯୋଜନା ଦେଶର ସାଧାରଣ ଜନତାଙ୍କ ଖାଦ୍ୟ ସୁରକ୍ଷା ପାଇଁ ଆତ୍ମଘାତୀ ହେବାକୁ ଯାଉଛି। ତେବେ ନଗଦ ସବ୍‌ସିଡିର ବ୍ୟବସ୍ଥାଟି ଆମ ପାଇଁ ଆଦୌ ନୂଆ ନୁହେଁ। ପୂର୍ବରୁ ଆମେ ରନ୍ଧନ ଗ୍ୟାସ୍ କ୍ଷେତ୍ରରେ ଏହାକୁ ଦେଖି ଆସିଛେ। ଦେଶରେ ରନ୍ଧନ ଗ୍ୟାସ୍‌ର ସିଲିଣ୍ଡର ୩୫୦ ଟଙ୍କା ଥିବାବେଳେ ସରକାର ପ୍ରଥମେ ପ୍ରଥମେ ଆମ ଖାତାକୁ ସବ୍‌ସିଡି ବାବଦରେ ୨୨୦ଟଙ୍କା ଜମା କରୁଥିଲେ। ଗତ ୫ବର୍ଷ ମଧ୍ୟରେ ଗୋଟିଏ ପଟେ ସିଲିଣ୍ଡରର ଦାମ୍‌ରେ ଲଗାତର ବୃଦ୍ଧିକରି ତାକୁ ୮୫୦ ଟଙ୍କା ପାଖାପାଖି ପହଞ୍ଚାଇଥିବା ବେଳେ ନଗଦ ସବ୍‌ସିଡିକୁ ଧୀରେ ଧୀରେ ହ୍ରାସ କରି ଆମ ବ୍ୟାଙ୍କ୍ ଖାତାରେ ଏବେ ମାତ୍ର ୧୨ଟଙ୍କା ଜମା କରୁଛନ୍ତି।

ଅତଏବ ନଗଦ ସବ୍‌ସିଡି ଯୋଜନା ଯେ ଆଗାମୀ ଦିନରେ ସବ୍‌ସିଡିକୁ ସମ୍ପୂର୍ଣ୍ଣ ବନ୍ଦ କରିବାର ଏକ ସୁଚିନ୍ତିତ ପ୍ରକ୍ରିୟା ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏପରି କରି ସରକାର ଖାଦ୍ୟ ବାବଦରେ କରୁଥିବା ନିଜର ବ୍ୟୟଭାରକୁ ସମାପ୍ତ କରିବାକୁ ତଥା ଦେଶର ଖାଦ୍ୟଶସ୍ୟର ବଜାରକୁ କମ୍ପାନୀଙ୍କ ହାତରେ ଟେକିଦେବାକୁ ଚାହୁଁଛନ୍ତି। ବିଶ୍ୱରେ ଖାଦ୍ୟଶସ୍ୟର ବଡ଼ ବେପାର କରୁଥିବା କାରଗିଲ୍, ମନସାଣ୍ଟୋ ପରି ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ସ୍ୱାର୍ଥରେ ବିଶ୍ୱ ବାଣିଜ୍ୟ ସଂଗଠନ ଜରିଆରେ ଆମେରିକା ପରି ଧନୀ ଦେଶମାନେ 'ଏଭଳି କରିବାକୁ ଆମ ଦେଶ ଉପରେ ଚାପ ପକାଇ ଆସିଛନ୍ତି। ସରକାର ଅଧିକ ଦାମ୍‌ରେ ଚାଷୀଙ୍କଠାରୁ ଖାଦ୍ୟଶସ୍ୟକୁ ସଂଗ୍ରହ କରିବା ଏବଂ ରିହାତି ଦରରେ ତାକୁ ସାଧାରଣ ଲୋକଙ୍କୁ ବଣ୍ଟନ କରିବା ନିଜର ବ୍ୟବସାୟ ପାଇଁ ପ୍ରତିବନ୍ଧକ ବୋଲି କମ୍ପାନୀମାନେ ଭାବୁଛନ୍ତି। ସେହି କାରଣରୁ ହିଁ ଉଭୟ ଏମ୍‌ଏସ୍‌ପି ବ୍ୟବସ୍ଥା ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଭାଙ୍ଗି ଦେବାକୁ କେନ୍ଦ୍ର ସରକାର ବିଶ୍ୱ ବାଣିଜ୍ୟ ସଙ୍ଗଠନରେ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି କ୍ରମରେ ହିଁ ସରକାର ତିନୋଟି କୃଷି ଆଇନକୁ ଆଣି ଉଭୟ ଖାଦ୍ୟଶସ୍ୟର ସଂଗ୍ରହ ଓ ବଣ୍ଟନ ବ୍ୟବସ୍ଥାକୁ ଭାଙ୍ଗି ତାକୁ କମ୍ପାନୀଙ୍କ ହାତରେ ଟେକିଦେବାକୁ ବସିଛନ୍ତି। ଏଫ୍‌ସିଆଇ ଉପରେ ଆକ୍ରମଣ ବି ଏହି ଯୋଜନାର ଅଂଶବିଶେଷ ମାତ୍ର। କ୍ଷତି ଓ ଋଣଭାରର ଆଳ ଦେଖାଇ ଏଫସିଆଇକୁ ଦୁର୍ବଳ ଓ ପଙ୍ଗୁ କରିଦେଇ ଶେଷରେ ତା'ର ଗୋଦାମଗୁଡ଼ିକ ଆଦାନୀ, ରିଲାଏନ୍‌ସ ପରି ଘରୋଇ କମ୍ପାନୀଙ୍କୁ ବିକ୍ରି କରିଦେବାକୁ ଷଡ଼ଯନ୍ତ୍ର ଚାଲିଛି।

ଲୋକଙ୍କ ଖାଦ୍ୟ ସୁରକ୍ଷା ବାବଦରେ ସରକାର ନିଜର ଦାୟିତ୍ୱରୁ ଖସିବା ପାଇଁ ଦେଶରେ ବର୍ତ୍ତମାନ ଖାଦ୍ୟଶସ୍ୟ ପର୍ଯ୍ୟାପ୍ତ ପରିମାଣରେ ଉତ୍ପାଦିତ ହେଉଛି ଏବଂ ଖାଦ୍ୟ ସଙ୍କଟ ନାହିଁ ବୋଲି କହୁଛନ୍ତି। ଦେଶରେ ବର୍ତ୍ତମାନ ବାର୍ଷିକ ୪୨୦ ଲକ୍ଷ ଟନ୍‌ର ଖାଦ୍ୟଶସ୍ୟ ଆବଶ୍ୟକ ଥିବା ବେଳେ ଆମେ ଏହାର ଦୁଇଗୁଣା ଉତ୍ପାଦନ କରୁଛେ ବୋଲି ଦାବି କରୁଛନ୍ତି। ତେବେ ଖାଦ୍ୟଶସ୍ୟର ଉତ୍ପାଦନଟି ବଢ଼ିଗଲେ ଯେ ତାହା ଲୋକଙ୍କୁ ଉପଲବ୍ଧ ହେବ, ତା'ର କୌଣସି ଗ୍ୟାରେଣ୍ଟି ନାହିଁ। ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ମୁତାବକ ଦେଶରେ ୮୧.୩୫ କୋଟି ଲାଭାର୍ଥୀ ଅଛନ୍ତି, ସେମାନଙ୍କୁ ପ୍ରତି ମାସରେ ମାତ୍ର ପାଞ୍ଚ କିଲୋ ଚାଉଳ ବା ଗହମ ଯୋଗାଇ ଦିଆଯାଉଛି। ଖୋଦ୍ ସରକାରଙ୍କ ଆଇସିଏମ୍‌ଆର୍ ସଂସ୍ଥା ନିଜର ରିପୋର୍ଟରେ ଜଣେ ସୁସ୍ଥ ବ୍ୟକ୍ତି ପାଇଁ ମାସିକ ୧୪.୭ କିଲୋ ଖାଦ୍ୟଶସ୍ୟ ଜରୁରୀ ବୋଲି କହୁଥିବା ବେଳେ ସରକାର ମାସିକ ମାତ୍ର ୫ କିଲୋ ହିଁ ଯୋଗାଉଛନ୍ତି। ଜଣେ ବ୍ୟକ୍ତିର ଖାଦ୍ୟ ସୁରକ୍ଷା ପାଇଁ ଏହି ପରିମାଣ ଅପର୍ଯ୍ୟାପ୍ତ ହେଲେ ବି ଏହା କୋଟି କୋଟି ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

ଦେଶରେ ଖାଦ୍ୟ ସଙ୍କଟ ନାହିଁ ବୋଲି ସରକାରଙ୍କ ଦାବିର ବିପରୀତ ପ୍ରାୟ ୩୫% ଜନସଂଖ୍ୟା ସମ୍ପୂର୍ଣ୍ଣ ଭୋଜନ ନ ପାଇ ଅର୍ଦ୍ଧାହାର ଓ କୁପୋଷିତ ସ୍ଥିତିରେ ରହିଥିବା ଜଣାପଡ଼ିଛି। ପ୍ରତିବର୍ଷ ପ୍ରକାଶ ପାଉଥିବା ବିଶ୍ୱ କ୍ଷୁଧା ସୂଚକାଙ୍କରେ ବିଶ୍ୱର ୧୦୭ଟି କ୍ଷୁଧାର ଶିକାର ଦେଶ ମଧ୍ୟରେ ଆମେ ୯୪ତମ ସ୍ଥାନରେ ରହିଛେ। ଏଭଳି ପରିସ୍ଥିତିରେ ସରକାର ଯଦି ଲୋକଙ୍କୁ ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଇବା ବନ୍ଦ କରିଦେବେ, ତା'ହେଲେ ଲୋକେ ବଜାରରୁ ଖାଦ୍ୟଶସ୍ୟ କିଣିବାକୁ ବାଧ୍ୟହେବେ। ସମସ୍ତେ ଯେତେବେଳେ ଖାଦ୍ୟଶସ୍ୟ ପାଇଁ ବଜାରମୁହାଁ ହେବେ ସେତେବେଳେ ସେସବୁର ଦର ସାଧାରଣ ଲୋକଙ୍କ ପାଇଁ ଅପହଞ୍ଚ ହୋଇଯିବ। ସେଭଳି ପରିସ୍ଥିତିରେ ଦେଶର କୋଟି କୋଟି ଲୋକ ଭୋକରେ ରହିବାକୁ ବାଧ୍ୟହେବେ, ଅନାହାର ମୃତ୍ୟୁର ନୂଆ ପର୍ଯ୍ୟାୟ ଆରମ୍ଭ ହେବ ଏବଂ ଖାଦ୍ୟଶସ୍ୟ କିଣାବିକା କରୁଥିବା ବଡ଼ କମ୍ପାନୀମାନେ ହିଁ ଏହାଦ୍ୱାରା ଲାଭାନ୍ୱିତ ହେବେ।

ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ କରୁଥିବା ଚାଷୀ ଏବଂ ଖାଦ୍ୟଶସ୍ୟକୁ ଖାଉଥିବା ଅର୍ଥାତ୍ ଉପଭୋକ୍ତାଙ୍କ ସ୍ୱାର୍ଥରେ ଏଫ୍‌ସିଆଇ ରହିବା ଅତ୍ୟନ୍ତ ଜରୁରୀ। ଅତଏବ ସରକାର ଏଫ୍‌ସିଆଇକୁ ଦୁର୍ବଳ କରିବା ଏବଂ ବିକ୍ରି କରିବା ଉଦ୍ୟମରୁ ବିରତ ରହି ତାକୁ ଶକ୍ତିଶାଳୀ କରିବା ପାଇଁ ଦୃଢ଼ ପଦକ୍ଷେପ ନେବା ଦରକାର।

ମୋ: ୯୪୩୭୧୬୬୩୯୧

# କୋସୋଭ ରାଷ୍ଟ୍ରନାୟିକା

ବ୍ୟକ୍ତିତ୍ୱ



ଭିଜୋସା ଓସ୍‌ମାନି

କୋସୋଭ ଦକ୍ଷିଣପୂର୍ବ ୟୁରୋପର ଏକ ରାଷ୍ଟ୍ର। ସର୍ବିଆ ସହ ଲାଗି ରହିଥିବା ସୀମା ବିବାଦ ଦୂର ହୋଇପାରି ନାହିଁ । ୧୭ ଫେବୃୟାରୀ ୨୦୦୮ରେ ଏହା ସର୍ବିଆଠାରୁ ଅଲଗା ହୋଇ ସ୍ୱାଧୀନ ରାଷ୍ଟ୍ର ଘୋଷିତ ହୋଇଥିଲା। ଜାତିସଂଘରେ ଏହା ୯୮ତମ ଦେଶ ଭାବେ କୂଟନୈତିକ ମାନ୍ୟତା ପାଇଛି। ଦୁର୍ନୀତି ବିରୋଧୀ ଲଢ଼େଇ କରିବା ସହ ସର୍ବିଆ ସହ ଉତ୍ତମ ସମ୍ପର୍କ ରଖି ନାଗରିକଙ୍କ ପାଇଁ ଆଦର୍ଶ ପାଲଟିପାରିଥିବାରୁ ଭିଜୋସା ଓସ୍‌ମାନ କୋସୋଭର ଯୁବ ରାଷ୍ଟ୍ରପତି ହେବାର ଗୌରବ ଅର୍ଜନ କରିଛନ୍ତି ବୋଲି ରାଜନୈତିକ ବିଶେଷଜ୍ଞମାନେ କହୁଛନ୍ତି। କୋସୋଭ ଯୁଦ୍ଧ ବେଳେ ସେ କିଶୋରୀ ଅବସ୍ଥାରେ ଥିବା ବେଳେ ତାଙ୍କ ପାଟି ଭିତରେ ଜଣେ ସୈନିକ ଏକେ-୪୭ ରାଇଫଲ ପୂରାଇ ଦେଇଥିଲେ। ୪ ଏପ୍ରିଲ ୨୦୨୧ରେ ଦେଶର ରାଷ୍ଟ୍ରପତି ଆସନ ଅଳଙ୍କୃତ କରିଥିବା ଏହି ମହିଳା ସେତବେଳର ଲୋମଟାଙ୍କୁରା ଦୃଶ୍ୟକୁ ମନେପକାଇ କହିଛନ୍ତି ଯେ, ଆଗକୁ କୋସୋଭ ଏକ ଉତ୍ତମ ଶାସନ ଦେଖିବା ଅପେକ୍ଷାରେ ଅଛି। ତାଙ୍କ ଉପରେ ନାଗରିକଙ୍କ ଥିବା ଭରସା ହେବ ଏହାର ମାପକାଠି।

୧୭ ମେ ୧୯୮୨ରେ ଭିଜୋସା ମିଟ୍ରୋଭିକାଠାରେ ଜନ୍ମଗ୍ରହଣ କରିଥିଲେ। ଏହି ସହରରେ ତାଙ୍କ ପିଲାଦିନ କଟିଥିଲା ଓ ସେ ସେହିଠାରୁ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଗ୍ରହଣ କରିଥିଲେ। ପ୍ରିଷ୍ଟିନା ବିଶ୍ୱବିଦ୍ୟାଳୟରୁ ସେ ଆଇନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୨୦୦୫ରେ ଆମେରିକାର ୟୁନିଭର୍ସିଟି ଅଫ୍ ପିଟ୍‌ସବର୍ଗ ସ୍କୁଲ ଅଫ୍ ଲ'ରୁ ସ୍ନାତକ ଡିଗ୍ରୀ ଗ୍ରହଣ କରିଥିଲେ। ଆଇନ ଗବେଷଣାରେ ତାଙ୍କ ସନ୍ଦର୍ଭ 'କୋସୋଭରେ ଅନ୍ତର୍ଜାତୀୟ ସାମଗ୍ରୀ ବିକ୍ରି ଲାଗି ଜାତିସଂଘ ସମ୍ମେଳନର ଚୁକ୍ତି ପ୍ରୟୋଗ' ବିଶିଷ୍ଟ ଆଇନଜ୍ଞଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଆଇନବିଦ୍ୟାରେ ଦକ୍ଷତା ତାଙ୍କୁ ପ୍ରଥମେ ୟୁନିଭର୍ସିଟି ଅଫ୍ ପ୍ରିଷ୍ଟିନାରେ ଅଧ୍ୟାପନା କରିବାର ସୁଯୋଗ ଦେଇଥିଲା। ପରବର୍ତ୍ତୀ ସମୟରେ ସେ ୟୁନିଭର୍ସିଟି ଅଫ୍ ପିଟ୍‌ସବର୍ଗରେ ଅତିଥି ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ତେବେ ଅଧ୍ୟାପନା ଭିତରେ ତାଙ୍କ ପ୍ରତିଭା ସୀମିତ ରହି ନ ଥିଲା। ଦେଶବାସୀଙ୍କ ସେବା କରିବା ଲାଗି ରାଜନୀତି ସର୍ବୋତ୍ତମ ମାଧ୍ୟମ ବୋଲି ସେ ଯୁବାବସ୍ଥାରୁ ଅନୁଭବ କରୁଥିଲେ। ଯେତେବେଳେ ବୃତ୍ତିଗତ ଜୀବନରେ ସେ ସଫଳତା ଅର୍ଜନ କଲେ ତାଙ୍କ ଇଚ୍ଛାଶକ୍ତି ଆହୁରି ବୃଦ୍ଧି ପାଇଲା ଯେ ସେ ରାଜନୀତିରେ ଭଲ କରିବେ। ସେଣ୍ଟର-ରାଇଟ୍ ଡେମୋକ୍ରାଟିକ୍ ଲିଗ୍ ଅଫ୍ କୋସୋଭରୁ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ଭିଜୋସା ୨୭ ଅଗଷ୍ଟ ୨୦୦୯ରେ ତତ୍କାଳୀନ ରାଷ୍ଟ୍ରପତି ଫାତମିର ସେଜ୍‌ଦିୟୁଙ୍କ ଚିଫ୍ ଅଫ୍ ଷ୍ଟାଫ୍ ହୋଇଥିଲେ। ଏଥିସହିତ ସେ ରାଷ୍ଟ୍ରପତିଙ୍କ ଆଇନ ପରାମର୍ଶଦାତା ତଥା ବହିର୍ବ୍ୟାପାର ନୀତି ଉପଦେଷ୍ଟା ମଧ୍ୟ ହୋଇପାରିଥିଲେ। ସେହି ସମୟ ହିଁ ତାଙ୍କୁ ଦେଶରେ ଅଧିକ ପରିଚିତ କରିଥିଲା। ଏହା ପରେ ସେ କୋସୋଭ ଆସେମ୍ବ୍ଲିକୁ ତିନି ଥର ନିର୍ବାଚିତ ହୋଇଥିଲେ ଏବଂ ସେଥିମଧ୍ୟରୁ ମହିଳା ପାର୍ଲାମେଣ୍ଟେରିଆନ୍ ଭାବେ ସର୍ବାଧିକ ଭୋଟ ପାଇବାର ଗୌରବ ଅର୍ଜନ କରିଥିଲେ। ଏଥିସହିତ ହେଗ୍‌ସ୍ଥିତ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍‌ରେ କୋସୋଭର ସ୍ୱାଧୀନତା ନେଇ ସେ ଯେଉଁ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ, ତାହା ତାଙ୍କୁ ଅନ୍ତର୍ଜାତୀୟ ଖ୍ୟାତି ଆଣିଦେଇଥିଲା। ଏହା ପରେ ତାଙ୍କ ଲୋକପ୍ରିୟତା ମଧ୍ୟ ଦେଶରେ ବଢ଼ିବାକୁ ଲାଗିଲା। ୨୦୧୯ରେ ଏକଦା ଆଲୋଚନା ହେଲା ଯେ ଭିଜୋସା ଦେଶର ପ୍ରଧାନମନ୍ତ୍ରୀ ହେବେ। ସେହି ସମୟରେ ସେ ଦୁର୍ନୀତି ବିରୋଧରେ ଦେଶବ୍ୟାପୀ ସଂଗ୍ରାମ କରୁଥିଲେ। କୋସୋଭ ପାଇଁ ମୁକ୍ତ ବଜାର ବ୍ୟବସ୍ଥା ଗଢିତୋଳିବା ତାଙ୍କ ଅଭିଯାନର ଅନ୍ୟତମ ଦିଗ ଥିଲା। ସେ ସେଥିରେ ସଫଳ ହେଲେ। କିନ୍ତୁ ନିର୍ବାଚନ ଜିତିବାରେ ବିଫଳ ହେଲେ। ଏଲ୍‌ଡିକେରେ ତାଙ୍କୁ ଅଣଦେଖା କରାଯିବା ପରେ ସେ ୭ ସେପ୍ଟେମ୍ବର ୨୦୨୦ରେ ପାର୍ଟି ଛାଡ଼ିଦେଲେ। ସ୍ଲୋଗାନ ଦେଲେ ଯେତେବେଳେ ପାର୍ଟିରେ ସଂସ୍କାର ଆସିବ ସେ ଫେରିବେ। ନିଜ ଉପରେ ଥିବା ଦୃଢ଼ ଆତ୍ମବିଶ୍ୱାସ ତାଙ୍କୁ ଦେଶର କାର୍ଯ୍ୟକାରୀ ରାଷ୍ଟ୍ରପତି ପଦରେ ବସାଇଦେଲା। କାରଣ ରାଷ୍ଟ୍ରପତି ଥାସିଙ୍କୁ ହେଗ୍‌ସ୍ଥିତ କୋସୋଭ ସ୍ପେଶାଲିଷ୍ଟ ଚାମ୍ବର୍ସ ଆଣ୍ଡ୍ ସ୍ପେଶାଲିଷ୍ଟ ପ୍ରସିକ୍ୟୁଟର୍ସ ଅଫିସ୍ ଅପରାଧୀ ସାବ୍ୟସ୍ତ କଲା। ୨୦୨୧ରେ କୋସୋଭ ପାର୍ଲାମେଣ୍ଟ ନିର୍ବାଚନ ଥିବା ବେଳେ ସେ ୨ ଜାନୁୟାରୀରେ ନିଜସ୍ୱ ଦଳ ଗୁକ୍ସୋ ଗଢ଼ିଲେ ଓ ଏବେ ଦେଶର ରାଷ୍ଟ୍ରପତି।

ଭିଜୋସାଙ୍କ ବ୍ୟକ୍ତିଗତ ଜୀବନ କହିଲେ ସ୍ୱାମୀ ପ୍ରିଣ୍ଡୋନ୍ ସାଡ୍ରିୟୁ ହେଉଛନ୍ତି ବହିର୍ବ୍ୟାପାର ମନ୍ତ୍ରଣାଳୟର କର୍ମଚାରୀ। ସେମାନଙ୍କର ଦୁଇ କନ୍ୟା ଅଛନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କରୋନା ମହାମାରୀରେ ସାରା ଦେଶରେ ଲକ୍ଷ ଲକ୍ଷ ଲୋକ ଚାକିରି ହରାଇଛନ୍ତି। ପ୍ରବାସୀ ଶ୍ରମିକମାନେ ସବୁଠୁ ବେଶୀ ପ୍ରଭାବିତ ହୋଇଛନ୍ତି। ଏମାନଙ୍କୁ ପୁଣି ନିଯୁକ୍ତି ଯୋଗାଇ ଉଦାହରଣ ସୃଷ୍ଟି କରିଛନ୍ତି ବିହାରର ପଶ୍ଚିମ ଚମ୍ପାରଣ ଜିଲା ମାଜିଷ୍ଟ୍ରେଟ କୁନ୍ଦନ କୁମାର। ଚନପଟିଆ ଟାଉନ୍‌ରେ 'ଷ୍ଟାର୍ଟଅପ୍ ଜୋନ୍' ପ୍ରତିଷ୍ଠା କରି ପ୍ରବାସୀ ଶ୍ରମିକମାନଙ୍କୁ ନିଯୁକ୍ତି ଦେଉଛନ୍ତି। ଏହାବାଦ୍ ସେମାନଙ୍କୁ ବ୍ୟାଙ୍କ ଲୋନ୍ ଠାରୁ ଆରମ୍ଭ କରି ସବୁ ପ୍ରକାର ସାହାଯ୍ୟ ଯୋଗାଇବାରେ ଲାଗିଛନ୍ତି। ପ୍ରବାସୀମାନଙ୍କ କାର୍ଯ୍ୟକୌଶଳ ଉପରେ ଅନୁଧ୍ୟାନ କରି କିଏ କେଉଁ ସ୍ଥାନରେ କାର୍ଯ୍ୟ କଲେ ସଫଳ ହେବେ ସେହି ଅନୁସାରେ ସେମାନଙ୍କୁ କାମରେ ଲଗାଉଛନ୍ତି। ୨୦୧୨ ବ୍ୟାଚର ବିହାର କ୍ୟାଡରର ଅଧିକାରୀ କୁନ୍ଦନ ଚନପଟିଆରେ ଥିବା ପ୍ଲାଏ କମ୍ପାନୀଗୁଡ଼ିକରେ ନିଯୁକ୍ତି ଦେଉଛନ୍ତି। ଏବେ ୪୯ ଜଣ ବ୍ୟବସାୟୀ ପାଖାପାଖି ୫୦୦ ଜଣଙ୍କୁ ନିଯୁକ୍ତି ଦେଇ ସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଏପ୍ରିଲ ୧୯୯୬

- ବଲିଭିଆର ରାଜଧାନୀ ନିକଟସ୍ଥ ଏକ ଗ୍ରାମରେ ଭୂସ୍ଖଳନ ଘଟି ୪୦ ବ୍ୟକ୍ତି ମୃତ।
- ଟକ୍ସିକ ବା ବିଷାକ୍ତ ଦ୍ରବ୍ୟଯୁକ୍ତ ବର୍ଜ୍ୟ ପଦାର୍ଥର ଆମଦାନୀ ଉପରେ ଦିଲ୍ଲୀ ହାଇକୋର୍ଟ ନିଷେଧାଜ୍ଞା ଜାରି କରିଛନ୍ତି।
- ଦଳ ବିରୋଧୀ କାର୍ଯ୍ୟ ପାଇଁ ହରିୟାଣାରେ ୧୪ ଜଣ କଂଗ୍ରେସ (ଇ) ସଦସ୍ୟଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 7 | | | 4 |
| | | 8 | 1 | | 5 | 7 | | |
| 3 | | | | | | | | |
| 1 | | | | | | 6 | | |
| 4 | | 3 | 5 | | 6 | 1 | | |
| | | | 9 | | 8 | | 2 | |
| | | | | | | | | 7 |
| | 4 | | 3 | | | | | |
| | | | | 8 | 9 | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 4 | 9 | 3 | 1 | 5 | 6 | 8 |
| 8 | 1 | 3 | 5 | 7 | 6 | 9 | 4 | 2 |
| 5 | 9 | 6 | 8 | 4 | 2 | 1 | 7 | 3 |
| 7 | 8 | 5 | 2 | 9 | 4 | 6 | 3 | 1 |
| 4 | 6 | 1 | 7 | 5 | 3 | 2 | 8 | 9 |
| 3 | 2 | 9 | 6 | 1 | 8 | 4 | 5 | 7 |
| 1 | 5 | 2 | 3 | 6 | 7 | 8 | 9 | 4 |
| 6 | 4 | 7 | 1 | 8 | 9 | 3 | 2 | 5 |
| 9 | 3 | 8 | 4 | 2 | 5 | 7 | 1 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅପମିଶ୍ରଣକାରୀଙ୍କୁ କଠୋର ଦଣ୍ଡ ଦିଆଯାଉ

ମହାଶୟ,

ଗତ କିଛି ମାସ ମଧ୍ୟରେ ଲଗାତାର ଭାବେ ନକଲି ବା ଭେଜାଲ ଖାଦ୍ୟ ସାମଗ୍ରୀ କାରଖାନାଗୁଡ଼ିକ ରାଜ୍ୟର କଟକ ସହର ସମେତ ଅନ୍ୟାନ୍ୟ ସ୍ଥାନରୁ ଠାବ କରାଯାଇ ଚଢ଼ାଉ କରାଯାଇଛି ଓ ପୋଲିସ ତଦନ୍ତ ଜାରି ରହିଛି। ଅସାଧୁ, ମୁନାଫାଖୋର ବ୍ୟବସାୟୀମାନେ ଖାଦ୍ୟ ସାମଗ୍ରୀରେ ବିଷାକ୍ତ ପଦାର୍ଥ ମିଶ୍ରଣ କରି ବିକ୍ରି ପାଇଁ ବଜାରକୁ ଛାଡୁଛନ୍ତି। ସାଧାରଣ ଖାଉଟି ଏହି ସମସ୍ତ ଭେଜାଲ, ଅପମିଶ୍ରିତ ଦ୍ରବ୍ୟମାନ ବ୍ୟବହାର କରୁଛନ୍ତି। ଫଳରେ ବିଭିନ୍ନ ମାରାତ୍ମକ ରୋଗ ବ୍ୟାଧିର ଶିକାର ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଅଧିକାଂଶ ଲୋକଙ୍କର ମୃତ୍ୟୁ କେବଳ ଅପମିଶ୍ରିତ ଖାଦ୍ୟ ଦ୍ରବ୍ୟ ବ୍ୟବହାରରୁ ହିଁ ଘଟୁଛି। ମୃତ୍ୟୁର ସୌଦାଗର ଏହି ବ୍ୟବସାୟୀମାନେ ନିରୀହ, ସରଳ ଖାଉଟିଙ୍କୁ ଅସମୟରେ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି। ମଣିଷ ରକ୍ତରେ ହୋଲି ଖେଳି, ରାତାରାତି ବଡଲୋକ ବା କୋଟିପତି ହେବାର ସ୍ୱପ୍ନ ଏମାନଙ୍କୁ ପାଗଳ ସଜାଇଛି। ବର୍ଷ ବର୍ଷ ଧରି ଏମାନେ ଏହି କୁତ୍ସିତ କାର୍ଯ୍ୟରେ ଲିପ୍ତ ରହି ପୋଲିସ ଓ ପ୍ରଶାସନର ଦୃଷ୍ଟି ଆଢୁଆଳରେ ନିଜ ଅପରାଧର ସାମ୍ରାଜ୍ୟ ବଢାଇ ଚାଲିଛନ୍ତି। ଅପରାଧୀମାନେ ବାରମ୍ବାର ଏହି କୁତ୍ସିତ କାର୍ଯ୍ୟ କରି ପରୋକ୍ଷଭାବରେ ମଣିଷଙ୍କୁ ହତ୍ୟା କରୁଛନ୍ତି। ଏମାନଙ୍କ ପାଇଁ ଆଇନରେ ପରିବର୍ତ୍ତନ ଅଣାଯାଇ କଠୋର ଦଣ୍ଡର ବ୍ୟବସ୍ଥା ହେବା ଜରୁରୀ ହୋଇପଡିଛି।

– ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା

## ଚିରନ୍ତନୀ

ତେଜଇ ନବୀନ ଯେବେ ଆଜି ସେହି
ପରମ୍ପରା ପଥ
ଦିଅ ତାକୁ ଆଶୀର୍ବାଦ ହେଉ ଧନ୍ୟ
ହେଉ ସତ୍ୟବ୍ରତ।
(ପ୍ରାଚୀନ ଓ ନବୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନିଆଁରେ ପୋଡ଼ିହୋଇ ଦମ୍ପତି ଗୁରୁତର

ଠାକୁରମୁଣ୍ଡା, (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ କେଶଡିହା ପଞ୍ଚାୟତ ମିଟୁଆଣି ଗ୍ରାମରେ ନିଆଁରେ ପୋଡ଼ିହୋଇ ଏକ ଦମ୍ପତି ଗୁରୁତର ହୋଇଛନ୍ତି। ପରିବାର ଲୋକେ ସେମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଦମ୍ପତି ହେଲେ ଗ୍ରାମର ଜଗମୋହନ ନାଏକ ଓ ସ୍ତ୍ରୀ ପାର୍ବତୀ। ସୂଚନା ଅନୁଯାୟୀ, ପାର୍ବତୀ ଶୁକ୍ରବାର ବିଳମ୍ବିତ ରାତିରେ ଘରେ ଏକ ଡିବିରି ଲଗାଇଥିଲେ। ଅସାବଧାନତା ବଶତଃ ସେ ପିନ୍ଧିଥିବା ଶାଢ଼ିରେ ଡିବିରିରୁ ନିଆଁ ଲାଗିଯାଇଥିଲା। ତାଙ୍କ ପାଟି ଶୁଣି ଘରେ ଶୋଇଥିବା ଜଗମୋହନ ଆସି ନିଆଁ ଲିଭାଇଥିଲେ। ଏହି ସମୟରେ ନିଆଁ ଲାଗି ତାଙ୍କ ଦୁଇ ହାତ ପୋଡ଼ି ଯାଇଛି।

### ସଂକ୍ଷେପରେ

## ପୋଲିସକୁ ମାଡ଼ ମାରି ଜେଲ ଗଲେ ୨ ଭାଇ

**ଆରଡ଼ି, ୧୦।୪ (ଡି.ଏନ.ଏ.):** ଭଦ୍ରକ ଜିଲା ଆରଡ଼ି ଫାଣ୍ଡି ପୋଲିସ ଶନିବାର ଅପରାହ୍ନରେ ମାସ୍କ ଓ ହେଲ୍‌ମେଟ ଚେକିଂ କରୁଥିବା ବେଳେ ମାଡ଼ ମାରିବା ଅଭିଯୋଗରେ ୨ ଭାଇଙ୍କୁ ଜେଲ ଯିବାକୁ ପଡ଼ିଛି। ସେମାନେ ହେଲେ ଯାଜପୁର ଜିଲା ଅର୍ଦ୍ଧାଉଳିଆ ଗ୍ରାମର ଶୁଭ ରଞ୍ଜନ ମେକପ ଓ ପ୍ରିୟ ରଞ୍ଜନ ମେକପ। ଏ ନେଇ ଧୂଷୁରୀ ଥାନାରେ ମାମଲା (ନଂ.୭୭/୨୧) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଫାଣ୍ଡି ନିକଟ ରାସ୍ତାରେ ଚେକିଂ ବେଳେ ହେଲ୍‌ମେଟ, ମାସ୍କ ପିନ୍ଧି ନ ଥିବାରୁ ଶୁଭରଞ୍ଜନ ଓ ପ୍ରିୟରଞ୍ଜନଙ୍କୁ ଅଟକା ଯାଇଥିଲା। ଚାଲାଣ କାଟିବାକୁ ଯାଉଥିବା ବେଳେ ସେମାନେ ପ୍ରଥମେ ବଚସା କରିବା ସହ ଚାଲାଣ ରସିଦ୍ ବହି ଚିରି ଦେଇଥିଲେ। ପରେ ଫାଣ୍ଡି ହାବିଲଦାରଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀଙ୍କୁ ମାଡ଼ ମାରି ଆହତ କରିଛନ୍ତି। ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଏଡିଏମ୍‌ଙ୍କ ଗାଡ଼ି ଉପରେ ଭିଜିଲାନ୍ସ ଚଢ଼ାଉ

**ବାଲେଶ୍ୱର ଅଫିସ, ୧୦।୪:** ବାଲେଶ୍ୱର ଜିଲାର ଅତିରିକ୍ତ ଜିଲାପାଳ (ଏଡିଏମ୍) ସମ୍ବିତ କୁମାର ନାୟକ ଶନିବାର ନିଜର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭୁବନେଶ୍ୱର ଯାଉଥିବା ବେଳେ ଖନ୍ତାପଡ଼ା ଥାନା ଅଧୀନ ଶେରଗଡ଼ ଟୋଲଗେଟ ପାଖରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଦୀର୍ଘ ସମୟ ତାଙ୍କୁ ଏବଂ ତାଙ୍କ ଗାଡ଼ିକୁ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରିଥିଲେ ମଧ ତାଙ୍କଠାରୁ କୌଣସି ଅର୍ଥ କିମ୍ବା ବେଆଇନ୍ ଜିନିଷ ମିଳି ନ ଥିଲା। ଏଡିଏମ୍ ନାୟକ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଯାଉଥିବା ସମସ୍ତ କାଗଜପତ୍ର ଭିଜିଲାନ୍ସ ଅଧିକାରୀଙ୍କୁ ଦେଖାଇବା ସହ ତାଙ୍କ ପାଖରେ ପାଖାପାଖି ୧୪ହଜାର ଟଙ୍କା ଥିବା ଜଣାପଡ଼ିଥିଲା। ଏହାପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ନିକଟରୁ କୌଣସି ଅବୈଧ ଅର୍ଥ ମିଳି ନ ଥିବା ଲେଖି ସାର୍ଟିଫିକେଟ୍ ଦେଇଥିଲେ। ପରେ ଭିଜିଲାନ୍ସ ଶିଶୁପାଳ ହୋଇ ଫେରିଥିଲା। ଅପରପକ୍ଷରେ ଜିଲାର ଜଣେ ବରିଷ୍ଠ ଅଧିକାରୀଙ୍କ ସ୍ୱାସ୍ଥ୍ୟଗତ ଚିକିତ୍ସା ପାଇଁ ଯାଉଥିବା ପ୍ରମାଣ ପାଇବା ପରେ ଭିଜିଲାନ୍ସ ୨ଘଣ୍ଟା ଧରି ତଦାରଖ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।

### ବାରୁଣୀ ସ୍ନାନରୁ ଫେରୁଥିବା ବେଳେ ଦୁର୍ଘଟଣା

## ଶିଶୁ କନ୍ୟା ମୃତ, ମା' ଗୁରୁତର

**ବାହାନଗା, ୧୦।୪(ଡି.ଏନ.ଏ.):** ରେମୁଣା ବ୍ଲକ ଖନ୍ତାପଡା ଥାନା ଅଧୀନ ତୁଣ୍ଡୁରା ପଞ୍ଚାୟତ କଣ୍ଟର୍ଦା ଗ୍ରାମ ନିକଟସ୍ଥ ଆଇଟିଆର ରାସ୍ତାରେ ଏକ ମାଲ ବୋଝେଇ ଟ୍ରକ ସହିତ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଟ୍ରକ୍ ଚକ ତଳେ ପଡି ଶିଶୁକନ୍ୟାର ପ୍ରାଣଯାଇଛି। ଗୁରୁତର ଅବସ୍ଥାରେ ମା'ଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶନିବାର ତୁଣ୍ଡୁରା ପଞ୍ଚାୟତର ଖଡୁପାହି ଗ୍ରାମରେ ହେଉଥିବା ବାରୁଣି ସ୍ନାନ ଯାତ୍ରା ଦେଖି ରସାଲପୁର ପଞ୍ଚାୟତ କୁଆଁରପୁର ଗ୍ରାମର ହେମନ୍ତ ସ୍ୱାଇଁ, ତାଙ୍କ ଭାଉଜ ବାସନ୍ତୀ ସ୍ୱାଇଁ ଓ ୪ବର୍ଷର ଝିଆରୀ ଦିବ୍ୟଜ୍ୟୋତି ମୋଟରସାଇକେଲ ଯୋଗେ ଫେରୁଥିବା ବେଳେ ଆଇଟିଆର ରାସ୍ତାରେ ଦୁର୍ଘଟଣା ଘଟିଥିଲା। ଦିବ୍ୟଜ୍ୟୋତିଙ୍କ ଉପରେ ଟ୍ରକ ମାଡିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମା' ବାସନ୍ତୀଙ୍କ ଗୋଡ ଉପରେ ଟ୍ରକ୍ ଚକା ଚଢ଼ିଯିବାରୁ ସେ ଗୁରୁତର ହୋଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

# ପ୍ରବାସୀ ପଞ୍ଜୀକରଣ ନ କଲେ କାର୍ଯ୍ୟାନୁଷ୍ଠାନ

- ଆଜିଠୁ ଗଞ୍ଜାମ ସୀମାନ୍ତରେ ଯାଞ୍ଚ କଡ଼ାକଡ଼ି
- ଗ୍ରାହକ ମାସ୍କ ପିନ୍ଧି ନ ଥିଲେ ଦୋକାନୀଙ୍କୁ ଜରିମାନା

ଛତ୍ରପୁର,୧୦।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲାକୁ ପ୍ରବାସୀଙ୍କ ପ୍ରତ୍ୟାବର୍ତ୍ତନ କାରଣରୁ କରୋନା ସଂକ୍ରମିତଙ୍କ ସଂଖ୍ୟା ଗୋଟିଏ ସପ୍ତାହରେ ତିନିଗୁଣା ବୃଦ୍ଧିପାଇଛି। ସତର୍କ ନ ହେଲେ ସ୍ଥିତି ସାଂଘାତିକ ଆଡକୁ ଗତି କରିବ । ଏଥିସକାଶେ ଶନିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଭିଡିଓ କନଫରେନ୍ସରେ ସମସ୍ତ ଅଧିକାରୀଙ୍କୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଜଣାଇଛନ୍ତି। ରବିବାରଠାରୁ ଜିଲାର ସୀମାନ୍ତ ଅଞ୍ଚଳରେ ଚେକିଂ ପଏଣ୍ଟଗୁଡିକରେ କଡାକଡି ଯାଞ୍ଚ କରାଯିବ। ମୁଖ୍ୟତଃ ଗିରିସୋଲା, ଖଲ୍ଲିକୋଟ ନିକଟ ଗୁରାପଲି, ଭଞ୍ଜନଗରରେ ଯାଞ୍ଚ ହେବ। ଛତିଶଗଡରୁ ଆସୁଥିବା ବସ୍‌ଗୁଡିକରେ ମାସ୍କ ଚେକିଂ ଓ ସାନିଟାଇଜର୍ ବ୍ୟବହାର ହେଉଛି କି ନାହିଁ ଦେଖିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ କୁହାଯାଇଛି। ବ୍ଲକ ଓ ସହରାଞ୍ଚଳସ୍ତରରେ ଖୋଲାଯିବାକୁ ଥିବା ଆଇସୋଲେଶନ ସେଣ୍ଟରଗୁଡିକରେ ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ୍ ସୁବିଧା ଆଦିର ତଦାରଖ କରି ପ୍ରସ୍ତୁତ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବାସୀମାନଙ୍କର ପଞ୍ଜୀକରଣ ନିହାତି ଆବଶ୍ୟକ । ଯେଉଁମାନେ ପଞ୍ଜୀକରଣ କରୁନାହାନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଚିହ୍ନଟ ହେଉଥିବା ସଂକ୍ରମିତ ବ୍ୟକ୍ତିଙ୍କୁ ନିଜ ଘରେ ୭ ଦିନ ଆଇସୋଲେଶନରେ ରଖି ତାଙ୍କ ଘର ସମ୍ମୁଖରେ ପୋଷ୍ଟର ଲଗାଯିବ। ଦୋକାନ, ମଲ୍‌ରେ ଗ୍ରାହକ ମାସ୍କ ପରିଧାନ ନ କରି ସାମଗ୍ରୀ କିଣୁଥିବା ନଜର ଆସିଲେ ଏଣିକି ଦୋକାନୀ ଓ ମଲ୍‌ରୁ ଜରିମାନା ଆଦାୟ କରାଯିବ। ଯେଉଁ ଅଞ୍ଚଳରେ ସଂକ୍ରମିତ ଚିହ୍ନଟ ହେବେ ସେହି ଅଞ୍ଚଳକୁ କଣ୍ଟେନମେଣ୍ଟ ଘୋଷଣା କରି ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇବା ବ୍ୟବସ୍ଥା କରାଯିବ। ଅସ୍ଥାୟୀ ପରିଚାଳନା ସେଣ୍ଟରଗୁଡିକରେ ଚିକିତ୍ସକ ରହିବେ। ଅକ୍ସିଜେନରହିତ ଆମ୍ବୁଲାନ୍ସ ପ୍ରସ୍ତୁତ କରି ରଖାଯିବ । ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଏଭଳି ୩୦ ଆମ୍ବୁଲାନ୍ସ ରଖାଯିବ। ଆମ୍ବୁଲାନ୍ସ ଡ୍ରାଇଭରମାନଙ୍କୁ କରୋନା ଟିକା ଦିଆଯିବ। ତହସିଲଦାରମାନେ ଚଢ଼ାଉ ବ୍ୟାପକ କରି ଦୋକାନୀ ଓ ମାସ୍କ ପରିଧାନ କରି ନ ଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରିବେ । ସମସ୍ତ ବସ ଡ୍ରାଇଭରଙ୍କୁ ଟିକା ଦିଆଯିବ । କୌଣସି ଅଧିକାରୀ ଓ ଶିକ୍ଷକ ନିଜ ହେଡକ୍ୱାର୍ଟର ଛାଡିବେ ନାହିଁ ବୋଲି ଜିଲାପାଳ କହିଛନ୍ତି।




ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

## ଅବକାରୀ ଚଢ଼ାଉ: ୫ ଗିରଫ

ଦେବଗଡ଼,୧୦।୪(ଡି.ଏନ୍.ଏ.)

ଦେବଗଡ଼ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ପୌରାଞ୍ଚଳ ସମେତ କୁଣ୍ଢେଇଗୋଳା ଥାନାର ବିଭିନ୍ନ ସ୍ଥାନରେ ଅଚାନକ ଚଢାଉ କରାଯାଇ ବିପୁଳ ପରିମାନର ଦେଶୀ ରନ୍ଧାମଦ , କୁସୁନା ମଦ ଓ ମହୁଲ ପୋଚ ଜବତ କରାଯାଇଛି। ଏଥିସହ ବେଆଇନ ମଦ କାରବାର ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ଜିଲା ଅବକାରୀ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶ ଓ ଅବକାରୀ ଅଧୀକ୍ଷକ ଅଜିତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଚଢାଉ ହୋଇଥିଲା। ଦେବଗଡ଼ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ, ଏପିଆର ଫୋର୍ସ ଓ ବିଭାଗୀୟ ଅଧିକାରୀଙ୍କ ସହ ସଦଳବଳେ ଦେବଗଡ ପୌରାଞ୍ଚଳର ପୁରୁଣାଗଡ, ତେନ୍ତୁଳିସାହି, ହାତୀଶାଳ ସାହ ଓ କୁଣ୍ଢେଇଗୋଳା ଥାନା ଅଞ୍ଚଳରେ ଅଚାନକ ଚଢାଉ କରିଥିଲେ। ସୁଜାତା ହସ୍ତୀ, ତିରନ ମହାନନ୍ଦ, ସୁଷମା ମୁଣ୍ଡା, ଅନିତା ଥାପ୍ପା ଓ ସାହେବ ବେହେରାଙ୍କୁ ଗିରଫ କରାଯାଇଥିଲା। ଏହି ଚଢାଉରେ ଅବକାରୀ ଉପ ନିରୀକ୍ଷକ ସିଦ୍ଧେଶ୍ୱର ନାୟକ, ସହକାରୀ ଉପନିରୀକ୍ଷକ ପଦ୍ମାଳୟା ମୁଣ୍ଡା, ବାଦଲ ବ୍ରହ୍ମା ଓ ଲୋକନାଥ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଜବରଦଖଲରେ ମଶାଣି ଜମି

**୩ ଏକର ଜାଗା ଏବେ ୩୦ ଡ଼ିସିମିଲ**

କୁନାଗଡ଼, ୧୦।୪( ଡି.ଏନ.ଏ.)

କଳାହାଣ୍ଡି ଜିଲା କୁନାଗଡ଼ ବ୍ଲକ ଅନ୍ତର୍ଗତ ହାତୀନଦୀ କୂଳରେ ଥିବା କୁରୁଗୁଡା-ଭଇଁରିଗୁଡା ମଶାଣି ଜାଗା ଏବେ କେତେଜଣ ଜମି ମାଲିକଙ୍କ କବଜାରେ ରହିଛି। ଫଳରେ ଖାତାପତ୍ରରେ ୩ ଏକର ୭ ଡ଼ିସିମିଲ ମଶାଣି ଭୂଇଁ ଏବେ ସଙ୍କୁଚିତ ହୋଇ ୩୦ଡ଼ିସିମିଲରେ ପହଞ୍ଚିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ହାତୀନଦୀ କୂଳରେ ଥିବା ଏହି ମଶାଣିରେ କେଉଁ ଆବାହମାନ କାଳରୁ କୁରୁଗୁଡା ଓ ଭଇଁରିଗୁଡା ଗ୍ରାମର ଲୋକେ ଶବ ସତ୍କାର କରି ଆସୁଛନ୍ତି। ଏହି ମଶାଣି ପୂର୍ବରୁ ୩ ଏକର ୭ ଡିସମିଲ ଥିଲା। ଏହାମଧ୍ୟରେ ଏହାର କିଛି ଜାଗା ବନ୍ୟା ସମୟରେ ନଦୀରେ ବିଲୀନ ହୋଇଯାଇଛି। ତେବେ ପାର୍ଶ୍ୱରେ ଥିବା କେତେଜଣ ଜମି ମାଲିକ ମଶାଣି ଜାଗାକୁ ଚାଷଜମିରେ ପରିଣତ କରି ଚାଷ କରୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଲୋକେ କମ୍ ଜାଗାରେ ଶବ ସତ୍କାର କରୁଛନ୍ତି। ଦିନକୁ ଦିନ ମଶାଣି ଜବରଦଖଲ ହେବାରେ ଲାଗିଥିବା ବେଳେ କୌଣସି ନିର୍ବାଚିତ ପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନ ନେବା ଅସନ୍ତୋଷର କାରଣ ହୋଇଛି । ଅନ୍ୟପକ୍ଷରେ ହାତୀନଦୀକୁ ଯିବା ପାଇଁ ପ୍ରାୟ ଦେଢ଼ କିଲୋମିଟର ରାସ୍ତା ଅଛି। କେତେକ ବ୍ୟକ୍ତି ଏହି ରାସ୍ତାକୁ ମଧ ଦୁଇ ପଟରୁ ମାଡି ବସିଥିବା ଯୋଗୁ ମଶାଣିକୁ ଯିବାକୁ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବର୍ଷା ଦିନରେ କେହି ମୃତ୍ୟୁବରଣ କଲେ ପରିବାର ଲୋକଙ୍କ ଦୁଃଖ ଦ୍ୱିଗୁଣିତ ହୋଇଥାଏ। କାରଣ ଗୋଟିଏ ପଟେ ରାସ୍ତାରେ ଆଣ୍ଠୁଏ କାଦୁଅ ଓ ଅନ୍ୟ ପଟେ ସଙ୍କୁଚିତ ରାସ୍ତାରେ ଯିବା ପାଇଁ ନକେଦମ ହେବାକୁ ପଡିଥାଏ। ମଶାଣିକୁ ଯାଇଥିବା ରାସ୍ତା ଓ ମଶାଣି ଜାଗା ଜବରଦଖଲ ନେଇ ଅଞ୍ଚଳବାସୀ ବହୁବାର ଅଭିଯୋଗ କରିଥିଲେ ସୁଦ୍ଧା ଏହାର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ନିର୍ବାଚିତ ପ୍ରତିନିଧି ହେଉ କିମା ରାଜନେତା କେବଳ ଭୋଟ ହାତେଇବା ପାଇଁ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥାନ୍ତି। ନିର୍ବାଚନ ସରିଗଲେ ପ୍ରତିଶ୍ରୁତି ଭୁଲି ଯାଇଥାନ୍ତି। ଅନ୍ୟପକ୍ଷରେ ମଶାଣିରେ ନଳକୂପଟିଏ ମଧ କରାଯାଇନାହିଁ। ଫଳରେ ଲୋକେ ବାଧ୍ୟ ହୋଇ ବିଭିନ୍ନ କାରଣରୁ ପ୍ରଦୂଷିତ ହୋଇ ପଡିଥିବା ହାତୀନଦୀର ପାଣି ପିଇ ଶୋଷ ମେଣ୍ଟାଇଥାନ୍ତି। ସେହିଭଳି ଶବ ପୋଡିବା ପାଇଁ ମଧ କୌଣସି ସୁବିଧା ନାହିଁ। ତୁରନ୍ତ ଏହିସବୁ ସମସ୍ୟାର ସମାଧାନ କରିବା ସହ ଅପେକ୍ଷା ଗୃହ ନିର୍ମାଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଯଦି ଏହାର ସ୍ଥାୟୀ ସମାଧାନ ନ କରାଯାଏ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ଉଚିତ୍ ଜବାବ ଦିଆଯିବ ବୋଲି ଭଇଁରୀଗୁଡା ଓ କୁରୁଗୁଡା ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଭଇଁରୀଗୁଡା ସରପଞ୍ଚ ପଞ୍ଚାନନ ପାତ୍ରଙ୍କୁ ପଚାରିବାରେ ଶୀଘ୍ର ଏହି ଜମି ଓ ରାସ୍ତାର ଡିମାରକେସନ କରାଯିବା ସହିତ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# କିରାଣିଙ୍କ ସନ୍ଦେହଜନକ ମୃତ୍ୟୁ

**ଜିଲାପାଳଙ୍କ କାର୍ଯ୍ୟାଳୟରେ ମୃତଦେହ ରଖି ଧାରଣା**

କେନ୍ଦୁଝର, ୧୦।୪(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝରସ୍ଥିତ ଡିଆରଡିଏ ଅଫିସରେ କାର୍ଯ୍ୟ କରୁଥିବା ଜଣେ କନିଷ୍ଠ କିରାଣିଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ମୃତକଙ୍କ ନାଁ ରଘୁନାଥ ନାୟକ। ତାଙ୍କ ଘର ସଦର ବ୍ଲକ ଘୁଟୁରୁ ଗ୍ରାମରେ। ସେ ଡିଆରଡିଏ ଅଫିସରେ ଚାକିରି କରୁଥିଲେ। ସେ ଗୁରୁବାର ଅଫିସ ଯାଇ ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ହଠାତ ମେଡିକାଲରୁ ଫୋନ ପାଇ ପରିବାର ଲୋକ ମେଡିକାଲ ଆସିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ କଟକ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ମୃତଦେହକୁ ଆମ୍ବୁଲାନ୍ସରେ ଆଣି ପରିବାର ଲୋକ ଓ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରଖି ନ୍ୟାୟ ଦାବିରେ ଧାରଣାରେ ବସିଛନ୍ତି। ତେବେ ତାଙ୍କର କଣ ହୋଇଥିଲା ଏବଂ ତାଙ୍କୁ କିଏ ମେଡିକାଲରେ ଭର୍ତ୍ତି କରିଥିଲା, ତାହାକୁ ନେଇ ପରିବାର ଲୋକ ସନ୍ଦେହ ପ୍ରକଟ କରିଛନ୍ତି। ତାଙ୍କର ବାଇକ ଓ ମୋବାଇଲ ମିଳୁ ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକ ସନ୍ଦେହ କରି ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରୁଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ଲୋକେ ଓ ଗ୍ରାମବାସୀ ଧାରଣାରେ ବସିଛନ୍ତି।

## ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ମିଳୁନି

**କାମଟିକ୍ରା, ୧୦।୪ (ଡି.ଏନ.ଏ)**

ଅତାବିରା ବ୍ଲକ ଖରମୁଣ୍ଡା ପଞ୍ଚାୟତ ଓ ଟାଙ୍ଗରପାଲି ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀଙ୍କୁ ସହାୟତା ରାଶି ମିଳୁ ନ ଥିବା ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ୨୩ ତାରିଖରେ ମାନେଶ୍ୱର ଜଙ୍ଗଲରେ ଖରମୁଣ୍ଡା ପଞ୍ଚାୟତ ରାଣିପାଲି ଖଜୁରମୁଡାର ତେଲେଙ୍ଗା କୁଜୁର (୬୦) ଓ ଟାଙ୍ଗରପାଲି ପଞ୍ଚାୟତ ଜୁନାନୀ ଗ୍ରାମର ହୀରାଲାଲ ମିର୍ଦ୍ଧା (୫୯)ଙ୍କୁ ହାତୀ ଦଳି ଦେବାରୁ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା । ମୃତ୍ୟୁ ଘଟିବାର ୧୮ ଦିନ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ଉକ୍ତ ଦୁଇ ପରିବାର ଲୋକଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ମିଳି ନ ଥିବା ସ୍ୱର୍ଗତ ହୀରାଲାଲଙ୍କ ସ୍ତ୍ରୀ ସୁବାଶିନୀ ମିର୍ଦ୍ଧା ଓ ସ୍ୱର୍ଗତ ତେଲେଙ୍ଗା କୁଜୁରଙ୍କ ସ୍ତ୍ରୀ ସାଲସି କୁଜୁର କହିଛନ୍ତି । ଏ ସମ୍ପର୍କରେ ଖରମୁଣ୍ଡା ସରପଞ୍ଚ ତପସ୍ୱିନୀ ବରଗିଙ୍କୁ ପଚାରିବାରୁ ଖୁବଶୀଘ୍ର ଉକ୍ତ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି କହିଥିଲେ।

## ଅକ୍ଷରଶୀଳା ଗ୍ରାମରେ ହାତୀ ଉପଦ୍ରବ



ଅକ୍ଷରଶୀଳା ଗ୍ରାମରେ ହାତୀ ଭାଙ୍ଗିଥିବା ଘର।

ଦେବଗଡ଼,୧୦।୪(ଡି.ଏନ.ଏ.)

ଦେବଗଡ଼ ବନଖଣ୍ଡ ବାରକୋଟ ବନାଞ୍ଚଳ ଅକ୍ଷରଶୀଳା ଗ୍ରାମରେ ଶୁକ୍ରବାର ରାତିରେ ଏକ ଦନ୍ତାହାତୀ ପଶି ବ୍ୟାପକ କ୍ଷତି ଘଟାଇଛି। ୨ଟି ଘରକୁ ଆଂଶିକ ଭାବେ ଭାଙ୍ଗିଦେବା ସହ ଧାନ ଓ ଚାଉଳ ଆଦି ଖାଇଦେଇଥିବା ଜଣାପଡିଛି। ରାତି ପ୍ରାୟ ୧୧ଟାରେ ଜଙ୍ଗଲୀ ହାତୀ ଅକ୍ଷରଶୀଳା ଗ୍ରାମକୁ ପଶିଆସି ଉକ୍ତ ଗ୍ରାମର ବିବେକାନନ୍ଦ ସାହୁ ଓ ରମେଶ ସାହୁଙ୍କ ଘରର କାନ୍ଥ ଭାଙ୍ଗିଦେବା ସହ ଘର ମଧ୍ୟରେ ଥିବା ବିଭିନ୍ନ ଖାଦ୍ୟଶସ୍ୟ ଖାଇ ଦେଇଥିଲା। ଏଥିସହ ଗ୍ରାମର ଅନେକ ଲୋକଙ୍କର ଘରର ବାଡ ମଧ ଭାଙ୍ଗି ଦେଇଥିଲା। ଉକ୍ତ ଦନ୍ତାହାତୀଟି ଅଧିକ କ୍ଷୟକ୍ଷତି ଘଟାଇବାର ଆଶଙ୍କା କରି ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀକୁ ଜଙ୍ଗଲ ମଧ୍ୟକୁ ଘଉଡାଇ ଦେଇଥିଲେ। କ୍ଷତିଗ୍ରସ୍ତ ଲୋକଙ୍କୁ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ବନବିଭାଗ ନିକଟରେ ଦାବି କରିଥିବା ଜଣାପଡିଛି।

## ବିଦ୍ୟୁତ୍ ଆଘାତରେ ୨ ମୃତ

ଦାରିଙ୍ଗବାଡ଼ି (ଡି.ଏନ୍.ଏ.)/ ନୂଆଗଡ଼,୧୦।୪

କନ୍ଧମାଳ ଓ ଗଜପତି ଜିଲାରେ ଶନିବାର ବିଦ୍ୟୁତ୍ ଆଘାତରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ବୌଦ୍ଧ ଜିଲା ହରଭଙ୍ଗି ଅଞ୍ଚଳର ତ୍ରିନାଥ ଛତ୍ର ଓ ଗଜପତି ଜିଲା ଗୁମା ବ୍ଲକ ଅଡେଇସିଂ ଗ୍ରାମର ଏବଲ ଗମାଙ୍ଗ। ଦାରିଙ୍ଗବାଡ଼ି ଥାନା କିଟିକୁଟିର ଅଲାରୀ ଗ୍ରାମ ନିକଟରେ ଥିବା ଏକ ଠିକା କମ୍ପାନୀରେ ଶ୍ରମିକ ତ୍ରିନାଥ ଓଦା ଲୁଗା ଶୁଖାଉଥିବା ବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। କମ୍ପାନୀର କର୍ମଚାରୀମାନେ ତାଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ନଂ. ୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ଗଜପତି ଜିଲା ଖଜୁରିପଦା ଡିପଲ ସ୍କୁଲ ପରିସରରେ ନୂତନ ଟ୍ରାନ୍ସଫର୍ମର ସଂଯୋଗ ବେଳେ ଅଡେଇସିଂର ଏବଲ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପଡ଼ିଯାଇଥିଲେ। ତାଙ୍କୁ ଖଜୁରିପଦା ସ୍ୱାସ୍ଥ୍ୟକେନ୍ଦ୍ର ପରେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ଟଙ୍କା ଲୁଟ୍, ବିଷ ପିଆଇ ହତ୍ୟା ଉଦ୍ୟମ

ଦେବଗଡ଼,୧୦।୪(ଡି.ଏନ୍.ଏ.)

ଟଙ୍କା ଡିପୋଜିଟ୍ ପାଇଁ ବାଇକ୍ ଯୋଗେ ପୁରୁଣାଗଡ଼ ଡାକଘରକୁ ଆସୁଥିବାବେଳେ ରିଆମାଳ ଥାନା ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଲୁଟେରାଙ୍କ ଦ୍ୱାରା ଲୁଟ୍ ଓ ହତ୍ୟା ଉଦ୍ୟମର ଶିକାର ହେବାକୁ ପଡିଛି। ଶନିବାର ସକାଳେ ଦେବଗଡ ଜିଲା ରିଆମାଳ ଥାନା ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମର ରାମକୃଷ୍ଣ ବଗର୍ତ୍ତୀ ଟଙ୍କା ଜମା କରିବା ପାଇଁ ଡାକ ବିଭାଗର ଓଭରସିଅର ଚିତ୍ତରଞ୍ଜନ ପ୍ରଧାନଙ୍କ ସହ ଫୋନରେ କଥାବାର୍ତ୍ତା କରିଥିଲେ । ଏହାପରେ ସକାଳ ପ୍ରାୟ ସାଢେ ୯ଟାରେ ୮୬ ହଜାର ଟଙ୍କା ଧରି ଏକ ବାଇକ୍ ଯୋଗେ ଦେବଗଡ ପୌରାଞ୍ଚଳର ପୁରୁଣାଗଡ ପୋଷ୍ଟ ଅଫିସ ଅଭିମୁଖେ ବାହାରିଥିଲେ। ତେବେ ସେ ହଦମୁଣ୍ଡା ବନ୍ଧଖୋଳ ଗ୍ରାମ ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜପଥରେ ପହଞ୍ଚିବା ବେଳକୁ ତାଙ୍କୁ ଜଣେ ଅଚିହ୍ନା ବ୍ୟକ୍ତି ଲିଫ୍ଟ ମାଗିଥିଲେ। ଏହା ଦେଖି ରାମକୃଷ୍ଣ ବାଇକ୍ ଗତି କମାଇବାରୁ କଳା ମୁଖାଧାରୀ ୪ ଜଣ ଦୁର୍ବୃତ୍ତ ଜଙ୍ଗଲକୁ ଟେକିନେବା ସହ ତାଙ୍କର ପ୍ୟାଣ୍ଟ ଓ ସାର୍ଟରେ ପକେଟ କାଟି ସମସ୍ତ ୮୬ ହଜାର ଟଙ୍କା ଲୁଟି ନେଇଥିଲେ। ଦୁର୍ବୃତ୍ତମାନେ ପକେଟ କାଟିବା ସମୟରେ ରାମକୃଷ୍ଣଙ୍କର ଜଙ୍ଘରେ ମଧ କ୍ଷତ ସୃଷ୍ଟି ହୋଇଥିଲା। ଏହା ପରେ ଦୁର୍ବୃତ୍ତ ମାନେ କୁଆଡେ ରାମକୃଷ୍ଣଙ୍କୁ ବିଷ ପିଆଇ ଦେବା ସହ ପୁରୁଣାଗଡ଼ସ୍ଥିତ ରିଆମାଳ ଛକ ଓଭର ବ୍ରିଜ ନିକଟରେ ପକାଇଦେଇଥିଲେ। ରିଆମାଳ ଛକରେ କାର୍ଯ୍ୟରତ ଟ୍ରାଫିକ ପୋଲିସମାନେ ଏହା ଦେଖି ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଉଦ୍ଧାର କରିବା ସହ ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ କରିଥିଲେ। ସେ ଏବେ ମଧ ସେଠାରେ ଚିକିତ୍ସିତ ହେଉଛନ୍ତି। ରାମକୃଷ୍ଣଙ୍କର ଚେତା ଫେରିବା ପରେ ସେ ଏସବୁ କଥା ବର୍ଣ୍ଣନା କରିବାରୁ ଏ ସମ୍ପର୍କରେ ତାଙ୍କ ପିତା ଜଟିଆ ବଗର୍ତ୍ତୀ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ପାଇବା ପରେ ଘଟଣାର ସତ୍ୟତା ନେଇ ଦେବଗଡ଼ ଥାନା ପୋଲିସ ଅନୁଧାନ କରୁଛି।

## ଦେବଗଡ଼ ଜିଲାରେ ଟିକାକରଣ ବନ୍ଦ

ଦେବଗଡ଼,୧୦।୪(ଡି.ଏନ୍.ଏ.)

ଦେବଗଡ଼ ଜିଲାର ଅନେକ ଟିକା କେନ୍ଦ୍ରରେ ଟିକା ନ ଥିବାରୁ ବନ୍ଦ ହୋଇଯାଇଛି। ଜନସାଧାରଣ ଟିକା ନେବାରୁ ବଞ୍ଚିତ ହେଉଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଦେବଗଡ ଜିଲାର ମୋଟ ୧୭ଟି କେନ୍ଦ୍ରରେ କୋଭିଡ ଟିକା ଦେବା ପାଇଁ ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ସେଥିମଧ୍ୟରୁ ୧୨ଟି ଟିକା କେନ୍ଦ୍ରରେ ନିୟମିତ ଭାବେ ଟିକା ପ୍ରଦାନ କରାଯାଉଥିବାବେଳେ ଆବଶ୍ୟକ ସ୍ଥଳରେ ଅନ୍ୟ ୫ଟି କେନ୍ଦ୍ରରେ ଟିକା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଆବଶ୍ୟକ ପରିମାଣର ଟିକାର ଅଭାବ ଯୋଗୁ ଉପରୋକ୍ତ ୧୨ଟି କେନ୍ଦ୍ରରୁ ୩ଟି କେନ୍ଦ୍ରରେ ଟିକା କରଣକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯାଇଥିଲା। ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା କେନ୍ଦ୍ରରେ ମାତ୍ର ୬୦ଜଣଙ୍କୁ ଟିକା ପ୍ରଦାନ କରାଯିବା ପରେ ବନ୍ଦ ରଖାଯାଇଛି। ଟିକା ଉପଲବ୍ଧ ନ ଥିବାରୁ ଟିକାକରଣ ବନ୍ଦ ରହିଥିବା କେନ୍ଦ୍ର ସମ୍ମୁଖରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୋଷ୍ଟର ଲଗାଯାଇଛି। ଅନ୍ୟପକ୍ଷରେ ଟିକା ନେବା ପାଇଁ ବହୁ ଜନସାଧାରଣ ନାମ ପଞ୍ଜିକରଣ କରି ମଧ ଟିକାନେବାରୁ ବଞ୍ଚିତ ହୋଇ ନିରାଶରେ ଫେରିଥିବା ଦେଖିବାକୁ ମିଳିଥିଲା। ସେହିପରି ସରକାର ଦେବଗଡ ଜିଲାକୁ ପର୍ଯ୍ୟାପ୍ତ ପରିମାଣର ଟିକା ଯୋଗାଣ କରିବାକୁ ସେମାନେ ଦାବି କରିଥିଲେ। ଟିକାର ଅଭାବ ଯୋଗୁ ଜିଲାର ଅନ୍ୟ କେନ୍ଦ୍ରଗୁଡିକରେ ଟିକାକରଣ ବନ୍ଦ ରହିବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ୧୧ ତାରିଖଠାରୁ ସମଗ୍ର ଦେଶରେ ଟିକା ଉତ୍ସବ ପାଳନ ପାଇଁ ଘୋଷଣା କରିଥିବା ବେଳେ ଟିକା ଅଭାବରୁ ଦେବଗଡ ଜିଲାରେ ଏହି ଉତ୍ସବ ପାଳନ ନେଇ ସନ୍ଦେହ ସୃଷ୍ଟି ହୋଇଛି।

# ମିଡିଆ କଟକଣା ଜିଡିପି ଖସାଇବ

ନୂଆଦିଲ୍ଲୀ,୧୦।୪

ଏକ ପ୍ରତିଷ୍ଠିତ ଗଣତନ୍ତ୍ର ପାଇଁ ଗଣମାଧ୍ୟମର ସ୍ୱାଧୀନତା ଅପରିହାର୍ଯ୍ୟ। ସେହିପରି ଅର୍ଥନୈତିକ ଅଭିବୃଦ୍ଧି ପାଇଁ ମଧ ମୁକ୍ତ ପ୍ରେସ୍ ଓ ଉନ୍ନତ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ। ଏହା ସାବ୍ୟସ୍ତ କରିବା ଲାଗି ଦୃଢ଼ ପ୍ରମାଣ ରହିଛି ବୋଲି ଏକ ଗବେଷକ ଦଳ ଦାବି କରିଛନ୍ତି।

କଠୋର ଆଇନ ବଳରେ ମାମଲା ରୁଜୁ କରି ଖବରଦାତାଙ୍କୁ ଜେଲରେ ପୂରାଇବା, ସେମାନଙ୍କ ଘରେ ଚଢ଼ାଉ କରିବା, ପ୍ରିଣ୍ଟିଂ ପ୍ରେସ୍‌ଗୁଡ଼ିକୁ ବନ୍ଦ କରିଦେବା ଭଳି ଗଣମାଧ୍ୟମ ଉପରେ ଆକ୍ରମଣ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଅନେକ ପ୍ରଭାବ ପକାଇଥାଏ। ଅର୍ଥନୀତି ଓ ସାମ୍ବାଦିକତା ଆଦି କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ଟିମ୍ ଆମେରିକାସ୍ଥିତ ଫ୍ରିଡମ୍ ହାଉସ୍‌ର ର୍‌ୟାଙ୍କିଙ୍ଗ୍ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ବିଶ୍ଳେଷଣ କରି ଏହା ଜାଣିବାକୁ ପାଇଛି। ଉକ୍ତ ଟିମ୍ ୧୯୭୨ରୁ ୨୦୧୪ ମସିହା ପର୍ଯ୍ୟନ୍ତ ୯୭ ଦେଶର ତଥ୍ୟ ଅନୁଧ୍ୟାନ କରିଥିଲା। ପ୍ରେସ୍ ସ୍ୱାଧୀନତା ହରାଉଥିବା ଦେଶଗୁଡ଼ିକରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ୧%ରୁ ୨% ହ୍ରାସ ପାଇଥିବା ଏଥିରୁ ଜଣାପଡ଼ିଛି ।

ଏସିଆ ମହାଦେଶରେ ଗଣମାଧ୍ୟମର ସ୍ୱାଧୀନତା ସଙ୍କୁଚିତ ହେବାରେ ଲାଗିଛି। ହଂକଂରେ ନୂଆ ସୁରକ୍ଷା ଆଇନ ପ୍ରେସ୍ ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରିଛି। ମ୍ୟାନ୍‌ମାରରେ ପ୍ରକାଶନ ଉପରେ କଟକଣା ଲଗାଇ ଖବରଦାତାମାନଙ୍କୁ ଗିରଫ କରାଯାଉଛି। ମାଲେସିଆରେ ସରକାରଙ୍କୁ ସମାଲୋଚନା କରୁଥିବା ରିପୋର୍ଟରମାନଙ୍କୁ ହଇରାଣ କରି ଜେଲରେ ପୂରାଯାଉଛି। ଫିଲିପାଇନ୍ସରେ ଅନୁସନ୍ଧାନମୂଳକ ଖବରଦାତା ମାରିଆ ରେସାଙ୍କୁ ୨ ବର୍ଷରେ ୧୦ ଥର ଗିରଫ କରାଯାଇଛି। ତାଙ୍କୁ ବିବାଦୀୟ ଆଇନ ବଳରେ ସାଇବରଲାଇବେଲ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତରେ ମୋଦି ସରକାର ଗଣମାଧ୍ୟମର ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବାରେ ଲାଗିଛନ୍ତି। ଏସବୁ ଅନ୍ୟ ଦେଶଗୁଡ଼ିକ ପାଇଁ ପ୍ରସଙ୍ଗ ନୁହେଁ। ଅଷ୍ଟ୍ରେଲିଆ ଏହାର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ତୁଳନାରେ ମୁକ୍ତ ମନେହେଉଥିଲେ ସୁଦ୍ଧା କିଛି ବର୍ଷ ହେବ ଅଷ୍ଟ୍ରେଲିଆନ୍ ଫେଡେରାଲ ପୋଲିସ ଖବରଦାତାମାନଙ୍କ ଘରେ ଚଢ଼ାଉ କରିବା ଏବଂ ନୂଆ ପ୍ରତିବନ୍ଧାତ୍ମକ ଜାତୀୟ ସୁରକ୍ଷା ଆଇନର ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆ ସରକାରଙ୍କ ଏଭଳି ପଦକ୍ଷେପକୁ ସାମ୍ବାଦିକତା ବିରୋଧରେ ଯୁଦ୍ଧ ବୋଲି ଆଖ୍ୟା ଦେଇଛନ୍ତି ଜର୍ନାଲିଷ୍ଟ ୟୁନିୟନ, ମିଡିଆ ଏଣ୍ଟରଟେନ୍‌ମେଣ୍ଟ ଏବଂ ଆର୍ଟ୍ସ ଆଲାଏନ୍ସ।

ଏକ ସ୍ୱାଧୀନ ପ୍ରେସ୍ ନାଗରିକଙ୍କୁ ନେତାମାନଙ୍କ ସଫଳତା ବା ବିଫଳତା ସମ୍ପର୍କରେ ଅବଗତ କରାଇପାରିବ। ଅନୁରୂପ ଭାବେ ଲୋକଙ୍କ ଆବଶ୍ୟକତା ଓ ଇଚ୍ଛାଗୁଡ଼ିକୁ ନେଇ ସରକାରୀ ସଂସ୍ଥାକୁ ବୁଝାଇପାରିବ। ଏହାସହ ସୂଚନା ଓ ବିଚାର ବିନିମୟ ଲାଗି ଏକ ମୁକ୍ତ ପ୍ଲାଟଫର୍ମ ଦେଇପାରିବ। କିନ୍ତୁ ଗଣମାଧ୍ୟମର ସ୍ୱାଧୀନତା ସଙ୍କୁଚିତ ହେଲେ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଚଳ ହୋଇଯାଏ। ଫଳରେ ଯେଉଁ ଦୁର୍ବଳ ନିଷ୍ପତ୍ତି ନିଆଯାଏ ତାହା ନେତା ଓ ନାଗରିକଙ୍କ ପାଇଁ କ୍ଷତି କରିଥାଏ ବୋଲି ଏହି ଟିମ୍ ମତ ଦେଇଛି। ଉକ୍ତ ଗବେଷକ ଦଳରେ ଆର୍‌ଏମ୍‌ଆଇଟି ୟୁନିଭର୍ସିଟିର ଜର୍ନାଲିଜମ୍ ପ୍ରୋଗ୍ରାମ୍ ମ୍ୟାନେଜର ଆଲେଜାଣ୍ଡ୍ରା ୱେକ୍ ଓ ଅଧ୍ୟାପକ ଅଲାନ ଏନ୍‌ଗୁୟେନ୍ ରହିଛନ୍ତି। ସ୍ୱିନବର୍ନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ଅର୍ଥନୀତି ପ୍ରାଧ୍ୟାପକ ଅଜ୍ଞାସ ଭଲାଡ୍‌ଖାନି, ବରିଷ୍ଠ ଅଧ୍ୟାପକ ଜେରେମି ଏନ୍‌ଗୁୟେନ୍ ସାମିଲ ଥିବା ଗବେଷକ ଦଳ ଏହି କ୍ଷେତ୍ରରେ ଅଧିକ ଗବେଷଣା ଜାରି ରଖିଛି। ସେମାନଙ୍କ ମତରେ ଏହା ଉପରେ ବ୍ୟାପକ ବିଶ୍ଳେଷଣର ଆବଶ୍ୟକତା ରହିଛି।



ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୧ ଏପ୍ରିଲ, ୨୦୨୧

## ଡାକଘର ସ୍ଥାନାନ୍ତର ନେଇ ଅସନ୍ତୋଷ

ସୁନ୍ଦରଗଡ଼, (ଡି.ଏନ୍.ଏ): ସୁନ୍ଦରଗଡ଼ ସହର ମହେଶଡିହି ଠାରେ ଦୀର୍ଘ ବର୍ଷ ଧରି ଥିବା ଡାକଘରକୁ ବିନା କାରଣ ଦର୍ଶାଇ ମୁଖ୍ୟ ଡାକଘରକୁ ସ୍ଥାନାନ୍ତର କରାଯାଇଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଅଞ୍ଚଳବାସୀଙ୍କ ତରଫରୁ ସୁନ୍ଦରଗଡ ଜିଲାପାଳଙ୍କ ଠାରେ ଲିଖିତ ଭାବେ ଜଣାଇ ଏହାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ପାଇଁ ଦାବି କରାଯାଇଛି। ଏହାର ଏକକିତା ନକଲ ଡାକବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଛି। କେତେକ କର୍ମଚାରୀଙ୍କ ଚକ୍ରାନ୍ତ ଯୋଗୁ ଏହି ଶାଖା ଡାକଘରକୁ ବନ୍ଦ କରି ଦିଆଯିବା ଫଳରେ ଅଞ୍ଚଳବାସୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



## ସଂକ୍ଷେପରେ

### ରଙ୍ଗାଢିପା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋସ୍କୁଲ ଅଭିଯାନ ବୈଠକ

ସୁନ୍ଦରଗଡ଼, ୧୦।୪ (ଡି.ଏନ.ଏ.): ସ୍ଥାନୀୟ ରଙ୍ଗାଢିପା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏମ୍‌ପି ଜୁଏଲ ଓରାମଙ୍କ ଜିଲା ପ୍ରତିନିଧି ବଟକିଶୋର ମିଶ୍ର, ପୂର୍ବତନ କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀ, ହରେକୃଷ୍ଣ ମିଶ୍ର, ରାଜେନ୍ଦ୍ର ପଟ୍ଟନାୟକ, ପ୍ରିୟଦର୍ଶୀ ବିଜୟ ବରାଇ, ଦେବେନ୍ ଅମାତ, ସିଆରସିସି ଅଶ୍ୱିନୀ କୁମାର ହୋତା ତଥା ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମୋସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସଫଳତା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ସହଯୋଗ କାମନା କରିଥିଲେ। ପୁରାତନଛାତ୍ର ଅମୀୟ ପଟ୍ଟନାୟକଙ୍କୁ ମୋସ୍କୁଲ ଅଭିଯାନ ସଞ୍ଚାଳନ ଦାୟିତ୍ୱ ଦିଆଯାଇଥିଲା।

# ହତ୍ୟାକରିବାକୁ ନେଇଥିଲେ ୧ ଲକ୍ଷ ଟଙ୍କା ସୁପାରି

■ ରାଜଗାଙ୍ଗପୁର ବୁଢ଼ାମ୍ଭ ଗ୍ରାମ ଭାଦୁଆ ଲାକ୍ରା ହତ୍ୟାକାଣ୍ଡର ପର୍ଦ୍ଦାଫାଶ

■ ୫ ମୋବାଇଲ ଓ ବ୍ୟବହୃତ ମୋଟର ସାଇକେଲ ଜବତ: ୫ ଗିରଫ

ରାଜଗାଙ୍ଗପୁର, ୧୦।୪ (ଡି.ଏନ.ଏ)

ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ବୁଢ଼ାମ୍ଭ ଗ୍ରାମ ତାଉଟୋଲା ବସ୍ତିର ଭାଦୁଆ ଲାକ୍ରା ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ଏହି ହତ୍ୟାକାଣ୍ଡ ଗତ ମାସ ୧୫ ତାରିଖ ରାତ୍ରିରେ ଘଟିଥିଲା। ୧୬ ତାରିଖ ଥାନା କେଶ ନଂ. ୯୦।୨୧ ରୁଜୁ ହୋଇ ଥାନାଧିକାରୀ ଗୋକୁଳାନନ୍ଦ ସାହୁ ଓ ତାଙ୍କ ଟିମ ତଦନ୍ତ ଜାରି ରଖିଥିଲେ। ତଦନ୍ତରୁ ଜଣାପଡିଲା ମୃତ ଭାଦୁଆଙ୍କ ଭଉଣୀ ସହ ସେହି ଗ୍ରାମର ଜନୈକ ବ୍ୟକ୍ତିର ୨୦ ବର୍ଷ ତଳେ ପ୍ରେମ ସମ୍ପର୍କ ଥିଲା। ଏହି ପ୍ରେମରୁ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। କିନ୍ତୁ ଦୁଇ ଜଣଙ୍କ ମଧ୍ୟରେ ବିବାହ ହୋଇ ନ ଥିଲା। ତେଣୁ ମୃତ ଭାଦୁଆ ନିଜ ଭଣଜାକୁ ପାଖରେ ରଖିଥିଲା ଓ ଭଉଣୀ କ୍ୱାଇଁଙ୍କୁ ବାରମ୍ବାର ଆର୍ଥୀକ ଓ ଜମିବାଡି ମାଗୁଥିଲା। ଭଉଣୀ କ୍ୱାଇଁ ଏଥିରେ ଉତ୍ତ୍ୟକ୍ତ ହୋଇ ଭାଦୁଆକୁ ସବୁଦିନ ପାଇଁ ହଟାଇବାକୁ ଚେଷ୍ଟା କରି ଜଣଙ୍କ ସହ ଯୋଗାଯୋଗ କରି ଭାଦୁଆକୁ ଖତମ କରିଦେବା ପାଇଁ ୧ ଲକ୍ଷ ଟଙ୍କା ସୁପାରି ଦେଇଥିଲା । ଏହି ଘଟଣା ପ୍ରାୟ ୧ ବର୍ଷ, ଲକ୍ ଡାଉନ ପୂର୍ବର କଥା । ଅଗ୍ରୀମ ଆକାରରେ ୮୦ ହଜାର ଦେଇଥିଲା। କିନ୍ତୁ ସେହି ବ୍ୟକ୍ତି ଏହି କାମକୁ ଗଡେଇ ଗଡେଇ ଚାଲୁଥିବାରୁ ଭଉଣୀ କ୍ୱାଇଁ ତାକୁ ବାରମ୍ବାର ଫୋନ କରି ତାଗିଦ କରୁଥିଲା। ଶେଷରେ ୧୫ ତାରିଖ ରାତିରେ ସମ୍ପୃକ୍ତ ବ୍ୟକ୍ତି ତାର ୩ ସହଯୋଗୀଙ୍କ ସହ ରାତିରେ ଭାଦୁଆ ଲାକ୍ରାର ଘରକୁ ଯାଇ ତାକୁ ଡାକି ଆଣି ଘରର ଅନତିଦୂରରେ ଏକ ପଥର ସାହାଯ୍ୟରେ ନିର୍ମମ ହତ୍ୟା କରିଥିଲେ। ନିଜକୁ ସେହି ଅଞ୍ଚଳରେ ଏକ ନକ୍ସଲର କାର୍ଯ୍ୟକଳାପ ବୋଲି ପରିଚୟ ସୃଷ୍ଟି କରାଇଥିଲା। ହତ୍ୟାପରେ ସେମାନେ ବାକି ୨୦ ହଜାର ଟଙ୍କା ଭଉଣୀ କ୍ୱାଇଁଠୁ ଆଦାୟ କରି ନେଇଥିଲେ। ପୋଲିସ ଘଟଣାର ପର୍ଦ୍ଦାଫାଶ କରିବା ସହ ହତ୍ୟା ପାଇଁ ବ୍ୟବହୃତ ମୋଟର ସାଇକେଲ, ୫ଟି ମୋବାଇଲ ଜବତ କରିଛି। ଏ ଘଟଣାରେ ଅଭିଯୁକ୍ତ ୫ଜଣଙ୍କୁ ଗିରଫ କରାଯାଇଛି। ଏହି ୫ ଅଭିଯୁକ୍ତ ମଧ୍ୟରୁ ଜଣେ ନାବାଳକ ରହିଛନ୍ତି।


ହତ୍ୟାକାଣ୍ଡରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ପୋଲିସ ଗିରଫ କରିଛି।

# କରୋନା ସଚେତନତା କାର୍ଯ୍ୟକ୍ରମ


କୁତ୍ରା ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି।

କୁତ୍ରା, ୧୦।୪(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ପୋଲିସ ପକ୍ଷରୁ ଶନିବାର କରୋନା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। କୁତ୍ରା ଥାନାର ବିଭିନ୍ନ ଅଞ୍ଚଳରେ ଡାକବାଜି ଯନ୍ତ୍ର ଦ୍ୱାରା ମାସ୍କ ବ୍ୟବହାର, ସାମାଜିକ ଦୂରତା ରକ୍ଷା ଓ ସରକାରଙ୍କ ବିଭିନ୍ନ କରୋନା ନିୟମକୁ ମାନିବା ପାଇଁ ପ୍ରଚାର କାର୍ଯ୍ୟକ୍ରମ କରାଯାଇଛି। ସମଗ୍ର ବିଶ୍ୱରେ କରୋନାର ଦ୍ୱିତୀୟ ଲହରିର ପ୍ରଭାବ ଦେଖା ଦେଇଥିବା ବେଳେ ସମଗ୍ର ସୁନ୍ଦରଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ମଧ ହୁହୁ ହୋଇ ବଢ଼ିବାରେ ଲାଗିଛି। କୁତ୍ରା ବ୍ଲକରେ ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ୯ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜାଣିବାକୁ ମିଳିଛି। କରୋନା ଦ୍ୱିତୀୟ ଲହରିର ପ୍ରଭାବକୁ ଦେଖି କୁତ୍ରା ପୋଲିସ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଅଞ୍ଚଳରେ ଡାକବାଜି ଯନ୍ତ୍ର ଦ୍ୱାରା କରୋନା କଟକଣା ନିୟମକୁ ମାନି ଚଳିବା ପାଇଁ ଲୋକଙ୍କୁ ସଚେତନ କରିଛନ୍ତି। ଏହି କାର୍ଯ୍ୟକ୍ରମ କୁତ୍ରା ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡାଙ୍କ ନେତୃତ୍ୱରେ ପରିଚାଳନା ହୋଇଥିଲା। ଯଦି କୌଣସି ବ୍ୟକ୍ତି ଏହା ପରେ ମଧ ମାସ୍କ ବ୍ୟବହାର ନ କରନ୍ତି ତେବେ ତାଙ୍କଠାରୁ ଦୁଇ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ଥାନା ଅଧିକାରୀଙ୍କଠାରୁ ଜାଣିବାକୁ ମିଳିଛି। ଏହା ଛଡା କୁତ୍ରା ଅଞ୍ଚଳରେ ରାତ୍ରି କର୍ଫ୍ୟୁକୁ ମଧ କଡାକଡି କରିଦିଆଯାଇଛି।

# ସୁନ୍ଦରଗଡ଼ରେ ଗୋଟିଏ ଦିନରେ ପୁଣି ୩୫୫ ପଜିଟିଭ ଚିହ୍ନଟ

ସୁନ୍ଦରଗଡ଼, ୧୦।୪ (ଡି.ଏନ୍.ଏ.)

ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ କରୋନା ସଂକ୍ରମଣ ବୃଦ୍ଧି ସୀମାବର୍ତ୍ତୀ ସୁନ୍ଦରଗଡ଼ ଜିଲା ପାଇଁ ବିପଦ ଆଣିଛି। ଏଠାରେ ମଧ୍ୟ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ନେଇ ଚକିନ୍ତା ବଢାଇଛି। ଶନିବାର ଗୋଟିଏ ଦିନରେ ପୁଣି ୩୫୫ ପଜିଟିଭ ଚିହ୍ନଟ ହୋଇଛନ୍ତି। ଅନ୍ୟପଟେ ଓଡ଼ିଶା ସରକାର ଛତିଶଗଡ଼ ସୀମାବର୍ତ୍ତୀ ସୁନ୍ଦରଗଡ଼ ଜିଲା ସମେତ ୧୦ଟି ଜିଲାରେ ନାଇଟ କର୍ଫ୍ୟୁକୁ କଡାକଡି କରିବା ସହ ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ ଜରିଆରେ ମାସ୍କ ଚେକିଂକୁ କଡାକଡି କରାଯାଇଛି। କରୋନାର ଦ୍ୱିତୀୟ ପ୍ରବାହ ଆରମ୍ଭ ହେବା ପରେ ଏପ୍ରିଲ ପହିଲାରୁ ସୁନ୍ଦରଗଡ଼ ଜିଲାରେ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବା ଆରମ୍ଭ କରିଥିଲା। ଗତ ୮ତାରିଖରେ ଜିଲାରେ ୧୪୭ ଜଣଙ୍କଠାରେ କରୋନା ପଜିଟିଭ ଚିହ୍ନଟ ପରେ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରି ଛତିଶଗଡ଼ ସୀମାବର୍ତ୍ତୀ ଥିବା ବାଲିଶଙ୍କରା ବ୍ଲକର ବନ୍‌ଡେଗା ଓ ଲୁଲୁକିଡିହି ଗ୍ରାମକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି। ଏହାସହ ସବ୍‌ଡେଗା, ବ୍ରାହ୍ମଣମରା, କିଞ୍ଜିରିକେଲା ଓ ଅନ୍ୟାନ୍ୟ କେତେକ ସାପ୍ତାହିକ ବଜାରକୁ ବନ୍ଦ କରିଦେଇଛି। ସେହିପରି ୯ ତାରିଖରେ ୨୨୪ କରୋନା ପଜିଟିଭ ଜିଲାରେ ଚିହ୍ନଟ ହୋଇଛି। ଅପରପକ୍ଷେ ଛତିଶଗଡ ସରକାର ଓଡିଶା ସୀମାକୁ ସିଲ କରି ପୋଲିସ ମୁତୟନ କରିଥିବା ବେଳେ ଓଡିଶା ପୋଲିସ ପକ୍ଷରୁ ଛତିଶଗଡ଼ ସୀମାରେ କୌଣସି ପୋଲିସ ମୁତୟନ କରି ନ ଥିବା ଦେଖିବାକୁ ମିଳୁଛି। ଛତିଶଗଡ ସୀମାରେ ଥିବା ବାଲିଶଙ୍କରା ବ୍ଲକର ତେଲିଯୋର ଓ ବ୍ରାହ୍ମଣମରାର ଅପରପାର୍ଶ୍ୱ ଶାଗଯୋରିଠାରେ ଛତିଶଗଡ଼ ପୋଲିସ ସୀମାକୁ ସିଲ୍ କରିଛନ୍ତି। ଜିଲାରେ କୋଭିଡ୍ ପରୀକ୍ଷା ସଂଖ୍ୟା ବୃଦ୍ଧି ପାଇଥିବାରୁ ପଜିଟିଭ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ପ୍ରଶାସନ ଏହା ଉପରେ ନଜର ରଖି ସଜାଗ ଥିବା ଜିଲାପାଳ ନିଖିଲ ପବନ କଲ୍ୟାଣ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ କରୋନା କଟକଣାକୁ କଡାକଡି ପାଳନ କରାଯିବା ସହ ଛତିଶଗଡ଼ ଓ ବାହାର ରାଜ୍ୟରୁ ଆସୁଥିବା ବ୍ୟକ୍ତିମାନଙ୍କର ଆରଟିପିସିଆର ଟେଷ୍ଟ ନେଗେଟିଭ ଥିବା ସାର୍ଟିଫିକେଟ କିମ୍ବା କୋଭିଡ ଟିକା ୨ଟି ଡୋଜ୍ ନେଇଥିବା ସାର୍ଟିଫିକେଟକୁ ଗୁରୁତ୍ୱ ଦିଆଯାଉଛି ବୋଲି କହିଛନ୍ତି।


ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ପୋଲିସ ମୁତୟନ।

# କଲୁଙ୍ଗା ଅଞ୍ଚଳବାସୀଙ୍କ ପକ୍ଷରୁ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଦାବି

ବେଦବ୍ୟାସ, ୧୦।୪ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକ ଓ ତହସିଲ ଅନ୍ତର୍ଗତ ରାଜସ୍ୱ ଗ୍ରାମ ସାନବ୍ରାହ୍ମଣୀତରଙ୍ଗର କରତକଳ ଛକ ସ୍ଥିତ ବେଆଇନ ଜବରଦଖଲ ସରକାରୀ ଜମିକୁ ଉଦ୍ଧାର କରି ସେହି ଜମି ଉପରେ କଲୁଙ୍ଗା ପଞ୍ଚାୟତ ଆନୁକୂଲ୍ୟରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଦାବି ହୋଇଛି। ଏହାକୁ ନେଇ କଲୁଙ୍ଗା ଅଞ୍ଚଳବାସୀ ଓ ଆଦିବାସୀ ବିକାଶ ପରିଷଦ ପକ୍ଷରୁ ଲିଖିତ ଭାବେ ସମ୍ବଲପୁର ରାଜସ୍ୱ ଆୟୋକ୍ତ ଜିଲାପାଳ, ସୁନ୍ଦରଗଡ, ଅତିରିକ୍ତ ଜିଲାପାଳ ରାଉରକେଲା ଉପଜିଲାପାଳ, ପାନପୋଷ ଓ ତହସିଲଦାର ଲାଠିକଟାଙ୍କୁ ପଞ୍ଜିକୃତ ଡାକ ଯୋଗେ ଦାବିପତ୍ର ଗୁରୁବାର ପଠାଯାଇଛି । ପ୍ରାୟ ୧୧୯ ଜଣ ସ୍ଥାନୀୟ ଶିକ୍ଷିତ ବେକାରୀ ସମେତ ଅଞ୍ଚଳବାସୀଙ୍କ ସ୍ୱାକ୍ଷର ଥାଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରାଜସ୍ୱ ଗ୍ରାମ ସାନବ୍ରାହ୍ମଣୀତରଙ୍ଗର କଲୁଙ୍ଗା କରତକଳ ଛକ ସ୍ଥିତ ପ୍ରାୟ ୫ ଏକରରୁ ଉର୍ଦ୍ଧ୍ୱ ହେବ ସରକାରୀ ଜମି ବେଆଇନ ଭାବେ ଜବରଦଖଲରେ ଅଛି । ସେହି ଜମିକୁ ବେଦଖଲକାରୀଙ୍କ ଅକ୍ତିଆରରୁ ଉଦ୍ଧାର ବା ଉଚ୍ଛେଦ କରାଯାଇ କଲୁଙ୍ଗା ଗ୍ରାମ ପଞ୍ଚାୟତ ଆନୁକୂଲ୍ୟରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ଅଞ୍ଚଳର ଶିକ୍ଷିତ ବେକାରୀମାନଙ୍କୁ ଦୋକାନ ଗୃହ ଦିଆଯାଉ । ସେମାନେ ଛୋଟ ବଡ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିପାରିବେ। ବେଦଖଲକାରୀ ସରକାରୀ ଜମି ଉପରେ ଦୋକାନ ଘର, ଭୂତଳ କୋଠାଘର, ନିର୍ମାଣ କରି ମାସିକ ଭଡା ବାବଦରେ ପ୍ରଚୁର ଅର୍ଥ ପାଇଁ ମାଲେ ମାଲ ଥିବା ବେଳେ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ତହସିଲଦାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଛି।

# ଟିଏମ୍‌ସି ପୁନଃ କାର୍ଯ୍ୟକ୍ଷମ ନେଇ ସନ୍ଦେହ

କୁଆଁରମୁଣ୍ଡା,୧୦।୪(ଡି.ଏନ.ଏ)

ଏବେ ସାରା ରାଜ୍ୟରେ କରୋନାର ଲେଉଟାଣି ମାଡ଼ ପ୍ରତିଦିନ ମିଳୁଛି। ବିଶେଷ କରି ସୀମାନ୍ତବର୍ତ୍ତୀ ସୁନ୍ଦରଗଡ଼ ଜିଲାରେ କରୋନା ସଂକ୍ରମଣ ଅହେତୁକ ଭାବେ ବଢିଚାଲିଛି। ଶୁକ୍ରବାର ଏହି ଜିଲାରୁ ୨୨୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଶନିବାର ୩୫୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ଗତ ୨ ଦିନ ଧରି କରୋନା ସଂକ୍ରମଣରେ ସାରା ରାଜ୍ୟରେ ଏକ ନମ୍ବରରେ ରହୁଛି। ମାତ୍ର ଗତ ବର୍ଷ ଏପ୍ରିଲରେ ଏହି ଜିଲାରେ କରୋନା ନିୟନ୍ତ୍ରଣାଧୀନ ଥିଲା ବେଳେ ଏବେ ସାରା ରାଜ୍ୟରେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କଲାଣି। କିନ୍ତୁ ଏହି ପରିସ୍ଥିତିରେ କରୋନା ଆକ୍ରାନ୍ତଙ୍କ ନିମନ୍ତେ ଏହି ଜିଲାରେ ଅଦ୍ୟାବଧି କୌଣସି ଟିଏମସି (ଅସ୍ଥାୟୀ ମେଡିକାଲ କେନ୍ଦ୍ର) ପୁନଃକାର୍ଯ୍ୟକ୍ଷମ କରାଯାଇ ନାହିଁ। ଫଳରେ କରୋନା ଆକ୍ରାନ୍ତମାନଙ୍କୁ ଗୃହ ସଙ୍ଗରୋଧରେ ରହିବାକୁ କୁହାଯାଉଛି। ହେଲେ ଆକ୍ରାନ୍ତମାନେ ଘରେ ସଙ୍ଗରୋଧରେ ରହିଲା ବେଳେ ଯେଉଁ ଗାଇଡ଼ଲାଇନ୍ ମାନିବା କଥା ତାହା ସେମାନେ ପାଳନ କରୁଛନ୍ତି କି ନାହିଁ ତାହା ତଦାରଖ ହେଉନାହିଁ। ଫଳରେ ସେମାନଙ୍କ ଦ୍ୱାରା କରୋନା ସଂକ୍ରମଣ ବୃଦ୍ଧି ହେବାର ସମ୍ଭାବନାକୁ ଏଡାଇ ଦେଇ ହେଉନାହିଁ। ଏପରିସ୍ଥଳେ ଗତବର୍ଷ ପଞ୍ଚାୟତ ଓ ପୌରାଞ୍ଚଳରେ ସ୍ଥାପନ କରାଯାଇଥିବା ଟିଏମ୍‌ସି କେନ୍ଦ୍ର ଚାଲୁ କରାଯିବା ପାଇଁ ଦାବି ହେଉଛି। ମାତ୍ର ଏଠାରେ ପ୍ରଶ୍ନ ଉଠୁଛି ଯେ,ଗତବର୍ଷ ଯେଉଁ ସବୁ ଟିଏମସି କାର୍ଯ୍ୟ କରୁଥିଲା ତାହାର ସରଞ୍ଜାମ ବିଶେଷକରି ଗଦି, ତକିଆ, ଫ୍ୟାନ, ଇନଭର୍ଟର ଓ ଅନ୍ୟାନ୍ୟ ଜିନିଷଗୁଡିକ ଗଲା କୁଆଡେ। ବାସ୍ତବରେ ସେହି ସବୁ ଜିନିଷ ଅଛି ନା ଦାୟିତ୍ୱରେ ଥିବା ଜନପ୍ରତିନିଧି ଓ ସରକାରୀ ଅଧିକାରୀ ସେଗୁଡିକୁ ଚଲୁ କରିଦେଇଛନ୍ତି ଏବେ ତାହା ତଦନ୍ତ ସାପେକ୍ଷ। କାରଣ କରୋନାର ଲେଉଟାଣି ମାଡ଼ ପ୍ରଥମ ପାଳି ଠାରୁ ଢେର ଭୟଙ୍କର ଭାବେ ବଢି ଚାଲିଛି। ତେଣୁ ଏବେକାର ପରିସ୍ଥିତିରେ ଟିଏମସି କେନ୍ଦ୍ରଗୁଡିକ ପୁନକାର୍ଯ୍ୟକ୍ଷମ କରିବାର ଜରୁରୀ ଆବଶ୍ୟକତା ରହିଛି। ମିଳିଥିବା ସୂଚନା ଅନୁଯାୟୀ, ପାନପୋଷ ଉପଖଣ୍ଡର କୁଆଁରମୁଣ୍ଡା, ନୂଆଗାଁ, ବିଶ୍ରା, ଲାଠିକଟା ବ୍ଲକ ସମେତ ବୀରମିତ୍ରପୁର ଓ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ୧୭୭ଟି ଟିଏମସି ସ୍ଥାପିତ ହୋଇଥିଲା। କୁଆଁରମୁଣ୍ଡା ବ୍ଲକରେ ୩୯, ନୂଆଗାଁ ବ୍ଲକରେ ୫୬, ଲାଠିକଟା ବ୍ଲକରେ ୪୧, ବିଶ୍ରା ବ୍ଲକରେ ୨୧ ଓ ବୀରମିତ୍ରପୁର ପୌରାଞ୍ଚଳରେ ୫ ଓ ରାଉରକେଲା ମହାନଗର ନିଗମରେ ୧୫ଟି ଟିଏମସି ସ୍ଥାପିତ ହୋଇଥିଲା। ତେଣୁ ଉପରୋକ୍ତ ଅସ୍ଥାୟୀ ମେଡିକାଲ କେନ୍ଦ୍ରଗୁଡିକ ବର୍ତ୍ତମାନର ଜରୁରୀ ପରସ୍ଥିତିରେ କାର୍ଯ୍ୟକ୍ଷମ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଜାତୀୟ ପ୍ରତିଯୋଗିତାରେ ସୁନ୍ଦରଗଡ଼ର ୪ ପ୍ରତିଯୋଗୀ

ସୁନ୍ଦରଗଡ, ୧୦।୪ (ଡି.ଏନ୍.ଏ)

ରାଉରକେଲା ସିଭିଲ ଟାଉନଶିପରେ ଅନୁଷ୍ଠିତ ଜାତୀୟ ମଡେଲିଂ ପ୍ରତିଯୋଗିତାର ଫାଇନାଲରେ ୪ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ପୁରସ୍କୃତ ହୋଇଛନ୍ତି । ଓଡ଼ିଶା ସାଇନିଂ ଆଇକନର ଗ୍ରେଟ ମଡେଲିଂ ସୋ ସିଜନ ଥ୍ରି ର ଆୟୋଜନ ରାଉରକେଲାର ସାଇନିଂ ରକର୍ସ ଏକାଡେମୀ ପକ୍ଷରୁ ନିର୍ଦ୍ଦେଶିକା ଲୀନା ବିଶ୍ୱାଳଙ୍କ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟରୁ ଫାଇନାଲରେ ୪୫ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଫାଇନାଲରେ ସୁନ୍ଦରଗଡର ଝିଅ ମାହି ନାଏକ ଫାଇନାଲିଷ୍ଟ ହୋଇଥିବା ବେଳେ ସ୍ୱରୂପ ଠାକୁର ମିଷ୍ଟର ଓଡିଶା ବେଷ୍ଟ ଏକ୍ସପ୍ରେସନ, ପ୍ରତୀକ ନାଏକ ବେଷ୍ଟ ପପୁଲାର ଓ ପ୍ରବୀଣ ଚାଓଡା ଫ୍ରାଷ୍ଟ ରନର୍ସ ଅପ୍ ଭାବେ ମନୋନୀତ ହୋଇ ପୁରସ୍କୃତ ହୋଇଥିଲେ । ଏହି ପ୍ରତିଯୋଗିତାର ଫାଇନାଲରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ପୂର୍ଣ୍ଣଚନ୍ଦ୍ର ମାଝୀ ଓ କମଲ ଅଗ୍ରଓାଲ ଅତିଥି ଭାବେ ଯୋଗଦେଇଥିଲେ । ଫାଇନାଲରେ ଚୟନକର୍ତ୍ତା ଭାବେ ଇଣ୍ଟରନ୍ୟାସନାଲ ମଡେଲର ପ୍ରଶାନ୍ତ ଦାଶ ଓ ରାଜ୍ୟ କିନ୍ନର ସଂଘର ସଭାପତି ଜୟା ତ୍ରିପାଠୀ ଯୋଗଦେଇଥିଲେ।


ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୪ ପ୍ରତିଯୋଗୀ।

# ଏନ୍‌ଜେସିଏସ୍ ନେତୃବୃନ୍ଦଙ୍କୁ ମିଳିତ ଆନ୍ଦୋଳନ ପାଇଁ ବିଏମ୍‌ଏସ୍‌ର ପତ୍ର

ରାଉରକେଲା ଅଫିସ, ୧୦।୪

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଭାରତୀୟ ଇସ୍ପାତ ମଜଦୁର ମହାସଂଘର ସାଧାରଣ ସମ୍ପାଦକ ରାଜେନ୍ଦ୍ର ନାଥ ମାହାନ୍ତ ଶନିବାର ସମସ୍ତ ଏନ୍‌ଜେସିଏସ୍ ୟୁନିୟନର ପ୍ରତିନିଧିଙ୍କୁ ପତ୍ର ମାଧ୍ୟମରେ ନିମନ୍ତ୍ରଣ ଦେଇଛନ୍ତି ମିଳିତ ଆନ୍ଦୋଳନ ପାଇଁ। ଆଇଏନଟିୟୁସିର ଡା. ସଞ୍ଜିବା ରେଡ୍ଡି, ସିଆଇଟିୟୁର ତପନ ସେନ, ଏଆଇଟିୟୁସିର ଆଦିନାରାୟଣ, ଏଚ୍‌ଏମ୍‌ଏସ୍‌ର ସଞ୍ଜୟ ବାଜାଙ୍କର, ଏଲପିଏଫର ପେରୁମଲ ଓ ଭିଆଇଏସଏଲଡବ୍ଲୁଏର ଜେ. ଜଗଦିଶାଙ୍କୁ ଇ-ମେଲ ଏବଂ ହ୍ୱାଟ୍ସଆପ୍ ମାଧ୍ୟମରେ ପତ୍ର ପଠାଯାଇଛି । ପତ୍ରରେ ଆହ୍ୱାନ କରାଯାଇଛି ଯେ, ୩୧ ମାର୍ଚ୍ଚ ଏନଜେସିଏସ ମିଟିଂରେ ଏସ୍‌ଏଆଇଏଲ (ସେଲ) କର୍ତ୍ତୃପକ୍ଷଙ୍କର ନକରାତ୍ମକ ମନୋଭାବ ବିରୁଦ୍ଧରେ ଏବଂ ଇସ୍ପାତ ଶ୍ରମିକଙ୍କ ବୃହତ୍ତର ସ୍ୱାର୍ଥକୁ ଆଖି ଆଗରେ ରଖି ସମସ୍ତଙ୍କୁ ଏକଜୁଟ ହୋଇ ଲଢ଼ିବାକୁ ପଡିବ। ତେଣୁ ସମସ୍ତ ଏନଜେସିଏସ ନେତୃବୃନ୍ଦ ୧୩ ମାର୍ଚ୍ଚ ପୂର୍ବରୁ ତାଙ୍କର ସହମତି ଜଣାଇବାକୁ ଅନୁରୋଧ କରାଯାଇଛି । ସେହି ଆଧାରରେ ୧୪ ମାର୍ଚ୍ଚ ସନ୍ଧ୍ୟା ୪ଟାରେ ବିଏମଏସର କେନ୍ଦ୍ରୀୟ ସମ୍ପାଦକ ଦେବେନ୍ଦ୍ର କୁମାର ପାଣ୍ଡେଙ୍କ ନେତୃତ୍ୱରେ ଭିଡିଓ କନଫରେନ୍ସ ମାଧ୍ୟମରେ ଏକ ମିଟିଂ ଅନୁଷ୍ଠିତ ହେବ ଏବଂ ସେଥିରେ କମନ ଏଜେଣ୍ଡା ଏବଂ ହରତାଳର ତାରିଖ ବିଷୟରେ ଆଲୋଚନା ହୋଇ ଏକ ନିଷ୍ପତ୍ତି ହେବ। ନିଜର ଛୋଟ ମୋଟ ଭେଦଭାବକୁ ଭୁଲି ସମସ୍ତ ଏନଜେସିଏସ ୟୁନିୟନ ଏକଜୁଟ ହୋଇ ମିଳିତ ଆନ୍ଦୋଳନ ଚଳେଇବେ ବୋଲି ମହାସଂଘର ସମ୍ପାଦକ ରାଜେନ୍ଦ୍ର ନାଥ ମାହାନ୍ତ ଆଶା ପ୍ରକଟ କରିଛନ୍ତି ।

# ଭିଡିଓ କନଫରେନ୍ସରେ ସମୀକ୍ଷା କଲେ ୫-ଟି ସଚିବ

ସୁନ୍ଦରଗଡ଼, ୧୦।୪(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲାର ସମସ୍ତ ସରକାରୀ ହାଇସ୍କୁଲ ସମ୍ପୂର୍ଣ୍ଣ ନୂଆ ରୂପ ନେବାକୁ ଯାଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ ୫-ଟି ଅଭିଯାନ ଅଧୀନରେ ରୂପାନ୍ତରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ରୂପାନ୍ତରଣ ହେବାକୁ ଥିବା ହାଇସ୍କୁଲ ମଧ୍ୟରୁ ୪୦ଟି ସ୍କୁଲର ସମୀକ୍ଷା କରାଯାଇଛି। ଶନିବାର ୫-ଟି ସଚିବ ଭି କାର୍ତ୍ତିକେୟନ ପାଣ୍ଡିଆନ ଲୋକସେବା ଭବନରୁ ଭିଡିଓ କନଫରେନ୍ସ ଜରିଆରେ ଏହାର ସମୀକ୍ଷା କରିଛନ୍ତି। ଏହି ଅବସରରେ ହାଇସ୍କୁଲ ରୂପାନ୍ତରଣ ଲାଗି ପ୍ରସ୍ତୁତ ଜିଲ୍ଲାସ୍ତରୀୟ 'ଭିଜନ ଡକ୍ୟୁମେଣ୍ଟ' ଉନ୍ମୋଚିତ ହୋଇଥିଲା। ଏଥିରେ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ସହିତ ଏହାକୁ କିପରି ସଫଳତାର ସହ କାର୍ଯ୍ୟକାରୀ କରାଯିବ ସେ ନେଇ ମାର୍ଗଦର୍ଶନ ପ୍ରସ୍ତୁତ କରାଯାଇଛି। ସେହିପରି ପ୍ରତ୍ୟେକ ବିଦ୍ୟାଳୟର ମାଇକ୍ରୋ ପ୍ଲାନ ମଧ୍ୟ ପ୍ରସ୍ତୁତ ହୋଇଛି। ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଓସୱାନ ଭିଡିଓ କନଫରେନ୍ସ ହଲଠାରେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


ଭିଡିଓ କନଫରେନ୍ସ ଜରିଆରେ ସମୀକ୍ଷା କରୁଛନ୍ତି ୫-ଟି ସଚିବ।

**ସୁନ୍ଦରଗଡ଼ ଜିଲାରେ 'ହାଇସ୍କୁଲ ଟ୍ରାନ୍ସଫର୍ମେସନ' କାର୍ଯ୍ୟକ୍ରମ**

ସୁନ୍ଦରଗଡ଼ରେ ଏହି କାର୍ଯ୍ୟକ୍ରମ ଲାଗୁ କରିବା ସମ୍ପର୍କରେ ଜିଲାପାଳ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କର ପରିକଳ୍ପନା ହେଉଛି ରାଜ୍ୟର ସମସ୍ତ ସରକାରୀ ସ୍କୁଲକୁ ନୂଆ ରୂପ ଦେବା। ସ୍କୁଲର ଶିକ୍ଷା ପରିବେଶରେ ବ୍ୟାପକ ଉନ୍ନତି ଆଣିବା। ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନର ମାନ ବଢାଇବା। ସେହିପରି ଅଭିଭାବକ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଶିକ୍ଷାନୁଷ୍ଠାନର ସାମଗ୍ରିକ ଉନ୍ନତି ଆଣିବା। ଏହା ହେଲେ ଆମ ସରକାରୀ ସ୍କୁଲଗୁଡ଼ିକରେ ଯେଉଁ ପ୍ରତିଭାବାନ ଛାତ୍ରୀଛାତ୍ର ଅଛନ୍ତି ସେମାନଙ୍କର ଭବିଷ୍ୟତ ଲକ୍ଷ୍ୟ ସାକାର ହୋଇପାରିବ ବୋଲି ସମୀକ୍ଷା ବେଳେ କହିଥିଲେ ଭି କାର୍ତ୍ତିକେୟନ ପାଣ୍ଡିଆନ। ତେଣୁ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତେ ଏକାଠି ହୋଇ କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲାର ସମସ୍ତ ୧୭ଟି ବ୍ଲକରେ ଭିଡିଓ କନଫରେନ୍ସ ମାଧ୍ୟମରେ ହୋଇଥିବା କାର୍ଯ୍ୟକ୍ରମ ବେଳେ ବିଡିଓଙ୍କ ସହ ବ୍ଲକ ଶିକ୍ଷା ଅଧିକାରୀ, ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ, ପଞ୍ଚାୟତିରାଜ ପ୍ରତିନିଧି ଉପସ୍ଥିତ ଥିଲେ।

# ମରାମତି ଦାବିରେ ଧାରଣାରେ ବସିଲେ ଗ୍ରାମବାସୀ

ଲହୁଣୀପଡା, ୧୦।୪ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦୁଇଟି ପଞ୍ଚାୟତର ତିନୋଟି ଗ୍ରାମର ବାସିନ୍ଦା ଶନିବାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କରେ ଭାରିଯାନ ଚଳାଚଳକୁ ବିରୋଧ କରି ଠାକୁରପାଲି ଛକରେ ଧାରଣାରେ ବସିଥିଲେ। ଲହୁଣୀପଡା ବ୍ଲକ ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ କେନାପାଲି ଗ୍ରାମ ବ୍ରାହ୍ମଣୀ ନଦୀଠାରୁ ବାଲି ବୋଝେଇ ଭାରିଯାନଗୁଡିକ କୁଡେଇକଳା ପଞ୍ଚାୟତ ଉଲୁସୁରେଇ ଓ ଯୋଗୀବନ୍ଧ ଗ୍ରାମ ରାସ୍ତା ଦେଇ ୧୦(କ) ରାଜ୍ୟ ରାଜପଥ ଉଲୁସୁରେଇ ଛକରେ ପହଞ୍ଚି ବିଭିନ୍ନ ସ୍ଥାନକୁ ଯାଉଛି। ଫଳରେ ଉକ୍ତ ଗ୍ରାମ ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଅବସ୍ଥା ଶୋଚନୀୟ ହୋଇ ପଡିବାରୁ ଠାକୁରପାଲି, କୁମ୍ଭାରଡିହ, ଉଲୁସୁରେଇ ଗ୍ରାମବାସୀ ବିରୋଧ କରିଥିଲେ। ଏ ସଂକ୍ରାନ୍ତରେ ଉକ୍ତ ଗ୍ରାମର ଲୋକମାନେ ଜିଲାପାଳ ସୁନ୍ଦରଗଡ, ଉପଜିଲାପାଳ ବଣାଇ, ଚିଫ୍ ଇଞ୍ଜିନିୟର ଭୁବନେଶ୍ୱର, ଆରଡି ବିଭାଗ ବଣାଇ ଓ ରାଉରକେଲା, ଲହୁଣୀପଡା ବିଡିଓ, ତହସିଲଦାର, ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଉକ୍ତ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏ ସଂକ୍ରାନ୍ତରେ ଉପଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ ମଧ ବାଲିଘାଟ ନେଇଥିବା ଠିକାଦାର ଓ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆରକେଡି ଠିକା ସଂସ୍ଥାକୁ ବାଲି ଉଠାଇବା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଥିଲା। ସେମାନେ କେନାପାଲି ବ୍ରାହ୍ମଣୀ ନଦୀ ବାଲିଘାଟରୁ ବାଲି ଉଠାଇ ବିଭିନ୍ନ ସ୍ଥାନକୁ ନେବା ଦ୍ୱାରା ଉକ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ପ୍ରତିବାଦରେ ଉକ୍ତ ଗ୍ରାମବାସୀ ଭାରିଯାନ ଚଳପ୍ରଚଳକୁ ବିରୋଧ କରିବା ଓ ରାସ୍ତା ମରାମତି ଦାବିରେ ପ୍ରଶାସନ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ କରିବା ସତ୍ତ୍ୱେ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଶନିବାର ଉକ୍ତ ଗ୍ରାମର ଶତାଧିକ ମହିଳା ପୁରୁଷ ବିଭିନ୍ନ ପ୍ରକାର ପ୍ଲାକାର୍ଡ ଧରି ଠାକୁରପାଲି ଛକରେ ଧାରଣା ଦେଇଥିଲେ।



ଗ୍ରାମବାସୀ ଧାରଣାରେ ବସିଛନ୍ତି।

**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କରେ ଭାରିଯାନ ଚଳାଚଳ ବନ୍ଦ ଦାବି**

## ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ଆଲୋଚନାଚକ୍ର

ସମ୍ବଲପୁର,(ବ୍ୟୁରୋ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ତଥ୍ୟବିଜ୍ଞାନ ଓ ନିଯୁକ୍ତି ସୁଯୋଗ ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ଶ୍ୟାମାଚରଣ ଆଚାର୍ଯ୍ୟଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱଜିତ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ତଥ୍ୟ ବିଜ୍ଞାନର ଉପାଦେୟତା ଓ ନିଯୁକ୍ତି ସୁଯୋଗ ଉପରେ ମତ ରଖିଥିଲେ। ଛାତ୍ରୀ କୁମାରୀ ଶ୍ରେୟା ସଭା ପରିଚାଳନା ଓ ଡ. ପ୍ରିୟବ୍ରତ ପଣ୍ଡା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଡ. ଶ୍ରୀନିବାସ ଦାସ, ଜ୍ଞାନରଞ୍ଜନ ବଳ, ମୁକେଶ ଶର୍ମା, ସୌରଜା ମେହେର, ଶିବାନୀ ଶର୍ମା ଆଲୋଚନାରେ ଭାଗନେଇଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ତୃତୀୟ ମା' ସମଲେଶ୍ୱରୀ ଚେସ୍ ଟୁର୍ନାମେଣ୍ଟ, ରେଳନଗରସ୍ଥିତ ଅଫିସର୍ସ କ୍ଲବ, ସକାଳ ୮ଟା।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ସମ୍ବଲପୁର,୧୦।୪ (ବ୍ୟୁରୋ):** ସମ୍ବଲପୁର ଅଇଁଠାପାଲି ଥାନା ବରେଇପାଲିର ଏକ ହୋଟେଲରେ କାମ କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡେଙ୍ଗିମଚା ଗ୍ରାମର ତନୁପ୍ ଭୋଇ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### କଟାପାଲି ଓ ବଘରାଚକାରେ ପାଣି ସମସ୍ୟା ସମାଧାନ

**ବ୍ରଜରାଜନଗର,୧୦।୪ (ଡି.ଏନ.ଏ):** ବ୍ରଜରାଜନଗର ଅଞ୍ଚଳରେ ଭୂତଳ ଜଳସ୍ତର ନିମ୍ନଗାମୀ ହେବାରେ ଲାଗିଛି। ଏହାର ପ୍ରଭାବ ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଛି। ରାଜପୁର ପଞ୍ଚାୟତର କଟାପାଲି ଓ ବଘରାଚକା ଅଞ୍ଚଳରେ ପାଣି ସମସ୍ୟା ଦେଖା ଦେଇଥିଲା। ଏ ନେଇ ସ୍ଥାନୀୟ ସମିତି ସଭ୍ୟ ଗଣେଶ ବାଗ ବିଧାୟକ କିଶୋର ମହାନ୍ତିଙ୍କୁ ଅବଗତ କରାଇଥିଲେ। ବିଧାୟକଙ୍କ ପରାମର୍ଶକ୍ରମେ ଶନିବାର କଟାପାଲିରେ ଏକ ଡିପ୍ ବୋରୱେଲ ଖୋଳାଯାଇଛି। ତା' ସହିତ ବଘରାଚକା ଅଞ୍ଚଳର ସମସ୍ତ ନଳକୂପ ମରାମତି କରାଯାଇ ପାଣି ସମସ୍ୟା ସମାଧାନ କରାଯାଇ ପାରିଛି। ଜିତେନ୍ଦ୍ର ସାହୁ, ମନୋଜ ନାୟକ ସହାୟତା କରିଥିଲେ।

### ୧୦ହଜାର ଜରିମାନା, ୩ଦିନ ଦୋକାନ ବନ୍ଦ

**ସମ୍ବଲପୁର, ୧୦।୪ (ବ୍ୟୁରୋ):** କରୋନା କଟକଣା ମାନୁ ନ ଥିବାରୁ ସମ୍ବଲପୁର ଭିଏସ୍‌ଏସ୍ ମାର୍ଗସ୍ଥିତ ଏକ ହୋଟେଲ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୧୦ ହଜାର ଟଙ୍କା ଜରିମାନା ସହ ୩ ଦିନ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଧନୁପାଲି ପୋଲିସ ହୋଟେଲରେ ଶୁକ୍ରବାର ରାତିରେ ଚଢ଼ାଉ କରିଥିବାବେଳେ ସାମାଜିକ ଦୂରତା ନ ରଖି ଓ ମାସ୍କ ପରିଧାନ ନ କରି ବ୍ୟବସାୟ କରୁଥିବା ଯୋଗୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

### ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

**ନାକଟିଦେଉଳ,୧୦।୪(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଶିଶୁ ବାଟିକା ପର୍ଯ୍ୟାୟର ନୂତନ ଭାବରେ ନାମ ଲେଖାଇବାକୁ ଥିବା ଶିଶୁ ଅଭିଭାବକଙ୍କୁ ନେଇ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ବିରଞ୍ଚି ଶଙ୍କର ସାହୁ ଉଦ୍‌ଘାଟନ କରିଥିଲେ। ଉପସଭାପତି ହରେକୃଷ୍ଣ ମେହେର ଶିଶୁ ପ୍ରତି ମା'ମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଚାର୍ଯ୍ୟା କଲ୍ୟାଣୀ ବେହେରା ଅତିଥି ପରିଚୟ ଓ ଶିଶୁ ବାଟିକା ପ୍ରମୁଖ ବିଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଏଥିରେ ସମୁଦାୟ ୧୨ଜଣ ଅଭିଭାବକ ଯୋଗଦେଇଥିଲେ ।

### ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

**ପଡିଆବାହାଲ, ୧୦।୪ (ଡି.ଏନ.ଏ):** ଯୁଯୁମୁରା ବ୍ଲକର ଟାମ୍ପରସିଂଘାଠାରେ ଆଦିବାସୀ ହରିଜନ ବିଭାଗ ଅନୁଦାନପ୍ରାପ୍ତ ବହୁମୁଖୀ ସାଂସ୍କୃତିକ ଓ ଚିତ୍ତବିନୋଦନ କେନ୍ଦ୍ରକୁ ଶନିବାର ରେଢ଼ାଖୋଲ ବିଧାୟକ ତଥା ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଲୋକାର୍ପିତ କରିଛନ୍ତି। ସେହିପରି ମେଘପାଲ ପଞ୍ଚାୟତଠାରେ ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ନିର୍ମିତ ପାଣିଟାଙ୍କି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ସରୋଜ କୁମାର ବିଶ୍ୱାଳ, ସରପଞ୍ଚ ମମତା ପଧାନ ଉପସ୍ଥିତ ଥିଲେ। ମେଘପାଲଠାରେ ଖ୍ରୀଷ୍ଟିଆନ୍ ସମାଜର ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଯୋଗଦେଇଥିଲେ। ଯୁଯୁମୁରା ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡା, ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ, ହୃଦାନନ୍ଦ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ା ଜିଲାକୁ ଛତିଶଗଡ଼ କୋଭିଡ୍ ଚିନ୍ତା

**ଝାରସୁଗୁଡ଼ା ଅଫିସ,୧୦।୪**

ଛତିଶଗଡ ରାଜ୍ୟରେ କରୋନା ସଂକ୍ରମଣ ବଢିଚାଲିଛି। ଏହା ଓଡ଼ିଶା ସୀମାନ୍ତବର୍ତ୍ତୀ ଜିଲା ପାଇଁ ଚିନ୍ତାର କାରଣ ହୋଇଛି। ଏ ନେଇ ରାଜ୍ୟ ସରକାର ପଶ୍ଚିମ ଓଡିଶାର ୧୦ଜିଲାର ଜିଲାପାଳଙ୍କୁ ଆଲର୍ଟ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିମଧ୍ୟରେ ରହିଛି ଝାରସୁଗୁଡ଼ା ଜିଲା । ଏହି ଜିଲାରେ ସମୁଦାୟ କୋଭିଡ୍ ପଜିଟିଭ୍ ସଂଖ୍ୟା ୮୨୭୮ ରହିଥିବାବେଳେ ଏଥିମଧ୍ୟରୁ ୭୯୯୫ ଜଣ ସୁସ୍ଥ ହୋଇଛନ୍ତି। ଅବଶିଷ୍ଟ ୨୫୭ ପଜିଟିଭ୍ ସଂଖ୍ୟା ରହିଛି। ଏହାକୁ ଦୃଷ୍ଟିରେ ରଖି ସଂକ୍ରମଣ ରୋକିବା ପାଇଁ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାର ତଦାରଖ ପାଇଁ ୧୭ ସ୍ୱତନ୍ତ୍ର ସ୍କାଡ୍ ଗଠନ ହୋଇଛି। ଏଥିରେ ପ୍ରଶାସନିକ ଓ ପୋଲିସ୍ ଅଧିକାରୀମାନେ ରହିଛନ୍ତି। ଏହିସବୁ ସ୍କାଡ୍ ଜିଲାର ବିଭିନ୍ନ ଅଞ୍ଚଳରେ ଯାନବାହନ ଯାଞ୍ଚ କରିବା ସହ ମାସ୍କ, ସାମାଜିକ ଦୂରତା ଆଦି ଉପରେ ତଦାରଖ କରି ଅମାନିଆଙ୍କୁ ଜରିମାନା କରୁଛନ୍ତି।

ଜିଲାରେ ନାଇଟ୍ କର୍ଫ୍ୟୁ ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଜାରି ରହିଛି। ଏ ନେଇ ଜିଲା ଓ ପୋଲିସ ପ୍ରଶାସନ ଛତିଶଗଡ ସୀମା ସିଲ୍‌କରି କନକତୋରା ନିକଟରେ ୧ସପ୍ତାହ ହେଲାଣି ଯାଞ୍ଚ କଡାକଡି କରୁଛନ୍ତି। ଶନିବାର ଏହାକୁ ଆହୁରି କଡାକଡି କରାଯାଇ ଛତିଶଗଡରୁ ଓଡିଶା ଆସୁଥିବା ଲୋକଙ୍କ ପାଇଁ ୩ ସର୍ତ୍ତ ରଖାଯାଇଛି । ଏଥିମଧ୍ୟରେ ରହିଛି ୨ଡୋଜ୍ ଭାକ୍ସିନ୍ ନେଇଥିବେ, ନଚେତ ୭୨ଘଣ୍ଟା ମଧ୍ୟର ଆର୍‌ଟିପିସିଆର୍ ନେଗେଟିଭ୍ ରିପୋର୍ଟ ରହିଥିବ, ନ ହେଲେ ସେମାନଙ୍କର ଏହି ସ୍ଥାନରେ ଆଣ୍ଟିଜେନ୍ ପରୀକ୍ଷା କରିବେ। ନେଗେଟିଭ୍ ରିପୋର୍ଟ ଆସିବା ପରେ ଯାଇପାରିବେ। ଏହି ସୀମାରେ ଶନିବାରଠାରୁ ଯାତ୍ରୀବାହୀ ଯାନବାହନ ଚଳାଚଳ ବନ୍ଦ କରାଯାଇଛି। ଏକ କ୍ୟାମ୍ପ କରାଯାଇ ବିଡିଓ, ତହସିଲଦାର, ଆର୍‌ଟିଓ, ଆଇଆଇସି, ଆର୍‌ଆଇ ଓ ପୋଲିସ୍ ଫୋର୍ସ ଉପସ୍ଥିତ ରହିଛନ୍ତି। ଏହାର ତଦାରଖ ଦାୟିତ୍ୱରେ ଅଛନ୍ତି ଉପଜିଲାପାଳ ଶିବ ଟପ୍ପୋ। ଗତ ଶୁକ୍ରବାର ଆଇଜି ନରସିଂହ ଭୋଳ, ଏସ୍‌ପି ବିକାଶ ଚନ୍ଦ୍ର ଦାସ ସୀମାନ୍ତ କନକତୋରାରେ ପହଞ୍ଚି ସ୍ଥିତି ପରଖିଥିଲେ। ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବା ଶକ୍ତି ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ ଗତ ଗୁରୁବାର ଜିଲା ଗସ୍ତରେ ଆସି ଜିଲାପାଳଙ୍କ ଉପସ୍ଥିତିରେ କୋଭିଡ୍ ସମ୍ପର୍କରେ ସମୀକ୍ଷା କରିଥିଲେ। ସେହିପରି ରାଜ୍ୟ ଉନ୍ନୟନ କମିଶନର ତଥା ଉପ ପ୍ରମୁଖ ଶାସନ ସଚିବ ପ୍ରଦୀପ ଜେନା ଓ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଅନିଲ କୁମାର ସାମଲ ଏ ସମ୍ପର୍କରେ ସମୀକ୍ଷାକରି ଜିଲା ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରି ଫେରିଛନ୍ତି। ଜିଲାପାଳ ସରୋଜ କୁମାର ସାମଲ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ପ୍ରତିଦିନ ସମୀକ୍ଷା କରୁଛନ୍ତି ।



ଛତିଶଗଡ ସୀମାନ୍ତ କନକତୋରାରେ ଯାଞ୍ଚ ଚାଲିଛି।

- ସୀମାନ୍ତରେ ଯାଞ୍ଚ କଡ଼ାକଡ଼ି
- ଛତିଶଗଡ଼-ଓଡ଼ିଶା ସୀମା ସିଲ୍
- କନକତୋରାରେ ଖୋଲିଲା କ୍ୟାମ୍ପ
- ଯାତ୍ରୀବାହୀ ଯାନବାହନ ଚଳାଚଳ ବନ୍ଦ

# ନକ୍‌ଆଉଟ୍ କ୍ରିକେଟ୍: ଉବୁଡ଼ା ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

**ଝାରସୁଗୁଡା ଅଫିସ୍,୧୦।୪**

ଲଖନପୁର ବ୍ଲକ୍ ତେଲେନପାଲି ଏକାଦଶ ଷ୍ଟାର୍ କ୍ରିକେଟ୍ କ୍ଲବ୍ ତରଫରୁ ସ୍ଥାନୀୟ ଖେଳପଡିଆରେ ୬ଦିବସୀୟ ନକ୍‌ଆଉଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୧୬ ଦଳ ଅଂଶଗ୍ରହଣ କରିଥିଲେ। ତେଲେନପାଲି ଓ ଉବୁଡା ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ତେଲେନପାଲି ଟସ୍ ଜିତି ପ୍ରଥମ ବ୍ୟାଟିଂକରି ୯.୧ଓଭରରେ ୭୧ରନ୍ କରିଥିଲା । ଜବାବରେ ଉବୁଡା ଦଳ ୫ ଉଇକେଟ୍ ହରାଇ ୯ ଓଭରରେ ୭୫ରନ୍ କରି ବିଜୟୀ ହୋଇଥିଲା। ଆମ୍ପାୟର ଭାବେ ରାଜେଶ ଚନ୍ଦନ ଓ ଜଗନ୍ନାଥ ଚନ୍ଦନ ଖେଳ ପରିଚାଳନା କରିଥିଲେ । ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ବିଶାଖା ମାଝି, କୁଶ୍ରାଲୋଇ ନାଏବ ସରପଞ୍ଚ ରଞ୍ଜନ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବିଜେତା ଉବୁଡା ଦଳକୁ ଚାମ୍ପିୟନ ଟ୍ରଫି ସହ ୧୩ ହଜାର ଟଙ୍କା ଓ ଉପବିଜେତା ତେଲେନପାଲି ଦଳକୁ ରନର୍ସ ଅପ୍ ଟ୍ରଫି ସହ ୯ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଉବୁଡା ଦଳର ଆକାଶ, ମ୍ୟାନ୍ ଅଫ୍ ଦି ସିରିଜ୍ ତେଲେନପାଲି ଦଳର କ୍ଷିତିଶ ପ୍ରଧାନ, ବେଷ୍ଟ ଫିଲ୍ଡର ଉବୁଡା ଦଳର ସଚ୍ଚିନ ଆଦି ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକଙ୍କ ତରଫରୁ ଦୀନେଶ ସା, ଭାଗ୍ୟ ଚନ୍ଦନ, ସଞ୍ଜୟ ଖରସେଲ୍, ଧୀରେନ ସା ପ୍ରମୁଖ ସହଯୋଗ କରିଥିଲେ।

# ଧାରଣାରେ ବସିଲେ ଛାତ୍ରୀଛାତ୍ର



ସମ୍ବଲପୁର ବୁର୍ଲା ଭିସୁଟରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି ।

**ସମ୍ବଲପୁର,୧୦।୪(ବ୍ୟୁରୋ)**

**ଭିସୁଟ୍‌ରେ ଅନ୍‌ଲାଇନରେ ପରୀକ୍ଷା ଦାବି**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଅନ୍‌ଲାଇନ ପରୀକ୍ଷା ଦାବୀ ନେଇ ଛାତ୍ରୀଛାତ୍ର ଆନ୍ଦୋଳନ ପନ୍ଥା ଆପଣେଇଛନ୍ତି। ଶନିବାର ଶତାଧିକ ଛାତ୍ରୀଛାତ୍ର ଧାରଣାରେ ବସିଥିଲେ। ରାତି ୮ ପର୍ଯ୍ୟନ୍ତ ଧାରଣା ଚାଲିଥିଲା। ଘଟଣାସ୍ଥଳରେ ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ, ଭିସୁଟ ଡିନ୍, ବିଭାଗୀୟ ମୁଖ୍ୟମାନେ ପହଞ୍ଚି ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ଅଭିଯୋଗ କ୍ରମେ ସେମାନେ ବର୍ଷ ତମାମ ଅନ୍‌ଲାଇନରେ ପାଠ ପଢିଥିବାରୁ ଅନ୍‌ଲାଇନରେ ପରୀକ୍ଷା କରାଯାଉ। ଅନ୍ୟପଟେ ଭିସୁଟ୍ ଭାରପ୍ରାପ୍ତ କୁଳପତି ବି.ବି. ପତି କହିଛନ୍ତି, ସରକାରଙ୍କ ଅଫ୍‌ଲାଇନରେ ପରୀକ୍ଷା କରିବା ନିର୍ଦ୍ଦେଶ ରହିଛି। ଏଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ପିଲାମାନଙ୍କ ଦାବି ଅନୁସାରେ ଗୋଟିଏ ବିଷୟ ପରେ ଆଉ ଗୋଟିଏ ବିଷୟରେ ପରୀକ୍ଷା ପାଇଁ ସମୟ ଦିଆଯାଇଛି। କେବଳ ଦ୍ୱିତୀୟ ଓ ତୃତୀୟ ବର୍ଷ ପିଲାମାନେ ଏହି ଦାବି କରୁଛନ୍ତି। କୋଭିଡ୍ କଟକଣା ପାଳନ କରି ପରୀକ୍ଷା କରାଯିବ। ଏ ନେଇ ସମସ୍ତ ସୁବିଧା କରାଯାଇଛି।

# ଛାତ୍ରୀଛାତ୍ରଙ୍କୁ ମିଳିନି ମଧ୍ୟାହ୍ନଭୋଜନ ସହାୟତା ରାଶି

**ନାକଟିଦେଉଳ,୧୦।୪(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ସାଲେଭଟା ପଞ୍ଚାୟତର କେଉଟବେର୍ଣ୍ଣୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଆଜିଯାଏ ମଧ୍ୟାହ୍ନଭୋଜନ ବାବଦ ସହାୟତା ରାଶି ମିଳିପାରି ନାହିଁ। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ନାକଟିଦେଉଳ ବିଡ଼ିଓ ବିବେକାନନ୍ଦ ସାହୁ ଏବଂ ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ସାଲେଭଟା ପଞ୍ଚାୟତର ସମସ୍ତ ସ୍କୁଲର ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଜମା ଖାତାକୁ ସରକାରଙ୍କ ମଧ୍ୟାହ୍ନ ଭୋଜନ ବାବଦକୁ ମିଳୁଥିବା ଟଙ୍କା ଆସିସାରିଛି। ହେଲେ କେଉଟବେର୍ଣ୍ଣୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରୁ ବଞ୍ଚିତ ହୋଇଛନ୍ତି । ଏହି ବିଦ୍ୟାଳୟରେ ଆବଶ୍ୟକ ଛାତ୍ରୀଛାତ୍ର ନ ଥିବା ଦର୍ଶାଇ ସରକାର ଏହାକୁ ନିକଟସ୍ଥ ବିଦ୍ୟାଳୟ ସହିତ ମିଶ୍ରଣ କରାଇଦେଇଛନ୍ତି। ଏହାର ପ୍ରତିବାଦରେ ଅଭିଭାବକ ଏବଂ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ଦୀର୍ଘଦିନ ହେଲା ତାଲା ମାରି ବନ୍ଦ କରି ରଖିଛନ୍ତି। ଏ ପରିସ୍ଥିତରେ ଏହି ସ୍କୁଲ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ସହାୟତା ରାଶି ପାଇ ନ ଥିବାରୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମର ଯାଦବ ପ୍ରଧାନ, ବୈରାଗୀ ଷଣ୍ଢ, ଦିଲେଶ୍ୱର ସାହୁ, ନୟନା ସାହୁ, ଫରେନ ପ୍ରଧାନ, ବିନୋଦିନୀ ଷଣ୍ଢ, ରିଙ୍କୀ ଷଣ୍ଢ, ଖୁଲଣା ବେହେରା, ମନ୍ଦାକିନୀ କିସାନ, ମୁଚି ବେହେରା ପ୍ରମୁଖ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡ଼ିଓଙ୍କୁ ଅଭିଯୋଗ କରିଥିଲେ।

# ମୁଖ୍ୟ ଚିକିତ୍ସାଳୟ ରାସ୍ତା ଶୋଚନୀୟ

**କିର୍ମିରା,୧୦।୪(ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ରାସ୍ତା ଶୋଚନୀୟ ହୋଇଥିବାରୁ କିର୍ମିରା, କୋଲାବିରା, ଲଇକେରା, କୁଚିଣ୍ଡା ଅଞ୍ଚଳ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ମରାମତି କରାଯାଇଥିବା ରାସ୍ତାରେ ପିଚୁ ଫାଟିବା ସହ କେତେକ ସ୍ଥାନରେ ଧୋଇଯାଇ ପଥର ଖଣ୍ଡ ଉଠିରହିଛି। ଏହି ରାସ୍ତାରେ ଦୈନିକ ସିମେଣ୍ଟ, କୋଇଲା, ଆଲୁମିନିୟମ ବୋଝେଇ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତାର ଅଧିକାଂଶ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ସେହିପରି ଆଇଓସିଏଲ ପେଟ୍ରୋଲ ଡିପୋକୁ କିରୋସିନ, ଡିଜେଲ, ପେଟ୍ରୋଲ ବୋଝେଇ ଶହ ଶହ ଟ୍ୟାଙ୍କର ଯାତାୟାତ ଯୋଗୁ ଏହା ମରଣଯନ୍ତା ପାଲଟିଛି। ଫଳରେ ବହୁ ଦୂରଦୂରାନ୍ତରୁ ଆମ୍ବୁଲାନ୍ସ, ଅଟୋ ଯୋଗେ ପ୍ରସୂତି, ରୋଗୀଙ୍କୁ ଧରି ଆସୁଥିବା ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ରାସ୍ତାର ଏଭଳି ଅବସ୍ଥା ଯୋଗୁ ଦୈନିକ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି।

# ଆଇନସେବା ପ୍ରାଧିକରଣର ଲୋକ ଅଦାଲତ



ସମ୍ବଲପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ।

**ସମ୍ବଲପୁର, ୧୦।୪ (ବ୍ୟୁରୋ)**

ଓଡିଶା ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଜିଲା ସଦର ସମେତ କୁଚିଣ୍ଡା ଓ ରେଢ଼ାଖୋଲ କୋର୍ଟରେ ମଧ ଏହା ଅନୁଷ୍ଠିତ ହୋଇଥିଲା। ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଜନିତ ୨୨ ଗୋଟି ମାମଲାର ସମାଧାନ କରାଯାଇ ୧ କୋଟି ୨୧ ଲକ୍ଷ ୨୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତରେ ବିଚାରପତି ଦୁର୍ଗା ଶଙ୍କର ମିଶ୍ର ୧୧ ଗୋଟି ମାମଲାର ସମାଧାନ କରି ୨ ଲକ୍ଷ ୫୦ ହଜାର ୭୩୪ ଟଙ୍କା ଆଦାୟ କରାଯାଇଛି। ଜିଲା ଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧକ୍ଷ ବିରଞ୍ଚିନାରାୟଣ ମହାନ୍ତି ଅଧକ୍ଷତା କରିଥିଲେ। ଜିଲା ଜଜ୍ ଦ୍ୱିତୀୟ ଏମ୍‌ଏସିଟି ଜଜ୍ ବଦ୍ରିନାରାୟଣ ନନ୍ଦ, ପ୍ରଥମ ଅତିରିକ୍ତ ବିଚାରପତି ତନ୍ମୟ କୁମାର ମହାନ୍ତି, ସିଭିଲ ଜଜ୍ (ବରିଷ୍ଠ ବିଭାଗ) ସଙ୍ଗୀତା ପାଣି, ଅତିରିକ୍ତ ସିଭିଲ ଜଜ୍ (ବରିଷ୍ଠ ବିଭାଗ) ସୁଧିର ଦାଶ, ସିଭିଲ ଜଜ୍ (କନିଷ୍ଠ ବିଭାଗ) ରୋଜି ତ୍ରିପାଠୀ, ଏସ୍‌ଡିଜେଏମ୍ ଆଲୋକ ପଣ୍ଡା ପ୍ରମୁଖ ମାମଲାଗୁଡିକର ସମାଧାନ କରିଥିଲେ। କୁଚିଣ୍ଡାରେ ଅତିରିକ୍ତ ଜିଲା ଜଜ୍ ବିକ୍ରମ ପଟ୍ଟନାୟକ, ରେଢ଼ାଖୋଲରେ ସିଭିଲ ଜଜ୍ ସିନିୟର ଡିଭିଜନ ଅପୂର୍ବା ଚୌଧୁରୀ ଅଧକ୍ଷତା କରିଥିଲେ। ସମ୍ବଲପୁର ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର ପରିଚାଳନା କରିଥିଲେ।

# ଗାଡ଼ିବାଲାଙ୍କୁ ମାଫ୍, ସାଇକେଲ ଚାଳକଙ୍କୁ ଧରୁଛି ସିକ୍ୟୁରିଟି ସଂସ୍ଥା

**ବ୍ରଜରାଜନଗର, ୧୦।୪ (ଡି.ଏନ.ଏ.)**

ବ୍ରଜରାଜନଗର ସହରର ଗୋଲଛକଠାରେ ଏମ୍‌ସିଏଲ୍ ସିକ୍ୟୁରିଟି ସଂସ୍ଥାର ଗାର୍ଡମାନେ ଶନିବାର ସକାଳୁ ସାଇକେଲରେ କୋଇଲା ନେଇ ଯାଉଥିବା କେତେଜଣ ଲୋକଙ୍କୁ ଧରି ସେମାନଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଏ ଘଟଣା ଦେଖିବା ପରେ ମର୍ଣ୍ଣିଂ ୱାକ୍ କରୁଥିବା ନାଗରିକମାନେ ସିକ୍ୟୁରିଟି ସଂସ୍ଥାକୁ ଘେରିଥିଲେ। ଅଧିକ ଲୋକ ଜମା ହେବା ଦେଖି ସିକ୍ୟୁରିଟି ସଂସ୍ଥାର ଗାର୍ଡମାନେ ଯାଗା ଛାଡି ଚାଲିଯାଇଥିଲେ। ସଚେତନ ନାଗରିକଙ୍କ କହିବା ଅନୁଯାୟୀ ସାଇକେଲ ସାହାଯ୍ୟରେ କୋଇଲା ନେଉଥିବା ଲୋକ କୋଇଲା ବିକ୍ରି କରି ପରିବାର ପ୍ରତିପୋଷଣ କରେ। ସିକ୍ୟୁରିଟି ସଂସ୍ଥାର ଗାର୍ଡମାନେ ସାଇକେଲ ଚାଳକଙ୍କଠାରୁ ହାତଖର୍ଚ୍ଚ ନେଇ ଖଣି ଭିତରୁ କୋଇଲା ଆଣିବାର ସୁଯୋଗ ଦେଇଥାନ୍ତି। ଏହା ମାସ ମାସ ଧରି ଚାଲେ। କୌଣସି ସମୟରେ ଯଦି ଉପରୁ ଚାପ ପଡେ ସେମାନେ ରାସ୍ତା ଉପରେ ଏମାନଙ୍କୁ ଧରି ବାହାବା ନେଇଥାନ୍ତି। କିନ୍ତୁ ଗାଡି ଦ୍ୱାରା ଦୈନିକ ଟନ୍ ଟନ୍ କୋଇଲା ଖଣି ଭିତରୁ ପାର ହୋଇ ବିକ୍ରି ହେଉଛି। ସେମାନଙ୍କୁ କୌଣସି ଦିନ ରୋଡ୍ ଉପରେ ଧରିବାର ନାହିଁ। ଗାଡି ଦ୍ୱାରା କୋଇଲା ପାର କରୁଥିବା ଲୋକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସହରବାସୀ ଦାବି କରୁଛନ୍ତି।

# ମା' ସମଲେଶ୍ୱରୀ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସମ୍ବଲପୁର, ୧୦।୪ (ବ୍ୟୁରୋ)**

ତୃତୀୟ ମା' ସମଲେଶ୍ୱରୀ ଫାଇଟ୍ ଓପନ୍ ଟୁର୍ନାମେଣ୍ଟ-୨୦୨୧ ଶନିବାର ସମ୍ବଲପୁର ରେଳବାଇ ଅଫିସର୍ସ କ୍ଲବଠାରେ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତଟ ରେଳପଥ କ୍ରୀଡା ସଂଗଠନ ଓ ସମ୍ବଲପୁର ଜିଲା ଚେସ୍ ସଂଗଠନ ଆୟୋଜିତ ଟୁର୍ନାମେଣ୍ଟକୁ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଉଦ୍‌ଘାଟନ କରିଥିଲେ। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ଅଧ୍ୟକ୍ଷା ଈଷା ମଲ୍ଲିକ, ଅଲ୍ ଓଡ଼ିଶା ଚେସ୍ ସଂଗଠନ ଅଧକ୍ଷ ରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ୬୫ ଜଣ ଚେସ୍ ଖେଳାଳି ଭାଗ ନେଇଛନ୍ତି। ଚଳିତ ମାସ ୧୩ ତାରିଖରେ ମ୍ୟାଚ ଶେଷ ହେବ। କ୍ରୀଡା ଅଧିକାରୀ ଡ. ମିଲିନ୍ଦ ହିରୱେ, ସହାୟକ କ୍ରୀଡା ଅଧିକାରୀ ସରୋଜକାନ୍ତ ଦାଶ, କ୍ରୀଡା ସଚିବ ଆଲୋକରଞ୍ଜନ ପଣ୍ଡା ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ରେଳବାଇ ଅଫିସର୍ସ କ୍ଲବଠାରେ ଆୟୋଜିତ ଚେସ୍ ଟୁର୍ନାମେଣ୍ଟ ।

# ୧୦ବର୍ଷ ଅତିକ୍ରମ କଲା ଭିମ୍‌ସାର ହୃଦ୍‌ରୋଗ ବିଭାଗ

**ସମ୍ବଲପୁର, ୧୦।୪(ବ୍ୟୁରୋ)**

ସମ୍ବଲପୁରର ବୁର୍ଲା ଭିମ୍‌ସାରରେ ହୃଦ୍‌ରୋଗ ବିଭାଗ (କ୍ୟାଥ୍ ଲ୍ୟାବ୍) ୧୦ବର୍ଷ ଅତିକ୍ରମ କରିସାରିଛି। କ୍ୟାଥ୍ ଲ୍ୟାବ୍‌ରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲା ତଥା ରାଜ୍ୟ ବାହାରୁ ପ୍ରାୟ ୨୨୩୪ ଜଣ ରୋଗୀଙ୍କ ସଫଳ ଚିକିତ୍ସା ହୋଇପାରିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଅଧକ୍ଷ ପ୍ରଫେସର ଜୟଶ୍ରୀ ଦୋରା, ଅଧୀକ୍ଷକ ଲାଲମୋହନ ନାୟକ, ହୃଦ୍‌ରୋଗ ବିଭାଗ ମୁଖ୍ୟ ସୁରେଶ ଚନ୍ଦ୍ର ସାହୁ, ଜନସମ୍ପର୍କ ଅଧିକାରୀ ବେଣୁଧର ପାଣ୍ଡେ, ଡା. ସୁନୀଲ ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଡା. ଶର୍ମା କହିଥିଲେ ଯେ, ପଶ୍ଚିମ ଓଡ଼ିଶାର ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୨୦୧୧ ଫେବୃୟାରୀ ୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଆବଶ୍ୟକ ଡାକ୍ତର ଓ କର୍ମଚାରୀଙ୍କ ସମସ୍ୟା ଦେଖାଦେଇଥିଲା। ହେଲେ ଧୀରେ ଧୀରେ ସମସ୍ୟା ସମାଧାନ ହୋଇ ଏହି ବିଭାଗ ରୋଗୀସେବା ଦେଇଆସୁଛି। ୨୦୧୧ ମାର୍ଚ୍ଚ ୨୯ରେ ପ୍ରଥମେ ଜଣେ ବ୍ୟକ୍ତିଙ୍କ ଆଞ୍ଜିଓଗ୍ରାଫି କରାଯାଇଥିଲା। ୨୦୧୨ ନଭେମ୍ବର ମାସରେ ୫ହଜାର ବିଶିଷ୍ଟ ସିସିୟୁ ରୋଗୀସେବା ପାଇଁ କାର୍ଯ୍ୟକ୍ଷମ ହୋଇଥିଲା। କ୍ୟାଥ୍‌ଲ୍ୟାବ ଚଳାଇବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଶେଷଜ୍ଞ ଡାକ୍ତରମାନଙ୍କ ସହ ପରାମର୍ଶ ନିଆଯାଇଥିଲା। ଡା. ପି.ସି. ରଥ, ଡା. ସତ୍ୟନାରାୟଣ ରାଉତରାୟ, ଡା. ପ୍ରଶାନ୍ତ ସାହୁ, ଡା. ବ୍ରଜରାଜ ଦାଶ, ଡା. ଲିଙ୍ଗରାଜ ନାଥ, ଡା. ହେମନ୍ତ ବେହେରା, ଡା. ବିଭୁ ମହାନ୍ତି ପ୍ରମୁଖ ବହୁ ଜଟିଳ ଆଞ୍ଜିଓପ୍ଲାଷ୍ଟି କରି ଅନୁଷ୍ଠାନ ପାଇଁ ସଫଳତା ଆଣିଥିଲେ। ଚିକିତ୍ସିତ ହୋଇଥିବା ରୋଗୀଙ୍କ ମଧ୍ୟରୁ ୧୭୩୦ଟି ଆଜିଓଗ୍ରାଫି, ୧୮୮ଟି ଆଜିଓପ୍ଲାଷ୍ଟି, ୧୮୪ଟି ଅସ୍ଥାୟୀ ପେସ୍‌ମେକର୍, ୧୩୨ଟି ସ୍ଥାୟୀ ପେସ୍‌ମେକର୍ ରୋଗୀଙ୍କୁ ଲଗାଯାଇଛି। ଏବେ ମଧ ଅନେକ ସମସ୍ୟା ଲାଗିରହିଛି। ବିଭାଗରେ ବର୍ତ୍ତମାନ ୨ ଜଣ ପ୍ରଫେସର, ୨ ଆସିଷ୍ଟାଣ୍ଟ ପ୍ରଫେସର ଥିବାବେଳେ ଆଉ ଜଣେ ଆସୋସିଏଟ୍ ପଦ ଖାଲି ରହିଛି। ୨ଟି ଏସ୍‌ଆର୍ ଆବଶ୍ୟକ ଥିବାବେଳେ ସେଥିପାଇଁ ପଦବୀ ନାହିଁ। ତାଲିମପ୍ରାପ୍ତ କର୍ମଚାରୀଙ୍କ ଅଭାବ ରହିଛି। ଭିମ୍‌ସାରରେ ସୁପରସ୍ପେଶିଆଲିଟି ବିଭାଗ ହୋଇଥିବା ବେଳେ ଏହି ବିଭାଗରେ ପିଜି ସିଟ୍ ନାହିଁ। କେତେକ କନିଷ୍ଠ ଛାତ୍ରୀଛାତ୍ରଙ୍କ ସହାୟତାରେ ଚିକିତ୍ସା କରାଯାଉଛି ବୋଲି ସେ କହିଥିଲେ।




ବୁର୍ଲାସ୍ଥିତ ଭିମ୍‌ସାର।

## ସଂକ୍ଷେପରେ

### ଆନ୍ତଃ ରାଜ୍ୟ ବନ୍ଧୁକ ର୍ୟାକେଟ ଠାବ ଘଟଣା
### ଆଜିଠୁ ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ଏସ୍‌ଟିଏଫ୍‌




**ଭୁବନେଶ୍ୱର,୧୦।୪(ବ୍ୟୁରୋ):** କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଶୁକ୍ରବାର ଆନ୍ତଃଜିଲା ଚୋରା ବନ୍ଧୁକ ଚାଲାଣ ର୍ୟାକେଟ୍‌କୁ ଠାବ କରିବା ସହ ୨ଜଣ ଚାଲାଣକାରୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସେମାନେ ହେଲେ ଜଗତ୍‌ସିଂପୁର ଜିଲାର କାଳିଆ ଓରଫ ସୁରେଶକୁମାର ଦାସ ଓ ସୌମ୍ୟରଞ୍ଜନ ଦଳେଇ। ସେମାନଙ୍କ ନିକଟରୁ ୮ ବନ୍ଧୁକ ଓ ୨୦ ରାଉଣ୍ଡ ଗୁଳି ଜବତ ହୋଇଥିଲା। ତେବେ ପଚରାଉଚରାବେଳେ ରାଜ୍ୟରେ ବନ୍ଧୁକ ଚୋରା କାରବାରର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିଲା ଏସ୍‌ଟିଏଫ୍। ଅଧିକ ତଦନ୍ତ ସହ ର୍ୟାକେଟର କିଙ୍ଗପିନ୍‌ଙ୍କୁ ସମେତ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ଜେଲରେ ଥିବା ୨ ଅଭିଯୁକ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ ଶନିବାର କୋର୍ଟରେ ଆବେଦନ କରିଥିଲା ଏସ୍‌ଟିଫ୍। ତେବେ ୪ ଦିନ ରିମାଣ୍ଡ ପାଇଁ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି।

ପ୍ରକାଶ ଥାଉକି , ଅଭିଯୁକ୍ତ ଦ୍ୱୟ ଶୁକ୍ରବାର ସକାଳେ ବନ୍ଧୁକ ଡିଲ୍ ପାଇଁ ଜଗତ୍‌ସିଂହପୁରରୁ କଟକ ଆସୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଟିମ୍ ନିଆଳି ଶିଖରଘାଟ ପୋଲ ନିକଟରେ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବା ସହ ବିପୁଳ ବନ୍ଧୁକ ଓ ଗୁଳି ଜବତ କରିଥିଲା।

### ୧୩୦ କେଜି ଗଞ୍ଜେଇ ଜବତ: ଯୁବକ ଗିରଫ

**କଟକ ଅଫିସ, ୧୦।୪:** ରାଜ୍ୟ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍‌ର କଟକ ଶାଖା ପକ୍ଷରୁ ଶନିବାର ସକାଳେ ଗୋପାଳପୁର ଛକଠାରେ ଚଢ଼ାଉ କରାଯାଇ ଏକ ଗାଡ଼ିରୁ ୧୩୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ବିହାର ସୀତାମାଡ଼ି ଜିଲା ନନ୍ଦୱାଡା ବେଲଗଞ୍ଜ ଅଞ୍ଚଳର କ୍ରିଷ୍ଣା କୁମାର(୨୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଫ୍ଲାଇଙ୍ଗ ସ୍କ୍ୱାଡ୍ ଅଧିକାରୀ ସୁଶାନ୍ତ ପାଢ଼ୀଙ୍କ ସୂଚନା ଅନୁଯାୟୀ, ଗାଡିଟି ବ୍ରହ୍ମପୁରରୁ ବିହାର ଅଭିମୁଖେ ଯାଉଥିବାବେଳେ ଏହି ଚଢ଼ାଉ କରାଯାଇଥିଲା। ତେବେ ଯାଞ୍ଚବେଳେ ଗାଡିରୁ ଏହି ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ଉରେ ସିଦ୍ଧେଶ୍ୱର ବେହେରା, ଆଇଆଇସି ସୁଶାନ୍ତ କୁମାର ପାଢ଼ୀ, ସରୋଜ ପରିଡା, ଉମାକାନ୍ତ ସ୍ୱାଇଁ, ଏସଆଇ ସଚିନ୍ ବେହେରା, ମନୀଷା ଭୋଳ ପ୍ରମୁଖ ସାମିଲ ହୋଇଥିଲେ।

# ଝାରପଡ଼ା ଜେଲରେ ନିର୍ଯାତନା ଅଭିଯୋଗ

■ଛାତ୍ରନେତାଙ୍କ ଜରିଆରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ପତ୍ର
■ଅଭିଯୋଗକୁ ଖଣ୍ଡନ କଲେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ଝାରପଡ଼ା ଜେଲରେ କଏଦୀଙ୍କୁ ଦିଆଯାଉଛି ଅକଥନୀୟ ନିର୍ଯାତନା। ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ସହ ୱାର୍ଡରମାନେ ସଂଘବଦ୍ଧ ଭାବେ ମାଡ଼ ମାରୁଛନ୍ତି। ଏନେଇ ଜେଲରେ ଥିବା ଜଣେ ବିଚାରାଧୀନ କଏଦୀ ରାକେଶ ବେହେରା ଛାତ୍ରନେତା ମହେଶ ପ୍ରସାଦଙ୍କ ଜରିଆରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ପତ୍ର ଲେଖିଛନ୍ତି। ଜେଲରେ କଏଦୀମାନଙ୍କର ମାନବିକ ଅଧିକାର କ୍ଷୁଣ୍ଣ ହେଉଥିବାରୁ ଘଟଣାର ତଦନ୍ତ କରାଯିବାକୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଛାତ୍ରନେତା ମହେଶ ପ୍ରସାଦ ଶନିବାର ଏକ ଖବରଦାତା ସମ୍ମିଳନୀ ଡକାଇ ଜେଲର କଳାକାହାଣୀ ବଖାଣିଛନ୍ତି।

ରାକେଶ ତାଙ୍କ ଚିଠିଲେ ଲେଖିଛନ୍ତି ଯେ, ୨୦୨୦ ନଭେମ୍ବର ୧୧ରେ ଜେଲ ଭିତରେ ଓକିଲଙ୍କୁ ଫୋନ କରିବାକୁ ଅପେକ୍ଷା କରିଥିଲି। ପ୍ରଥମଥର ରିଙ୍ଗ ହୋଇଥିଲେ ମଧ୍ୟ କେହି ଫୋନ ଉଠାଇ ନ ଥିଲେ। ଫଳରେ ଦ୍ୱିତୀୟଥର କଲ୍ କରିଥିଲି। ରିଙ୍ଗ୍ ହେଉଥିବାବେଳେ ୱାର୍ଡର ଜୟପ୍ରକାଶ ପ୍ରଧାନ ଫୋନ ଛଡାଇନେଲେ। ଏହାକୁ ବିରୋଧ କରିବାକୁ ସର୍ବସମ୍ମୁଖରେ ମାଡ଼ ମାରିଥିଲେ। ମୋତେ ନିମ୍ନ ଜାତିର ବୋଲି ଆକ୍ଷେପ ମଧ୍ୟ କରିଥିଲେ। ପରେ ବାଡେଇବାରୁ ମୋ ରୁମ୍ ନଂ. ୧୯କୁ ଦୌଡି ପଳାଇଥିଲି। ପରେ ୮ରୁ ୧୦ଜଣ ୱାର୍ଡର ରୁମ୍‌କୁ ଆସି ମୋତେ ନିସ୍ତୁକ ପିଟିଥିଲେ। ଫଳରେ ଆଜି ପର୍ଯ୍ୟନ୍ତ ୫ମାସ ପରେ ମଧ ବାମ ହାତ ଠିକଭାବେ କାମ କରୁନାହିଁ। ବାମ ହାତ, ଡାହାଣ ହାତ ଓ ପିଠିରେ ମାଡ଼ ଦାଗ ରହିଛି। ଏହାର ଅନୁଧ୍ୟାନ କରାଯିବାକୁ ରାକେଶ ଚିଠିରେ ଉଲ୍ଲେଖ କରିଛନ୍ତି। ସେ ଆହୁରି ଲେଖିଛନ୍ତି ଯେ, ନଭେମ୍ବର ୧୪ ରାତି ସାଢେ ୭ଟାରେ ମୋତେ ହସ୍ପିଟାଲ ନେଇଥିଲେ ଓ ଏକ ନିର୍ଦ୍ଦିଷ୍ଟ ଔଷଧ ଖାଇବାକୁ ବାଧ କରିଥିଲେ। ମନା କରିବାରୁ ମେଣ୍ଟାଲ ହସ୍ପିଟାଲ ନେଇ କରେଣ୍ଟ ଓ ଇଞ୍ଜେକ୍ସନ ଦେବାକୁ ଧମକ ଦେଇଥିଲେ। ଏହାଦ୍ୱାରା ଜଣେ କଏଦୀର ମାନସିକ ସ୍ଥିତି କିପରି ପରିବର୍ତ୍ତନ ହେବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏହିପରି ନିର୍ଯାତନା ଦ୍ୱାରା ଜଣେ କଏଦୀର ମାନବିକ ଅଧିକାର କ୍ଷୁଣ୍ଣ ହେଉଛି। ତାଙ୍କ ପରି ଅନ୍ୟ କଏଦୀଙ୍କୁ ମଧ୍ୟ ନିର୍ଯାତନା ଦିଆଯାଉଛି। ତାଙ୍କୁ




ୱାର୍ଡରମାନେ ମାଡ଼ ମାରିଥିବାବେଳେ ଅନ୍ୟ ଅଭିଯୁକ୍ତ ଜିତୁ ରଞ୍ଜନ ଖଟେଇ, ରାକେଶ ମହାନ୍ତି, ଗୋପୀନାଥ ନାୟକ, ଲିଙ୍ଗରାଜ ବାରିକ ପ୍ରତ୍ୟକ୍ଷଦର୍ଶୀ ରହିଛନ୍ତି। ଏହି ଘଟଣାର ଅନୁଧ୍ୟାନ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାକେଶ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଝାରପଡା ଜେଲ ସୁପରିଣ୍ଟେଣ୍ଡେଣ୍ଟ ଧିରେନ୍ଦ୍ରନାଥ ବାରିକ। ସେ କହିଛନ୍ତି, ଅଭିଯୁକ୍ତ ରାକେଶଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ରାକେଶ ୫ମାସ ତଳେ ୱାର୍ଡର ଜୟପ୍ରକାଶଙ୍କୁ ଆକ୍ରମଣକରି ମୁହଁକୁ ମୁଥ ମାରିଥିଲେ। ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ମଧ ହୋଇଛି।

## ପୋଡ଼ି ହୋଇ ଜଣେ ମୃତ

### ୨ ବଖରା ଜଳିଗଲା

କଣ୍ଟାପଡା,୧୦।୪(ଡି.ଏନ୍.ଏ.)

ଗୋବିନ୍ଦପୁର ଥାନା ଅନ୍ତର୍ଗତ ଡିମିରି ଗ୍ରାମର ବିଜୟ ନାୟକ(୫୭)ଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୨ ବଖରା ଜଳିଯାଇଥିବାବେଳେ ନିଆଁରେ ପୋଡ଼ି ହୋଇ ବିଜୟଙ୍କ ମୃତ୍ୟୁ ଘଟିଛି। ଶନିବାର ନିଆଳି ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ ଉକ୍ତ ଗ୍ରାମରେ ପହଞ୍ଚି ବିଜୟଙ୍କ ଭଉଣୀ ସନ୍ଧ୍ୟାରାଣୀଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୧୦, ୦୦୦ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ଅନୁଯାୟୀ, ବିଜୟ ଅବିବାହିତ ଥିବାବେଳେ ତାଙ୍କ ଭଉଣୀ, ଭିଣୋଇ ଓ ସେମାନଙ୍କର ୨ପିଲା ଏଠାରେ ରହିଥାନ୍ତି। ଘର ଅଭାବ ଯୋଗୁ ସେମାନେ ସେହି ଗ୍ରାମର ଅନ୍ୟଜଣେ ବ୍ୟକ୍ତିଙ୍କ ଘରକୁ ରାତିରେ ଶୋଇବାକୁ ଯାଇଥିଲେ। ବିଜୟ ଉକ୍ତ ଘରେ ଏକୁଟିଆ ଥିଲେ। ବିଳମ୍ବିତ ରାତିରେ ଉକ୍ତ ଘରେ ନିଆଁ ଲାଗିଥିବା ଦେଖି ଗ୍ରାମବାସୀ ବିଜୟଙ୍କୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରି ଅଡ଼ଶପୁର ଓ ପରେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ। ସେଠାର ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକର ଏକ ଘରୋଇ ନର୍ସିଂହୋମ୍‌କୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବସ୍‌ରୁ ହଜିଗଲା ଟଙ୍କା, ସାର୍ଟିଫିକେଟ

### ପୋଲିସର ଦ୍ୱାରସ୍ଥ ହେଲେ ପରିବାର

କୋକସରା,୧୦।୪ (ଡି.ଏନ.ଏ.)

ବସ୍‌ରେ ଜିନିଷପତ୍ର ରଖି ମା' ବାପାଙ୍କ ସହ ଛଇଲା ହାଇଦ୍ରାବାଦରୁ କଳାହାଣ୍ଡି ଜିଲା କୋକସରା ଆସିଲେ । ହେଲେ ବସରୁ ଓହ୍ଲାଇ ଜିନିଷ ଖୋଜିଲା ବେଳକୁ ବସ୍ କର୍ମଚାରୀ କୌଣସି ସନ୍ତୋଷଜନକ ଉତ୍ତର ଦେଲେନାହିଁ । ଫଳରେ ୧୮ ବର୍ଷୀୟା ଏହି ଯୁବତୀ ଜଣକ ଶନିବାର ଉକ୍ତ ବସ ଆଗରେ ଶୋଇରଖି ଅଭିନବ ପ୍ରତିବାଦ କରିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା ।

ପ୍ରକାଶ ଯେ, ସଙ୍ଗୀତା ନାମକ ଏକ ଯାତ୍ରୀବାହୀ ବସ୍‌ରେ ହାଇଦ୍ରାବାଦରୁ କଳାହାଣ୍ଡି ଜିଲା କୋକସରା ବ୍ଲକର ମୂଷାପାଲିକୁ ମୁକୁନ୍ଦ ଦୁର୍ଗା ସ୍ତ୍ରୀ ପଦ୍ମା ଓ ଝିଅ ଛଇଲା (୧୮)ସହ ଗତ ୭ ତାରିଖରେ ଆସିଥିଲେ। ପରିବାର ଲୋକେ କହିବା ଅନୁସାରେ ସେମାନେ ସାଙ୍ଗରେ ଆଣିଥିବା ବ୍ୟାଗକୁ ବସ କର୍ମଚାରୀ ବସର ପଛପଟେ ଥିବା ଡିକିରେ ରଖିଥିଲେ। ଏହି ବ୍ୟାଗରେ ଘରକରଣା ଜିନିଷ, ନଗଦ ୩୦ହଜାର ଟଙ୍କା, ଝିଅର ଶିକ୍ଷାଗତ ପ୍ରମାଣପତ୍ର, ବ୍ୟାଙ୍କ ପାସବୁକ୍, ଏଟିଏମ କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଥିଲା। କୋକସରା ବସଷ୍ଟାଣ୍ଡରେ ଓହ୍ଲାଇବା ବେଳକୁ ବସ ପଛପଟ ଡିକିରେ ରଖିଥିବା ବ୍ୟାଗ ନ ଥିଲା। ଗରିବ ଖଟିଖିଆ ପରିବାର ଏ ନେଇ ବସ କର୍ମଚାରୀଙ୍କୁ ପଚାରିବା ପରେ ଖୋଜିବା କହିଥିଲେ। ତେବେ ଦୁଇଦିନ ପରେ ମଧ ହଜିଥିବା ବ୍ୟାଗ ନ ମିଳିବାରୁ କୋକସରା ବସ୍‌ଷ୍ଟାଣ୍ଡରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଯୁବତୀ ଜଣକ ବସ୍ ଆଗରେ ଶୋଇପଡି ହଜିଥିବା ଟଙ୍କା ଓ ସାର୍ଟିଫିକେଟ ଫେରାଇ ଦେବାକୁ ନେହୁରା ହୋଇ କହୁଥିବା ବେଳେ ଭିଡ ଜମିଥିଲା।




ବାହାରୁ ଆସୁଥିବା ଯାତ୍ରୀଙ୍କ ଓଡ଼ିଶା ପ୍ରବେଶ କଟକଣାକୁ କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯିବା ପରେ ଶନିବାର ଭୁବନେଶ୍ୱର ରେଳ ଷ୍ଟେଶନରେ ଯାତ୍ରୀଙ୍କ ସ୍କ୍ରିନିଂ ଟେଷ୍ଟ କରାଯାଉଛି।

## ରାସ୍ତାରେ ଜଳିଗଲା କାର

ବୋଲଗଡ଼,୧୦।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ଫାସିଓଦା ପଞ୍ଚାୟତ ଭୀମପଡ଼ା ବଜାର ଉପରେ ଶନିବାର ରାତିରେ ଏକ ଚଳନ୍ତା କାରରେ ନିଆଁ ଲାଗି ଜଳିଯାଇଛି। ଚାଳକଙ୍କ ସମେତ ୪ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୋଲଗଡ଼ ଅଗ୍ନିଶମ ଅଧିକାରୀ ନିରଞ୍ଜନ ବେହେରାଙ୍କ ସୂଚନା ଅନୁଯାୟୀ, ରାତି ପ୍ରାୟ ୮ଟାରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରଜପଥରେ ଏକ କାର (ଓଡ଼ି ୨୫ଜେ ୦୯୦୦) ନୟାଗଡ଼ ପଟୁ ସୁନାଖଳା ଫେରୁଥିବା ବେଳେ ଭୀମପଡ଼ା ବଜାର ଅତିକ୍ରମ କରୁଥିବା ବେଳେ ଏହାର ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ଚଳନ୍ତା ଗାଡିରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଗାଡିକୁ ଅଟକାଇବା ସହ ୪ଜଣଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ନିଆଁ ଆୟତ୍ତ ହୋଇସାରିଥିଲା।ଏହି କାର ରାଜସୁନାଖଳା ଗ୍ରାମର ଆଫ୍ରୋଜ ବିବିଙ୍କ ମାଲିକାନାରେ ଥବା ଜଣାପଡିଛି। ଗାଡିର ଇଞ୍ଜିନ ଅତ୍ୟଧିକ ଗରମ କିମ୍ବା ଇଲେକଟ୍ରିକ ଶର୍ଟସର୍କିଟ ଯୋଗୁ ନଆଁ ଲାଗିଥିବା ଅନୁମାନ କରାଯାଉଛି।

## ଅତିରିକ୍ତ ତହସିଲଦାରଙ୍କୁ ପଥର ମାଫିଆଙ୍କ ଆକ୍ରମଣ

ଜଟଣୀ,୧୦।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ତହସିଲ ଅଞ୍ଚଳରେ ପଥର ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଅଞ୍ଚଳରୁ ଦୈନିକ ବେଆଇନଭାବେ ପଥର, ମୋରମ ଚାଲାଣ କରାଯାଉଛି। ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଗାଡ଼ି ଜବତ କରାଯିବା ସହ ଜରିମାନା ଆଦାୟ କରାଯାଉଛି। ଶନିବାର ସନ୍ଧ୍ୟାରେ ଚଢ଼ାଉ ବେଳେ ପଥର ମାଫିଆମାନେ ଜଟଣୀ ଅତିରିକ୍ତ ତହସିଲଦାର ରମେଶ ମଲ୍ଲିକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୮୬/୨୧)ରୁଜୁ କରିବା ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସନ୍ଧ୍ୟାରେ ଅତିରିକ୍ତ ତହସିଲଦାର ମଲ୍ଲିକ ତଳଖେତା ଛକ ନିକଟର ୩ଟି ପଥର ବୋଝେଇ ଗାଡ଼ି ଯାଉଥିବା ଦେଖି ପିଛା କରିଥିଲେ। ତେବେ ଏକ କାରରେ ଯାଉଥିବା ପଥର ମାଫିଆମାନେ ପାଟ୍ରୋଲିଂ ଗାଡିକୁ ଆଗକୁ ଯିବାକୁ ସାଇଟ ଦେଇ ନ ଥିଲେ। ପରେ ମାଫିଆମାନେ ପାଟ୍ରୋଲିଂ ଗାଡ଼ିକୁ ଅଟକାଇ ଅତିରିକ୍ତ ତହସିଲଦାର ଓ ଗାଡ଼ି ଚାଳକଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ମାଫିଆମାନେ ୩ଟି ପଥର ବୋଝେଇ ଗାଡିକୁ ପାସ୍ କରେଇବାରେ ସଫଳ ହୋଇଥିଲେ। ଏନେଇ ଅତିରିକ୍ତ ତହସିଲଦାର ଥାନାରେ ଅଭିଯୋଗ କରିଥିଲେ।

## ଜେଲ ଗଲେ ବନ ବିଭାଗର କୋଟିପତି କିରାଣି

ଭୁବନେଶ୍ୱର, ୧୦।୪(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୁଖ୍ୟ ବନ ସଂରକ୍ଷକ (ସିସିଏଫ୍) କେନ୍ଦୁଲିଫ୍ କଟକ କାର୍ଯ୍ୟାଳୟର ବରିଷ୍ଠ କିରାଣି ଦିଲୀପ ଜେନାଙ୍କୁ ଶନିବାର ଭିଜିଲାନ୍ସ ଗିରଫ କରିଛି। ପରେ ତାଙ୍କୁ ଭୁବନେଶ୍ୱର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଶୁକ୍ରବାର ଭିଜିଲାନ୍ସର ୪ଟି ଟିମ୍ କଟକସ୍ଥିତ ତାଙ୍କ ଅଫିସ୍, ଢେଙ୍କାନାଳ ଜିଲା ଗନ୍ଦିଆ ରତନପୁରସ୍ଥିତ ପୈତୃକ ଘର, ଭୁବନେଶ୍ୱର ଜାଗମରାରେ ଥିବା କୋଠା ଓ ଫରେଷ୍ଟ ଟ୍ରେନିଂ ସ୍କୁଲ୍ କ୍ୱାର୍ଟର୍ସରେ ଏକକାଳୀନ ପୃଥକ ଭାବେ ଚଢ଼ାଉ କରିଥିଲା। ଯାଞ୍ଚ ପରେ ମୋଟ ୧ କୋଟି ୫୬ ଲକ୍ଷ ୪୦ହଜାର ୧୫୭ ଟଙ୍କାର ସମ୍ପତ୍ତି ଠାବ ହୋଇଥିଲା। ଜାଗମରାସ୍ଥିତ ୪ ମହଲା ଘରର ମୂଲ୍ୟ ୧ କୋଟି ୮ଲକ୍ଷ ୭ହଜାର ୮୩୯ ଟଙ୍କାରେ ହିସାବ କରାଯାଇଥିବାବେଳେ ୧ଲକ୍ଷ ୧୭ ହଜାର ୬୭୬ଟଙ୍କାର ଦୁଇଟି ବାଇକ, ୧୯ଲକ୍ଷ ୮୩ହଜାର ୬୯୭ ଟଙ୍କାର ଦୁଇଟି କାର୍, ଢେଙ୍କାନାଳ ଓ ଭୁବନେଶ୍ୱରରେ ଥିବା ୧୦ଲକ୍ଷ ୫୨ହଜାର ୬ଶହ ଟଙ୍କାର ୩ଟି ପ୍ଲଟ୍, ୧୧ଲକ୍ଷ ୩୮ହଜାର ୩୪୫ ଟଙ୍କାର ପୈତୃକ ସମ୍ପତ୍ତିର ଅଂଶ, ୧୫ହଜାର ଟଙ୍କାର ସୁନା ଅଳଙ୍କାର, ୫୦ହଜାର ଟଙ୍କାର ବ୍ୟାଙ୍କ ଜମା ରାଶି, ନଗଦ ଟଙ୍କା ୮ହଜାର ୪୫୦ ଓ ୪ଲକ୍ଷ ୬୬ହଜାର ୫୫୦ଟଙ୍କାର ଗୃହ ଉପକରଣ ରହିଛି।

### ରାଜ୍ୟ ପୋଲିସର ସ୍ପେଶାଲ ଡ୍ରାଇଭ୍
## ୭୨ ଘଣ୍ଟାରେ ୯୦ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

କଟକ ଅଫିସ, ୧୦।୪

କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ଶୁକ୍ରବାର ସ୍ପେଶାଲ ଡ୍ରାଇଭ କରାଯାଇ ୭୨ ଘଣ୍ଟା ମଧ୍ୟରେ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ପେଶାଲ ଡ୍ରାଇଭ୍ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ତେବେ ଏହି ଡ୍ରାଇଭ୍‌ର ତୃତୀୟ ଦିନରେ ସାମାଜିକ ଦୂରତା ନିୟମ ଭଙ୍ଗ କରିଥିବା ୧୪୩୮ ଜଣ ବ୍ୟକ୍ତିଙ୍କଠାରୁ ୧ ଲକ୍ଷ ୯୩ ହଜାର ୯୫୦ ଟଙ୍କା ଓ ମାସ୍କ ପିନ୍ଧି ନ ଥିବା ୧୦,୭୦୭ ଜଣ ବ୍ୟକ୍ତିଙ୍କଠାରୁ ୩୭ ଲକ୍ଷ ୦୪ ହଜାର ୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ ଗତ ୩ ଦିନ ମଧ୍ୟରେ ୩୩,୩୪୬ ଜଣ ବ୍ୟକ୍ତିଙ୍କଠାରୁ ୯୦,୬୭, ୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି।

# ଚଳିତବର୍ଷ ୭ ହଜାର ପରୀକ୍ଷା କେନ୍ଦ୍ର

### ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା

■କରୋନା ଚାପମୁକ୍ତ ରହି ପାଠ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ

ଭୁବନେଶ୍ୱର, ୧୦।୪(ବ୍ୟୁରୋ)



ସନ୍ୟମ୍ ଭରଦ୍ୱାଜ୍



ଡ. ବିଜୟ କୁମାର ସାହୁ

ଆସନ୍ତା ମେ' ମାସରୁ ଆରମ୍ଭ ହେବ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା। ବର୍ତ୍ତମାନ କରୋନା ସ୍ଥିତିରେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ସିବିଏସ୍‌ଇ ନୂଆଦିଲ୍ଲୀର କଣ୍ଟ୍ରୋଲର୍ ଅଫ୍ ଏକ୍‌ଜାମିନେଶନ୍ ସନ୍ୟମ୍ ଭରଦ୍ୱାଜ କହିଛନ୍ତି, ପରୀକ୍ଷାକୁ ସୁରୁଖୁରୁରେ ସାରିବାକୁ ଆମେ ସବୁପ୍ରକାର ପନ୍ଥା ଗ୍ରହଣ କରୁଛୁ। କରୋନା ଭଳି ବିପତ୍ତି ସମୟରେ ଦେଶରେ ସିବିଏସ୍‌ଇ ଅଧୀନରେ ଥିବା ୨୫ ହଜାର ସ୍କୁଲର ଏକ ଟିମ୍ ଯେକୌଣସି ଆହ୍ୱାନକୁ ସଫଳତାର ସହ ସାମ୍ନା କରିବାର ଦକ୍ଷତା ଅଛି। ଚଳିତବର୍ଷ ପରୀକ୍ଷା କେନ୍ଦ୍ର ସଂଖ୍ୟା ୫ ହଜାରରୁ ୭ ହଜାରକୁ ବୃଦ୍ଧି କରାଯିବ। କରୋନା କଟକଣା ମାନି ପରୀକ୍ଷା କରାଯିବ ବୋଲି ଶନିବାର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଦ୍ୱାରା ଆୟୋଜିତ ସାଇ ଥଟ୍ ଲିଡରସିପ୍ କାର୍ଯ୍ୟକ୍ରମରେ ସନ୍ୟମ୍ ଭରଦ୍ୱାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତବର୍ଷ କରୋନାରେ ଛାତ୍ରୀଛାତ୍ରମାନେ ବୋର୍ଡ ପରୀକ୍ଷାରେ ଖୁବ୍ ଭଲ ପ୍ରଦର୍ଶନ କରିଥିବାବେଳେ ଚଳିତ ବର୍ଷ ପାଠପଢ଼ା ପାଇଁ ଅଧିକ ସମୟ ପାଇଥିବାରୁ ପରୀକ୍ଷାରେ ସଫଳତାର ହାର ବୃଦ୍ଧି ହେବ ବୋଲି ଆଶା ରହିଛି। କରୋନାର ଦ୍ୱିତୀୟ ଲହରରେ ଚାପମୁକ୍ତ ରହି ନିଜ ପାଠ ପ୍ରତି ଧ୍ୟାନ ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ପିଲାମାନଙ୍କୁ ପାଠପଢ଼ା ପ୍ରତି ଉତ୍ସାହିତ କରିବା ସହିତ କରୋନା କବଳରୁ ସୁରକ୍ଷିତ ରଖିବା ପାଇଁ ଅଭିଭାବକମାନେ ପ୍ରୟାସ କରନ୍ତୁ ବୋଲି ଭରଦ୍ୱାଜ କହିଛନ୍ତି।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ତଥା କାର୍ଯ୍ୟକାରୀ ସଭାପତି ଏବଂ ସାଇ ଇଣ୍ଟରନ୍ୟାଶନାଲ୍‌ର ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁ ବୋର୍ଡ ପରୀକ୍ଷା ଦେବାକୁ ଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆଗାମୀ ଦିନରେ ଦେଶ ବିଦେଶର ଅନେକ ଖ୍ୟାତନାମା ବ୍ୟକ୍ତିତ୍ୱଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ୍ କରି ଛାତ୍ରୀଛାତ୍ରଙ୍କ ନେତୃତ୍ୱ ବିକାଶ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

# ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ନିର୍ଦ୍ଦେଶ

### ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ

ଭୁବନେଶ୍ୱର, ୧୦।୪(ବ୍ୟୁରୋ)

ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ ଖନନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରି ଆଠଗଡ଼ ଅଞ୍ଚଳକୁ ଜଳ ଯୋଗାଇବା ଉପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି। ଶନିବାର ଭିଡିଓ କନ୍‌ଫରେନ୍ସରେ କାର୍ଯ୍ୟର ଅଗ୍ରଗତି ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଜଙ୍ଗଲ ଜମି ହସ୍ତାନ୍ତର ସମ୍ପର୍କିତ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ପ୍ରଥମ ପର୍ଯ୍ୟାୟରେ ଜଙ୍ଗଲ ଅନୁମୋଦନ ମିଳିଥିବା ସମସ୍ତ ୨୬୧.୮୧୮ ହେକ୍ଟର ଜମି ହସ୍ତାନ୍ତର ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସମ୍ପୃକ୍ତ ୩ ବନଖଣ୍ଡ ଅଧିକାରୀମାନେ ଆଗାମୀ ୭ ଦିନ ମଧ୍ୟରେ ସମସ୍ତ ଜମି ହସ୍ତାନ୍ତର କରିବେ ଏବଂ ଗ୍ରାମ୍ୟ ଜଙ୍ଗଲ କିସମ ଜମି ହସ୍ତାନ୍ତର ନିମନ୍ତେ ସମ୍ପୃକ୍ତ ଜିଲାପାଳଙ୍କୁ ଅବଗତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ ୨୫୧.୧୯୮୭ ହେକ୍ଟର ଜଙ୍ଗଲ ଜମିର କ୍ଲିୟରାନ୍ସ ନିମନ୍ତେ ଆବଶ୍ୟକ ସର୍ଭେ ସହିତ ଦସ୍ତାବିଜ ଦାଖଲ ନିମନ୍ତେ ସମସ୍ତ କାର୍ଯ୍ୟ ଆଗାମୀ ୧୨ ତାରିଖ ସୁଦ୍ଧା ସାରିବା ପାଇଁ ସମ୍ପୃକ୍ତ ବନଖଣ୍ଡ ଅଧିକାରୀ ଏବଂ ରେଙ୍ଗାଲି ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ କୁହାଯାଇଛି। ଏଥିସହିତ କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟର ୭.୫୨ ହେକ୍ଟର ଜମି ହସ୍ତାନ୍ତର ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ବାବଦରେ ସମସ୍ତ ଦସ୍ତାବିଜ ଅନ୍‌ଲାଇନ୍ କରାଯିବା ସହିତ ଢେଙ୍କାନାଳ ବନଖଣ୍ଡ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଗତ ୭ ତାରିଖରେ ଜଙ୍ଗଲ ବିଭାଗକୁ ରିପୋର୍ଟ ପ୍ରଦାନ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଏ ନେଇ ଆବଶ୍ୟକ କାର୍ଯ୍ୟକ୍ରମ ଆସନ୍ତା ୧୦ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ କହିଥିଲେ। ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ମୁଖ୍ୟ ବନସଂରକ୍ଷକ, ରେଙ୍ଗାଲି ଦକ୍ଷିଣ କେନାଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଢେଙ୍କାନାଳ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ, ଆଠଗଡ଼, ଢେଙ୍କାନାଳ ଓ କଟକ ବନଖଣ୍ଡ ଅଧିକାରୀଙ୍କ ସମେତ ରେଙ୍ଗାଲି ଦକ୍ଷିଣ କେନାଲର ନିର୍ବାହୀ ଯନ୍ତ୍ରୀମାନେ ଅଂଶଗ୍ରହଣ କରିଥିଲେ।



ସମୀକ୍ଷା ବୈଠକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

## ସଂକ୍ଷେପରେ

### ଦେଶରେ ତେଲ ବିକ୍ରି ହ୍ରାସ

ନୂଆଦିଲ୍ଲୀ,୧୦।୪: କରୋନା ସଂକ୍ରମଣ ଯୋଗୁ ସରକାର ଲକ୍‌ଡାଉନ ଓ ଶଟ୍‌ଡାଉନ ଭଳି କଟକଣା ଲାଗୁ କରିଥିଲେ। ଫଳରେ ଗାଡ଼ି ଚଳାଚଳ ଓ ଯାତାୟାତରେ ଅନେକ ଫରକ ଦେଖାଦେଲା। ଏହାର ପ୍ରଭାବ ସିଧା ପେଟ୍ରୋଲ ଏବଂ ଡିଜେଲ ବିକ୍ରି ଉପରେ ପଡ଼ିଲା ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ୨୦୨୦-୨୧ ବର୍ଷରେ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ପ୍ରାୟ ୯.୧% କମିଥିବା ଜଣାପଡ଼ିଛି। ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ପ୍ରଥମ ଥର ପାଇଁ ବ୍ୟାପକ ଭାବେ ହ୍ରାସ ପାଇଛି। ଦେଶରେ ୨୦୧୯-୨୦ ଆର୍ଥିକ ବର୍ଷରେ ୨୧୪.୧୨ ନିୟୁତ ଟନ୍ ପେଟ୍ରୋଲିୟମ ସାମଗ୍ରୀ ବ୍ୟବହାର ହୋଇଥିଲା ବେଳେ ୨୦୨୦-୨୧ରେ ଏହା ୧୯୪.୬୩ ନିୟୁତ ଟନକୁ ଖସି ଆସିଛି ବୋଲି ପେଟ୍ରୋଲିୟମ ମନ୍ତ୍ରଣାଳୟର ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ (ପିପିଏସି) ପକ୍ଷରୁ କୁହାଯାଇଛି।

### ନିୟମ ଉଲ୍ଲଂଘନ କରି ଜରିମାନା ଦେବେ ଅମ୍ବାନୀ

ମୁମ୍ବାଇ,୧୦।୪: ଗତ ଦୁଇ ଦଶନ୍ଧିର ଏକ ପୁରୁଣା ମାମଲାରେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଅମ୍ବାନୀ ଭ୍ରାତାଙ୍କ ସମେତ ଅନ୍ୟମାନଙ୍କ ଉପରେ ୨୫ କୋଟି ଟଙ୍କାର ଜରିମାନା ଲଗାଇଛନ୍ତି। ସେ ସମୟର ଅଧିଗ୍ରହଣ ନିୟମକୁ ଉଲ୍ଲଂଘନ କରିଥିବାରୁ ଏଭଳି ଜରିମାନା ହୋଇଥିବା ସେବି ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରେ ମୁକେଶ ଅମ୍ବାନୀ, ଅନୀଲ ଅମ୍ବାନୀ, ନୀତା ଅମ୍ବାନୀ, ଟିନା ଅମ୍ବାନୀ ପ୍ରମୁଖ ରହିଛନ୍ତି। ସେବି ପକ୍ଷରୁ ଏକ ୮୫ ପୃଷ୍ଠାର ନିର୍ଦ୍ଦେଶନାମା ଏହି ଘଟଣା ସମ୍ପର୍କରେ ଜାରି କରାଯାଇଛି। ୨୦୦୦ ମସିହାରେ ୫ %ରୁ ଊର୍ଦ୍ଧ୍ୱ ଅଂଶଧନ ଅଧିଗ୍ରହଣ ସମ୍ପର୍କରେ ସେମାନେ ଘୋଷଣା କରି ନ ଥିଲେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

### ଏନ୍‌ବିବିଏଲ୍‌ର ବଜାର ପ୍ରବେଶ

ମୁମ୍ବାଇ,୧୦।୪: ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ପକ୍ଷରୁ ଏଇ ନିକଟରେ ନିଜର ସହଯୋଗୀ କମ୍ପାନୀ ଏନ୍‌ପିସିଆଇ ଭାରତ ବିଲ୍ ପେ ଲିମିଟେଡ୍ (ଏନ୍‌ବିବିଏଲ୍) ଆରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏହି ନୂତନ ପ୍ଲାଟ୍‌ଫର୍ମ ଚଳିତ ବର୍ଷ ୧ ଏପ୍ରିଲରୁ କାର୍ଯ୍ୟ କରୁଛି। ଏନ୍‌ପିସିଆଇ ବ୍ରାଣ୍ଡରେ ଭାରତ ବିଲ୍ ପେ ନୂତନ ଭାବେ ଗ୍ରାହକଙ୍କୁ ବିଭିନ୍ନ ସେବା ଯୋଗାଇଦେବ। ଏହି ପ୍ଲାଟ୍‌ଫର୍ମ ଜରିଆରେ ଏହାର ବ୍ୟବହାରକାରୀମାନେ ବିଦ୍ୟୁତ୍ ବିଲ୍‌ଠାରୁ ଆରମ୍ଭ କରି ଟେଲିକମ୍, ଡିଟିଏଚ୍, ଗ୍ୟାସ୍, ଶିକ୍ଷା , ପାଣି ଏବଂ ମ୍ୟୁନିସିପାଲ ଟ୍ୟାକ୍ସ ପର୍ଯ୍ୟନ୍ତ ସମସ୍ତ ବିଲ୍ ସହଜରେ ଦେଇହେବ। ଏପରିକି ଏହା ଜରିଆରେ ଏନ୍‌ଇଟିସି ଫାସ୍‌ଟାଗ୍ ରିଚାର୍ଜ, ଲୋନ ପେମେଣ୍ଟ, ବୀମା, କେବୁଲ, ହାଉସିଂ ସୋସାଇଟି,ସବ୍‌ସ୍କ୍ରିପ୍‌ସନ ଫି,ମେଡିକାଲ,କ୍ରେଡ଼ିଟ କାର୍ଡ, କ୍ଲବ ଏବଂ ଆସୋସିଏଶନ ଭଳି ସ୍ଥାନ ଓ ସଂସ୍ଥାଗୁଡିକର ବିଲ୍ ମଧ ପ୍ରଦାନ କରିହେବ। ଭାରତ ବିଲ୍ ପେ ନୂଆ ଚିନ୍ତାଧାରା ଓ ଅତ୍ୟାଧୁନିକ ଜ୍ଞାନକୌଶଳରେ ଏହାର କାର୍ଡ ଓ ସେବାକୁ ନିୟନ୍ତ୍ରଣ କରୁଛି। ଫଳରେ ଗ୍ରାହକ ସହଜ ସୁରକ୍ଷିତ ଭାବେ ଏହା ଜରିଆରେ ନିଜର ସମସ୍ତ କାରବାର ସାରା ଦେଶରେ କରିପାରିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

### ୧୪ରେ ବ୍ୟାଙ୍କ ଘରୋଇକରଣ ବୈଠକ

ନୂଆଦିଲ୍ଲୀ,୧୦।୪: ଦେଶର ୨ଟି ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଏକ ବୀମା କମ୍ପାନୀକୁ ସରକାର ଘରୋଇକରଣ କରିବା ପାଇଁ ଚଳିତ ବଜେଟରେ ଅର୍ଥମନ୍ତ୍ରୀ ଘୋଷଣା କରିଥିଲେ। ସରକାରୀ ସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ନିତି ଆୟୋଗଙ୍କ ପକ୍ଷରୁ ଏ ନେଇ ଏକ ତାଲିକା ପ୍ରସ୍ତୁତ ହୋଇଛି। ଆସନ୍ତା ୧୪ରେ ନିତି ଆୟୋଗ, ରିଜର୍ଭ ବ୍ୟାଙ୍କ, ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ଏବଂ ଅର୍ଥନୈତିକ ବ୍ୟାପାର ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି।

# ଡିଜିଟାଲ ୱାଲେଟରେ ରଖିହେବ ୨ ଲକ୍ଷ

## ଅନ୍‌ଲାଇନ କାରବାରକୁ ଆର୍‌ବିଆଇର ଗୁରୁତ୍ୱ



ନୂଆଦିଲ୍ଲୀ,୧୦।୪

ଦେଶରେ ଦିନକୁ ଦିନ ବିଭିନ୍ନ ପ୍ରକାର ଠକେଇ ସାମ୍ନାକୁ ଆସୁଛି। ଏହାକୁ ପ୍ରତିହତ କରିବା ପାଇଁ ସରକାର ମଧ୍ୟ ବିଭିନ୍ନ ସଂସ୍ଥା ସହ ବିଚାରବିମର୍ଶ ସହ ସମାଧାନର ବାଟ ଖୋଜୁଛନ୍ତି। ବର୍ତ୍ତମାନ ସମୟରେ ଏପରିକି ସାଧାରଣ ଜନତାଙ୍କଠାରୁ ଆରମ୍ଭକରି ସରକାରଙ୍କ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଅର୍ଥ କାରବାର ଓ ବ୍ୟାଙ୍କିଙ୍ଗ୍ ସେବା ମାଧ୍ୟମରେ ଠକେଇ ଓ ଅର୍ଥ ଲୁଟର ଶିକାର ହେଉଛନ୍ତି। ଏହିସବୁ ଘଟଣାର ସାମାଧାନ ପାଇଁ କେବଳ ସର୍ତ୍ତକତା ଜରୁରୀ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଥିବା ବେଳେ କିଛି ସଂସ୍ଥା ଓ ଆଇଟି ବିଶେଷଜ୍ଞମାନେ ସରକାରଙ୍କୁ ଡିଜିଟାଲ କାରବାର ବୃଦ୍ଧି ସମ୍ପର୍କରେ ପ୍ରସ୍ତାବ ଦେଇଛନ୍ତି। ବିଭିନ୍ନ ପ୍ରସ୍ତାବକୁ ଅନୁଧ୍ୟାନକରି ସରକାର ମଧ ନଗଦ କାରବାରକୁ ହ୍ରାସ କରାଇବାକୁ ରିଜର୍ଭ ବ୍ୟାଙ୍କ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ବୋଲି ମତବ୍ୟକ୍ତ କରିଛନ୍ତି। ରିଜର୍ଭ ବ୍ୟାଙ୍କ ଦ୍ୱାରା ଘୋଷିତ ମୁଦ୍ରାନୀତି ସମୀକ୍ଷାରେ ସୁଧହାର ଅପରିବର୍ତ୍ତିତ ରଖାଯିବା ସହ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଘୋଷଣା କରାଯାଇଛି।

ସମୀକ୍ଷା ବୈଠକ ସମୟରେ ଦେଶର ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା ବେଳେ ପେମେଣ୍ଟ ବ୍ୟାଙ୍କ ବା ଡିଜିଟାଲ ୱାଲେଟର ବ୍ୟବହାର ଓ ସର୍ବାଧିକ ବାଲାନ୍ସ ରାଶି ବୃଦ୍ଧି ଏବଂ ଅଣବ୍ୟାଙ୍କିଙ୍ଗ୍ ପେମେଣ୍ଟ ସଂସ୍ଥାଗୁଡ଼ିକୁ ଆର୍‌ଟିଜିଏସ୍ ଓ ଏନ୍‌ଇଏଫ୍‌ଟି ଭଳି ସେବା ପ୍ରଦାନ ପାଇଁ ଅନୁମତି ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଘୋଷଣା ଅନୁସାରେ ବର୍ତ୍ତମାନ ଡିଜିଟାଲ ବ୍ୟାଙ୍କିଙ୍ଗ୍ ବ୍ୟବହାରକାରୀ ଗ୍ରାହକମାନେ ପେମେଣ୍ଟ ବ୍ୟାଙ୍କ ୱାଲେଟରେ ସର୍ବାଧିକ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାଲାନ୍ସ ରଖିପାରିବେ। ଏହା ପୂର୍ବରୁ ଏହି ସୀମା ୧ଲକ୍ଷ ଟଙ୍କା ରହିଥିଲା। ଦେଶରେ କାରବାର କରୁଥିବା ଅଗ୍ରଣୀ ପେମେଣ୍ଟ ବ୍ୟାଙ୍କ ଯଥା ପେଟିଏମ୍, ଏୟାରଟେଲ ପେମେଣ୍ଟ ବ୍ୟାଙ୍କ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ, ଏନ୍‌ଏସ୍‌ଡିଏଲ୍, ଜିଓ ପେମେଣ୍ଟ ବ୍ୟାଙ୍କ ଭଳି କମ୍ପାନୀ ଏହାକୁ ସ୍ୱାଗତ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଅଣବ୍ୟାଙ୍କିଙ୍ଗ୍ ପେମେଣ୍ଟ ସଂସ୍ଥାଗୁଡ଼ିକୁ ଆର୍‌ଟିଜିଏସ୍ ଓ ଏନ୍‌ଇଏଫ୍‌ଟି ସେବା ପ୍ରଦାନ ପାଇଁ ଅନୁମତି ଦିଆଯାଇଛି। ଫଳରେ ସେମାନେ ଆର୍‌ଟିଜିଏସ୍ ଓ ଏନ୍‌ଇଏଫ୍‌ଟି ଆଦି ପାଣ୍ଠି ପ୍ରେରଣ କ୍ଷେତ୍ରରେ ଉପଯୁକ୍ତ ସେବା ପ୍ରଦାନ କରିପାରିବେ। ଏ ସମ୍ପର୍କରେ ଦାସ କହିଛନ୍ତି ,ବର୍ତ୍ତମାନଠାରୁ ଅଣବ୍ୟାଙ୍କିଙ୍ଗ୍ ପେମେଣ୍ଟ ସଂସ୍ଥାଗୁଡ଼ିକ ରିଜର୍ଭ ବ୍ୟାଙ୍କ ଦ୍ୱାରା ପରିଚାଳିତ କେନ୍ଦ୍ରୀକୃତ ପେମେଣ୍ଟ ବ୍ୟବସ୍ଥା (ସିପିଏସ୍)ର ସଦସ୍ୟ ହୋଇପାରିବେ।

# ହ୍ୟୁଣ୍ଡାଇ ଆଣିବ ନୂଆ ଅଲକାଜାର




ନୂଆଦିଲ୍ଲୀ,୧୦।୪

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିଃ. ପକ୍ଷରୁ ହ୍ୟୁଣ୍ଡାଇ ଅଲକାଜାରର ପ୍ରତୀକ ପ୍ରଦର୍ଶନ କରାଯାଇଛି। ବଜାର ପ୍ରବେଶ ହେବାକୁ ଥିବା ଏହି ୬ ଏବଂ ୭ ସିଟର ପ୍ରିମିୟମ ଏସ୍‌ୟୁଭିର ପ୍ରଦର୍ଶନ ବିଶନଗଡ଼ ସ୍ଥିତ ଆଲିଆ ଫୋର୍ଟଠାରେ ସମ୍ପନ୍ନ ହୋଇଛି। ଏହି ଅବସରରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଏସ୍.ଏସ୍. କିମ୍ କହିଛନ୍ତି, ଗ୍ରାହକଙ୍କ ଆବଶ୍ୟକତାକୁ ହୃଦୟଙ୍ଗମ କରି ଆମର ଆର୍ ଆଣ୍ଡ ଡି କେନ୍ଦ୍ର ନିରନ୍ତର ଉଦ୍ୟମ ଅବ୍ୟାହତ ରଖିଛି। ଏହାର ଫଳ ସ୍ୱରୂପ ହ୍ୟୁଣ୍ଡାଇ ଅଲକାଜାର ନିର୍ମିତ ହେବାକୁ ଯାଉଛି। ଏହା ମେକ୍ ଇନ୍ ଇଣ୍ଡିଆ ଲକ୍ଷ୍ୟକୁ ପୂରଣ କରିବାକୁ ସକ୍ଷମ ହେବ। ଏହା ଆମ ଗ୍ରାହକଙ୍କ ପାଇଁ ବହୁବିଧ ସୁବିଧା ସୁଯୋଗ ସୃଷ୍ଟି କରିବାକୁ ସକ୍ଷମ ହେବ। ଏଥିରେ ବିଶ୍ୱସ୍ତରୀୟ ଡିଜାଇନିଂକୁ ଅନ୍ତର୍ଭୁକ୍ତ କରାଯିବ। ଏଥିରେ ବିକଶିତ ସୁରକ୍ଷା ଜ୍ଞାନକୌଶଳକୁ

ପ୍ରାଥମିକତା ପ୍ରଦାନ କରାଯିବ। ଯାନଟିରେ ୭୫.୬% ସୁଦୃଢ଼ ଶକ୍ତିଶାଳୀ ଷ୍ଟିଲ୍‌ର ବ୍ୟବହାର କରାଯିବ। ସେହିଭଳି ବିକଶିତ ଇଞ୍ଜିନ୍ ରୁମ୍, ବି-ପିଲାର, ଡି-ପିଲାର ଆଦି ବୈଶିଷ୍ଟ୍ୟ ଯାନଟିରେ ରହିଛି। ସେହିଭଳି ଏଥିରେ ଥିବା ହଟ୍ ଷ୍ଟାମ୍ପିଂ କନେକ୍ଟିଭିଟିକୁ ବଳିଷ୍ଠ କରି ଗଢ଼ିତୋଳିବ। ଏହାର ନୂଆ ମଡେଲକୁ ଥ୍ରୀଡି ଶପ୍‌ରେ ସମ୍ପନ୍ନ କରାଯାଇଛି। ଏଥିରେ ଶ୍ରେଷ୍ଠତମ ହ୍ୱିଲବେସ୍ ଏବଂ ସ୍ଲାଇଡିଂ ସିଟ୍ ରହିବ। ଏହାର ଫ୍ଲୋରରେ ଆଡିହେସିଭ୍ ପ୍ରୟୋଗ କରାଯିବ। ସେହିପରି ବିଆଇଡବ୍ଲ୍ୟୁରେ ଫୋମ୍ ବ୍ୟବହାର କରାଯିବ। ଏଥିରେ ୭୦୦ ସିଏନ୍‌ସି ମେଶିନ, ୫୦୦ ସ୍ମାର୍ଟ ଟୁଲସ୍, ପେଟ୍ରୋଲ ଏବଂ ଡିଜେଲ ବିଏସ୍-୬ ଇଞ୍ଜିନ ଏବଂ ୬-ସ୍ପିଡ୍ ଅଟୋମେଟିକ୍ ଟ୍ରାନ୍ସମିଶନ ରହିଛି।

# ଫାସ୍‌ଟାଗ୍‌ରେ ଆଇସିଆଇସିଆଇ, ଫୋନ୍‌ପେ ଚୁକ୍ତି

ନୂଆଦିଲ୍ଲୀ,୧୦।୪

ଫୋନ୍‌ପେ ଆପ୍‌ରେ ୟୁପିଆଇକୁ ବ୍ୟବହାର ଦ୍ୱାରା ଫାସ୍‌ଟାଗ୍ ଜାରି କରାଯିବ। ଏ ନେଇ ଫୋନ୍‌ପେ ଏବଂ ଆଇସିଆଇସିଆଇ ବ୍ୟାଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏଭଳି ପଦକ୍ଷେପ ଦ୍ୱାରା ଫୋନ୍‌ପେରେ ଥିବା ୨୮୦ ନିୟୁତ ଗ୍ରାହକ ଅତି ସହଜରେ ଫାସ୍‌ଟାଗ୍ ପାଇବାକୁ ସକ୍ଷମ ହେବେ। ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ଡିଜିଟାଲ ମାଧ୍ୟମରେ ଫାସ୍‌ଟାଗ୍ କିଣିବାର ସୁବିଧା ମିଳିବ। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ଷ୍ଟୋର କିମ୍ବା ଟୋଲ୍ ପ୍ଲାଜାକୁ ଦୌଡ଼ିବାକୁ ପଡିବ ନାହିଁ। ଫାସ୍‌ଟାଗ୍‌ର ଡିଜିଟାଲ ଗ୍ରହଣୀୟତା ବଢ଼ାଇବା ଲାଗି ଫୋନ୍‌ପେ ଏବଂ ଏନ୍‌ପିସିଆଇ ସହିତ ସହଯୋଗିତା ସ୍ଥାପନ କରି ଅତ୍ୟନ୍ତ ଖୁସି ବୋଲି ଆଇସିଆଇସିଆଇର ଅନ୍‌ସିକ୍ୟୁରଡ ଆସେଟ୍‌ସ ମୁଖ୍ୟ ସୁଦୀପ୍ତ ରାୟ କହିଛନ୍ତି। ଏହାଦ୍ୱାରା ଫୋନ୍‌ପେର ନିୟୁତାଧିକ ୟୁଜର ଫାସ୍‌ଟାଗ୍ ଲାଗି ଆବେଦନ କରିପାରିବେ। ଯେଉଁମାନେ ୟୁପିଆଇର ଗ୍ରାହକ ନୁହନ୍ତି ସେମାନେ ଏହାକୁ ମଧ ବରାଦ କରିପାରିବେ। ପରବର୍ତ୍ତୀ ସମୟରେ ୟୁପିଆଇ ମାଧ୍ୟମରେ ଏହାକୁ ରିଚାର୍ଜ କରାଯାଇପାରିବ।

# ଟାଟା ସମ୍ପନ୍ନର ସମ୍ପନ୍ନ ପୋଷଣ ଥାଳି ଅଭିଯାନ

ନୂଆଦିଲ୍ଲୀ,୧୦।୪

'ସର୍ବଗୁଣ ସମ୍ପନ୍ନ'ର ପ୍ରତିଶ୍ରୁତିକୁ ପ୍ରଦାନ କରୁଥିବା ଏକ ବ୍ରାଣ୍ଡ ଟାଟା ସମ୍ପନ୍ନ ଲକ୍ଷ ଲକ୍ଷ ଭାରତୀୟଙ୍କୁ ଖାଦ୍ୟ ଓ ବିଶୁଦ୍ଧ ଥାଳିର ହିତକାରୀ ଗୁଣ ସମ୍ପର୍କରେ ସଚେତନ କରିବା ପାଇଁ ଏକ ଲକ୍ଷ୍ୟ ଗ୍ରହଣ କରିଛି। ଇଣ୍ଡିଆ କାଉନ୍ସିଲ ଅଫ୍ ମେଡିକାଲ ରିସର୍ଚ୍ଚ, ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିଶନ ଓ ଟାଟା ସମ୍ପନ୍ନ ଦ୍ୱାରା ମିଳିତ ଭାବେ ଆୟୋଜିତ ଏକ ୱେବ୍ ସିମ୍ପୋଜିୟମ 'ସ୍ଥାନୀୟ ଆହାରମ୍ ସମ୍ପନ୍ନମ୍ ପୋଷଣମ୍‌ରେ ହୋଇଥିବା ଆଲୋଚନାରୁ ସମ୍ପନ୍ନ ପୋଷଣ ଥାଳି ଅଭିଯାନର ଆରମ୍ଭ ହୋଇଥିଲା। ଏହି ସିମ୍ପୋଜିୟମ୍‌ର ବିଷୟବସ୍ତୁ ଭାରତୀୟ ଖାଦ୍ୟ ପରମ୍ପରାଗୁଡିକ କିଭଳି ସଠିକ୍ ସମୟରେ ସଠିକ୍ ମାତ୍ରାରେ ସ୍ଥାନୀୟ ଭାବେ ଉତ୍ପାଦିତ ଖାଦ୍ୟ ଖାଇବାର ବୈଜ୍ଞାନିକ ଜ୍ଞାନ ସହ ଜଡିତ ତାହା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲା। ସମ୍ପନ୍ନପୋଷଣ ଥାଳି ଅଭିଯାନ ହେଉଛି ଦୈନନ୍ଦିନ ଭାରତୀୟ ଖାଦ୍ୟ ସାମଗ୍ରୀଗୁଡ଼ିକୁ ନେଇ ଘରେ ରନ୍ଧା ଯାଇଥିବା ଥାଳିର ଉପକାରିତା ବିଷୟରେ ଭାରତକୁ ସଚେତନ କରିବା। ଏ ସମ୍ପର୍କରେ ଅଭିନେତ୍ରୀ ଜୁହି ପାର୍‌ମର୍ କହିଛନ୍ତି, ସାଧାରଣ ଭାରତୀୟ ଥାଳିରେ ରହିଥିବା ଖାଦ୍ୟ ଜ୍ଞାନ ଅମୂଲ୍ୟ ଅଟେ।

# କଲ୍ୟାଣ ଜୁଏଲର୍ସ ପକ୍ଷରୁ ଅଫର

ନୂଆଦିଲ୍ଲୀ,୧୦।୪

କଲ୍ୟାଣ ଜୁଏଲର୍ସ ପକ୍ଷରୁ ପଣା ସଂକ୍ରାନ୍ତିକୁ ଦୃଷ୍ଟିରେ ରଖି ଆକର୍ଷଣୀୟ ଅଫର ଏବଂ ମେଗା ଉପହାର ବିଷୟରେ ଘୋଷଣା କରାଯାଇଛି। ଏହି ଅଫରର ଅଂଶସ୍ୱରୂପ କମ୍ପାନୀ ପକ୍ଷରୁ ନିଃସର୍ତ୍ତ ଗିଫ୍ଟ ଭାଉଚର ଭାବେ ୧୦୦ କୋଟି ଟଙ୍କାର ଲାଭ ପ୍ରଦାନ କରାଯିବ। ନୂତନ ବର୍ଷର ପ୍ରାରମ୍ଭରେ ଘୋଷଣା ହୋଇଥିବା ଏହି ଅଫରରେ ସାମିଲ ରହିଛି ହୀରାଗହଣା କିଣାକିଣି ଉପରେ ୨୫% ପର୍ଯ୍ୟନ୍ତ ରିହାତି ଓ ଅନ୍‌କଟ୍ ଏବଂ ମୂଲ୍ୟବାନ ଷ୍ଟୋନ୍ ଗହଣା ଉପରେ ୨୦% ପର୍ଯ୍ୟନ୍ତ ରିହାତି। ଅଫରକୁ ଆକର୍ଷଣୀୟ କରିବା ଲାଗି କମ୍ପାନୀ ତରଫରୁ ସୁନାଗହଣାର ଭିଏ କିମ୍ବା ଗଢ଼ାମୂଲ୍ୟ ଉପରେ ୫୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ପୁରୁଣା ସୁନା ଏକ୍ସଚେଞ୍ଜ ଉପରେ ଗ୍ରାହକମାନେ ସେହି ସୁନାର ପ୍ରକୃତ ମୂଲ୍ୟ ପାଇପାରିବେ। ସେଥିରେ କୌଣସି ରିହାତି ରହିବ ନାହିଁ। ଏହି ଅଫର ଚଳିତ ବର୍ଷ ମେ ୩୦ ପର୍ଯ୍ୟନ୍ତ କମ୍ପାନୀର ସମସ୍ତ ଷ୍ଟୋରରେ ଉପଲବ୍ଧ ରହିବ।

ଏହି ଅବସରରେ କମ୍ପାନୀର ଅଧ୍ୟକ୍ଷ ଟି.ଏସ୍. କଲ୍ୟାଣ ଶରମଣ କହିଛନ୍ତି, ପଣା ସଂକ୍ରାନ୍ତିକୁ ହିନ୍ଦୁ ନୂଆବର୍ଷର ଶୁଭାରମ୍ଭ ଭାବେ ପାଳନ କରାଯାଏ।

# ପିଏନ୍‌ବି କଟକ ମଣ୍ଡଳ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ

କଟକ,୧୦।୪

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) କଟକ ମଣ୍ଡଳ ପକ୍ଷରୁ ସାମାଜିକ ଦାୟିତ୍ୱବୋଧତାର ଅଂଶବିଶେଷ କାର୍ଯ୍ୟକ୍ରମ ସ୍ୱରୂପ ସ୍ଥାନୀୟ ସିଡିଏ, ସେକ୍ଟର-୯ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ଏକ ସ୍ୱୟଂଚାଳିତ ସାନିଟାଇଜର ଡିସ୍‌ପେନ୍‌ସର ମେଶିନ ପ୍ରଦାନ କରାଯାଇଛି। ଏହି ଅବସରରେ ମଣ୍ଡଳ ମୁଖ୍ୟ ଶିବାନନ୍ଦ ଭଞ୍ଜ, ମୁଖ୍ୟ ପ୍ରବନ୍ଧକ ପି. କେ. ସିଂହ ଏବଂ ବରିଷ୍ଠ ପ୍ରବନ୍ଧକ(ମାର୍କେଟିଂ) ଏସ୍.ଏସ୍. ସ୍ୱାଇଁଙ୍କ ସମେତ ବିଦ୍ୟାଳୟ ଏବଂ ମଣ୍ଡଳ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ କର୍ମଶାଳା

ଭୁବନେଶ୍ୱର,୧୦।୪

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରବନ୍ଧନ ଶିକ୍ଷା ସମ୍ପର୍କୀୟ ଏକ ପଞ୍ଚଦିବସୀୟ କର୍ମଶାଳା ଫିନିଶିଂ ସ୍କୁଲ ଓ ଆପ୍‌ନା ଦୁକାନ ପ୍ରୟୋଗାତ୍ମକ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀଛାତ୍ରଙ୍କର ସମୁଚିତ ମନୋଦୃଷ୍ଟି, ସାମାଜିକ ତଥା ମାନସିକ ଦକ୍ଷତା ବିକାଶ ନିମନ୍ତେ ଏହି କର୍ମଶାଳା ଉଦ୍ଦିଷ୍ଟ ରହିଥିଲା । ପାରସ୍ପରିକ ଆବେଗ, ସାମାଜିକ ଏବଂ ବ୍ୟବହାରିକ ଜ୍ଞାନର ଯଥାଯଥ ପ୍ରୟୋଗ ଦ୍ୱାରା କିପରି ଯୌଥ କମ୍ପାନୀ ପ୍ରାୟୋଜିତ ସାକ୍ଷାତ୍‌କାରକୁ ସାମ୍ନା କରିହେବ ସେ ସମ୍ପର୍କରେ ବହୁବିଧ ପ୍ରୟୋଗାତ୍ମକ କୌଶଳ ଓ ସୂତ୍ରାବଳୀ ପ୍ରଦର୍ଶନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କଲ୍ୟାଣ ଶଙ୍କର ରାୟ ଏହି କର୍ମଶାଳାକୁ ଉଦ୍‌ଘାଟନ କରିବା ସହ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ । ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ତାଲିମ ଦାତା ପ୍ରଫେସର ଡ. ଟି. କଲ୍ୟାଣ ଚକ୍ରବର୍ତ୍ତୀ ଏହି କର୍ମଶାଳାକୁ ପରିଚାଳନା କରିଥିଲେ । ଫିନିଶିଂ ସ୍କୁଲ ମୁଖ୍ୟ ପ୍ରଫେସର ଡ.କୌଶିକ ଭୂୟାଁ ଏହି କର୍ମଶାଳାକୁ ସଂଯୋଜନା କରିଥିବା ବେଳେ ବିଶ୍ୱବିଦ୍ୟାଳୟର ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଶେଷ ବର୍ଷ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନ ଦିବସରେ ବିଶ୍ୱବିଦ୍ୟାଳୟର କୁଳାଧିକ୍ଷ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ଯୋଗଦାନ କରି ତରୁଣ ତଥା ବ୍ୟବହାରିକ କଳାକୌଶଳ ନିପୁଣ ଛାତ୍ରୀଛାତ୍ରମାନେ ସରକାରଙ୍କର ନୂତନ ଶିକ୍ଷାନୀତିର ଉଦ୍ଦେଶ୍ୟ ପୂରଣ କରିବା ଦିଗରେ ସହାୟକ ହୋଇପାରିବ ବୋଲି ଦୃଢ଼ ଆଶାବ୍ୟକ୍ତ କରିଥିଲେ।

# ଆଲିବାବାକୁ ୨.୮ ବିଲିୟନ ଜରିମାନା

ବେଜିଙ୍ଗ,୧୦।୪




ଚାଇନାର ଅଗ୍ରଣୀ ଇ-କର୍ମସ ସଂସ୍ଥା ଆଲିବାବା ଗ୍ରୁପ୍ ବିରୋଧରେ ଚାଇନା ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ରେକର୍ଡ ପରିମାଣ ଜରିମାନା ପୈଠ ପାଇଁ ଆଦେଶ ଦେଇଛନ୍ତି। 'ଆଣ୍ଟି-ମନୋପଲି' (ଏକଚାଟିଆ-ବିରୋଧୀ) ନିୟମ ଉଲ୍ଲଂଘନ କରିଥିବା କାରଣରୁ ଚାଇନା ନିୟନ୍ତ୍ରକମାନେ ୨.୮ ବିଲିୟନ ଡଲାର (ଆମେରିକୀୟ ଡଲାର) ଜରିମାନା କରିଛନ୍ତି। ଆଇନ ଉଲ୍ଲଂଘନ ଲାଗି ଚାଇନାରେ କୌଣସି ବାଣିଜ୍ୟିକ ସଂସ୍ଥା ବିରୋଧରେ ହୋଇଥିବା ଜରିମାନାଠାରୁ ଏହା ଢେର ଅଧିକ ଓ ଏକ ଐତିହାସିକ ଆର୍ଥିକ ଦଣ୍ଡାଦେଶ ବୋଲି କୁହାଯାଉଛି। ଚାଇନା ରେଗୁଲେଟରଙ୍କ ଅନୁସାରେ ଆଲିବାବା କେବଳ ଆଣ୍ଟିମନୋପଲି ରୁଲସ୍ ନୁହେଁ, ବଜାରରେ ନିଜ ପ୍ରତିଷ୍ଠାର ମଧ ଦୁରୁପଯୋଗ କରିଥିବା ଜଣାପଡିଛି ବୋଲି କୁହାଯାଇଛି। ଏହି ଜରିମାନା ଚାଇନା ମୁଦ୍ରା ଅନୁସାରେ ପ୍ରାୟ ୧୮ବିଲିୟନ ୟୁଆନ ବୋଲି ସୂଚନା ମିଳିଛି। ୨୦୧୯ରେ ଆଲିବାବା କରିଥିବା ରାଜସ୍ୱ ଆୟର ୪ % ବୋଲି ହିସାବରୁ ଏହା ଜଣାପଡିଛି। ଗତବର୍ଷ ଆଲିବାବାର ମୁଖ୍ୟ ଜ୍ୟାକ୍ ମା ଚାଇନା ସରକାରଙ୍କ ବିଭିନ୍ନ ନୀତିକୁ ସମାଲୋଚନା କରିଥିଲେ। ଫଳରେ ସରକାର ଜ୍ୟାକ୍ ମା ଙ୍କ ସଂସ୍ଥା ଉପରେ ରୀତିମତ ନଜର ରଖିଥିବା ସହ କମ୍ପାନୀର ଛୋଟମୋଟ ଭୁଲ୍ ଓ ଆଇନ ଖିଲାପ ଲାଗି ମଧ ସରକାର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆସୁଛନ୍ତି। ଗତବର୍ଷ ଚାଇନା ଷ୍ଟେଟ୍ ଆଡମିନେଷ୍ଟ୍ରେଶନ ଫର୍ ମାର୍କେଟ ରେଗୁଲେଶନ (ଏସ୍‌ଏଏମ୍‌ଆର୍) ଜ୍ୟାକ୍ ମା ଙ୍କ ସଂସ୍ଥା ବିରୋଧରେ ତଦନ୍ତ ଆରମ୍ଭ କରିଥିଲେ। ଏହି ତଦନ୍ତ ଲାଗି ଜ୍ୟାକ୍ ମା ଙ୍କ ଏଣ୍ଟ ଗ୍ରୁପ୍‌ର ୩୭ ବିଲିୟନ ଡଲାରର ଆଇପିଓକୁ ଜାଣିଶୁଣି ଅଟକାଇ ଦିଆଯାଇଥିଲା ବୋଲି ସୂଚନା ମିଳିଛି। ୨୦୧୫ଠାରୁ ଆଲିବାବା ସମୂହ ବଜାରରେ ନିଜର ଏକାଧିକାରର ଦୁରୁପଯୋଗ କରି ଆସୁଥିବା ଏସ୍‌ଏଏମ୍‌ଆର୍ ଶନିବାର ଏ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରି କହିଛି, ଆଲିବାବା ତାଙ୍କ ବ୍ୟବସାୟୀଙ୍କୁ ଅନ୍ୟ ଇ-କମର୍ସ ପ୍ଲାଟ୍‌ଫର୍ମ ଉପଯୋଗ କରିବାକୁ ବାରଣ କରୁଥିଲେ। ଏ ନେଇ ଏସ୍‌ଏଏମ୍‌ଆର୍ ଜାରି କରିଥିବା ବିବୃତିରେ ଆଲିବାବାର ଗତିବିଧି ସିଧାସଳଖ ରହିଥିବା ଏବଂ ଏହା ଚାଇନାର ଏକାଧିକାର ନିୟମର ଉଲ୍ଲଂଘନ ବୋଲି କୁହାଯାଇଛି। ସେହିଭଳି 'ଷ୍ଟେଟ୍ ଆଡ୍‌ମିନିଷ୍ଟ୍ରେଶନ ଫର୍ ମାର୍କେଟ୍ ରେଗୁଲେଶନ' ଲାଗି ନିଜ ଆଧିପତ୍ୟର ଅପବ୍ୟବହାର କରିଥିବାରୁ 'ଆଲିବାବା' ଉପରେ ଏହି ଅର୍ଥ ଦଣ୍ଡାଦେଶ ହୋଇଛି।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, RAIRANGPUR (MAYURBHANJ)
E-mail ID: eerwrairangpur@yahoo.com
Letter No.2110/Date - 31.03.21
No.O-13:-
"e" Procurement Notice for Building Works
Bid Identification No. RWDRRP-19/2020-21

1. Name of the work : As per Annexure. 2. Estimated cost : From Rs.27.73 to 28.62 lakhs (approximately). 3. Class of contractor : 'C' & 'B' Class. 4. Period of completion : 6 (Six calendar months). 5. Tender paper cost : As per Annexure.

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in O/o E.E.R.W. Division, Rairangpur, Technical Bid & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| E.E.R.W. Division, Rairangpur | RWDRRP-19 / 2020-21 | 13.04.2021 at 11.00 A.M. | 26.04.2021 upto 5.00 P.M. | 23.04.2021 upto 5.00 P.M. | 29.04.2021 at 11.30 A.M. |

Further details can be seen from the website www.tendersodisha.gov.in.
OIPR-25107/11/0001/2122 Sd./- Er. D. Behera, Executive Engineer, R.W. Division, Rairangpur

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

GOVT. APPROVED
HINDUSTAN TELECOM
ଭାରତର ନଂ.1 କମ୍ପାନୀ
ଆପଣଙ୍କ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ହାଇ କ୍ୱାଲିଟି 4G/5G ମୋବାଇଲ ଟାୱାର ଲଗାନ୍ତୁ
*T&C
ଅଗ୍ରିମ: 60 ଲକ୍ଷ | କମ୍ପାନୀ ତରଫରୁ
ଭଡ଼ା: 50 ହଜାର | ବାଇକ୍ + ଅନ୍ୟ ସୁବିଧା
ନୋଟ୍: ଠକମାନଙ୍କ ପ୍ରତି ସାବଧାନ
: Contact :
18002127174
Website : www.hindustantelecom.in

EASY FINANCE
Mini Loan, Personal Loan, Business Loan, Mortgage Loan, Home Loan, Agricultural Loan.
Above loans are available in "EASY FINANCE"
Address : 32-E, The Chandan, Ground Floor, Ashok Nagar, Bhubaneswar, Land mark-Hotel Rail View, Ph: 0674-3561582, 0674-3569237
Website www.easyfinance.org.in
Bhubaneswar : 8093095943, 8093095941
Nayagarh : 8093095930
Khurda : 8093095931, 8093095935, 8093095940
Jagatsinghpur : 8093095932, 8093095934
Puri : 8093095936, 8093095957
REST OF ODISHA (RM) 7077318777

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୋବାଇଲ୍ ଆଡିକ୍ସନ



**ମୋବାଇଲ୍ ଫୋନ୍! ଛୋଟ ଜିନିଷଟେ ସତ, ହେଲେ ସାରା ପୃଥିବୀକୁ ଯେପରି ବାନ୍ଧିରଖିଛି ହାତମୁଠାରେ। ଆଉ ବିଭିନ୍ନ କାର୍ଯ୍ୟକୁ ନେଇ ମଣିଷ ବିଶେଷକରି ଯୁବପିଢ଼ି ଏହା ଉପରେ ଏତେ ନିର୍ଭରଶୀଳ ଯେ, ଏହା ବିନା ଗୋଟିଏ ଦିନ ପରିକଳ୍ପନା କରିବା ସେମାନଙ୍କ ଲାଗି ଯେପରି ମନେହେଉଛି ଅସମ୍ଭବ । ଏମିତିକି ଦିନରାତି ପ୍ରତ୍ୟେକ ସମୟରେ ଏହାର ବ୍ୟବହାର କେତେକଙ୍କର ପାଲଟିଛି ଆଡିକ୍ସନ, ଯାହାକି ସାଜୁଛି ବିଭିନ୍ନ ସମସ୍ୟାର କାରଣ...**





ବର୍ତ୍ତମାନ କାହା ହାତରେ ବା ଦେଖିବାକୁ ମିଳୁନି ମୋବାଇଲ ଫୋନ୍! ବିଶେଷକରି ଆଜିର ଯୁବପିଢ଼ିଙ୍କ ପାଇଁ ଏହା ଯେମିତି କେବଳ ଏକ ଅତ୍ୟାବଶ୍ୟକ ସାମଗ୍ରୀ ନୁହେଁ ବରଂ ପାଲଟିଛି ସୁଖଦୁଃଖର ସାଥୀ। ଜୀବନର ଏକ ଅଭିନ୍ନ ଅଂଶ ଭଳି ଦିନରାତି ପ୍ରତିଟି ସମୟରେ ଏହା ରହୁଛି ପାଖରେ। ଆଉ ଏହାଠୁ କିଛି ସମୟ ଦୂରେଇ ଯିବା କଥା ଚିନ୍ତା କରିବା ଦ୍ୱାରା ଆନ୍ଦୋଳିତ କରୁଛି ସେମାନଙ୍କୁ। ଏମିତିକି କେବେ ଏହା ହଜିଯିବା କିମ୍ବା ଚୋରି ହୋଇଯିବାର ଭୟ ବି ସର୍ବଦା ଲାଗି ରହୁଛି ମନରେ। ତେବେ ମୋବାଇଲ୍ ଫୋନ୍ ଉପରେ ଏତେ ଅଧିକ ନିର୍ଭର କରିବା ଏକ ପ୍ରକାର ଆଡିକ୍ସନ, ଯାହାକି ଅଜାଣତରେ ସେମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ଯେଉଁଥିରୁ ନିଜକୁ ନିବୃତ୍ତ ରଖିବା ଲାଗି ଆତ୍ମଚେଷ୍ଟା ଆବଶ୍ୟକ।

ବର୍ତ୍ତମାନ ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ମୋବାଇଲ୍ ଫୋନ୍ ବ୍ୟବହାର କରୁଛନ୍ତି। ଏଥିରେ ଯୁବପିଢ଼ିଙ୍କ ସଂଖ୍ୟା ସର୍ବାଧିକ। ହେଲେ ଏମାନଙ୍କ ମଧ୍ୟରେ କେତେକଙ୍କଠାରେ ଏହାର ବ୍ୟବହାର ଏକ ନିଶା ପାଲଟିଯାଇଛି, ଏହା ବିନା ଗୋଟିଏ ମୁହୂର୍ତ୍ତ ରହିବା ସେମାନଙ୍କୁ ଅସମ୍ଭବ ମନେହେଉଛି। ସେମାନେ ନିଜ ଫୋନ୍‌ରେ ଏତେ ବ୍ୟସ୍ତ ରହୁଛନ୍ତି ଯେ, ପରିବାର ଏବଂ ଅନ୍ୟମାନଙ୍କ ଠାରୁ ଧୀରେ ଧୀରେ ଦୂରେଇଯିବା ସହ ଚତୁଃପାର୍ଶ୍ୱରେ ଘଟୁଥିବା ଘଟଣା ସମ୍ପର୍କରେ ଆଦୌ ଜାଣିପାରୁ ନାହାନ୍ତି। ଦୀର୍ଘ ସମୟ ଫୋନ୍ ବ୍ୟବହାର ଦ୍ୱାରା ଚକ୍ଷୁ ସମସ୍ୟାଠୁ ଆରମ୍ଭ କରି ଆଣ୍ଠୁଗଣ୍ଠି, ବେକ ଆଦିରେ ଯନ୍ତ୍ରଣା, ଦୀର୍ଘ ସମୟ ବିନା ଶାରୀରିକ ପରିଶ୍ରମରେ ବସି ରହିବା ଯୋଗୁ ମେଦବହୁଳତା ଭଳି ସମସ୍ୟା ଉପୁଜୁଥିଲେ ସୁଦ୍ଧା ସେଥିପ୍ରତି ଧ୍ୟାନ ରହୁନି। କେହି କେହି ଏଥିଯୋଗୁ ଏକାକୀ ହୋଇ ପରବର୍ତ୍ତୀ ସମୟରେ ଡିପ୍ରେଶନ୍‌ର ଶିକାର ହୋଉଥିବା କିମ୍ବା ଫୋନ୍ ନିଶାରେ ବିଭିନ୍ନ ଦୁର୍ଘଟଣାର ସମ୍ମୁଖୀନ ହେବାର ବି ନଜିର ରହିଛି। କେବଳ ଏତିକି ନୁହେଁ, କୌଣସି କାରଣରୁ ଫୋନ୍ କିଛି ସମୟ ଆଖିଆଗରୁ ଦୂରେଇ ଗଲେ, ହ୍ୟାଙ୍ଗ୍ ହେଲେ କିମ୍ବା ସ୍ୱିଚ୍‌ଅଫ୍ ହୋଇଗଲେ ସେମାନେ ବ୍ୟସ୍ତ ହୋଇପଡ଼ନ୍ତି। ଏମିତିକି ଯଦି କେବେ ଫୋନ୍ ହଜିଯାଏ କିମ୍ବା ଚୋରି ହୋଇଯାଏ ତେବେ କ'ଣ ହେବ ? ଏହି ଡର ସେମାନଙ୍କ ମନରେ ସର୍ବଦା ରହୁଛି। ବିଶେଷକରି କୌଣସି କାରଣରୁ ମୋବାଇଲ ହଜିଗଲେ ବିଭିନ୍ନ କାମ ଅଟକିଯିବ ଅବା ପର୍ସନାଲ୍ ଡାଟା ଅନ୍ୟ କାହା ହାତରେ ଲାଗିଗଲେ ଏହାକୁ ନେଇ କେହି କୌଣସି ଅପରାଧ ଘଟାଇବା ଚିନ୍ତା ଲାଗି ରହୁଛି। ଏହା ଏକ ପ୍ରକାରର ମାନସିକ ରୋଗ, ଯାହାକୁ **ନୋ ମୋବାଇଲ ଫୋନ୍ ଫୋବିଆ ବା ନୋମୋଫୋବିଆ** ବୋଲି କୁହାଯାଏ। ଇଂଲଣ୍ଡସ୍ଥିତ ଏକ ରିସର୍ଚ୍ଚ କମ୍ପାନୀ ପକ୍ଷରୁ ହୋଇଥିବା ଏକ ଗବେଷଣା ମୁତାବକ ବର୍ତ୍ତମାନ ସମସ୍ତ ମୋବାଇଲ୍ ଫୋନ୍ ଉପଭୋକ୍ତାଙ୍କ ମଧ୍ୟରୁ ପ୍ରାୟ ୫୮% ଯୁବକ ଏବଂ ୪୫% ଯୁବତୀ ଏହି ରୋଗର ଶିକାର।

**ଏପରି ଦୂରାନ୍ତୁ ନୋମୋଫୋବିଆ ...**

ମୋବାଇଲ୍ ଫୋନ୍ ଚୋରି କିମ୍ବା ହଜିଗଲେ କିଛି ଅସୁବିଧା ଉପୁଜୁଥିବାକୁ ନେଇ ମନରେ ଡର ଲାଗିରହୁଥିଲେ ସୁରକ୍ଷା ଦୃଷ୍ଟିରୁ ଏସବୁ ଟିପ୍ସ ଆପଣାଇ ପାରିବେ...

– ବର୍ତ୍ତମାନ ଫୋନ୍ ଚୋରି ଘଟଣା ଅଧିକ ଘଟୁଛି। ତେଣୁ ଏହି ଡର ମନରୁ ଦୂର କରିବା ଲାଗି ସର୍ବପ୍ରଥମେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ଅର୍ଥାତ୍ ଘରେ ହେଉ କିମ୍ବା ବାହାରକୁ ଯିବାବେଳେ ଫୋନ୍‌କୁ ଏପରି ରଖନ୍ତୁ, ଯେପରି ହଠାତ୍ ଅନ୍ୟ କେହି ଏହାକୁ ନେଇ ନ ପାରେ। ପକେଟ୍ କିମ୍ବା ବ୍ୟାଗ୍‌ରେ ରଖୁଥିଲେ ମଝିରେ ମଝିରେ ଚେକ୍ କରିବାକୁ ଭୁଲନ୍ତୁ ନାହିଁ।

– ମଝିରେ ମଝିରେ ଏହାର ସମସ୍ତ ଡାଟାର ବ୍ୟାକ୍‌ଅପ୍ ନେବାକୁ ଭୁଲନ୍ତୁ ନାହିଁ। ମୋବାଇଲ ଫୋନ୍‌କୁ ସବୁବେଳେ ପାସ୍‌ୱାର୍ଡ ପ୍ରୋଟେକ୍ଟେଡ୍ ରଖନ୍ତୁ। ଏଥିପାଇଁ ଆପଣ ସିକ୍ୟୁରିଟ କୋଡ୍ କିମ୍ବା ପାଟର୍ନ ବ୍ୟବହାର କରନ୍ତୁ। ଫୋନ୍‌ରେ ଫିଙ୍ଗର୍‌ପ୍ରିଣ୍ଟ ଲକ୍ ସିଷ୍ଟମ ଥିଲେ ଏହାର ସୁବିଧା ନିଅନ୍ତୁ।

➤ଫୋନ୍ ଯେତେ ପର୍ସନାଲ୍ ହେଉ ନା କାହିଁକି, ଏଥିରେ ଏଭଳି କିଛି ଡାଟା ଷ୍ଟୋର କରି ରଖନ୍ତୁ ନାହିଁ, ଯାହାର ଅପବ୍ୟବହାର କରି କେହି ଆପଣଙ୍କୁ ଠକି କିମ୍ବା ବ୍ଲାକ୍‌ମେଲ୍ କରିପାରିବେ।

➤କ୍ରେଡିଟ୍ କାର୍ଡ, ପାସ୍‌ୱାର୍ଡ, ଫଟୋ କିମ୍ବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଡାଟା ସୁରକ୍ଷିତ ରଖିବା ଲାଗି ଫୋନ୍‌ରେ ପାସ୍‌ୱାର୍ଡ ମ୍ୟାନେଜମେଣ୍ଟ ସଫ୍ଟୱେର୍ ରଖନ୍ତୁ। ଏହାଦ୍ୱାରା କୌଣସି କାରଣରୁ ଫୋନ୍ ହଜିଗଲେ କିମ୍ବା ଚୋରି ହୋଇଗଲେ ମଧ୍ୟ ବିନା ପାସ୍‌ୱାର୍ଡରେ କେହି ଏହାକୁ ଖୋଲିପାରିବେ ନାହିଁ।

➤କେତେକ ଫୋନ୍‌ରେ ଅପ୍‌ଲୋଡିଂ ଏବଂ ଡାଉନ୍‌ଲୋଡିଂରେ ଲକ୍ ସିଷ୍ଟମ୍ ଉପଲବ୍ଧ, ଯଦ୍ୱାରା ଆପଣଙ୍କ ବ୍ୟତୀତ ଅନ୍ୟ କେହି ଚାହିଁଲେ ଫୋନ୍‌ରୁ କୌଣସି ଡାଟା କପି କିମ୍ବା ଫର୍‌ୱାର୍ଡ କରିପାରିବେ ନାହିଁ।

➤ଯଦି ଫୋନ୍‌ରେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି, ତେବେ ସିକ୍ୟୁରିଟି ସିଷ୍ଟମ୍ ରଖନ୍ତୁ। ତଥାପି ଫୋନ୍ ହଜିବା ମାତ୍ରେ ପ୍ରଥମେ ସମସ୍ତ ଅନ୍‌ଲାଇନ୍ ଆକାଉଣ୍ଟର ପାସ୍‌ୱାର୍ଡ ପରିବର୍ତ୍ତନ କରିଦିଅନ୍ତୁ।



– ଫୋନ୍ ହଜିବାମାତ୍ରେ ସିମ୍ କନେକ୍ସନ୍‌କୁ ତୁରନ୍ତ ବ୍ଲକ କରିଦିଅନ୍ତୁ ଏବଂ ନିକଟସ୍ଥ ଥାନାରେ ଏନେଇ ଏକ କମ୍ପ୍ଲେନ୍ ଲେଖାଇଦିଅନ୍ତୁ। ଏହାଦ୍ୱାରା ଏହାକୁ ନେଇ କେହି କୌଣସି ଆପରାଧିକ କାର୍ଯ୍ୟ କରିପାରିବେ ନାହିଁ।

**ଡିଜିଟାଲ୍ ଡିଟକ୍ସ ହୋଇପାରେ ଲାଭଦାୟକ**

ମୋବାଇଲ୍ ଆଡିକ୍ସନ୍ ଯୋଗୁ ଅନେକେ ପରିବାର, ସାଙ୍ଗସାଥୀ କିମ୍ବା ନିଜ ଲକ୍ଷ୍ୟପଥରୁ ଦୂରେଇ ଯାଉଛନ୍ତି ଅବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ବି ସମ୍ମୁଖୀନ ହେଉଛନ୍ତି। ଏମିତିରେ ନିଜକୁ ଏଥିରୁ ଦୂରେଇ ରହିବା ଲାଗି ଡିଜିଟାଲ୍ ଡିଟକ୍ସ ଉପାୟ ଆପଣେଇ ପାରିବେ। ଯାହାକି ମାନସିକ ଶାନ୍ତି ଦେବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ବି ସାହାଯ୍ୟ କରିବ।

– ଡିଜିଟାଲ୍ ଡିଟକ୍ସ ଲାଗି ମାନସିକ ସ୍ତରରେ ପ୍ରସ୍ତୁତ ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ମାତ୍ର କିଛି ସମୟ ମନକୁ ବୁଝାଇ ପୁନର୍ବାର ମୋବାଇଲ୍ ଦୁନିଆକୁ ଚାଲିଯିବା ଦ୍ୱାରା କୌଣସି ଲାଭ ହେବ ନାହିଁ। ତେଣୁ ମୋବାଇଲ୍ ବ୍ୟବହାର ନ କରିବା ଲାଗି ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରନ୍ତୁ। ଏଥିପାଇଁ ଆପଣଙ୍କୁ ନିଜ ମୋବାଇଲ୍‌କୁ ସାଇଲେଣ୍ଟ ମୋଡ୍‌ରେ ରଖି ବିଭିନ୍ନ ଆପ୍‌ଗୁଡ଼ିକର ନୋଟିଫିକେଶନ ଅଫ୍ କରିଦିଅନ୍ତୁ। ଫୋନ୍ ଆଡ଼େ ଧ୍ୟାନ ନ ଯିବା ଲାଗି ଉକ୍ତ ସମୟରେ ପରିବାର କିମ୍ବା ସାଙ୍ଗସାଥିଙ୍କ ସହ କ୍ୱାଲିଟି ଟାଇମ ବିତାନ୍ତୁ, ନିଜ ରୁଚି ଥିବା କାର୍ଯ୍ୟ କରନ୍ତୁ, ବୁଲନ୍ତୁ, କିଛି ନୂଆ ଶିଖନ୍ତୁ, ଗାର୍ଡେନିଂ କରନ୍ତୁ, ମନୋରଞ୍ଜନ କରନ୍ତୁ ।

## କ'ଣ କରନ୍ତି ଏମାନେ...



**ସରୋଜିନି ପଲେଇ**(ଶିକ୍ଷୟିତ୍ରୀ, ଅକ୍ସଫୋର୍ଡ ପବ୍ଲିକ୍ ସ୍କୁଲ୍, ତେଲେଙ୍ଗାପେଣ୍ଠ, କଟକ)– ମୋବାଇଲ୍ ବର୍ତ୍ତମାନ ଏକ ଛୋଟ ଦୁନିଆ ସଦୃଶ ପାଲଟିଯାଇଛି। ଏହା ସାହାଯ୍ୟରେ କେବଳ କଥାବର୍ତ୍ତା ନୁହେଁ ଶପିଂ ଠୁ ଆରମ୍ଭ କରି ବ୍ୟାଙ୍କିଙ୍ଗ୍, ସୋସିଆଲ୍ ସାଇଟ୍, ୟୁଟ୍ୟୁବ୍ ଦେଖିବା, ଫଟୋଗ୍ରାଫି, ଭିଡିଓଗ୍ରାଫି ଏବଂ ଅନ୍ୟାନ୍ୟ ଡାଟା ଷ୍ଟୋରେଜ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ କରି ହେଉଛି। ଏ ସବୁ କେବେ ଯେପରି କାହା ହାତରେ ପଡ଼ି ମିସ୍ ୟୁଜ୍ ନ ହୁଏ ସେଥିପ୍ରତି ଡର ଥାଏ। ତେଣୁ ଡାଟାଗୁଡ଼ିକୁ ବ୍ୟାକ୍‌ଅପ୍ ନେବା ସହ ପାସ୍‌ୱାର୍ଡ ପ୍ରୋଟେକ୍ଟେଡ୍ ରଖେ। ଏହା ବ୍ୟତୀତ ଫୋନ୍ ବ୍ୟବହାର ନିଶାରେ ଯେପରି ନିଜ କାର୍ଯ୍ୟରେ ଅବହେଳା ନ କରେ ସେଥିପ୍ରତି ଯତ୍ନଶୀଳ ରୁହେ।



**ବିଭୁପ୍ରସାଦ ଦାସ**(କର୍ମଜୀବୀ, ଫୁଲନଖରା, କଟକ)– ପ୍ରତ୍ୟେକ କାର୍ଯ୍ୟ ବିଶେଷ କରି ଇଣ୍ଟରନେଟ୍ ବ୍ୟବହାର ଲାଗି ବର୍ତ୍ତମାନ ମୋବାଇଲ୍ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ପଡୁଛି। ବିଭିନ୍ନ ଫାସିଲିଟିଜ୍ ପାଇଁ ଯେ କେହିବି ଏହାର ବ୍ୟବହାର ପ୍ରତି ଆକୃଷ୍ଟ ହେବା ସ୍ୱାଭାବିକ। ହେଲେ ନିଜ ଅନୁଭବରୁ କହିବି ଏହା ଧୀରେ ଧୀରେ ଏକ ନିଶା ପାଲଟିଯାଏ ଏବଂ କିଛି ସମୟ ଏହାଠାରୁ ଅଲଗା ହେଲେ ବିରକ୍ତି ଲାଗେ। ହେଲେ ଯେବେ ଅଧିକ ସମୟ ଫୋନ୍ ବ୍ୟବହାର ଲାଗି ଆଖି ଏବଂ ବେକରେ ଯନ୍ତ୍ରଣା ଅନୁଭବ କଲି ଏହି ଆଡିକ୍ସନଠୁ ନିଜକୁ ଦୂରେଇବା ଆରମ୍ଭ କଲି। ବର୍ତ୍ତମାନ କେବଳ ଆବଶ୍ୟକ ସମୟରେ ହିଁ ଫୋନ୍ ବ୍ୟବହାର କରୁଛି।

## ଏ ସପ୍ତାହର ପ୍ରଶ୍ନ

୧– ପଶୁଙ୍କ ଲାଗି ପ୍ରଥମ କରୋନା ଭାଇରସ୍ ଭାକ୍ସିନ୍ ବାହାର କରିଥିବା ଦେଶ......... ?
୨– ଭାରତ ସରକାରଙ୍କ ପକ୍ଷରୁ.......... ଛାତ୍ରୀଛାତ୍ରଙ୍କୁ ମୁକ୍ତିଯୋଦ୍ଧା ସ୍କଲାରଶିପ୍ ସ୍କିମ୍ ଯୋଗାଇ ଦିଆଯାଉଛି ?
୩– ଡିଷ୍ଟ୍ରିବ୍ୟୁଟର୍ ଟୁ ରିଟେଲର ଫାଇନାନ୍ସ ଆରମ୍ଭ କରିଥିବା ଫିନ୍‌ଟେକ୍ କମ୍ପାନୀ........ ?
୪– ପୃଥିବୀର ସର୍ବବୃହତ୍ ପର୍‌ଫର୍ମିଂ ଆର୍ଟ ଅର୍ଗାନାଇଜେଶନ୍‌ର ହେଡ୍‌କ୍ୱାର୍ଟର........... ଠାରେ ଅବସ୍ଥିତ ?
୫– ଇଣ୍ଟରନାଶନାଲ୍ ଡେ' ଅଫ୍ ଡିଜାଷ୍ଟର ରିସ୍କ ରିଡକ୍ସନ୍ ପ୍ରତିବର୍ଷ .......... ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ସ୍ୱଦେଶୀ ନଲେଜ ସିଷ୍ଟମ୍ ସ୍କୁଲ୍
୨ ମିଜୋରାମ
୩ ଇସ୍ରୋ
୪ ଯୋଶେଫ୍ ଲିଷ୍ଟର
୫ ସାଜି ମାଥ୍ୟୁ

## ଉତ୍ତରଦାତା



ପ୍ରମିଳା ପାଣିଗ୍ରାହୀ, ଭଦ୍ରକ



ରବୀନ୍ଦ୍ର କୁମାର ସ୍ୱାଇଁ, ଜଗତ୍‌ସିଂହପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସୁନ୍ଦର ଆଇସ୍‌ଲାଣ୍ଡ



୧– ବାଲି ଆଇସ୍‌ଲାଣ୍ଡ ........................................ ଇଣ୍ଡୋନେସିଆ
୨– ହାର୍ ଆଣ୍ଡ ଦି ଡାଲମାସିଆନ୍ ଆଇସ୍‌ଲାଣ୍ଡ୍........................ କ୍ରୋସିଆ
୩– ଇଶ୍ଚିଆ.................................................. ଇଟାଲୀ
୪– କାଉଆଇ.................................................. ହାୱାଇ
୫– ମାଉଇ.................................................... ହାୱାଇ
୬– ସନ୍ତୋରିନି.................................................. ଗ୍ରୀସ୍
୭– ଗାଲାପାଗୋସ୍ ଆଇସ୍‌ଲାଣ୍ଡ.................................. ଇକ୍ୟୁଏଡର୍
୮– ବୋରାକେ ଆଇସ୍‌ଲାଣ୍ଡ .................................. ଫିଲିପାଇନ୍ସ
୯– କୋର୍ଫୁ.................................................... ଗ୍ରୀସ୍
୧୦– ପାଲାୱାନ୍ .......................................... ଫିଲିପାଇନ୍ସ

## ଜାଣନ୍ତୁ ଦୁନିଆ

# ବିଷାକ୍ତ ବୃକ୍ଷ ଜିଆଣ୍ଟ ହଗ୍‌ୱିଡ୍



ଭଲିକି ଭଳି ରଙ୍ଗିନ ଫୁଲ ଫଳଭରା ଗଛଟିଏ ଦେଖିବାକୁ କାହାକୁ ବା ଖୁସି ନ ଲାଗେ! ଏହା କେବଳ ପରିବେଶକୁ ସୁନ୍ଦର କରି ନ ଥାଏ, ବରଂ ଆମକୁ ମାନସିକ ଶାନ୍ତି ମଧ୍ୟ ଦେଇଥାଏ। ହେଲେ ଜାଣିଛନ୍ତି କି ଏମିତିବି କିଛି ଗଛ ଅଛି, ଯାହାକୁ ଛୁଇଁବାମାତ୍ରେ ହାତରେ ବଡ଼ ବଡ଼ ଫୋଟକା ହେଇଯାଏ କିମ୍ବା କେବେକେବେ ଏଥିପାଇଁ ମଣିଷକୁ ମୃତ୍ୟୁମୁଖରେ ମଧ୍ୟ ପଡ଼ିବାକୁ ହୋଇଥାଏ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ଏଭଳି ଏକ ଗଛ ହେଉଛି ଜିଆଣ୍ଟ ହଗ୍‌ୱିଡ୍। ଜାଣିବା ଏହା ସମ୍ପର୍କରେ କିଛି କଥା...

➤ପ୍ରାୟ ୧୪ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ବଢ଼ି ପାରୁଥିବା ଏହି ଗଛରେ ଫଟୋସେନ୍ସିଟାଇଜିଂ ଫ୍ୟୁରାନୋକୌମାରିନ୍ସ ନାମକ ଏକ ବିଷାକ୍ତ କେମିକାଲ୍ ରହିଛି। କେତେକ ବୈଜ୍ଞାନିକଙ୍କ ଗବେଷଣା ମୁତାବକ ଏହି ଗଛ ସାପ ବିଷଠାରୁ ବି ଅଧିକ ବିଷାକ୍ତ। ତେଣୁ ଏହାକୁ ଛୁଇଁବାମାତ୍ରେ ହାତ ପୋଡ଼ିବା ସହ ଫୋଟକା ହୋଇଯାଏ, ଯାହାକି ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବାମାତ୍ରେ ଅଧିକ କ୍ଷତିକାରକ ହୋଇଯାଏ। କେବେକେବେ ଏହା ଭଲ ହେବାକୁ ୧ ମାସରୁ ୬ ବର୍ଷ ପର୍ଯ୍ୟନ୍ତ ସମୟ ନେଇଥାଏ ତ ଆଉ କେବେ ଏଥିପାଇଁ ମଣିଷକୁ ମୃତ୍ୟୁର ସାମ୍ନା କରିବାକୁ ପଡ଼ିଥାଏ। ଏହି କାରଣରୁ ଏହାକୁ **'କିଲର୍ ଟ୍ରି'** ମଧ୍ୟ କୁହାଯାଇଥାଏ।

➤ଏହି ଗଛ ମୁଖ୍ୟତଃ ନ୍ୟୁୟର୍କ, ପେନ୍‌ସିଲ୍‌ଭିନିଆ, ଓହିଓ, ମେରିଲ୍ୟାଣ୍ଡ, ଓରେଗନ୍, ୱାଶିଂଟନ୍, ମିଚିଗାନ୍, ଭର୍ଜିନିଆ, ଭେର୍‌ମଣ୍ଟ, ନ୍ୟୁ ହ୍ୟାମ୍ପଶେୟାର୍ ଆଦି ସ୍ଥାନରେ ଦେଖିବାକୁ ମିଳେ।

➤ଏହି ଗଛକୁ ଛୁଇଁବାର ୧୫ ମିନିଟ୍ ପରେ ଏହାର ପ୍ରଭାବ ଆରମ୍ଭ ହୋଇଥାଏ। ତେଣୁ ଏହା ଶରୀରରେ ଲାଗିବାମାତ୍ରେ ସାବୁନ୍‌ରେ ଭଲ ଭାବେ ଧୋଇବା ଏବଂ ସୂର୍ଯ୍ୟକିରଣକୁ ଆଦୌ ନ ବାହାରିବା ଦ୍ୱାରା ଏହାର ପ୍ରଭାବ କିଛିମାତ୍ରାରେ କମିଥାଏ। ଏହା ସହିତ ଉକ୍ତ ସ୍ଥାନରେ ଆଲୁମିନିଅମ୍ ଆସେଟେଟ୍ ମିକ୍ସଚର୍ ଲଗାଇବା ଦ୍ୱାରା ଉପଶମ ମିଳିଥାଏ।

## ଯୁଥ୍ ଆଲର୍ଟ

# ପଇଡ଼ପାଣି ବଢ଼ାଏ ସୌନ୍ଦର୍ଯ୍ୟ

**ଖରାର ପ୍ରଭାବ ବଢ଼ି ବଢ଼ି ଚାଲିଛି। ତେଣୁ ଏ ସମୟରେ ଥଣ୍ଡା ପାନୀୟର ଚାହିଦା ଖୁବ୍ ବେଶି। ଏମିତିରେ ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ କୋଲ୍ଡ ଡ୍ରିଙ୍କ୍ସ ପରିବର୍ତ୍ତେ ଅନେକେ ପଇଡ଼ପାଣିକୁ ବାଛୁଛନ୍ତି। ଏଥିରେ ପ୍ରଚୁର ପରିମାଣରେ ଭରି ରହିଥିବା ପୋଷକ ତତ୍ତ୍ୱ, ନା କେବଳ ସ୍ୱାସ୍ଥ୍ୟୋପକାରୀ ବରଂ ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ମଧ୍ୟ କୌଣସି ବରଦାନଠୁ କମ୍ ନୁହେଁ...**



* ବର୍ତ୍ତମାନ ଅନେକ ଯୁବତୀଯୁବକଙ୍କ ଠାରେ ଅସନ୍ତୁଳିତ ଖାଦ୍ୟାଭ୍ୟାସ, ହର୍ମୋନ ପରିବର୍ତ୍ତନ, ପ୍ରଦୂଷଣ, ଅଳ୍ପ ଶୋଇବା ଭଳି ବିଭିନ୍ନ କାରଣରୁ ବ୍ରଣ ସମସ୍ୟା ଦେଖାଦେଉଛି। ଏହାକୁ ଦୂର କରିବା ଲାଗି ପଇଡ଼ପାଣି ବେଶ୍ ଲାଭଦାୟକ। କାରଣ ଏଥିରେ ଥିବା ଆଣ୍ଟି ଫଙ୍ଗାଲ୍ ଓ ଆଣ୍ଟି ମାଇକ୍ରୋବିଆଲ ଉପାଦାନ ବ୍ରଣ ଦୂରକରିବା ସହ ତ୍ୱଚାକୁ ଚିକ୍କଣ ଏବଂ ବେଦାଗ କରିଥାଏ।
* ପଇଡ଼ ପାଣିରେ ଥିବା ଲରିକ୍ ଏସିଡ୍, ଯାହାକୁ ଆଣ୍ଟି ମାଇକ୍ରୋବିଆଲ୍ ପାୱାରହାଉସ୍ ବୋଲି କୁହାଯାଇଥାଏ, ସ୍କିନ୍ ଇନ୍‌ଫେକ୍ସନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଅନେକଙ୍କଠାରେ ଦେଖାଦେଉଥିବା ରିଙ୍କିଲ୍, ଫାଇନ୍ ଲାଇନ୍, ବ୍ଲାକ୍ ସ୍ପଟ୍ ଭଳି ବିଭିନ୍ନ ଏଜିଂ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।
* ଏହା ଏକ ବେଷ୍ଟ ପ୍ରାକୃତିକ କ୍ଲିଞ୍ଜର, ଯାହାକି ମୁହଁରେ ଜମିଥିବା ଧୂଳି ଏବଂ ମଇଳାକୁ ସଫା କରିବା ସହ ଟୋନିଂ ମଧ୍ୟ କରିଥାଏ।
* ଖରାଦିନେ ଅନେକଙ୍କଠାରେ ଦେଖାଦେଉଥିବା ସନ୍‌ବର୍ନ ଏବଂ ଅନ୍ୟାନ୍ୟ ସମସ୍ୟା ଦୂର କରିବା ଲାଗି ପଇଡ଼ପାଣି ବ୍ୟବହାର କରିପାରିବେ। ଏହି ପାଣିକୁ ଲଗାଇ ୨୦–୩୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଏଥିରେ ଭରପୂର ମାତ୍ରାରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ଏହି ସମସ୍ୟା ଦୂର କରିଥାଏ।
* ବର୍ତ୍ତମାନ ଯୁବାବସ୍ଥାରୁ କେଶ ଝଡ଼ିବା, ପାଚିବା ଭଳି ବିଭିନ୍ନ ସମସ୍ୟା ଅନେକଙ୍କ ଲାଗି ଚିନ୍ତାର କାରଣ ସାଜିଛି। ଏହା ଦୂରେଇବାରେ ମଧ୍ୟ ପଇଡ଼ପାଣି ଖୁବ୍ ଲାଭଦାୟକ। ଏହାକୁ ବ୍ୟବହାର କରିବା ଦ୍ୱାରା ଏଥିରେ ଥିବା ଭିଟାମିନ୍ କେ ଏବଂ ଆଇରନ୍ କେଶ ଝଡ଼ିବା ରୋକିଥାଏ ଏବଂ ଏହାକୁ ମଜଭୁତ, ଘନ, ଚିକ୍କଣ ତଥା ସୁନ୍ଦର କରିଥାଏ। ଏହା ରୁପି ସମସ୍ୟା ବି ଦୂର କରିଥାଏ।



**ନାବାଳିକାଙ୍କୁ ଅସଦାଚରଣ କରି ଶାଢ଼ୀ ବିକାଳୀ ଗିରଫ**

ବାରିପଦା ଅଫିସ: ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଶନିବାର ଜଣେ ଶାଢ଼ି ବିକାଳୀଙ୍କୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ରାଜ୍ୟର ବାରାସତ ଅଞ୍ଚଳର ରାମକ୍ରିଷ୍ଣ ରକ୍ଷିତ। ଏନେଇ ପୋଲିସ ଏକ ମାମଲା (ନଂ.୩୫୭/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ହାଇୱା ଧକ୍କାରେ ଯବାନ, ରାଜମିସ୍ତ୍ରି ମୃତ

**ଢେଙ୍କାନାଳ ଅଫିସ,୧୦।୪:** ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ରଥପଦା ନିକଟ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଶନିବାର ଏକ ହାଇୱା ଚଢ଼ିଯିବାରୁ କାର୍‌ରେ ଥିବା ଜଣେ ଯବାନଙ୍କ ସହ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଞ୍ଜାବରେ କାର୍ଯ୍ୟରତ ଯବାନ ରାସୋଳ ଥାନା ଗଣ୍ଡାନାଳୀ ଗ୍ରାମର ଗୋପବନ୍ଧୁ ରାଉତ ଓ ଭାପୁର ଫାଣ୍ଡି କୋଉମ ଅଞ୍ଚଳର ରାଜମିସ୍ତ୍ରି ମନୋଜ ବେହେରା। ଉଭୟେ ଏକ କାରରେ ଭାପୁର ଆଡୁ ରାସୋଳ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ହାଇୱା ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ମନୋଜଙ୍କ ମୃତ୍ୟୁ ହୋଇଥିଲା।

### ଏମ୍‌ପିଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

**ମାଲକାନଗିରି,୧୦।୪(ଡି.ଏନ୍.ଏ.):** ରାଷ୍ଟ୍ରପତି ରାମନାଥ କୋବିନ୍ଦ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ସେ ଚିଠି ମାଧମରେ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି। ଏଥିରେ ରାଷ୍ଟ୍ରପତି ଏମ୍‌ପିଙ୍କ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିବା ସହ ରାଷ୍ଟ୍ର ସେବା କରିବାକୁ ଉତ୍ସାହିତ କରିଛନ୍ତି।

### ଘଡ଼େଇ ମହାବିଦ୍ୟାଳୟ କଣ୍ଟେନମେଣ୍ଟ ଜୋନ୍

**ମାଲକାନଗିରି,୧୦।୪(ଡି.ଏନ୍.ଏ.):** ମାଲକାନଗିରି ଜିଲା ସଦରସ୍ଥିତ ଘଡ଼େଇ ଆବାସିକ ମହାବିଦ୍ୟାଳୟରୁ କରୋନା ସଂକ୍ରମିତ ଚିହ୍ନଟ ହେବାପରେ କଲେଜକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ୨ଦିନ ତଳେ କଲେଜରୁ ଜଣେ ପଜିଟିଭ ବାହାରିଥିଲେ। ଶନିବାର ଜିଲା ପ୍ରଶାସନ ପକ୍ଷରୁ କଲେଜକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସେହିପରି କଲେଜର ସମସ୍ତ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏହି ସମୟରେ କୋଭିଡ୍ ନିୟମ ମାନିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ପ୍ରେମୀଯୁଗଳଙ୍କୁ ହତ୍ୟା, ଉତ୍ତେଜନା

**ରାଜନଗର,୧୦।୪(ଡି.ଏନ.ଏ.)**



ପ୍ରଶାନ୍ତ ଓ ଇପ୍ସିତା (ଫାଇଲ୍ ଫଟୋ)

- ରାଜନଗର-ପଚ୍ଚାମୁଣ୍ଡାଇ ରାସ୍ତା ୪ ଘଣ୍ଟା ବନ୍ଦ
- ପେଣ୍ଠ ବେଳାଭୂମିରୁ ଶୁକ୍ରବାର ମିଳିଥିଲା ମୃତଦେହ
- ହତ୍ୟା ଅଭିଯୋଗ ଆଣିଲେ ଉଭୟ ପରିବାର

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠ ବେଳାଭୂମି ସଂଲଗ୍ନ ଜଉଦିଆ ନିକଟରୁ ଶୁକ୍ରବାର ପ୍ରେମୀଯୁଗଳଙ୍କ ମୃତଦେହ ମିଳିଥିଲା। ଏହି ଘଟଣାକୁ ନେଇ ଶନିବାର ରାଜନଗର ଅଶାନ୍ତ ହୋଇପଡିଥିଲା । ଉଭୟ ପରିବାର ମୃତଦେହ ଚିହ୍ନଟ କରିବା ପରେ ପୋଲିସ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଉଭୟଙ୍କୁ ହତ୍ୟା କରାଯାଇଥିବା ୨ ପରିବାର ପକ୍ଷରୁ ରାଜନଗର ଥାନାରେ ଶନିବାର ଅଭିଯୋଗ ହୋଇଛି । ମାତ୍ର ପୂର୍ବରୁ ନିଖୋଜ ମାମଲା ରୁଜୁ ହୋଇଥିବାରୁ ପୋଲିସ ଅଭିଯୋଗପତ୍ର ରଖିବାକୁ ମନା କରିଦେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଉଭୟ ଗାଁର ଶତାଧିକ ପୁରୁଷ ଓ ମହିଳା ନ୍ୟାୟ ଦାବିରେ ରାଜନଗର-ପଚ୍ଚାମୁଣ୍ଡାଇ ରାସ୍ତାର ତ୍ରିନାଥ ବଜାର ନିକଟରେ ଧାରଣାରେ ବସିଥିଲେ। ଦିନ ୧ଟାରୁ ଅପରାହ୍ନ ୫ଟା ଯାଏ ଦୀର୍ଘ ୪ ଘଣ୍ଟା ଧରି ରାସ୍ତା ଅବରୋଧ କରାଯାଇଥିଲା । ଶତାଧିକ ଗାଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିବା ଯୋଗୁ ସାଧାରଣ ଜୀବନଯାତ୍ରା ଅଚଳ ହୋଇଯାଇଥିଲା। ଏହା ଏକ ଦୁଃଖଦ ଘଟଣା ହୋଇଥିବାରୁ ବହୁ ଯୁବତୀଯୁବକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

ଧାରଣାରେ ବସିଥିବା ଉଭୟ ପରିବାର ସଦସ୍ୟମାନେ କହିଛନ୍ତି, ୨ଜଣଙ୍କୁ ଯୋଜନାବଦ୍ଧ ଭାବେ ଅପହରଣ କରାଯାଇ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ସେମାନଙ୍କ ଦେହରେ କ୍ଷତଚିହ୍ନ ରହିଛି। ପୋଲିସ ତୁରନ୍ତ ହତ୍ୟା ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିବା ଦରକାର। ପଚ୍ଚାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ, ପଚ୍ଚାମୁଣ୍ଡାଇ ଆଇଆଇସି ରାକେଶ କୁମାର ତ୍ରିପାଠୀ, ରାଜନଗର ଥାନା ସବ୍‌ଇନ୍‌ସପେକ୍ଟର ଅଜୟ କୁମାର ସାହୁ, ବିଭୂପ୍ରସାଦ ରାଉତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ସମସ୍ତ ଅଭିଯୋଗର ତଦନ୍ତ ହେବ ଓ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନାଯୋଗ୍ୟ, ପଚ୍ଚାମୁଣ୍ଡାଇ ଥାନା ଅଧୀନ ଚନ୍ଦନନଗର ପଞ୍ଚାୟତ ଦେଉଳି ଗ୍ରାମର ନିର୍ମଳ ମହାନ୍ତିଙ୍କ ଝିଅ ଇପ୍ସିତା (୧୮)। ସେ ପଚ୍ଚାମୁଣ୍ଡାଇ କଲେଜରେ ଯୁକ୍ତ ୨ ବାଣିଜ୍ୟ ଛାତ୍ରୀ। ତାଙ୍କ ମା'ବାପା ନେପାଳରେ ରୁହନ୍ତି । ସେ ତାଙ୍କ ମାମୁଘର ଓସ୍ତିଆରେ ରହି ପାଠ ପଢ଼ିବା ସହିତ ରାଜନଗରରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରହି କୋଚିଂ ନେଉଥିଲେ। ସେହିପରି ରାଜନଗର ଥାନା ଅଧୀନ ଓସ୍ତିଆ ଗ୍ରାମର ପବିତ୍ର ପାତ୍ରଙ୍କ ପୁଅ ପ୍ରଶାନ୍ତ (୧୯) ଭୁବନେଶ୍ୱର ରାଜଧାନୀ କଲେଜରେ ପାଠ ପଢୁଥିଲେ। ଇପ୍ସିତାଙ୍କ ମାମୁଘର ଓସ୍ତିଆ ହୋଇଥିବାରୁ ପ୍ରଶାନ୍ତଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା। ଘଟଣା କ୍ରମରେ ଇପ୍ସିତା ରାଜନଗରରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘର ନିକଟର ୨ ଯୁବକ ମୁନା ସିଂ, ଲିପୁ ସାମନ୍ତରାୟ ତାଙ୍କୁ ବିଭିନ୍ନ ସମୟରେ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏପରି କି ଫୋନରେ ଅଶାଳୀନ ଭାଷାରେ ଗାଳିଗୁଲଜ କରୁଥିଲେ। ଏକଥା ପ୍ରଶାନ୍ତ ଜାଣିବା ପରେ ସେ ମୁନା ଓ ଲିପୁଙ୍କ ସହିତ କଥା ହୋଇଥିଲେ । ଇପ୍ସିତାଙ୍କ ସହିତ ଏପରି ନ କରିବାକୁ ସେମାନଙ୍କୁ ଅନୁରୋଧ କରିଥିଲେ । ହେଲେ ମୁନା ଓ ଲିପୁ ପ୍ରଶାନ୍ତଙ୍କୁ ଟେଲିଫୋନରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଗତ ୭ ତାରିଖ ଦିନ ଇପସିତା କଲେଜ ଯାଉଛି କହି ଘରୁ ବାହାରିଥିଲେ । ହେଲେ ଆଉ ଘରକୁ ଫେରି ନ ଥିଲେ। ଠିକ୍ ସେଦିନ ପ୍ରଶାନ୍ତ ମଧ୍ୟ ଭୁବନେଶ୍ୱରରୁ ନିଖୋଜ ହୋଇଯାଇଥିଲେ। ଇପସିତାଙ୍କ ଅଜା ଓସ୍ତିଆ ଗାଁର ବିଷ୍ଣୁ ପାତ୍ର ଗତ ୮ ତାରିଖ ଦିନ ରାଜନଗର ଥାନାରେ ନାତୁଣୀ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ସେଦିନ ପ୍ରଶାନ୍ତ ପରିବାର ଲୋକେ ମଧ୍ୟ ଭୁବନେଶ୍ୱରର ନୟାପଲ୍ଲୀ ଥାନାରେ ପ୍ରଶାସନ ନିଖୋଜ ଥିବା ଅଭିଯୋଗ କରିଥିଲେ। ହେଲେ ଶୁକ୍ରବାର ଉଭୟଙ୍କ କ୍ଷତ ବିକ୍ଷତ ମୃତଦେହ ମିଳିଥିଲା।


ରାସ୍ତା ଅବରୋଧକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

# ଛତିଶଗଡ଼ ସୀମା ସିଲ୍

**ମାଲକାନଗିରି/ଉମରକୋଟ, ୧୦।୪ (ଡି.ଏନ୍.ଏ./ସ୍ୱ.ପ୍ର.)**



ଛତିଶଗଡ଼ରେ କରୋନା ସଂକ୍ରମଣ ବୃଦ୍ଧିପାଉଛି। ଏହାକୁ ରୋକିବା ନିମନ୍ତେ ଛତିଶଗଡ଼କୁ ସଂଯୋଗ କରୁଥିବା ସମସ୍ତ ସୀମାକୁ ସିଲ୍ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ମାଲକାନଗିରି ଓ ନବରଙ୍ଗପୁର ଜିଲା ପ୍ରଶାସନ ଶନିବାର ଛତିଶଗଡ଼ ସୀମା ସିଲ୍ କରିଛି। ଜରୁରୀ କାମରେ ଛତିଶଗଡ଼ରୁ ଆସୁଥିବା ଓ ଉଭୟ ଜିଲାରୁ ଛତିଶଗଡ଼କୁ ଯାଉଥିବା ସମସ୍ତ ଯାନବାହନ ଯାଞ୍ଚ କରାଯିବା ସହ ଲୋକଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଛି। ଶରୀରର ତାପମାତ୍ରା ଅଧିକ ଥିବା ଜଣାପଡ଼ିଲେ ସେମାନଙ୍କୁ କୋଭିଡ୍ ପରୀକ୍ଷା କରାଯାଇ ସଙ୍ଗରୋଧରେ ରହିବା ନିମନ୍ତେ ପରାମର୍ଶ ଦିଆଯାଉଛି।

ଏପ୍ରିଲ ୩୦ ପର୍ଯ୍ୟନ୍ତ କୌଣସି ଯାନବାହନ ଛତିଶଗଡ଼ରୁ ମାଲକାନଗିରି କିମ୍ବା ମାଲକାନଗିରିରୁ ଛତିଶଗଡ଼ ଯାଇପାରିବ ନାହିଁ। ଛତିଶଗଡ଼ରୁ ଫେରୁଥିବା ଲୋକଙ୍କୁ ସଙ୍ଗରୋଧରେ ରହିବାକୁ ବାଧ୍ୟତାମୂଳକ କରାଯାଇଛି। ଜିଲା ଓ ରାଜ୍ୟ ସୀମା ସିଲ୍ କରାଯିବା ସହ ଛତିଶଗଡ଼ର ଚାଲାଣଗଡ଼ା, ଟିଟିବିରିଠାରେ ଚେକ୍ ପୋଷ୍ଟ କରାଯାଇଛି। ମାଲକାନଗିରି ଜିଲା ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡରୁ ରାୟପୁର ଓ ଜଗଦଲପୁରକୁ ଚଳାଚଳ କରୁଥିବା ବସ୍‌ଗୁଡ଼ିକୁ ୩୦ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଜିଲା ପ୍ରଶାସନ ପକ୍ଷରୁ ବସ୍ ମାଲିକ ସଂଘକୁ ନିର୍ଦ୍ଦେଶ ହୋଇଛି। ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ବଳବତ୍ତର ରହିବ ବୋଲି ଜଣାପଡ଼ିଛି। ସେହିପରି ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲା ପ୍ରଶାସନ ପକ୍ଷରୁ ଖପରାଠାରେ ସ୍ୱତନ୍ତ୍ର ଚେକ୍‌ପୋଷ୍ଟ କରାଯାଇ ଜିଲା ପୋଲିସ ଏବଂ ପାରାମିଲିଟାରି ଫୋର୍ସ ୨୪ଘଣ୍ଟିଆ ପ୍ରହରା ଦେଉଛନ୍ତି। ତଣ୍ଡିକୁ ଏବଂ ଚାଲାଣଗୁଡ଼ା ପଞ୍ଚାୟତ ମାଲକାନଗିରି ଜିଲାର ଶେଷ ସୀମା ସୁକ୍‌ମାକୁ ଲାଗିରହିଛି। ତେଣୁ ଚାଲାଣଗୁଡ଼ାଠାରେ ମଧ୍ୟ ନାକାବନ୍ଦୀ କରାଯାଇଛି। ଛତିଶଗଡ଼ ସୀମାନ୍ତ ନବରଙ୍ଗପୁର ଉମରକୋଟ-ଦଣ୍ଡସରାଠାରେ କଟକଣାକୁ କଡ଼ାକଡ଼ି କରାଯାଇଛି। କେବଳ ମାଲ୍ ଗାଡ଼ି ଯାତାୟାତକୁ ଅନୁମତି ମିଳିଛି।

## ପରିତ୍ୟକ୍ତ କୂଅରୁ ହାତୀ ଛୁଆ ଉଦ୍ଧାର

**ବାରିପଦା ଅଫିସ, ୧୦।୪**



ମୟୂରଭଞ୍ଜ ଜିଲା ଦେଉଳି ରେଞ୍ଜ ଘଣଘଣା ଏବଂ ବିଶୁଶୋଳ ଗାଁ ମୁଣ୍ଡରେ ଥିବା ଏକ ପରିତ୍ୟକ୍ତ କୂଅରୁ ଶନିବାର ହାତୀ ଛୁଆକୁ ବନବିଭାଗ ଓ ଦମକଳ ବାହିନୀ ଉଦ୍ଧାର କରିଛି। ଉଦ୍ଧାର ପରେ ଛୁଆ ହାତୀଟି ଜଙ୍ଗଲ ମଧ୍ୟକୁ ଦୌଡି ପଳାଇଛି । ହାତୀର ଗତିବିଧି ଉପରେ ବିଭାଗ ସମ୍ପୂର୍ଣ୍ଣ ନଜର ରଖିଛି ବୋଲି ରେଞ୍ଜର ରବୀନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗ ପଟୁ ଆସିଥିବା ୨୦ଟିକିଆ ହାତୀପଲରେ ଏକ ୬ମାସର ହାତୀ ଛୁଆ ଥିଲା। ଉକ୍ତ ହାତୀ ଛୁଆଟି ୧୫ଫୁଟ ଗଭୀର କୂଅରେ ପଡିଯାଇଥିଲା। ହାତୀଟି କୂଅରୁ ଉଠିବା ଲାଗି ପ୍ରୟାସ କରିବା ସହ ଚିତ୍କାର କରୁଥିଲା । ଗ୍ରାମବାସୀ ଚିତ୍କାର ଶୁଣି ବନବିଭାଗକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ବନ କର୍ମଚାରୀ ପହଞ୍ଚି ଜେସିବି ସାହାଯ୍ୟରେ କୂଅର ଗୋଟିଏ ପାର୍ଶ୍ୱ ଖୋଳିଥିଲେ । ମାତ୍ର ପଥୁରିଆ ମାଟି ହୋଇଥିବାରୁ ବିଳମ୍ବ ହେବା ଦେଖି ଦମକଳ ବାହିନୀ ପହଞ୍ଚି ହାତୀର ଗୋଡ ଓ ଦେହରେ ଦଉଡି ଲଗାଇ ଉପରକୁ ଆଣିଥିଲେ। ତେବେ ହାତୀ ଛୁଆଟି ଉଦ୍ଧାର ପାଇ ଜଙ୍ଗଲକୁ ପଳାଇ ଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଇଡ୍‌କୋ ଅପାରଗତା ...

କରି ଅଧିକ ୨,୨୧.୫୯ ଏକର ଜମି ୨୦୨୦ ମାର୍ଚ୍ଚ ଯାଏ ପ୍ରଦାନ କରିବା ଜାରି ରଖିଥିଲା। କେବଳ ସେତିକି ନୁହେଁ, ଶିଳ୍ପନୀତି ୨୦୦୭କୁ ଉଲ୍ଲଂଘନ କରି ଇଡ୍‌କୋ ୧୧୭ ଏକର ସରକାରୀ ଜମିକୁ ଦୁଇଟି ଥର୍ମାଲ ପାୱାର ପ୍ଲାଣ୍ଟ (ଟିଟିପି) ଅର୍ଥାତ୍ ଲାନ୍‌କୋ ଏବଂ ଜିଏମ୍‌ଆର୍‌କୁ ଆବଣ୍ଟନ କରିଥିଲା। ଉକ୍ତ ଦୁଇ କମ୍ପାନୀ ଜମି ପାଇବା ସତ୍ତ୍ୱେ ନିର୍ଦ୍ଧାରିତ ସମୟରେ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ କରିବାରେ ବିଫଳ ହୋଇଥିଲେ। କୌଣସି ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ ନ ଥିଲେ ମଧ ସେମାନଙ୍କଠାରୁ ୧୦.୦୪ କୋଟି ଟଙ୍କା କମ୍ ଆଦାୟ କରାଯାଇଥିଲା। ଟିସ୍‌କୋକୁ ୧୯୯୬ ଏପ୍ରିଲ ଓ ଡିସେମ୍ବର ମଧ୍ୟରେ ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ଲାଣ୍ଟ ପାଇଁ ଇଡ୍‌କୋ ଦ୍ୱାରା ଆଗୁଆ ୫୩୭.୮୨ ଏକର ସରକାରୀ ଜମି ଦିଆଯାଇଥିଲା। ତେବେ ତାହାକୁ ରାଜସ୍ୱ ବିଭାଗକୁ ଫେରାଇ ନ ଥିଲା। ଇଡ୍‌କୋ ଉକ୍ତ ଜମିକୁ ୨୦୧୪-୧୮ମଧ୍ୟରେ ପ୍ରଚଳିତ ଦରକୁ ଅଣଦେଖା କରି ଅନ୍ୟ ଉଦ୍ଦେଶ୍ୟରେ ପୁଣି ବ୍ୟବହାର ପାଇଁ ଟିସ୍‌କୋକୁ ପ୍ରଦାନ କରିଥିଲା। ଫଳରେ ଜମି ପ୍ରିମିୟମ ବାବଦରେ ୧୪.୨୩ କୋଟି ଏବଂ ପ୍ରଶାସନିକ ଦେୟ ବାବଦରେ ରାଜକୋଷକୁ ୧.୪୨ କୋଟି ଟଙ୍କା କ୍ଷତି ହୋଇଥିଲା। ଡାଟାବେସ୍ ତଥ୍ୟାବଳୀର ପରିଚାଳନା ଏବଂ ପର୍ଯ୍ୟାଲୋଚନା କରିବାରେ ବିଫଳତା ହେତୁ ଇଡ୍‌କୋ ଜମି ଆବଣ୍ଟିତ ହୋଇଥିବା ଶିଳ୍ପସଂସ୍ଥାଗୁଡ଼ିକରୁ ୧୮.୫୨ କୋଟି ଟଙ୍କାର ଜିଆର(ଗ୍ରାଉଣ୍ଡ ରେଣ୍ଟ) ଓ ଶୁଳ୍କ ଆଦାୟ କରି ପାରି ନ ଥିଲା। ଏହାଛଡ଼ା ଇଡ୍‌କୋ ୪୪,୯୩୨.୨୯ ଏକର ଘରୋଇ ଜମିର ସ୍ୱତ୍ୱାଧିକାର ସଂଶୋଧନ କରିବାରେ ବିଫଳ ହେବାରୁ ୨୦୧୯ ଏପ୍ରିଲଠାରୁ ଆଦାୟ ହେବାକୁ ଥିବା ଜିଆର୍ ଓ ଶୁଳ୍କ ବାବଦରେ ରାଜକୋଷକୁ ୩୩.୧୬ କୋଟି ଟଙ୍କା କ୍ଷତି ହୋଇଛି। ଇଡ୍‌କୋ ଉପରେ ରାଜ୍ୟର ୧୧୬ଟି ଶିଳ୍ପାଞ୍ଚଳର ପ୍ରତିଷ୍ଠା ଓ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଇଡ୍‌କୋ ଅଧୀନରେ ଥିବା ମୋଟ ୨୪,୦୪୮.୧୯ ଏକର ଜମିରୁ ୧୪,୬୪୯.୦୯ ଏକର ଜମି ଆବଣ୍ଟିତ ହୋଇଥିବାବେଳେ ୯,୪୩୫.୧୯ ଅବ୍ୟବହୃତ ହୋଇ ପଡ଼ିରହିଛି। କେବଳ ସେତିକି ନୁହେଁ, ପ୍ରଚୁର ପାଣି ଥିବା ସତ୍ତ୍ୱେ ଇଡ୍‌କୋ ଶିଳ୍ପାଞ୍ଚଳଗୁଡ଼ିକରେ ଭିତ୍ତିଭୂମି ବିକାଶ କରିବାରେ ଠିକ୍ ଯୋଜନା ପ୍ରସ୍ତୁତ କରି ନ ଥିଲା। ଶିଳ୍ପ ବିଭାଗର ବିନାନୁମତିରେ ଖୋଲାଦ୍ୱାର ଏବଂ ସାମୁଦ୍ରିକ ଫୁଡ୍‌ପାର୍କ ପାଇଁ ଡେରାସଠାରେ ୧୮ ସଂସ୍ଥାକୁ ୬୨.୮୭ ଏକର ଜମି ଆବଣ୍ଟନ କରିଥିଲା। ବୋର୍ଡର ନିର୍ଦ୍ଦେଶ ପାଳନ କରିବାରେ ବିଫଳ ହେବାରୁ ଜମିମୂଲ୍ୟ ବାବଦ ୧୦.୧୬ କୋଟି ଟଙ୍କା କ୍ଷତି ହୋଇଛି। ଇଡ୍‌କୋ ସମ୍ପୃକ୍ତ ସବ୍‌ରେଜିଷ୍ଟ୍ରାରଙ୍କଠାରୁ ଜମିର ନିର୍ଦ୍ଧାରିତ ମୂଲ୍ୟ ନ ଆଣିବାରୁ ୧୪ ଶିଳ୍ପସଂସ୍ଥାକୁ ଦିଆଯାଇଥିବା ୨୬.୮୬୭ ଏକର ଜମିରୁ ୧୩.୩୪ କୋଟି ଟଙ୍କା କମ୍ ଆଦାୟ ହୋଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ବିଭାଗୀୟ କାର୍ଯ୍ୟାଳୟଗୁଡିକ ନିୟମିତ ଯାଞ୍ଚ ନ ହେବା ଯୋଗୁ ୨୦୧୪ରୁ ୨୦୧୯ ମଧ୍ୟରେ ୧୨୬୭ ଶିଳ୍ପ ସଂସ୍ଥାକୁ ଆବଣ୍ଟିତ ହୋଇଥିବା ୧,୧୨୮.୯୯ ଏକର ଜମି ଅବ୍ୟବହୃତ ହୋଇ ପଡ଼ିରହିଛି। ଏହି ଜମିକୁ ଇଡ୍‌କୋ ଫେରାଇ ଆଣିବାରେ ବିଫଳ ହୋଇଥିଲା। ଫଳରେ ଉକ୍ତ ଜମି ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହୃତ ହୋଇ ପାରି ନ ଥିଲା। କେବଳ ସେତିକି ନୁହେଁ, ଇଡ୍‌କୋ ୨୦୧୦ରେ ନାଲ୍‌କୋ ସହିତ ଯୌଥ ଉଦ୍ୟୋଗ କମ୍ପାନୀ ଅନୁଗୋଳ ଆଲୁମିନିୟମ ପାର୍କ ଲିମିଟେଡ ପ୍ରତିଷ୍ଠା କରିଥିଲା। ଇଡ୍‌କୋ ଭିତ୍ତିଭୂମି ବିକାଶ ଓ ଆବଶ୍ୟକ କଞ୍ଚାମାଲ ଯୋଗାଇବାରେ ବିଫଳ ହେବାରୁ ଉକ୍ତ ଆଲୁମିନିୟମ ପାର୍କ ହୋଇପାରି ନ ଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ଅନ୍ୟ ସରକାରୀ ଉଦ୍ୟୋଗଗୁଡ଼ିକରେ ମଧ ବିପୁଳ ଅନିୟମିତତା ଓ ଅପାରଗତାକୁ ସିଏଜି ପର୍ଦ୍ଦାଫାଶ କରିଛନ୍ତି। ହଦଗଡ଼ ଅଭୟାରଣ୍ୟ ଓ ଏହାର ୧ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ଖଣି ଅନୁପଯୋଗୀ ଜମିର ବିଳମ୍ବ ଫେରସ୍ତ ଯୋଗୁ ଓଡ଼ିଶା ଖଣି ନିଗମ(ଓଏମ୍‌ସି)କୁ ଏନ୍‌ପିଭି (ନିଟ୍ ପ୍ରେଜେଣ୍ଟ ଭାଲ୍ୟୁ) ଓ ଅଚଳ ଭଡ଼ା ବାବଦରେ ୬୫.୨୧କୋଟି ଟଙ୍କା ଗଣିବାକୁ ପଡ଼ିଛି। ସେହିପରି ଓଏମ୍‌ସି ଦ୍ୱାରା ଖଣିଜ ପଦାର୍ଥ ପରିବହନ ବୃଦ୍ଧି ଜନିତ ମୂଲ୍ୟର ଭୁଲ୍ ନିରୂପଣ ଯୋଗୁ ୦.୭୩ କୋଟି ଟଙ୍କା ଅଯଥା ଖର୍ଚ୍ଚ କରିବାକୁ ପଡ଼ିଛି। ଶକ୍ତିକ୍ଷେତ୍ରରେ ଥିବା ୯ଟି ପିଏସ୍‌ୟୁ ୨୦୧୮-୧୯ରେ ୨୨.୪୫ କୋଟି ଟଙ୍କାର କ୍ଷତି କରିଛନ୍ତି। ୨୦୧୮-୧୯ରେ ୫ ପିଏସ୍‌ୟୁ ମିଳିତ ଭାବେ ୧୭୮.୩୪କୋଟି ଟଙ୍କା ଲାଭ କରିଥିବା ବେଳେ ୩ ପିଏସ୍‌ୟୁ ୨୦୦.୭୯ କୋଟି ଟଙ୍କା କ୍ଷତି କରିଛନ୍ତି। ଗ୍ରୀଡ୍‌କୋ ୧୯୭.୫୦ କୋଟି ଟଙ୍କା କ୍ଷତି କରିଛି। ୯ଟି ଶକ୍ତିକ୍ଷେତ୍ର ପିଏସୟୁରେ ୨୦୧୯ ମାର୍ଚ୍ଚ୩୧ ସୁଦ୍ଧା ୪,୦୪୮.୬୭ କୋଟି ଟଙ୍କା ପୁଞ୍ଜିବିନିଯୋଗ ହୋଇଥିବା ବେଳେ ୪,୪୪୩.୧୨ କୋଟି ଟଙ୍କା କ୍ଷତି ହୋଇଛି। ସେଥିମଧ୍ୟରୁ ଗ୍ରୀଡ୍‌କୋର ନିଟ୍ କ୍ଷତି ୩,୮୫୩.୭୫ କୋଟି ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

### ଏସ୍‌ସିବିରୁ ହାଇଦର ...

ଜେଲରେ ବନ୍ଦୀ ଜୀବନ କଟାଉଥିଲେ। ଏକାଧିକ ରୋଗରେ ପୀଡ଼ିତ ହାଇଦରଙ୍କୁ ଅସୁସ୍ଥତା କାରଣରୁ ଗତ କିଛିଦିନ ତଳେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଗତ ୧୨ଦିନ ତଳେ କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଥିଲା। ସମ୍ବଲପୁର ପୋଲିସର ଏକ ଟିମ୍ ତାଙ୍କୁ କଟକ ଆଣି ଏସ୍‌ସିବିରେ ଭର୍ତ୍ତି କରିଥିଲା। ସର୍ଜରି ବିଭାଗର ୫ନଂ କ୍ୟାବିନ୍‌ରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ପ୍ରଫେସର ଡାକ୍ତର ଭୁବନ ମୋହନ ଦାସ ଚିକିତ୍ସା କରୁଥିଲେ। ସୁରକ୍ଷା ଦୃଷ୍ଟିରୁ ୬ଜଣ ପୋଲିସ ପାଳି କରି ତାଙ୍କର ସୁରକ୍ଷା ଦାୟିତ୍ୱରେ ଥିଲେ। ଶନିବାର ସୁରକ୍ଷା ବ୍ୟବସ୍ଥା ଢିଲା କାରଣରୁ ସେ କର୍ତ୍ତବ୍ୟରତ ସୁରକ୍ଷା କର୍ମୀଙ୍କୁ ଧକ୍କା ମାରି ଖସି ପଳାଇଯାଇଥିବା ଅଭିଯୋଗ ହେଉଛି। ହାଇଦରଙ୍କ ନାମରେ ଦାଦାବଟି, ରାହାଜାନୀ ଓ ସୁଲେମାନ ହତ୍ୟାକାଣ୍ଡ ଭଳି ଏକାଧିକ ସଙ୍ଗୀନ ମାମଲା ରହିଛି। ହାଇଦର ଏସ୍‌ସିବିରୁ ଫେରାର ହୋଇଯିବା ପରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ହାଇଦରଙ୍କ ଆକ୍ରମଣରେ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଥିଲା। ପରେ ସେ ମେଡିସିନ୍ ବିଭାଗରେ ଚିକିତ୍ସାଧୀନ ଅଛନ୍ତି। ସେ ସୁସ୍ଥ ହେବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ ସୂଚନା ଦେଇଛନ୍ତି। ଅପରପକ୍ଷରେ ଫେରାର ହାଇଦରଙ୍କୁ ଧରାଯିବା ପାଇଁ ବଡ଼ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। ଏପରି କି ପଡ଼ୋଶୀ ଜିଲାକୁ ଆଲର୍ଟ କରାଯାଇଛି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି କଟକ ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି। ଏନେଇ ଏସ୍‌ସିବିର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣାଙ୍କୁ ପଚାରିବାରେ ସେ ଫେରାର ଘଟଣାକୁ ସ୍ୱୀକାର କରିବା ସହ ଥାନାରେ ଅଭିଯୋଗ ହୋଇଥିବା କହିଛନ୍ତି। ତେବେ ହାଇଦର କେବେ ହସ୍ପିଟାଲରେ ଭର୍ତ୍ତି ହେଲେ ସେନେଇ କୌଣସି ତଥ୍ୟ ତାଙ୍କ ନିକଟରେ ନ ଥିବା କହିଛନ୍ତି।

#### ହାଇଦରଙ୍କୁ ନେଇ କେନ୍ଦ୍ରାପଡ଼ାରେ ହଇଚଇ

କେନ୍ଦ୍ରାପଡ଼ା ଅଫିସ, ୧୦।୪: ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର କଟକ ଏସ୍‌ସିବି ମେଡିକାଲରୁ ଶନିବାର ନିଖୋଜ ହୋଇଛନ୍ତି। ଏହାକୁ ନେଇ କଟକ ପୋଲିସ ତନାଘନା ଆରମ୍ଭ କରିଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ହଇଚଇ ସୃଷ୍ଟି ହୋଇଛି। ସ୍ଥାନୀୟ ପୋଲିସ ଚଳଚଞ୍ଚଳ ହୋଇପଡ଼ିଛି। ଜିଲାର ବିଭିନ୍ନ ପ୍ରବେଶ ପଥରେ ପୋଲିସ ଯାଞ୍ଚ ଚଳାଇଛି। ନବେ ଦଶକରୁ ଆତଙ୍କ ସୃଷ୍ଟି କରି ଆସିଥିବା ହାଇଦର ୨୦୦୫ରୁ ଗିରଫ ହୋଇ ଜେଲ୍‌ରେ ଆଜୀବନ ସଜା କାଟୁଥିଲେ। ଚୁନା ଓରଫ ମଲ୍ଲିକ ମନାନ ହତ୍ୟା ମାମଲା ଏବଂ ଖଣି ବ୍ୟବସାୟୀ ରଶ୍ମିରଞ୍ଜନ ମହାପାତ୍ରଙ୍କ ଅପହରଣ ଓ ହତ୍ୟା ମାମଲାରେ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ରାଜ୍ୟର ବିଭିନ୍ନ ଜେଲ୍‌ରେ ରହିଆସିଥିବା ହାଇଦର ଶେଷରେ ସମ୍ବଲପୁର ସର୍କଲ ଜେଲରେ ଥିଲେ। କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ଥାଇ ସେ ଫେରାର ହୋଇଯିବା ପରେ ସମଗ୍ର ସୁରକ୍ଷା ବ୍ୟବସ୍ଥା ପ୍ରତି ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ଅନେକଙ୍କ କହିବା କଥା ଯେ, ଗ୍ୟାଙ୍ଗଷ୍ଟର ହାଇଦର ୧୬ବର୍ଷ ଧରି ଜେଲରେ ରହିବା ପରେ କୌଶଳ କ୍ରମେ ଖସିଯିବାକୁ ଯୋଜନାବଦ୍ଧ ଭାବେ ଉଦ୍ୟମ କରିଥିଲେ। ଫଳରେ ସେ ନିଜକୁ ଅସୁସ୍ଥ ଦର୍ଶାଇ ପ୍ରଥମେ ବୁର୍ଲା ମେଡିକାଲ ଓ ପରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହେବାରେ ସମର୍ଥ ହୋଇଥିଲେ। ଅପରପକ୍ଷରେ କେନ୍ଦ୍ରାପଡ଼ା ହାଇସ୍କୁଲ ଛକରେ ଥିବା ତାଙ୍କ ୩ ଦୋକାନ ଗୃହକୁ ଇତିମଧ୍ୟରେ ୨୧ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିବା ନେଇ ହେଉଥିବା ଚର୍ଚ୍ଚା ଯଦି ସତ୍ୟ ହୋଇଥାଏ, ତେବେ ଏହା ପୂର୍ବ ପ୍ରସ୍ତୁତିର ଅଂଶବିଶେଷ ବୋଲି ଦୃଢ଼ ଭାବେ କୁହାଯାଇପାରିବ। ହାଇଦର ରାଜ୍ୟ ବାହାରକୁ ଚାଲିଯାଇଥାଇପାରନ୍ତି ବୋଲି ଅନେକେ ଚର୍ଚ୍ଚା କରୁଛନ୍ତି। ରାଜ୍ୟ ପୋଲିସ ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ହାଇଦରଙ୍କୁ ଖୋଜି ବାହାର କରିବା ସହ ସେ ଚମ୍ପଟ ମାରିବା ପଛରେ କେଉଁମାନେ ସମ୍ପୃକ୍ତ ରହିଛନ୍ତି ତାହାର ପର୍ଦ୍ଦାଫାଶ ଏବଂ କାର୍ଯ୍ୟାନୁଷ୍ଠାନ ଜରୁରୀ। ନଚେତ୍ ସେ ଦୃଷ୍ଟି ଆଢୁଆଳରେ ରହି କେନ୍ଦ୍ରାପଡ଼ା ଓ କଟକ ଜିଲା ସମେତ ରାଜ୍ୟର ଅନ୍ୟ ସ୍ଥାନରେ ହିଂସା ସୃଷ୍ଟି କରିବା ଆଶଙ୍କା ଏଡ଼ାଇ ହେବ ନାହିଁ ବୋଲି ଚର୍ଚ୍ଚା ହେଉଛି।

### ରେଡ୍ ଜୋନ୍‌ରେ ଖୋର୍ଦ୍ଧା, ...

ସୁନ୍ଦରଗଡ଼ରୁ ସର୍ବାଧିକ ୩୫୫ଜଣ ରହିଛନ୍ତି, ଯାହା ଦିନିକିଆ ସଂକ୍ରମଣରେ ଜିଲାର ସର୍ବକାଳୀନ ରେକର୍ଡ। ସେହିପରି ଦ୍ୱିତୀୟରେ ଥିବା ଖୋର୍ଦ୍ଧା ଜିଲାରେ ୧୯୩ଜଣ, ନୂଆପଡ଼ା ୧୩୫, ବରଗଡ଼ ୫୯, ଝାରସୁଗୁଡ଼ା ୫୨ ଓ କଟକରେ ୫୧ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୩,୪୮,୧୮୨ରେ ପହଞ୍ଚିଛି। ଅପରପକ୍ଷେ ଦୀର୍ଘ ମାସ ବ୍ୟବଧାନ ପରେ ରାଜ୍ୟରେ ପୁଣି ୨ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ଜଣେ ୭୪ ବର୍ଷୀୟା ମହିଳା ଅଛନ୍ତି। ସେ ମଧୁମେହ ରୋଗରେ ମଧ ପୀଡ଼ିତ ଥିଲେ। ଅନ୍ୟଜଣେ ହେଲେ ବଲାଙ୍ଗୀରର ୭୭ ବର୍ଷୀୟ ବ୍ୟକ୍ତି। ସେ ବହୁବିଧ ରୋଗରେ ପୀଡ଼ିତ ଥିଲେ। ଏହି ଦୁଇଜଣଙ୍କୁ ମିଶାଇ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧,୯୨୬କୁ ବୃଦ୍ଧି ପାଇଛି। ରାଜ୍ୟ ସରକାର ଉଚିତ ପଦକ୍ଷେପ ନ ନେଲେ ଓଡ଼ିଶାରେ ମଧ ମହାରାଷ୍ଟ୍ର ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର ଚେତାଇ ଦେଇଛନ୍ତି। ଅନ୍ୟପକ୍ଷରେ ପଡ଼ୋଶୀ ରାଜ୍ୟରୁ ସଂକ୍ରମଣ ଓଡ଼ିଶାକୁ ବ୍ୟାପୁଥିବା ଆଶଙ୍କା କରି ଶନିବାରଠାରୁ ଛତିଶଗଡ଼ ସୀମାକୁ ସିଲ୍ କରିଛନ୍ତି ରାଜ୍ୟ ସରକାର। ଛତିଶଗଡ଼କୁ ଯିବା ଆସିବା ପାଇଁ ସମସ୍ତ ଯୋଗାଯୋଗକୁ ବନ୍ଦ କରିଦେଇଛନ୍ତି। ବସ୍ ସେବା ବନ୍ଦ ହୋଇଯାଇଛି। ଏଥିସହ ସୀମାରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଥିବା ସୂଚନା ମିଳିଛି।

### ହିସାବ ଦେବେ ମନ୍ତ୍ରୀ...

ଦେଇଛନ୍ତି, ଯେଉଁ ପ୍ରତିଶ୍ରୁତି ଆମେ ଲୋକଙ୍କୁ ଦେଇଛୁ, ତାକୁ ପାଳନ କରିବା ଦିଗରେ କେତେଦୂର ଆମେ ସଫଳ ହୋଇଛୁ ତା'ର ହିସାବ ଲୋକଙ୍କୁ ଦେବାକୁ ହେବ। ଏହା ଗଣତନ୍ତ୍ରର ମର୍ଯ୍ୟାଦା ବୃଦ୍ଧିକରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୯ ମେ' ୨୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ସରକାର ତା'ର ପ୍ରଥମ ବୈଠକରେ ଦଳର ନିର୍ବାଚନ ଇସ୍ତାହାରକୁ କାର୍ଯ୍ୟକାରୀ କରିବା ପାଇଁ ନୀତିଗତ ନିଷ୍ପତ୍ତି ନେଇଥିଲେ। ଆଗାମୀ ମେ' ୨୯ରେ ମନ୍ତ୍ରୀ ପରିଷଦର ସ୍ୱତନ୍ତ୍ର ବୈଠକରେ ବିଭିନ୍ନ ବିଭାଗର ସଫଳତା ଉପସ୍ଥାପନ କରାଯାଇ ଲୋକଙ୍କୁ ଅବଗତ କରାଯିବ। ୨୦୧୪ ନିର୍ବାଚନ ପରେ ମଧ ଦଳର ଇସ୍ତାହାରକୁ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀ ପରିଷଦ ନୀତିଗତ ନିଷ୍ପତ୍ତି ନେଇଥିଲା।

### ଯବାନଙ୍କ ଗୁଳିରେ ...

ଶାସକ ଟିଏମ୍‌ସି ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ ବେଳେ ଗୁଳିମାଡ଼ରେ ଆନନ୍ଦ ବର୍ମନ(୧୮) ନାମକ ଜଣେ ଭୋଟର ପ୍ରାଣ ହରାଇଛନ୍ତି। କୁଚ୍‌ବିହାରରେ ୫ ଜଣଙ୍କ ମୃତ୍ୟୁ ଘଟଣାରେ ରାଜନୈତିକ କାଦୁଅଫିଙ୍ଗା ଆରମ୍ଭ ହୋଇଯାଇଛି। ଟିଏମ୍‌ସି ନେତ୍ରୀ ମମତା କହିଛନ୍ତି, ମତଦାନ ପାଇଁ ଧାଡ଼ିରେ ଛିଡ଼ାହୋଇଥିବା ନିରୀହ ଲୋକଙ୍କ ଉପରକୁ କେନ୍ଦ୍ରୀୟ ବଳ ଗୁଳି ଚଳାଇବାରୁ ୪ ଜଣଙ୍କ ମୃତ୍ୟୁ ଘଟିଲା। ଯବାନଙ୍କ ଗୁଳିକାଣ୍ଡ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦାୟୀ। ସେ ହିଁ ଷଡ଼ଯନ୍ତ୍ରକାରୀ। ଶାହା ଜବାବ ରଖିବା ସହ ଇସ୍ତଫା ଦିଅନ୍ତୁ ବୋଲି ମମତା ଦାବି କରିଛନ୍ତି। ୪ ଜଣଙ୍କ ଜୀବନ ଯିବା ପରେ ନିର୍ବାଚନ କମିଶନ କହୁଛନ୍ତି ଆତ୍ମରକ୍ଷା ପାଇଁ ସୁରକ୍ଷା ବଳ ଗୁଳି ଚଳାଇଛି। ଏଥିପାଇଁ ସେମାନେ ଲଜ୍ଜିତ ହେବା ଉଚିତ ବୋଲି ମମତା କହିଛନ୍ତି। ଦୀର୍ଘଦିନ ହେଲା କେନ୍ଦ୍ରୀୟ ବଳ ଏଭଳି କାର୍ଯ୍ୟ କରିଚାଲିଛି। କେନ୍ଦ୍ରୀୟ ବଳର ଆତ୍ମରକ୍ଷା ନୀତିକୁ ନେଇ ଟିଏମ୍‌ସି ନେତ୍ରୀ ପ୍ରଶ୍ନ ଉଠାଇବା ସହ ତାଙ୍କ ସରକାର ଗୁଳିକାଣ୍ଡ ଘଟଣାର ସିଆଇଡି ତଦନ୍ତ ନିର୍ଦ୍ଦେଶ ଦେବ ବୋଲି କହିଛନ୍ତି। ଜନାଦେଶ ଭାଜପା ବିରୋଧରେ ଯାଉଥିବା ଜାଣିବା ପରେ ସେମାନେ ହତୋତ୍ସାହିତ ହୋଇ ଲୋକଙ୍କୁ ହତ୍ୟା କରୁଛନ୍ତି ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଉତ୍ତର ୨୪ ପ୍ରଗଣାଠାରେ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରି କହିଛନ୍ତି। ରବିବାର ସେ ହିଂସାକାଣ୍ଡ ସ୍ଥଳ ପରିଦର୍ଶନରେ ଯିବେ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ବାଚନ କମିଶନଙ୍କୁ ଅନୁରୋଧ କରିଛନ୍ତି। ନିର୍ବାଚନ ବେଳେ ହିଂସାକାଣ୍ଡ ପାଇଁ ସେ ଶାସକ ଟିଏମ୍‌ସିକୁ ଦୋଷ ଦେଇଛନ୍ତି। କେନ୍ଦ୍ରୀୟ ବଳ ବିରୋଧରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଲୋକଙ୍କୁ ଉତ୍ତେଜିତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। କୁଚ୍‌ବିହାରରେ ଯାହା ଘଟିଲା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଦୁଃଖଦ ଘଟଣା। ଭାଜପା ପ୍ରତି ସମର୍ଥନ ବଢୁଥିବାରୁ ମମତା ଓ ତାଙ୍କ ଟିଏମ୍‌ସି ଗୁଣ୍ଡାମାନେ ବିବ୍ରତ ହୋଇପଡ଼ିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ସିଲିଗୁଡ଼ିଠାରେ ଏକ ନିର୍ବାଚନ ର୍‍ୟାଲିକୁ ସମ୍ବୋଧନ କରି କହିଛନ୍ତି।

ଉପରୋକ୍ତ ଦୁଇ ଘଟଣାକୁ ବାଦ୍ ଦେଲେ ଅନ୍ୟ କେତେକ ସ୍ଥାନରେ ଛୋଟମୋଟ ଉତ୍ତେଜନା ଦେଖାଦେଇଥିଲା। ଯାଦବପୁର ନିର୍ବାଚନ ମଣ୍ଡଳୀର ଗାଙ୍ଗୁଲି ବାଗାନ ଅଞ୍ଚଳରେ ସିପିଆଇ(ଏମ୍) ପ୍ରାର୍ଥୀ ସୁଜନ ଚକ୍ରବର୍ତ୍ତୀଙ୍କ ବୁଥ୍ ଏଜେଣ୍ଟଙ୍କ ଉପରେ ଜଣେ ଜାଲ୍ ଭୋଟର ଆକ୍ରମଣ କରିବା ସହ ଲଙ୍କାଗୁଣ୍ଡ ଫିଙ୍ଗିଥିବା ଅଭିଯୋଗ ହୋଇଥିଲା। କେନ୍ଦ୍ରୀୟ ସୁରକ୍ଷା ବଳ ଉକ୍ତ ସ୍ଥାନରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସେହିପରି ଦକ୍ଷିଣ ୨୪ ପ୍ରଗଣାର ବାଙ୍ଗୋରଠାରେ ପୋଲିଂ ଏଜେଣ୍ଟକୁ ନେଇ ଆଇଏସ୍‌ଏଫ୍ ଏବଂ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ହୁଗ୍ଲିର ଚଣ୍ଡିତାଲାରେ ଏକ ବୁଥ୍ ବାହାରେ ସିପିଆଇ(ଏମ୍) କର୍ମୀ ଓ ଟିଏମ୍‌ସି ସମର୍ଥକଙ୍କ ମଧ୍ୟରେ ହାତାହାତି ହୋଇଥିଲା। ହିଂସାକାଣ୍ଡ ସତ୍ତ୍ୱେ ଚତୁର୍ଥ ପର୍ଯ୍ୟାୟରେ ଭୋଟଦାନ ହାର ଅଧିକ ରହିଛି।

### ଏମାର ମଠରୁ ମିଳିଲା ...

କରି ରଖିଥିଲେ। ପ୍ରତ୍ୟେକ ଇଟାର ଓଜନ ୩୦ କିଲୋରୁ



ଅଧିକ ଥିବା ସୂଚନା ମିଳିଛି। ଏହାର ମାପ ଓ ଓଜନ ସରିଥିଲେ ମଧ ସମୁଦାୟ ଇଟାର ଓଜନ କେତେ ସେନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇନାହିଁ। ଶନିବାର ସୁଦ୍ଧା ମଠରୁ ରୁପା ଇଟା ବ୍ୟତୀତ ରୁପା ଗଛ, ଫୁଲଦାନି, ବ୍ରୋଞ୍ଜର ଗାଈବାଛୁରୀ,୧୬ଟି ପୁରାତନ ଖଣ୍ଡା ଏବଂ ଅନେକ ଆସବାବପତ୍ର ମିଳିଛି।

ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଏମାର ମଠ ତରଫରୁ ରୁପା ଇଟା କୋଷାଗାରରେ ରଖିବା ପାଇଁ କୁହାଯିବାପରେ ଜିଲା ପ୍ରଶାସନ ଗାଡ଼ି ପଠାଇ ଏହି ଇଟାକୁ ନେଇଛି। ତେବେ ଏହା କେତେ ଓଜନର ତାହା ଜିଲା ପ୍ରଶାସନ ପରବର୍ତ୍ତୀ ସମୟରେ ଜଣାଇବ। ଅନ୍ୟପକ୍ଷରେ ମଠରୁ ମିଳିଥିବା କିଛି ଅଳଙ୍କାର, ଆସବାବପତ୍ର ଓ ସୁନା, ରୁପା ଓ ପିତ୍ତଳର ପଦାର୍ଥକୁ ହିସାବ କରାଯାଇ ମଠରେ ହିଁ ରଖାଯାଇଛି। ଅପରପକ୍ଷରେ ମଠ ମହନ୍ତ ଗୋପାଳ ରାମାନୁଜ ଦାସ କହିଛନ୍ତି, ତାଙ୍କ ବିନା ଦସ୍ତଖତରେ ରୁପା ଇଟାକୁ ଦେବା ପାଇଁ ଜିଲା ପ୍ରଶାସନ ବାଧ କରିଥିଲା। ଏପରି କି ଏହି ରୁପା ଇଟା ଜିଲା କୋଷାଗାରକୁ ନେବାକୁ ତାଙ୍କର ବିରୋଧ ଥିବା ଦର୍ଶାଇବାକୁ ସେ ଚେଷ୍ଟା କରିଥିଲେ। ହେଲେ ପ୍ରଶାସନ ପକ୍ଷରୁ କେବଳ ସାଧାରଣ ଦସ୍ତଖତ କରିବାକୁ କହିଥିଲେ। ମଠର ଦାୟିତ୍ୱ କିଏ ସମ୍ପାଦନ କରିବ ସେନେଇ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ହାଇକୋର୍ଟର ରହିତାଦେଶ ସମ୍ବଳିତ ନୋଟିସ ମାଜିଷ୍ଟ୍ରେଟଙ୍କୁ ଦେଖାଇଥିଲି। ଏପରି କି ଚାଲିଥିବା ସମ୍ପୃକ୍ତ ପ୍ରକ୍ରିୟାକୁ ନେଇ ସ୍ୱଚ୍ଛତା ରଖିବାକୁ କହିଥିଲି। ସେ ମଧ ମୋ କଥାକୁ ଧ୍ୟାନ ଦେଇ ନ ଥିଲେ ବୋଲି ମହନ୍ତ ରାମାନୁଜ କହିଛନ୍ତି। ଅପରପକ୍ଷରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ନରେଶ ଚନ୍ଦ୍ର ଦାଶ କହିଛନ୍ତି, ପୂର୍ବରୁ ଯେଉଁ ୪୫ ଖଣ୍ଡ ଇଟା ତାଲିକାରେ ଥିଲା ତାହା ମିଳିଛି। ତେବେ ଟ୍ରଷ୍ଟର ଭବିଷ୍ୟତ କ'ଣ ରହିବ ଓ କିଭଳି ଭାବେ ମଠ ପରିଚାଳିତ ହେବ ସେନେଇ ପ୍ରଶାସନ ନିଷ୍ପତ୍ତି ନେବ ବୋଲି କହିଛନ୍ତି। ସେହିଭଳି ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ ସମ୍ପୂର୍ଣ୍ଣ ପ୍ରସଙ୍ଗରେ ଏକ ନ୍ୟାର୍ଯ୍ୟ ଓ ସମୟ ଉପଯୋଗୀ ଦାବି କରିଛନ୍ତି। ଏବେ ଦେବୋତ୍ତର ବିଭାଗର ଜାଣତରେ ଥିବା ରୁପା ଇଟାକୁ ମଠରୁ ବାହାର କରାଯାଇଛି। ମଠ ମଧ୍ୟରେ ଆହୁରି କିଛି ମୂଲ୍ୟବାନ ସାମଗ୍ରୀ ଥିବାର ମଧ ସମ୍ଭାବନା ରହିଛି। ଏଣୁ ମେଟାଲ୍ ଡିଟେକ୍ଟର ସହାୟତାରେ ଏମାର ମଠକୁ ସ୍କାନ କରାଯିବାର ଆବଶ୍ୟକତା ରହିଥିବା ଶ୍ରୀମହାରାଜ କହିଛନ୍ତି।



ବଲିଉଡର ସଫଳ ଏବଂ ସୁନ୍ଦର ଅଭିନେତ୍ରୀଙ୍କ ମଧ୍ୟରେ ଅନ୍ୟତମ କ୍ୟାଟ୍ରିନା କୈଫ। କ୍ୟାଟ୍‌ଙ୍କ ଦ୍ୱାରା ବେଶ୍ ପ୍ରଭାବିତ ହୋଇଥିଲେ ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି। ଏକଦା ବିରାଟ ପଡ଼ିଆ ବାହାରେ ତାଙ୍କ ସହ ମାତ୍ର ୨ ମିନିଟ କଥା ହୋଇଥିଲେ। ଏକ ସାକ୍ଷାତକାରରେ ବିରାଟ କ୍ୟାଟ୍‌ଙ୍କୁ ନେଇ ଏହି କଥା କହିଥିଲେ। କୋହଲିଙ୍କ ଏହି ଥ୍ରୋବ୍ୟାକ ଭିଡିଓ ସେହି ସମୟର, ଯେତେବେଳେ ଅନୁଷ୍କାଙ୍କ ସହ ତାଙ୍କର ସମ୍ପର୍କ ନ ଥିଲା। ଏହି ଭିଡିଓରେ ଦେଖିବାକୁ ମିଳୁଛି ଯେ, ଆଙ୍କର ବିରାଟଙ୍କୁ ପ୍ରଶ୍ନ କରୁଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ସବୁଠାରୁ ବଡ଼ ଅଫ ଫିଲ୍ଡ କ'ଣ। ଉତ୍ତରରେ କୋହଲି କହୁଛନ୍ତି, କ୍ୟାଟ୍ରିନାଙ୍କ ସହ କଥା ହୋଇଥିବା ସେହି ୨ ମିନିଟ ସମୟ।

# ତରଳୁଛି ପୃଥିବୀର ଛାତ



**ସମୁଦ୍ର ଜଳପତ୍ତନରୁ ପ୍ରାୟ ୩ ମାଇଲ ଉଚ୍ଚତାରେ ଥିବା ତିବ୍ବତୀୟ ମାଳଭୂମି ଏବେ ସାରା ବିଶ୍ୱ ପାଇଁ ବିପଦ ଭାବେ ଉଭା ହୋଇଛି। ପୃଥିବୀର ଛାତ କୁହାଯାଉଥିବା ଏହି ମାଳଭୂମିରେ ତରଳିବାରେ ଲାଗିଛି ବିରାଟ ବରଫ ପାହାଡ଼। ଏହା ଜାରି ରହିଲେ ଖୁବଶୀଘ୍ର ଭାରତ, ପାକିସ୍ତାନ, ଚାଇନା ସମେତ ଏସିଆରେ ଥିବା ଦେଶଗୁଡ଼ିକ ଏହାର ଘାତକ ପରିଣାମ ଭୋଗିବ ବୋଲି ଅନୁସନ୍ଧାନକାରୀ ଚେତାଇ ଦେଇଛନ୍ତି।**

**ଲଦାଖ:** ଗ୍ଲେସିୟର ତରଳିବା ଯୋଗୁ ନିକଟରେ ଉତ୍ତରାଖଣ୍ଡ ଦେଖିଛି ପ୍ରଳୟଙ୍କାରୀ ପ୍ରାକୃତିକ ବିପର୍ଯ୍ୟୟ। ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ, ମନୁଷ୍ୟ କୃତ କାର୍ଯ୍ୟକଳାପ ଯୋଗୁ ଧିରେ ଧିରେ ଧ୍ୱଂସ ଅଭିମୁଖେ ଅଗ୍ରସର ହେଉଛି ପ୍ରକୃତି। ଏଥିରେ ରୋକ ନ ଲାଗିଲେ ପୃଥିବୀ ଏକ ବଡ଼ ଧ୍ୱଂସଲୀଳା ଦେଖିବାକୁ ଯାଉଥିବା ନେଇ ଚେତାବନୀ ଦେଇଛନ୍ତି ବୈଜ୍ଞାନିକ। ପୃଥିବୀର ଛାତ କୁହାଯାଉଥିବା ତିବ୍ବତୀୟ ମାଳଭୂମିରେ ବରଫ ତରଳୁଥିବାରୁ ବଡ଼ ଧରଣର ବିପଦ ମାଡ଼ି ଆସୁଥିବା ନେଇ ନିକଟରେ ଦି ୱେଦର ଚ୍ୟାନେଲ ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି।

କାରାକୋରମ୍ ଏବଂ ଏଭରେଷ୍ଟ ପର୍ବତମାଳା ମଧ୍ୟରେ ଘେରି ହୋଇ ରହିଛି ତିବ୍ବତ ମାଳଭୂମି। ସମୁଦ୍ରପତ୍ତନଠାରୁ ପ୍ରାୟ ୩ ମାଇଲ ଉଚ୍ଚତାରେ ଥିବା ଏହି ମାଳଭୂମି ଏବେ ଗ୍ଲୋବାଲ ୱାର୍ମିଂର ଶିକାର ହେବା ସହ ବଡ଼ ବଡ଼ ବରଫ ପାହାଡ଼ମାନ ତରଳିବାରେ ଲାଗିଛି। ଏସିଆର ୱାଟର ଟାୱାର ବା ପାଣି ଟାଙ୍କି ଭାବେ ମଧ୍ୟ ପରିଚିତ ଏହି ମାଳଭୂମିରେ ମହଜୁଦ୍ ଥିବା ବରଫ ତରଳିବା ଯୋଗୁ ବିଭିନ୍ନ ନଦୀକୁ ପାଣି ପ୍ରବାହିତ ହୋଇଥାଏ। କିନ୍ତୁ ଏବେ ଦ୍ରୁତଗତିରେ ଗ୍ଲେସିଅର ତରଳିବା ଯୋଗୁ ସିନ୍ଧୁ ନଦୀ, ଭାରତ ଗଙ୍ଗା ଏବଂ ବ୍ରହ୍ମପୁତ୍ର, ଚାଇନାର ୟଲୋ ଏବଂ ୟାଙ୍ଗଜୀ ନଦୀ ଉପରେ ପ୍ରଭାବ ପଡ଼ିବ। ଏହି ନଦୀଗୁଡ଼ିରେ ଜଳସ୍ତର ବୃଦ୍ଧି ପାଇବ। ଏଥିଯୋଗୁ ସମୁଦ୍ର ଜଳପତ୍ତନ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି। ଏପରି ହେଲେ ପ୍ରଥମେ ଉପକୂଳ ଅଞ୍ଚଳ ସମୁଦ୍ର ପାଣିରେ ଧୋଇଯିବ। ଏଥିସହ ପୁରା ଏସିଆ ପ୍ରଳୟଙ୍କାରୀ ବନ୍ୟା ଦେଖିବ ବୋଲି ସର୍ଭେ ଟିମ ମୁଖ୍ୟ ୱେଙ୍ଗସିଆ ଝାଙ୍ଗ ସୂଚନା ଦେଇଛନ୍ତି। ଚାଇନା ରିସର୍ଚ୍ଚରଙ୍କ ଦାବି ମୁତାବକ, ଦ୍ରୁତଗତିରେ ଜଳବାୟୁ ପରିବର୍ତ୍ତନ ଏବଂ ଗ୍ଲୋବାଲ କ୍ଲାଇମେଟ ମଡେଲ ଯୋଗୁ ତିବ୍ବତରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ଯେଉଁ ହାରରେ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗମନ ହେଉଛି ତାହା ଜାରି ରହିଲେ, ୨୦୪୧ରୁ ୨୦୬୦ ମଧ୍ୟରେ ତିବ୍ବତରେ ତାପମାତ୍ରା ୨.୨୫ ଡିଗ୍ରୀ ସେଲ୍‌ସିଅସ୍ ବୃଦ୍ଧି ପାଇବ। ସେହିପରି ୨୦୮୧ରୁ ୨୧୦୦ ମସିହା ମଧ୍ୟରେ ତାପମାତ୍ରା ୨.୯୯ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ଆଶଙ୍କା ରହିଛି। ତିବ୍ବତ ଭଳି ସ୍ଥାନରେ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ଅର୍ଥାତ ମାନବଜାତି ବିନାଶ ଆଡ଼କୁ ଗତି କରୁଛି।

# ସ୍କୁଲ ପାଠ୍ୟକ୍ରମରେ କପିଲ ଶର୍ମା



**ମୁମ୍ବାଇ:** କମେଡି କିଙ୍ଗ କପିଲ ଶର୍ମାଙ୍କୁ ଛୋଟରୁ ବଡ଼ ଯାଏ ପ୍ରାୟ ସମସ୍ତେ ଜାଣିଛନ୍ତି। ଏକ କମେଡି ଶୋ'ରୁ ସେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ଆଜି ସେ ଜଣେ ବଡ଼ ଷ୍ଟାର। ସେ 'ଦ କପିଲ ଶର୍ମା ଶୋ' ମାଧ୍ୟମରେ ଚର୍ଚ୍ଚାକୁ ଆସିଥିଲେ। ବର୍ତ୍ତମାନ କରୋନା ମହାମାରୀ ଏବଂ ନିଜର କିଛି ବ୍ୟକ୍ତିଗତ କାରଣ ଯୋଗୁ ତାଙ୍କ ଶୋ' ବନ୍ଦ ରହିଛି। ମାତ୍ର ସେ ଏବେ ଏକ ନୂଆ ରେକର୍ଡ ହାସଲ କରିଛନ୍ତି। ଏହା ଜାଣି ତାଙ୍କ ପ୍ରଶଂସକମାନେ ଖୁସି ଅଛନ୍ତି। କପିଲଙ୍କ ଫ୍ୟାନ କ୍ଲବ ପେଜ୍‌ରେ ଶେୟାର ହୋଇଥିବା ଏକ ଫଟୋକୁ କପିଲ ତାଙ୍କ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଏଥିରେ ଏକ ବହି ସହ କପିଲଙ୍କ ଫଟୋ ରହିଛି। ଶେୟାର ହୋଇଥିବା ଏହି ବହିରେ କପିଲଙ୍କ ବିଷୟରେ ଲେଖାଯାଇଛି। ଚତୁର୍ଥ ଶ୍ରେଣୀର ଏକ ସାଧାରଣ ଜ୍ଞାନ ବହିରେ କପିଲ ଶର୍ମାଙ୍କ ନାମରେ ଏକ ବିଷୟ ରହିଛି। ଯାହାର ଟାଇଟେଲ ରହିଛି 'ଦି କମେଡି କିଙ୍ଗ୍ କପିଲ ଶର୍ମା'। ପ୍ରଶଂସକଙ୍କ ପେଜ୍‌ରେ ଲେଖାଯାଇଛି ଆପଣଙ୍କୁ ନେଇ ଆମେ ଗର୍ବିତ। ଶେୟାର ହୋଇଥିବା କପିଲଙ୍କ ଫଟୋରେ ହାର୍ଟ ଇମୋଜି ବି ରହିଛି। ଗତ ଫେବୃୟାରୀରେ ଦ୍ୱିତୀୟ ଥର ପିତା ହୋଇଛନ୍ତି କପିଲ। ଏଣୁ ସେ ଛୁଟି ନେଇଥିଲେ। ଏହା ବ୍ୟତୀତ କରୋନା ଯୋଗୁ ଶୋ'ର ଶୁଟିଂ ମଧ୍ୟ ହେଉନାହିଁ। ତେବେ ଖୁବଖଶୀଘ୍ର ଶୋ' ଆରମ୍ଭ ହେବ ବୋଲି ଶୁଣିବାକୁ ମିଳୁଛି।

# ସଚେତନ କରାଉଛନ୍ତି ଯମରାଜ



**ଲକ୍ଷ୍ନୌ:** ପୌରାଣିକ କଥାବସ୍ତୁ ଅନୁସାରେ ଯମରାଜ ହେଉଛନ୍ତି ମୃତ୍ୟୁର ଦେବତା। ତେଣୁ ଜୀବନକାଳ ମଧ୍ୟରେ ଯମରାଜଙ୍କୁ ଦର୍ଶନ କରିବା ପାଇଁ ବୋଧହୁଏ କେହି ଇଚ୍ଛା କରନ୍ତି ନାହିଁ। କିନ୍ତୁ ଉତ୍ତରପ୍ରଦେଶର ମୋରଦାବାଦରେ ଏବେ ଯମରାଜ ସବୁଆଡ଼େ ବୁଲି ବୁଲି ଲୋକଙ୍କୁ ସଚେତନ କରିବାରେ ଲାଗିଛନ୍ତି।

ଉତ୍ତରପ୍ରଦେଶର ମୋରଦାବାଦରେ ଏବେ ଯମରାଜଙ୍କ ଭଳି ବେଶ ହୋଇଛନ୍ତି ଜଣେ ଏନ୍‌ଜିଓ ସଦସ୍ୟ। କରୋନା ସଂକ୍ରମଣ ପୁଣି ଥରେ ବୃଦ୍ଧି ପାଉଥିବାରୁ ସେ ଲୋକଙ୍କୁ ସଚେତନ କରିବା ପାଇଁ ଏଭଳି ଏକ ବେଶ ଧାରଣ କରିଛନ୍ତି। ଉକ୍ତ ବେଶରେ ବିଭିନ୍ନ ଅଞ୍ଚଳକୁ ବୁଲିବାକୁ ଯିବାବେଳେ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିପାରୁଛନ୍ତି। ଲୋକେ ତାଙ୍କ ନିକଟକୁ ଆସି ଉତ୍ସାହର ସହ ତାଙ୍କ କଥା ଶୁଣୁଥିବା ଦେଖିବାକୁ ମିଳୁଛି। ଲୋକଙ୍କର ଏଭଳି ଆଗ୍ରହର ସୁଯୋଗ ନେଇ ସେ କରୋନା ସଂକ୍ରମଣ ରୋକିବା ନିମନ୍ତେ ସଚେତନ କରାଉଛନ୍ତି।

ଯମରାଜଙ୍କ ବେଶରେ ସେ ଲୋକଙ୍କୁ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ତଥା ସାନିଟାଇଜର ବ୍ୟବହାର, ହ୍ୟାଣ୍ଡୱାଶ ବା ସାବୁନରେ ହାତ ବାରମ୍ବାର ଧୋଇବା ଏବଂ ଜରୁରୀ କାମ ନ ଥିଲେ ଘର ଭିତରୁ ବାହାରକୁ ନ ଯିବାକୁ ଆଦି କହି ଲୋକଙ୍କୁ ସଚେତନ କରାଉଛନ୍ତି। ଏମିତି ଏକ ଭିନ୍ନ ବେଶରେ ଥିବାରୁ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ତାଙ୍କ କଥା ଶୁଣିବା ପାଇଁ ଆଗ୍ରହ ଦେଖାଉଛନ୍ତି। ତାଙ୍କ କହିବା ଅନୁସାରେ କରୋନା ସଂକ୍ରମଣକୁ ରୋକିବା ନିମନ୍ତେ ଏପର୍ଯ୍ୟନ୍ତ ଆମ ପାଖରେ ଔଷଧ ନାହିଁ। ଆଉ ଏତେଶୀଘ୍ର ସମସ୍ତଙ୍କୁ ଟିକାକରଣ ବି ସମ୍ଭବ ନୁହେଁ। ତେଣୁ କେବଳ ନିଜେ ସଚେତନ ରହିବା ଫଳରେ ହିଁ କରୋନାକୁ ଦୂରେଇ ଦେଇହେବ। ସେଥିପାଇଁ ସେ ଯମରାଜଙ୍କ ବେଶ ଧାରଣ କରି ଲୋକଙ୍କୁ ସଚେତନ କରିବା ଆରମ୍ଭ କରିଛନ୍ତି। ତାଙ୍କର ଏଭଳି ପଦକ୍ଷେପକୁ ସ୍ଥାନୀୟ ଲୋକଙ୍କ ସହିତ ବିଭିନ୍ନ ଅନୁଷ୍ଠାନର ଲୋକେ ଖୁବ୍ ପସନ୍ଦ କରିଛନ୍ତି। ଅବଶ୍ୟ ଏହା ପୂର୍ବରୁ ମଧ୍ୟ ଅନେକ ଏଭଳି ବେଶରେ ଲୋକଙ୍କୁ ସଚେତନ କରାଇବା ପାଇଁ ପ୍ରୟାସ କରି ସାରିଛନ୍ତି।

# ବର ଖୋଜୁଛନ୍ତି ୭୩ ବର୍ଷୀୟା

ମହୀଶୁର: କର୍ଣ୍ଣାଟକର ମହୀଶୁରରେ ଜଣେ ୭୩ ବର୍ଷୀୟା ଅବସରପ୍ରାପ୍ତ ଶିକ୍ଷକ ନିଜର ବିବାହ ପାଇଁ ଦେଇଥିବା ବିଜ୍ଞାପନ ଚର୍ଚ୍ଚାର ବିଷୟ ପାଲଟିଛି। ବିଜ୍ଞାପନରେ ବୃଦ୍ଧା ନିଜଠାରୁ ଅଧିକ ବୟସର ଜୀବନସାଥୀ ଆବଶ୍ୟକ ବୋଲି କହିଛନ୍ତି। ଏହାସହ ସେ ଏଥିରେ ଲେଖିଛନ୍ତି, ବର୍ତ୍ତମାନ ମୁଁ ଏକାକୀ ଜୀବନ ବିତାଉଛି। ତେଣୁ ମୋତେ ଜଣେ ଜୀବନ ସାଥୀର ଆବଶ୍ୟକତା ରହିଛି। ଜଣେ ୬୯ ବର୍ଷୀୟ ବ୍ୟକ୍ତି ବିଜ୍ଞାପନରେ ନିଜର ପ୍ରତିକ୍ରିୟା ଦେଇଛନ୍ତି। ବ୍ୟକ୍ତି ଜଣଙ୍କ ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର। ମାତ୍ର ତାଙ୍କ ବିଷୟରେ ଅଧିକ କିଛି ଜଣାପଡ଼ି ନାହିଁ। ପାରମ୍ପରିକ ରୂପେ ସେ ନିଜର ବାକି ଜୀବନ ନିଜ ସ୍ୱାମୀଙ୍କ ସହ ବିତାଇବାକୁ ଚାହୁଁଛନ୍ତି। ଖବର ଅନୁଯାୟୀ, ସମ୍ପୃକ୍ତା ବୃଦ୍ଧା ତାଙ୍କ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ଅଲଗା ହୋଇଥିଲେ। ଏବେ ସେ ପୁଣିଥରେ ବିବାହ କରିବାକୁ ଚାହୁଁଛନ୍ତି।

# ବର୍ଷକ ପରେ ପାଣିରୁ ବାହାରି କାମକରୁଛି ଫୋନ



ନୂଆଦିଲ୍ଲୀ: ଫୋନ ପାଣିରେ ପଡ଼ିଗଲେ ତାହା ପ୍ରାୟତଃ ଖରାପ ହୋଇଯାଏ। ମୋବାଇଲ ହୁଏତ ଆଦୌ କାମ କରି ନ ପାରେ। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ବର୍ଷେ ପର୍ଯ୍ୟନ୍ତ ସମୁଦ୍ର ଭିତରେ ରହିବା ପରେ ବି ଫୋନ କାମ କରିପାରେ। ଏଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି।

ଏକ ଘଟଣା କ୍ରମେ ପ୍ରାୟ ବର୍ଷେ ପରେ ନିଜ ଆଇଫୋନକୁ ଫେରି ପାଇଛନ୍ତି ତାଇୱାନର ଜଣେ ବ୍ୟକ୍ତି ଚ୍ୟାନ୍। ସନ୍‌ମୁନ୍ ହ୍ରଦ ମଧ୍ୟରୁ ସେ ତାଙ୍କ ଫୋନଟିକୁ ପାଇଛନ୍ତି। ବର୍ଷକ ତଳେ ସେହି ହ୍ରଦରେ ହିଁ ତାଙ୍କ ଫୋନଟି ହଜି ଯାଇଥିଲା। ଏବେ ସେହି ହ୍ରଦଟିର ପାଣି ସମ୍ପୂର୍ଣ୍ଣ ଶୁଖି ଯାଇଛି। ଫୋନଟି ମାଟି କାଦୁଅରେ ଭର୍ତ୍ତି ହୋଇ ରହଥିବା ଅବସ୍ଥାରେ ଚ୍ୟାନ୍ ତାହାକୁ ପାଇଥିଲେ। କିନ୍ତୁ ଆଶ୍ଚର୍ଯ୍ୟର କଥା, ଫୋନଟି ଏବେ ବି କାର୍ଯ୍ୟକ୍ଷମ ଅଛି। ଚ୍ୟାନ୍‌ଙ୍କ କହିବା ଅନୁସାରେ ଫୋନରେ ସେ ୱାଟରପ୍ରୁଫ କଭର ପକାଇଥିଲେ, ଯାହା ତାଙ୍କ ଫୋନକୁ ବର୍ଷେ ପର୍ଯ୍ୟନ୍ତ ପାଣି ଭିତରେ ବି ସୁରକ୍ଷା ଦେବାରେ ସକ୍ଷମ ହୋଇଛି। ଦୀର୍ଘଦିନ ପାଣି ଭିତରେ ରହିଥିଲେ ବି ଫୋନ୍‌ଟି ସମ୍ପୂର୍ଣ୍ଣ ସୁରକ୍ଷିତ ରହିପାରିଛି। ତେଣୁ ଏବେ ଏହା କାମ କରୁଛି। ଚ୍ୟାନ୍ ତାଙ୍କର ଏଭଳି ଘଟଣାକୁ ଫଟୋ ସହିତ ତାଙ୍କ ଫେସ୍‌ବୁକରେ ଶେୟାର କରିଛନ୍ତି।

# କରୋନା ରୋଗୀଙ୍କୁ ସାନ୍ତ୍ୱନା ଦେଉଛି ଗ୍ଲୋଭ୍ସ



ଜଣେ କରୋନା ରୋଗୀଙ୍କ ମନୋବଳ ବଢ଼ାଇବା ପାଇଁ ନିଆରା ଢଙ୍ଗ ଆପଣାଇଛନ୍ତି ଜଣେ ନର୍ସ। ଏମିତି ଘଟଣା ବ୍ରାଜିଲର ଏକ ହସ୍ପିଟାଲରେ ଦେଖିବାକୁ ମିଳିଛି। ଫଟୋରେ ଜଣେ କରୋନା ଆକ୍ରାନ୍ତଙ୍କ ହାତ ଉପରେ ଆଉ ଗୋଟିଏ ହାତ ଥିବା ଦେଖିବାକୁ ମିଳିଛି। ଜର୍ନାଲିଷ୍ଟ ସାଦିକ ସମୀର ଭଟ୍ଟ ତାଙ୍କ ଟୁଇଟର ଆକାଉଣ୍ଟରେ ଏହି ଫଟୋ ଶେୟାର କରିଛନ୍ତି, ଏଥିରେ ସେ କ୍ୟାପଶନ ଲେଖିଛନ୍ତି, 'ଭଗବାନଙ୍କ ହାତ'। ଦୁଇଟି ଡିସ୍ପୋଜାଲ ଗ୍ଲୋଭ୍ସ ଗରମ ପାଣିରେ ଭରା ହୋଇ ରୋଗୀଙ୍କ ହାତରେ ବନ୍ଧା ଯାଇଛି। ଏପରି କରିବା ଦ୍ୱାରା ରୋଗୀ ଅନୁଭବ କରିବେ ଯେ ତାଙ୍କ ହାତକୁ କେହି ଜଣେ ଛୁଉଁଛି। ଫଳରେ ସେ ଆଉ ନିଜକୁ ଏକାକୀ ମନେ କରିବେ ନାହିଁ। ଏହି ଫଟୋ ସାଓ ପାଉଲସ୍ଥିତ ଏକ ହସ୍ପିଟାଲର।

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆଗାମୀ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଦେଓଗଡ଼, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ଗଜପତି ଆଦି ଜିଲାରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ମେଘୁଆ ରହିପାରେ। କେତେକ ସ୍ଥାନରେ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ରବିବାର ସର୍ବାଧିକ ତାପମାତ୍ରା ୩୬ ଡିଗ୍ରୀ ଓ ସର୍ବନିମ୍ନ ୨୫ ଡିଗ୍ରୀ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ ହୋଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୬.୧ |
| ଚାନ୍ଦବାଲି | ୩୫.୭ | ୨୪.୬ |
| କଟକ | ୩୪.୪ | ୧୯.୮ |
| ପାରାଦୀପ | ୩୧.୫ | ୨୬.୦ |
| ଭୁବନେଶ୍ୱର | ୩୫.୨ | ୨୩.୫ |
| ଗୋପାଳପୁର | ୩୧.୨ | ୨୫.୧ |
| ପୁରୀ | ୩୨.୦ | ୨୭.୨ |
| ଅନୁଗୋଳ | ୩୮.୭ | ୨୪.୦ |
| ବାରିପଦା | ୩୮.୬ | ୨୫.୦ |
| ଝାରସୁଗୁଡ଼ା | ୩୮.୬ | ୨୩.୨ |
| କେନ୍ଦୁଝର | ୩୬.୪ | ୨୨.୦ |
| ସମ୍ବଲପୁର | ୩୮.୨ | ୨୩.୯ |
| ସୁନ୍ଦରଗଡ଼ | ୩୮.୦ | ୧୯.୦ |
| ହୀରାକୁଦ | ୩୭.୬ | ୨୩.୩ |
| ତାଳଚେର | ୩୭.୯ | ୨୩.୬ |
| ଭବାନୀପାଟଣା | ୩୯.୦ | ୨୫.୨ |
| ବଲାଙ୍ଗୀର | ୩୯.୦ | ୨୩.୫ |
| କୋରାପୁଟ | ୩୩.୦ | ୧୯.୦ |
| ଫୁଲବାଣୀ | – | ୨୨.୫ |
| ଟିଟିଲାଗଡ଼ | ୩୯.୦ | ୨୭.୦ |
| ମାଲକାନଗିରି | ୩୯.୫ | ୨୩.୦ |
| ସୋନପୁର | ୩୯.୨ | ୨୪.୪ |
| ଦାରିଙ୍ଗିବାଡ଼ି | – | ୨୦.୫ |
| ନୟାଗଡ଼ | ୩୬.୩ | ୨୫.୫ |
| ବୌଦ୍ଧ | ୩୯.୦ | ୨୨.୦ |
| ଛତ୍ରପୁର | ୩୩.୦ | ୨୪.୪ |
| ପାରଳାଖେମୁଣ୍ଡି | ୩୪.୦ | ୧୮.୫ |
| ରାୟଗଡ଼ା | ୩୪.୬ | ୨୦.୫ |

ଡିଗ୍ରୀ ସେଲ୍‌ସିୟସ୍

# ଟାଙ୍କି ଉପରେ ୨୪ ଘଣ୍ଟା ବସିଲେ ପ୍ରେମିକ



**ପାଟଣା:** ପ୍ରେମିକାଙ୍କୁ ପାଇବା ପାଇଁ ଜଣେ ପ୍ରେମିକ ଶୋଲେ ଫିଲ୍ମ ଷ୍ଟାଇଲ ଆପଣାଇଛନ୍ତି। ଫିଲ୍ମରେ ବାସନ୍ତୀଙ୍କ ପ୍ରେମ ପାଇଁ ଯେମିତି ବୀରୁ ପାଣି ଟାଙ୍କି ଉପରେ ଚଢ଼ି ଆତ୍ମହତ୍ୟା କରିବାକୁ କହିଥିଲେ ଠିକ ସେମିତି ବିହାରର ଜଣେ ଯୁବକ କହିଛନ୍ତି। ଶୁକ୍ରବାର ରାତି ୮ରୁ ଶନିବାର ସକାଳ ୮ ପର୍ଯ୍ୟନ୍ତ ଏହି ଯୁବକ ପାଣି ଟାଙ୍କି ଉପରେ ଚଢ଼ି ହାଇଭୋଲେଟଜ ଡ୍ରାମା କରିଥିଲେ। ଏହି ଘଟଣା ନିର୍ମଳି ସବ୍‌ଡିଭିଜନ ମୁଖ୍ୟାଳୟ ଅଞ୍ଚଳରେ ଘଟିଛି। ପ୍ରେମିକା ବାହା ନ ହେଲେ ଯୁବକ ଜଣକ ଟାଙ୍କିରୁ ଡେଇଁପଡ଼ି ଆତ୍ମହତ୍ୟା କରିବାକୁ ଧମକାଇଥିଲେ। ଏପରିକି ଏକ ସୁଇସାଇଡ ନୋଟ୍ ଲେଖି ତଳକୁ ପକାଇଥିଲେ। ଘଟଣାସ୍ଥଳରେ ଲୋକଙ୍କ ଗହଳି ଜମିଥିଲା। ଖବରପାଇ ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ବହୁ ବୁଝାଶୁଝା କରିବା ପରେ ଯୁବକ ଜଣକ ତଳକୁ ଆସିଥିଲେ। ପୋଲିସ ପଚରାଉଚରା କରିବାରୁ ତାଙ୍କ ନାମ ପ୍ରଶାନ୍ତ କୁମାର ବୋଲି କହିଥିଲେ। ସେ ମଧୁବନୀ ଜିଲାର ଲୌକହି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ବିବାହ ପାଇଁ ପ୍ରଶାନ୍ତ ଏବଂ ସଂପୃକ୍ତ ଯୁବତୀଙ୍କ ଇଚ୍ଛା ଥିଲା। ମାତ୍ର ଯୁବତୀଙ୍କ ପିତା ଏଥିରେ ରାଜି ନ ଥିଲେ। ଏଥିରେ ନିରାଶ ହୋଇ ପ୍ରଶାନ୍ତ ଶୋଲେ ଫିଲ୍ମ ଷ୍ଟାଇଲରେ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। ଏକ ସୁଇସାଇଡ ନୋଟ ଲେଖି ତଳେ ପକାଇ ପାଣି ଟାଙ୍କି ଉପରକୁ ଚଢ଼ି ଯାଇଥିଲେ। ବହୁ ବୁଝାଶୁଝା କରିବା ପରେ ପ୍ରଶାନ୍ତ ତଳକୁ ଓହ୍ଲାଇଥିଲେ।

# କୋହଲି, ରୋହିତଙ୍କ ସମକକ୍ଷ ହେଲେ ରାଇନା

ମୁମ୍ବାଇ,୧୦।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୪ତମ ସଂସ୍କରଣର ଦ୍ୱିତୀୟ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ପରସ୍ପରକୁ ଭେଟିଛନ୍ତି। ଶନିବାର ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ ଅଧିନାୟକ ରିଷଭ ପନ୍ତ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୮ ରନର ଚ୍ୟାଲେଞ୍ଜିଂ ସ୍କୋର ହାସଲ କରିଛି। ପ୍ରତ୍ୟାବର୍ତ୍ତନ କରିଥିବା ତାରକା ବ୍ୟାଟ୍ସମ୍ୟାନ ସୁରେଶ ରାଇନା କ୍ୟାରିୟରର ୩୯ତମ ଆଇପିଏଲ୍ ଅର୍ଦ୍ଧଶତକ ହାସଲ କରି ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ସମକକ୍ଷ ହୋଇଛନ୍ତି।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ମାତ୍ର ୭ ରନରେ ଦୁଇ ଓପନରକୁ ହରାଇ ପ୍ରାରମ୍ଭିକ ଝଟକା ଖାଇଥିଲା। ଅଭିଜ୍ଞ ଫାଫ୍ ଡୁପ୍ଲେସି ଖାତା ଖୋଲିବା ପୂର୍ବରୁ ଆଭେସ ଖାଁଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ସେହିପରି ଯୁବ ଓପନର ଋତୁରାଜ ଗାଏକ୍ୱାଡ ୮ ବଲରୁ ଗୋଟିଏ ଚୌକା ସହ ୫ ରନ କରିଥିବା ବେଳେ କ୍ରିସ୍

**ଆଇପିଏଲ୍-୧୪**

ୱୋକ୍ସଙ୍କ ବଲ୍‌ରେ ସ୍ଲିପ୍‌ରେ ଶିଖର ଧାୱନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ତୃତୀୟ ଉଇକେଟରେ ସୁରେଶ ରାଇନା ଓ ମୋଇନ ଅଲୀ ଦ୍ରୁତଗତିରେ ରନ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ ଓ ୩୮ ବଲରୁ ୫୩ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ତେବେ ନବମ ଓଭରରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ପ୍ରଥମ ଦୁଇଟି ବଲରେ କ୍ରମାଗତ ଦୁଇଟି ଛକା ମାରିବା ପରେ ମୋଇନ ଧାୱନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ମୋଇନ ୨୪ ବଲର ସମ୍ମୁଖୀନ ହୋଇ ୨ ଛକା ଓ ୪ ଚୌକା ସହ ୩୬ ରନକରି ପ୍ୟାଭିଲିୟନ ଫେରିଥିଲେ। ଅଭିଜ୍ଞ ଅମ୍ବାତି ରାୟୁଡୁ ୧୬ ବଲରୁ ୧ ଚୌକା ଓ ୨ ଛକା ସହ ୨୩ ରନ କରିଥିବା ବେଳେ ଲଙ୍ଗଅଫ୍‌ରେ ଧାୱନଙ୍କୁ କ୍ୟାଚ ଦେଇ ଟମ୍ କୁରାନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଚେନ୍ନାଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ରାଇନା ପ୍ରଥମ ମ୍ୟାଚ୍‌ରେ ଦକ୍ଷତା ଅନୁରୂପ ଖେଳିଥିଲେ। ମାର୍କସ ଷ୍ଟୋଇନିସ୍‌ଙ୍କୁ ଛକା ମାରି ରାଇନା ଅର୍ଦ୍ଧଶତକ ପୂରଣ କରିଥିଲେ। ଏଥିସହ ରାଇନା ୩୯ତମ ଆଇପିଏଲ୍ ଅର୍ଦ୍ଧଶତକ ହାସଲ କରି ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ସମକକ୍ଷ ହୋଇଛନ୍ତି। ତେବେ ୩୬ ବଲରୁ ୩ ଚୌକା ଓ ୪ ଛକା ସହ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ରାଇନା ୱୋକ୍ସଙ୍କ ଥ୍ରୋରେ ପନ୍ତଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଏହାର ଗୋଟିଏ ବଲ୍ ପରେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୨ଟି ବଲ୍ ଖେଳି ଖାତା ଖୋଲିବା ପୂର୍ବରୁ ଆଭେସ ଖାନ୍‌ଙ୍କ ଦ୍ୱାରା ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଅଫ୍ ଷ୍ଟମ୍ପ ବାହାରର ଲେନ୍ଥ ବଲ୍‌କୁ ପୁଲ୍ କରିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ନେଇ ଷ୍ଟମ୍ପରେ ବାଜିଥିଲା। ଶେଷରେ ସାମ କୁରାନ ୧୫ ବଲରୁ ୪ ଚୌକା ଓ ୨ ଛକା ସହ ଦ୍ରୁତ ୩୪ ରନ କରି ୱୋକ୍ସଙ୍କ ଦ୍ୱାରା ଇନିଂସର ଶେଷ ବଲ୍‌ରେ ହିଁ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ତାରକା ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୩ ଚୌକା ସହ ୧୭ଟି ବଲ୍ ଖେଳି ୨୬ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ୱୋକ୍ସ ଓ ଆଭେସ ୨ଟି, ଅଶ୍ୱିନ ଓ ଟମ୍ କୁରାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଉଭୟ ଦଳରେ ବିଦେଶୀ ଖେଳାଳି ସ୍ଥାନ ପାଇଛନ୍ତି। ଇଂଲଣ୍ଡର ଦୁଇ ଭାଇ ସାମ ଓ ଟମ୍ କୁରାନ ଏହି ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିଲେ। ସାମ ଚେନ୍ନାଇ ଓ ଟମ୍ ଦିଲ୍ଲୀ ତରଫରୁ ଖେଳୁଛନ୍ତି। ଚେନ୍ନାଇ ଅନ୍ତିମ ଏକାଦଶରେ ଫାଫ୍ ଡୁପ୍ଲେସି, ମୋଇନ, ସାମ କରନ ଓ ଡ୍ୱେନ ବ୍ରାଭୋ ସାମିଲ ହୋଇଛନ୍ତି। ସେହିପରି ଦିଲ୍ଲୀ ଅନ୍ତିମ ଦଳରେ ମାର୍କସ ଷ୍ଟୋଇନିସ, ଶିମରନ ହେଟମେୟର, କ୍ରିସ୍ ୱୋକ୍ସ ଓ ଟମ୍ କରନ ଖେଳିଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୮୮/୭ (ରାଇନା- ୫୪, ମୋଇନ- ୩୬, ସାମ କୁରାନ- ୩୪, ଜାଡେଜା- ୨୬*, ରାୟୁଡୁ- ୨୩, ୱୋକ୍ସ- ୨/୧୮, ଆଭେସ- ୨/୨୩, ଅଶ୍ୱିନ- ୧/୪୭, ଟମ୍ କୁରାନ- ୧/୪୦ )।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ସୁରେଶ ରାଇନା।

## ବିଜୟରୁ ଅଭିଯାନ

ଚେନ୍ନାଇ, ୧୦।୪

ଆଇପିଏଲର ଉଦ୍‌ଘାଟନୀ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ରୋମାଞ୍ଚକ ବିଜୟ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଆରସିବି ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ୨ ଉଇକେଟରେ ପରାସ୍ତ କରିଛି। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୫୯ ରନ୍ କରିଥିବାବେଳେ ଆରସିବି ୨୦ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ୧୬୦ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଆରସିବି ପକ୍ଷରୁ ବିରାଟଙ୍କ ସହ ଇନିଂସ ଓପନ କରିଥିଲେ ୱାଶିଂଟନ ସୁନ୍ଦର। ଓପନିଂ ଯୋଡ଼ିରେ ୨୬ ବଲ୍‌ରୁ ୩୬ ରନ ସଂଗ୍ରହ ହୋଇଥିବାବେଳେ ସୁନ୍ଦର ୧୦ ରନ କରି କୃନାଲ ପାଣ୍ଡ୍ୟାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ପ୍ରଥମ ମ୍ୟାଚ ଖେଳିଥିବା ରଜତ ପଟିଦାର (୮ ରନ)ଙ୍କୁ ଟ୍ରେଣ୍ଟ ବୋଲ୍ଟ କ୍ଲିନ ବୋଲ୍ଡ କରି ଦେଇଥିଲେ। ଫଳରେ ୪୬ ରନରେ ଆରସିବିର ୨ୟ ଉଇକେଟ ପଡ଼ିଥିଲା। ବିରାଟ ଓ ଗ୍ଲେନ ମ୍ୟାକ୍ସୱେଲ ଦ୍ରୁତ ହାରରେ ରନ ସଂଗ୍ରହ କରି ଦଳକୁ ବିଜୟ ଦିଗରେ ଅଗ୍ରସର କରାଇଥିଲେ। ତୃତୀୟ ଉଇକେଟରେ ୪୨ ବଲ୍‌ରୁ ୫୨ ରନ ସଂଗ୍ରହ ପରେ କୋହଲିଙ୍କୁ ଏଲବିଡବ୍ଲ୍ୟୁ କରି ମୁମ୍ବାଇକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ଯଶପ୍ରୀତ୍ ବୁମ୍‌ରା। ୨୯ ବଲ୍ ଖେଳିଥିବା କୋହଲି ୪ ଚୌକା ସହ ୩୩ ରନ କରିଥିଲେ। ପରେପରେ କ୍ରିଜ୍‌ରେ ଜମିରହି ବଡ଼ ଶଟ୍ ଖେଳୁଥିବା ମ୍ୟାକ୍ସୱେଲ ଆଉଟ ହୋଇଯିବାରୁ ମ୍ୟାଚର ମୋଡ଼ ବଦଳିଥିଲା। ମ୍ୟାକ୍ସୱେଲ ୨୮ ବଲ୍‌ରୁ ୩୯(୩ ଚୌକା, ୨ ଛକା) ରନ କରିଥିଲେ। ଶେଷ ୩ ଓଭରରୁ ୩୪ ରନ ଆବଶ୍ୟକ ହେଉଥିବାବେଳେ ୧୮ତମ ଓଭରରେ ଏବି ଡି'ଭିଲର୍ସ ଓ ଜେମିସନ ଟ୍ରେଣ୍ଟ ବୋଲ୍ଟଙ୍କ ବୋଲିଂରୁ ୧୫ ରନ ନେଇ ଆଶ୍ୱସ୍ତି ଆଣିଥିଲେ। ୧୯ତମ ଓଭରରେ ଜେମିସନଙ୍କ ଉଇକେଟ ନେଇ ବୁମ୍‌ରା ୧୨ ରନ ବ୍ୟୟ କରିଥିଲେ। ଫଳରେ ୬ ବଲ୍‌ରୁ ଆରସିବିକୁ ୭ ରନ ଆବଶ୍ୟକ ଥିଲା। ପ୍ରଭାବୀ ବ୍ୟାଟିଂ କରି ଡି'ଭିଲର୍ସ ୨୭ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୪୮ ରନ କରି ରନଆଉଟ ହୋଇ ଯାଇଥିଲେ। ଶେଷ ୨ ବଲ୍‌ରୁ ୨ ରନ ଔପଚାରିକତାକୁ ହର୍ଷଲ ପଟେଲ ଓ ମହମ୍ମଦ ସିରାଜ ପୂରଣ କରିଥିଲେ।

ପ୍ରକାଶଯୋଗ୍ୟ ଯେ, ୮ ବର୍ଷ ବ୍ୟବଧାନରେ ମ୍ୟାକ୍ସୱେଲ, କାଏଲ ଜେମିସନ ଓ ଡାନିଏଲ ଖ୍ରିଷ୍ଟିଆନ ଆରସିବିକୁ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ରଜତ ପଟିଦାର ଆଇପିଏଲ ପଦାର୍ପଣ କରିଥିଲେ। ୬ ଫୁଟ ୮ ଇଞ୍ଚ ଦକ୍ଷିଣ ଆଫ୍ରିକୀୟ ବୋଲର ମାର୍କୋ ଜେନସେନ ମଧ୍ୟ ଆଇପିଏଲ ପଦାର୍ପଣ କରିଥିଲେ। ଏହା ପୂର୍ବରୁ ଚେପକ୍‌ରେ ମୁମ୍ବାଇ ଖେଳିଥିବା ୫ଟି ଯାକ ମ୍ୟାଚରେ ବିଜୟୀ ହୋଇଥିବାବେଳେ ଆରସିବି ୫ ପରାଜୟ ଲଭିଥିଲା। ଆରସିବି ଏଠାରେ ଶେଷଥର ପାଇଁ ୨୦୧୧ ସଂସ୍କରଣର ଦ୍ୱିତୀୟ କ୍ୱାଲିଫାୟରରେ ମୁମ୍ବାଇକୁ ୪୩ ରନରେ ପରାସ୍ତ କରିଥିଲା। ମୁମ୍ବାଇର ମଧ୍ୟ ଏହାଥିଲା ଏଠାରେ ଶେଷ ପରାଜୟ। ମାତ୍ର ଏଥର ଉଭୟ ମୁମ୍ବାଇ ଓ ଆର୍‌ସିବିର ଏହି ରେକର୍ଡ ଭଙ୍ଗ ହୋଇଛି।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୫୯/୯(କ୍ରିସ୍ ଲିନ୍-୪୯, ସୂର୍ଯ୍ୟକୁମାର ଯାଦବ-୩୧, ଇଶାନ କିଶନ-୨୮, ହର୍ଶଲ ପଟେଲ- ୫/୨୭, କାଏଲ ଜେମିସନ- ୧/୨୭, ୱାଶିଂଟନ ସୁନ୍ଦର-୧/୭)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୬୦/୮(ଏବି ଡି'ଭିଲର୍ସ-୪୮, ଗ୍ଲେନ ମ୍ୟାକ୍ସୱେଲ- ୩୯, ବିରାଟ କୋହଲି-୩୩, ଯଶପ୍ରୀତ୍ ବୁମ୍‌ରା-୨/୨୬, ମାର୍କୋ ଜେନସେନ-୨/୨୮, ଟ୍ରେଣ୍ଟ ବୋଲ୍ଟ- ୧/୩୬, କୃନାଲ ପାଣ୍ଡ୍ୟା-୧/୨୫)।

# କୋଲକାତା-ହାଇଦ୍ରାବାଦ ମୁକାବିଲା ଆଜି

ଚେନ୍ନାଇ,୧୦।୪(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ତୃତୀୟ ମ୍ୟାଚରେ ରବିବାର ପୂର୍ବତନ ଚାମ୍ପିୟନ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଓ ସନରାଇଜର୍ସ ହାଇଦ୍ରାବାଦ ପରସ୍ପରକୁ ଭେଟିବେ। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ବିଶ୍ୱର ସବୁଠାରୁ ସଫଳ ହ୍ୱାଇଟ୍‌ବଲ ଅଧିନାୟକ କୁହାଯାଉଥିବା ଇଂଲଣ୍ଡର ଇଅନ ମୋର୍ଗାନଙ୍କ ନେତୃତ୍ୱରେ କୋଲକାତା ଅଭିଯାନ ଆରମ୍ଭ କରିବ। ଅନ୍ୟପଟେ ଲିଗ୍‌ର ସବୁଠାରୁ ସ୍ଥିର ପ୍ରଦର୍ଶନ କରୁଥିବା ଦଳ ହାଇଦ୍ରାବାଦ କୋଲକାତାକୁ କଡ଼ା ଚ୍ୟାଲେଞ୍ଜ ଦେବା ଲକ୍ଷ୍ୟରେ ରହିଛି। ପୂର୍ବରୁ ଏହି ଦୁଇ ଦଳ ଆଇପିଏଲ୍ ଟାଇଟଲ ହାସଲ କରିଛନ୍ତି ଓ ଏଥର ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି।

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ଗତ ସଂସ୍କରଣରେ ଦୀନେଶ କାର୍ତ୍ତିକଙ୍କଠାରୁ ମୋର୍ଗାନ ଲିଗ୍ ମଝିରେ ନେତୃତ୍ୱ ନେଇଥିଲେ। ହାଇଦ୍ରାବାଦ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ସମାନ ପଏଣ୍ଟ ପାଇଥିଲେ ମଧ୍ୟ ଉନ୍ନତ ରନ୍ ରେଟ୍‌ରେ ଅଗ୍ରଗତି କରିଥିଲେ। ତେବେ କୋଲକାତା କ୍ରମାଗତ ଦ୍ୱିତୀୟଥର ପାଇଁ ପ୍ଲେଅଫ୍‌ରେ ପ୍ରବେଶ କରିପାରି ନ ଥିଲା।

ପ୍ରଥମଥର ପାଇଁ ମୋର୍ଗାନ ଫୁଲ୍‌ଟାଇମ ଅଧିନାୟକ ନିଯୁକ୍ତ ହୋଇଛନ୍ତି। ତାଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ନିହାତି ସାଧାରଣ ଦେଖାଯାଉଥିବା କୋଲକାତା ଦଳକୁ ସେ ପୂର୍ବ ପରିଚୟ ଦେବାକୁ ପ୍ରୟାସ କରିବେ। ଆଇପିଏଲ୍‌ରେ କୋଲକାତା ପୂର୍ବରୁ ୨ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଯୁବ ଓପନର ଶୁବମନ ଗିଲ୍ ଟପ୍‌ଅର୍ଡରରେ ପୁଣି ଥରେ ଦମ୍ ଦେଖାଇବେ ବୋଲି ଆଶା କରାଯାଉଛି। ରାହୁଲ ତ୍ରିପାଠୀ, ନୀତୀଶ ରାଣା ଓ ଅଭିଜ୍ଞ ଦୀନେଶ କାର୍ତ୍ତିକଙ୍କୁ ଟପ୍ ଅର୍ଡର ବେଶ୍ ଶକ୍ତିଶାଳୀ ମନେହେଉଛି। ନେତୃତ୍ୱ ଦାୟିତ୍ୱରୁ ବାଦ୍ ପଡିଥିବାରୁ କାର୍ତ୍ତିକ ଏଥର ନିଜର ସ୍ୱାଭାବିକ ଖେଳ ପ୍ରଦର୍ଶନ କରିବେ। ପୁଣି ଅଧିନାୟକ ଇଅନ ମୋର୍ଗାନ ମଧ୍ୟ ଦଳର ବ୍ୟାଟିଂ ଲାଇନ୍‌ର ମେରୁଦଣ୍ଡ ରୂପେ ଦାୟିତ୍ୱ ସମ୍ଭାଳିବେ। ସେହିପରି ୨୦୧୯ର ମୋଷ୍ଟ ଭାଲ୍ୟୁଏବଲ୍ ଖେଳାଳି ବିବେଚିତ ହୋଇଥିବା ଆନ୍ଦ୍ରେ ରସେଲ ନିଜ ବିସ୍ଫୋରକ ବ୍ୟାଟିଂରେ ଦଳକୁ ବଡ଼ ସ୍କୋର ପ୍ରଦାନ କରିବାର ଦକ୍ଷତା ରଖିଛନ୍ତି। ଅବଶ୍ୟ ଗତ ସଂସ୍କରଣରେ ରସେଲ ଫେଲ୍ ମାରିଥିଲେ। ସେ ୯ ଇନିଂସରେ ୧୩ ହାରରେ ରନ ସଂଗ୍ରହ କରିଥିଲେ। ଗୋଟିଏ ହେଲେ ମ୍ୟାଚ୍‌ରେ ସେ ବିଜୟ ସୂଚକ ଇନିଂସ ଖେଳିବାରେ ବିଫଳ ହୋଇଥିଲେ। ଦଳ ତାଙ୍କ ଉପରେ ଅତ୍ୟଧିକ ଭାବେ ନିର୍ଭର କରିଥିଲା। ଫଳରେ କୋଲକାତାକୁ ଗତ ସେସନରେ ମୂଲ୍ୟ ଦେବାକୁ ପଡିଥିଲା। ସେହିପରି ଅନ୍ୟତମ ୱେଷ୍ଟଇଣ୍ଡିଜ ଖେଳାଳି ସୁନୀଲ ନାରିନ ମଧ୍ୟ ସଫଳ ହୋଇପାରି ନ ଥିଲେ। ୨୦୧୨ ଓ ୨୦୧୪ରେ ଦଳକୁ ଚାମ୍ପିୟନ କରାଇବାରେ ନାରିନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେବେ ଗତଥର ସେ ନିଜର ବୋଲିଂ ଆକ୍ସନ ଓ ବ୍ୟାଟିଂ ବିଫଳତା ପାଇଁ ଚର୍ଚ୍ଚାରେ ରହିଥିଲେ। ଶର୍ଟ ବଲ୍ ଖେଳିବାରେ ତାଙ୍କର ସମସ୍ୟା ଥିଲା। ନାରିନଙ୍କ ବଦଳରେ ସାକବ ଅଲ ହାସନଙ୍କୁ ନେଇ କୋଲକାତା ଏକ୍ସପେରିମେଣ୍ଟ କରିବା ଉଚିତ ହେବ। ଚିପକ୍‌ର ଏହି ମନ୍ଥର ଟ୍ରାକ୍‌ରେ ୪୦ ବର୍ଷୀୟ ଅଭିଜ୍ଞ ସ୍ପିନର ହରଭଜନ ସିଂଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଏଥର କୋଲକାତା ପାଇଁ ସେ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି। ଅବଶ୍ୟ ଦଳରେ ବରୁଣ ଚକ୍ରବର୍ତ୍ତୀଙ୍କ ଭଳି ଯୁବ ସ୍ପିନର ରହିଛନ୍ତି।

ଅପରପକ୍ଷରେ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କ ପ୍ରତ୍ୟାବର୍ତ୍ତନ ପରେ ହାଇଦ୍ରାବାଦ ଦଳ ଆହୁରି ଦୃଢ଼ ହୋଇଛି। ଗତଥର ସେ ମାତ୍ର ୪ଟି ମ୍ୟାଚ୍ ଖେଳିଥିଲେ ଓ ଇଞ୍ଜୁରି ପାଇଁ ଦଳରୁ ବାଦ୍ ପଡିଥିଲେ।






ହାଇଦ୍ରାବାଦ ଦଳର ଡେଭିଡ୍ ୱାର୍ନର ଓ କେନ୍ ୱିଲିୟମସନ୍ ଏବଂ କୋଲ୍‌କାତା ଦଳର ଶୁବମନ ଗିଲ୍ ଓ ଇଅନ ମୋର୍ଗାନ।

**କୋଲକାତା ଦଳ:** ଇଅନ ମୋର୍ଗାନ (ଅଧିନାୟକ), ଦୀନେଶ କାର୍ତ୍ତିକ, ଶୁବମନ ଗିଲ, ନୀତୀଶ ରାଣା, ଟିମ୍ ସିଫର୍ଟ, ରିଙ୍କୁ ସିଂ, ଆନ୍ଦ୍ରେ ରସେଲ, ସୁନୀଲ ନାରିନ, କୁଲଦୀପ ଯାଦବ, ଶିବମ ମାଭି, ଲୋକି ଫର୍ଗୁଶନ, ପ୍ୟାଟ୍ କୁମିନ୍ସ, କମଲେଶ ନାଗରକୋଟି, ସନ୍ଦୀପ ୱାରିୟର, ପ୍ରସିଦ୍ଧ କ୍ରିଷ୍ଣା, ରାହୁଲ ତ୍ରିପାଠୀ, ବରୁଣ ଚକ୍ରବର୍ତ୍ତୀ, ସାକିବ ଅଲ ହାସନ, ଶେଲଡନ ଜ୍ୟାକଶନ, ବୈଭବ ଆରୋରା, ହରଭଜନ ସିଂ, କରୁନ ନାୟାର, ବେନ୍ କଟିଂ, ଭେଙ୍କଟେଶ ଆୟାର ଓ ପବନ ନେଗୀ।

**ହାଇଦ୍ରାବାଦ ଦଳ:** ଡେଭିଡ ୱାର୍ନର (ଅଧିନାୟକ), ବିରାଟ ସିଂ, ମନୀଷ ପାଣ୍ଡେ, ପ୍ରିୟମ ଗର୍ଗ, ଋଦ୍ଧିମାନ ଶାହ, ଜନି ବେୟାରଷ୍ଟୋ, ଜାସନ ରୟ, ଶ୍ରୀବତ୍ସ ଗୋସ୍ୱାମୀ, ବିଜୟ ଶଙ୍କର, ମହମ୍ମଦ ନବି, କେଦାର ଯାଦବ, ଜେ. ସୁଚିତ, ଜାସନ ହୋଲ୍ଡର, ଅଭିଷେକ ଶର୍ମା, ରସିଦ ଖାଁ, ଟି. ନଟରାଜନ, ସନ୍ଦୀପ ଶର୍ମା, ଖଲିଲ ଅହମ୍ମଦ, ସିଦ୍ଧାର୍ଥ କାଉଲ, ବାସିଲ ଥମ୍ପି, ଶାହାବାଜ ନଦିମ ଓ ମୁଜିବ- ଉର ରହମାନ।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭.୩୦**
**ସ୍ଥାନ: ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍, ଚେନ୍ନାଇ**
**ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**

ଗତ ଇଂଲଣ୍ଡ ବିପକ୍ଷ ହ୍ୱାଇଟ୍‌ବଲ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଭୁବନେଶ୍ୱର ୟର୍କର ସ୍ପେଶାଲିଷ୍ଟ ଟି. ନଟରାଜନଙ୍କ ସହ ଦଳର ଦ୍ରୁତ ବୋଲିଂର ମଙ୍ଗ ସମ୍ଭାଳିବେ। ଆଫଗାନିସ୍ତାନ ସ୍ପିନର ରସିଦ ଖାଁ ଦଳକୁ ଆହୁରି ମଜଭୁତ କରିବେ। ଦୁଇ ଓପନର ଡେଭିଡ୍ ୱାର୍ନର ଓ ଜନି ବେୟାରଷ୍ଟୋ ଦଳ ପାଇଁ ମୁଖ୍ୟ ଅସ୍ତ୍ର ବିବେଚିତ ହୋଇଛନ୍ତି। ଏହି ଦୁଇ ବ୍ୟାଟ୍ସମ୍ୟାନ ବିସ୍ଫୋରକ ବ୍ୟାଟିଂ କରି ଦଳ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିବେ। ୱାର୍ନରଙ୍କ ନେତୃତ୍ୱରେ ହାଇଦ୍ରାବାଦ ଏଥର କିଛି ଅଲଗା କରି ଦେଖାଇବାକୁ ପ୍ରୟାସ କରିବ। ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ଓ ମନୀଷ ପାଣ୍ଡେ ଟପ୍ ଅର୍ଡରକୁ ଆହୁରି ଦୃଢ଼ କରିବେ। କିପର ବ୍ୟାଟ୍ସମ୍ୟାନ ଋଦ୍ଧିମାନ ଶାହା ଗତଥର ହାଇଦ୍ରାବାଦ୍ ପାଇଁ ଇନିଂସ ଓପନ୍ କରିଥିଲେ। ଏଥର ମଧ୍ୟ ସେ ନିଜ ଦକ୍ଷତା ପ୍ରମାଣ କରିବାକୁ ଚାହିଁବେ। ରିଷଭ ପନ୍ତଙ୍କ ସାହସିକ ଖେଳ ଯୋଗୁ ସେ ଅଣଦେଖାର ଶିକାର ହୋଇଛନ୍ତି। କିନ୍ତୁ ଶେଷ ୫ ଓଭରରେ ହାଇଦ୍ରାବାଦ ପାଇଁ ଫିନିଶରଙ୍କ ଅଭାବ ରହିଛି। ଫିନିଶର ଭୂମିକାରେ କେଉଁ ଖେଳାଳି ଅବତୀର୍ଣ୍ଣ ହେବେ ତାହା ଦେଖିବାକୁ ବାକି ରହିଲା। ଅବଶ୍ୟ ହାଇଦ୍ରାବାଦ ବିପକ୍ଷରେ କୋଲକାତାର ରେକର୍ଡ ଭଲ ରହିଛି। ଏ ପର୍ଯ୍ୟନ୍ତ କୋଲକାତା ୧୨ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ହାଇଦ୍ରାବାଦଠାରୁ ୭ଟି ମ୍ୟାଚ୍‌ରେ ପରାସ୍ତ ହୋଇଛି।

## ହନ୍ସ ଓମେନ ଏଫ୍‌ସି ଚାମ୍ପିୟନ

**ନୂଆଦିଲ୍ଲୀ, ୧୦।୪ (ପି.ଟି.):** ଶନିବାର ହୋପ୍ସ ଏଫସିକୁ ୧-୦ ଗୋଲରେ ପରାସ୍ତ କରି ହନ୍ସ ଓମେନ୍ ଏଫ୍‌ସି ଦିଲ୍ଲୀ ଫୁଟ୍‌ବଲ ଲିଗ୍ ଚାମ୍ପିୟନ ହୋଇଛି। ସ୍ଥାନୀୟ ଡକ୍ଟର ଆମ୍ବେଡକର ଷ୍ଟାଡିୟମରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଅନୁଷ୍କା ସାମୁଏଲ ବିଜୟସୂଚକ ଗୋଲ ସ୍କୋର କରିଥିଲେ। ଫାଇନାଲ ଗେମ୍‌ରେ ଦୀପିକା ଭେଙ୍କଟେଶ ହିରୋ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବାବେଳେ ୮ଟି ମ୍ୟାଚରେ ୨୭ ଗୋଲ ସ୍କୋର କରିଥିବା ଆଭେକା ସିଂଙ୍କୁ ଗୋଲ୍ଡେନ ବୁଟ୍ ବିଜୟିନୀ ଘୋଷଣା କରାଯାଇଥିଲା। ଗୋଲ୍ଡେନ ଗ୍ଲୋଭ ବିଜୟିନୀ ଭାନ୍‌ସିକା ରାଣା ୮ଟି ମ୍ୟାଚରେ ୭ଟି ନିଶ୍ଚିତ ଗୋଲକୁ ବଞ୍ଚାଇଥିଲେ। ଲିଗ୍ ତରଫରୁ ୫ଜଣଙ୍କୁ ଇମର୍ଜିଂ ପ୍ଲେୟର ଘୋଷଣା କରାଯାଇଥିଲା। ସେମାନେ ହେଲେ ରୁଚିକା ଯାଦବ (ରେଞ୍ଜର୍ସ ଏଫ୍‌ସି), ଗୋର୍ଭି ରାୱତ (ଭିଏସ୍ ବାଙ୍ଗା ଦର୍ଶନ ଏଫ୍‌ସି), ନେହା (ହନ୍ସ ଏଫ୍‌ସି), ଲାବନ୍ୟ (ଦିଲ୍ଲୀ ଷ୍ଟୁଡେଣ୍ଟ) ଓ ବର୍ଷିକା (ହନ୍ସ ଏଫ୍‌ସି)। ବିଜୟୀ ଟିମ୍ ଟ୍ରଫି ସହ ୫୦,୦୦୦ ଟଙ୍କା ଆର୍ଥିକ ପୁରସ୍କାର ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ଓ ୨୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଦିଲ୍ଲୀ ଓମେନ୍ସ ଲିଗ୍ ୨୦୨୦-୨୧ ମାର୍ଚ୍ଚ ୨୨ରେ ଆରମ୍ଭ ହୋଇଥିଲା। ଏଥିରେ ୨୨ଟି କ୍ଲବର ୪୩୨ ଖେଳାଳି ଭାଗ ନେଇଥିଲେ। ଲିଗ୍ ଦୁଇଟି ଭେନ୍ୟୁ ଜବାହରଲାଲ ନେହରୁ ଷ୍ଟାଡିୟମ ଓ ଆମ୍ବେଡକର ଷ୍ଟାଡିୟମରେ ଖେଳାଯାଇଥିଲା। ଲିଗ୍‌ରେ ୨୯୨ ଗୋଲ୍ ସ୍କୋର ହୋଇଥିଲା। କୋଭିଡ୍ ସମୟରେ ଲିଗ୍‌ର ସଫଳ ଆୟୋଜନ ହୋଇପାରିଥିବା ଫୁଟ୍‌ବଲ ଦିଲ୍ଲୀ ସଭାପତି ଶାଜି ପ୍ରଭାକରନ କହିଛନ୍ତି। ଦିଲ୍ଲୀରେ ମହିଳା ଫୁଟ୍‌ବଲର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ ଅନୁଭବ କରିପାରୁଛନ୍ତି। ଚାମ୍ପିୟନ ଦଳର ଅଧିନାୟିକା ଜ୍ୟୋତି ବରେଟ୍ କହିଛନ୍ତି ଶେଷରେ କୋଭିଡ୍ ଯୋଗୁ ଦୀର୍ଘଦିନ ବ୍ୟବଧାନରେ ଏକ ଫୁଟ୍‌ବଲ ପ୍ରତିଯୋଗିତାରେ ଅଂଶଗ୍ରହଣ ସୁଯୋଗ ମିଳିଥିବାରୁ ଆମେ ବହୁତ ଖୁସି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଏପ୍ରିଲ ୧୧/୨୦୨୧ Sambalpur, Sunday, April 11/ 2021

# ଜମ୍ମୁ-କଶ୍ମୀରରେ ହେବ ମହିଳା ଫୁଟ୍‌ବଲ

**ଶ୍ରୀନଗର, ୧୦।୪ (ପି.ଟି.)**

ଜମ୍ମୁ-କଶ୍ମୀର ସ୍ପୋର୍ଟ୍ସ କାଉନ୍‌ସିଲ ୱାଟର ସ୍ପୋର୍ଟ୍ସ ଏକାଡେମୀଠାରେ ରୋଇଂ ବ୍ୟବସ୍ଥା ଥିବା ଖେଲୋ ଇଣ୍ଡିଆ ଷ୍ଟେଟ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ (କେଆଇଏସ୍‌ସିଇ)ର ଶନିବାର ଉଦ୍‌ଘାଟନ କରିଛନ୍ତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୪୫.୧୬ ଲକ୍ଷ ଟଙ୍କା ଅନୁଦାନ ମିଳିବ। ଏହାଛଡ଼ା ବାର୍ଷିକ ୧୬.୧୭ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଜମ୍ମୁସ୍ଥିତ ମୌଲାନା ଆଜାଦ ଷ୍ଟାଡିୟମଠାରେ ଏକ ଖେଲୋ ଇଣ୍ଡିଆ ଷ୍ଟେଟ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ ରହିଛି, ଯେଉଁଠାରେ ଫେନ୍‌ସିଂ ପାଇଁ ଆବଶ୍ୟକ ଭିତ୍ତିଭୂମି ରହିବ। ଏହି ଦୁଇଟି ସେଣ୍ଟର ପାଇଁ ୫.୦୮କୋଟି ଟଙ୍କା ଅନୁମୋଦନ ଲାଭ କରିସାରିଛି। ରିଜିଜୁ ପୂର୍ବରୁ ଘୋଷଣା କରିଥିଲେ ସରକାର ରାଜ୍ୟରେ ଜଳକ୍ରୀଡ଼ାର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଚାହୁଁଛନ୍ତି। ଏଥିପାଇଁ ଆର୍ଥିକ ସହାୟତା ବ୍ୟବସ୍ଥା କରାଯାଉଛି। ଯୁବ କ୍ରୀଡ଼ାବିତ୍‌ମାନେ ଡାଲ୍ ହ୍ରଦର ଉପଯୋଗ କରିପାରିବେ। ଜମ୍ମୁ-କଶ୍ମୀର ଉପତ୍ୟକାରେ ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ସମେତ ନୂଆ ନୂଆ ପ୍ରତିଯୋଗିତାମାନ ଆୟୋଜନ କରାଯିବ। ପହଲଗାଁଓରେ ଏକ ମାରାଥନ ପ୍ରତିଯୋଗିତା ଅକ୍ଟୋବର-ନଭେମ୍ବରରେ ଆୟୋଜନ ହେବ। ବର୍ତ୍ତମାନ ୨୩ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ୨୪ଟି ଖେଲୋ ଇଣ୍ଡିଆ ଷ୍ଟେଟ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ ରହିଛି। ଏଥିରେ ଅଲିମ୍ପିକ୍ସ ସ୍ପୋର୍ଟ୍ସ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି।






# ଅଂଶୁ, ସୋନମଙ୍କୁ ଅଲିମ୍ପିକ ଯୋଗ୍ୟତା

**ଅଲ୍‌ମାଟି (କାଜାଖସ୍ତାନ), ୧୦।୪(ପି.ଟି.)**

ଏଠାରେ ଚାଲିଥିବା ଏସିଆନ ଅଲିମ୍ପିକ କ୍ୱାଲିଫାୟର୍ସରେ ପ୍ରଭାବୀ ପ୍ରଦର୍ଶନ ସହ ଭାରତର ଯୁବ ରେସ୍‌ଲର ଅଂଶୁ ମଲିକ ଓ ସୋନମ ମଲିକ ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୧୯ ବର୍ଷୀୟା ଅଂଶୁ ଓ ୧୮ ବର୍ଷୀୟା ସୋନମ ଜୁନିୟରରୁ ଯାଇ ସିନିୟର ବିଭାଗରେ ଭାଗ ନେଇଥିଲେ। ଦୁହେଁ ପୂର୍ବରୁ ଯୋଗ୍ୟତା ହାସଲ କରିସାରିଥିବା ଭିନେଶ ଫୋଗତ (୫୩କେଜି) ସହ ଯୋଗ ଦେଇଛନ୍ତି। ଫଳରେ ଭାରତର ବର୍ତ୍ତମାନ ୩ଜଣ ରେସ୍‌ଲର ଅଲିମ୍ପିକ୍ସରେ ଭାଗନେବେ। ଭିନେଶ ପୂର୍ବରୁ ୨୦୧୯ ବିଶ୍ୱଚାମ୍ପିୟନଶିପ୍ ଜରିଆରେ ଯୋଗ୍ୟତା ଅର୍ଜନ କରିଥିଲେ। ଆସନ୍ତା ଟୋକିଓ ଗେମ୍ସ ପାଇଁ ପୁରୁଷ ବିଭାଗରେ ବଜରଙ୍ଗ ପୁନିଆ (୬୫କେଜି), ରବି ଡାହିୟା (୫୭କେଜି) ଏବଂ ଦୀପକ ପୁନିଆ (୮୬କେଜି) ପ୍ରମୁଖ ଫ୍ରିଷ୍ଟାଇଲରେ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରତିଯୋଗିତାରେ ଅଂଶୁ ୫୭କେଜି ଶ୍ରେଣୀରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ସେହିପରି ସୋନମ ପ୍ରଭାବୀ ପ୍ରଦର୍ଶନ ସହ ଅଲିମ୍ପିକ କୋଟା ହାସଲ କରି ରିଓ ଅଲିମ୍ପିକ ପଦକ ବିଜୟିନୀ ସାକ୍ଷୀ ମଲିକଙ୍କ ପଥରୋଧ କରିଛନ୍ତି। ସୋନମ ନିକଟରେ ଟ୍ରାଏଲ୍‌ରେ ସାକ୍ଷୀ ମଲିକଙ୍କୁ ୪ଥର ପରାସ୍ତ କରିବା ପରେ ୬୨କେଜି ଶ୍ରେଣୀ କାଟେଗୋରିରେ ନିଜକୁ ସାମିଲ କରିଥିଲେ। ଅଂଶୁ ତାଙ୍କ ଫାଇନାଲ ପଥରେ ମାତ୍ର ୨ ପଏଣ୍ଟ ବରଣ କରିଥିଲେ। ସେ ପ୍ରଥମେ କୋରିଆର ଜିଉନ୍ ଉମ୍ ପରେ କାଜାଖସ୍ତାନ ରେସଲର ଇମା ଟିସିନା ଏବଂ ସେମିଫାଇନାଲରେ ଉଜବେକିସ୍ତାନର ଶୋଖିଡା ଅଖମେଦୋଭାଙ୍କୁ ସହଜରେ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ସୋନମ ତାଇପେର ହିନ୍‌ପିଙ୍ଗ୍ ପାଇଙ୍କୁ ପରାସ୍ତ କରିବା ପୂର୍ବରୁ ଚାଇନାର ଜିଆ ଲଙ୍ଗଙ୍କ ବିପକ୍ଷରେ ୫-୨ରେ ବିଜୟ ହାସଲ କରିଥିଲେ।



ଅଂଶୁ ମଲିକ ଓ ସୋନମ ମଲିକ।

# ବାର୍ଟିଙ୍କୁ ହରାଇଲେ ବାଡୋସା

**ଚାର୍ଲ୍‌ଷ୍ଟନ (ଯୁକ୍ତରାଷ୍ଟ୍ର ଆମେରିକା), ୧୦।୪(ଏପି):** ଭଲ୍‌ଭୋ କାର୍ ଓପନ୍ ଟେନିସ ପ୍ରତିଯୋଗିତାରେ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ଆଶଲେ ବାର୍ଟିଙ୍କୁ ୬-୪,୬-୩ ସେଟ୍‌ରେ ହରାଇ ଦେଇଛନ୍ତି ସ୍ପେନର ପାଉଲା ବାଡୋସା। ଏଥିସହିତ ସେ ସିଜନର ଓପନିଂ କ୍ଲେ-କୋର୍ଟ ଟୁର୍ନାମେଣ୍ଟରେ ପ୍ରଥମଥର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ନମ୍ବର ୱାନ ଖେଳାଳି ଅଷ୍ଟ୍ରେଲିଆର ବାର୍ଟିଙ୍କ ବିପକ୍ଷରେ ଏହା ଥିଲା ତାଙ୍କର ପ୍ରଥମ ବିଜୟ। ୨୩ ବର୍ଷୀୟା ବାଡୋସାଙ୍କ ଗତ ୪ଟି ଇଭେଣ୍ଟରେ ଏହା ତାଙ୍କର ଦ୍ୱିତୀୟ ସେମିଫାଇନାଲ। ଚାମ୍ପିୟନଶିପ୍‌ର ଫାଇନାଲରେ ସ୍ଥାନ ପାଇଁ ସେ ୧୫ତମ ସିଡ୍ ରୁଷିଆର ଭେରୋନିକା କୁଦରମେଟୋଭାଙ୍କୁ ଭେଟିବେ। ପରାଜୟ ସତ୍ତ୍ୱେ ଆସନ୍ତା ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ପାଇଁ ତାଙ୍କ ପ୍ରସ୍ତୁତ ନେଇ ବାର୍ଟି ସନ୍ତୋଷ ପ୍ରକାଶ କରିଛନ୍ତି।



ପାଉଲା ବାଡୋସା

# ହାଇଦ୍ରାବାଦରୁ ଏଟିକେ ଆସିଲେ କୋଲାକୋ

**ହାଇଦ୍ରାବାଦ, ୧୦।୪(ପି.ଟି.):** ହାଇଦ୍ରାବାଦ ଏଫ୍‌ସିରୁ ରେକର୍ଡ ଟ୍ରାନ୍ସଫର ଫି' ବିନିମୟରେ ଲିଷ୍ଟନ କୋଲାକୋଙ୍କ ସହ ଚୁକ୍ତି କରିଛି ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳ ଏଟିକେ ମୋହନବାଗାନ। ହାଇଦ୍ରାବାଦ ଏଫ୍‌ସି ଓ ଏଟିକେ ମୋହନବାଗାନ ଦଳର ସହମତିରେ ଏହି ଟ୍ରାନ୍ସଫର ହୋଇଛି। ଏ ବାବଦରେ କେତେ କାରବାର ହୋଇଛି ତାହା ଗୋପନ ରଖାଯାଇଛି। ଜଣେ ଭାରତୀୟ ଫୁଟ୍‌ବଲ ଖେଳାଳି ଭାବେ କୋଲାକୋ ସବୁଠାରୁ ଅଧିକ ମୂଲ୍ୟରେ ଗୋଟିଏ କ୍ଲବରୁ ଅନ୍ୟ କ୍ଲବକୁ ଯାଇଥିବା କୁହାଯାଉଛି। ୨୨ବର୍ଷୀୟ ଏହି ଫରୱାର୍ଡ ଖେଳାଳି ଜୁନ୍ ୧ରେ ଏଟିକେ ମୋହନବାଗାନ ଦଳରେ ଯୋଗଦାନ କରିବେ। କୋଲାକୋ ୨୦୨୦ ଜାନୁୟାରୀ ୨୩ରେ ହାଇଦ୍ରାବାଦ ଏଫ୍‌ସିରେ ଯୋଗ ଦେଇଥିଲେ। କ୍ଲବ ତରଫରୁ ସେ ୨୩ଥର ଖେଳିଛନ୍ତି। ଆଇଏସ୍‌ଏଲରେ ସେ ୪ଟି ଗୋଲ ସ୍କୋର କରିଛନ୍ତି। ତିନୋଟି ଗୋଲରେ ସେ ସହାୟତା ପ୍ରଦାନ କରିଛନ୍ତି। କ୍ଲବ ତରଫରୁ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବାରୁ ଜାତୀୟ ଦଳ ତରଫରୁ ପଦାର୍ପଣ ଅପେକ୍ଷାରେ ରହିଛନ୍ତି।



ଲିଷ୍ଟନ କୋଲାକୋ






# ଚାପରେ ୫ ଦାମୀ ଖେଳାଳି

**ଚେନ୍ନାଇ, ୧୦।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୪ତମ ସଂସ୍କରଣ ଶୁକ୍ରବାର ଆରମ୍ଭ ହୋଇଛି। ଏଥିପାଇଁ ଫେବୃୟାରୀ ୧୮ରେ ହୋଇଥିବା ନିଲାମରେ ୫ ଦାମୀ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସ୍ୱତଃ ଚାପରେ ରହିବେ।

**କ୍ରିସ୍ ମୋରିସ (ରାଜସ୍ଥାନ ରୟାଲ୍ସ) ୧୬.୨୫ କୋଟି**



ଏହି ଦକ୍ଷ ଅଲରାଉଣ୍ଡରଙ୍କ ବେସ୍ ପ୍ରାଇସ୍ ଥିଲା ୭୫ ଲକ୍ଷ ଟଙ୍କା। ନିଲାମ ସମୟରେ ତାଙ୍କୁ କିଣିବା ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି), ମୁମ୍ବାଇ ଇଣ୍ଡିଆନ୍ସ, ପଞ୍ଜାବ କିଙ୍ଗ୍ସ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଶେଷରେ ଏହି ୩୩ ବର୍ଷୀୟ ଦକ୍ଷିଣ ଆଫ୍ରିକୀୟଙ୍କୁ ରାଜସ୍ଥାନ ୧୬.୨୫ କୋଟି ଟଙ୍କାରେ କିଣିଥିଲା। ଆଇପିଏଲ ଇତିହାସରେ କୌଣସି ଖେଳାଳି ନିଲାମରେ ଏତେ ଟଙ୍କାରେ ବିକ୍ରି ହେବା ଏହାଥିଲା ପ୍ରଥମ। ଡାହାଣହାତୀ ଫାଷ୍ଟ ବୋଲର ମୋରିସ ୭୦ଟି ଆଇପିଏଲ ମ୍ୟାଚ ଖେଳି ୮୦ ଉଇକେଟ ନେବା ସହ ୫୫୧ ରନ କରିଛନ୍ତି। ଗତବର୍ଷ ସେ କିନ୍ତୁ ଆରସିବି ପକ୍ଷରୁ ଆଶାନୁରୂପ ପ୍ରଦର୍ଶନ ଦେଇପାରି ନ ଥିଲେ।

**କାଏଲ ଜେମିସନ (ଆରସିବି) ୧୫ କୋଟି**



ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନ ଦ୍ୱାରା ନ୍ୟୁଜିଲାଣ୍ଡର କାଏଲ ଜେମିସନ ଆଇପିଏଲ ଫ୍ରାଞ୍ଚାଇଜ୍ ଦଳଗୁଡ଼ିକୁ ପ୍ରଭାବିତ କରିଛନ୍ତି। ଜେମିସନଙ୍କ ବେସ୍‌ପ୍ରାଇସ ମଧ୍ୟ ୭୫ ଲକ୍ଷ ଟଙ୍କା ଥିଲା। ଆରସିବି, ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ତାଙ୍କୁ ନେବାକୁ ପ୍ରତିଦ୍ୱନ୍ଦ୍ୱିତା ଲାଗିଥିଲା। ଶେଷରେ ଆରସିବି ୧୫ କୋଟି ଟଙ୍କାରେ ନିଜ ଦଳକୁ ନେବାରେ ସକ୍ଷମ ହୋଇଥିଲା। ୨୬ ବର୍ଷୀୟ ଏହି ଡାହାଣହାତୀ ବୋଲର ଏ ପର୍ଯ୍ୟନ୍ତ ୩୮ଟି ଟି୨୦ ମ୍ୟାଚ ଖେଳି ୫୪ ଉଇକେଟ ନେଇଛନ୍ତି। ଏଥର ସେ ଆଇପିଏଲରେ ପଦାର୍ପଣ କରି ପ୍ରଥମ ମ୍ୟାଚରେ ଗୋଟିଏ ଉଇକେଟ ନେଇଛନ୍ତି।

**ଗ୍ଲେନ ମ୍ୟାକ୍ସୱେଲ (ଆରସିବି) ୧୪.୨୫ କୋଟି**



ଗତ ଖେଳାଳି ନିଲାମରେ ତୃତୀୟ ସର୍ବାଧିକ ଦାମୀ ରହିଥିଲେ ଅଷ୍ଟ୍ରେଲିଆର ଗ୍ଲେନ ମ୍ୟାକ୍ସୱେଲ। ତାଙ୍କ ବେସ୍ ପ୍ରାଇସ୍ ଥିଲା ୨ କୋଟି ଟଙ୍କା। କୋଲକାତା ନାଇଟ ରାଇଡର୍ସ, ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ତାଙ୍କ ପାଇଁ ଲଢ଼ିଥିଲେ ହେଁ ଶେଷରେ ଆରସିବି ୧୪.୨୫ କୋଟି ଟଙ୍କାରେ କିଣିଥିଲା। ଗତ ୧୩ ବର୍ଷ ମଧ୍ୟରେ ମ୍ୟାକ୍ସୱେଲ ୩ଟି ଭିନ୍ନ ଦଳ ପକ୍ଷରୁ ୮୨ଟି ଆଇପିଏଲ ମ୍ୟାଚ ଖେଳି ୧୫୪.୬୭ ଷ୍ଟ୍ରାଇକ୍ ହାରରେ ୧୫୦୫ ରନ କରିଛନ୍ତି। ୧୯ଟି ଉଇକେଟ ନେଇଥିବା ଏହି ଅଲରାଉଣ୍ଡର ୨୦୧୪ରେ ମୋଷ୍ଟ ଭାଲ୍ୟୁଏବଲ ଖେଳାଳି ବିବେଚିତ ହୋଇଥିଲେ। ଆଇପିଏଲ-୧୪ରେ ସେ ନିଜ ପ୍ରଥମ ମ୍ୟାଚରେ ମୁମ୍ବାଇ ବିପକ୍ଷରେ ୨୮ ବଲ୍‌ରୁ ୩୯(୩ ଚୌକା, ୨ ଛକା) ରନ କରିଛନ୍ତି।

**ଝେ ରିଚାର୍ଡ଼ଶନ(ପଞ୍ଜାବ କିଙ୍ଗ୍ସ) ୧୪ କୋଟି**

ଝେ ରିଚାର୍ଡ଼ଶନଙ୍କ ବେସ୍ ପ୍ରାଇସ୍ ଥିଲା ୧.୫ କୋଟି। ତାଙ୍କ ପାଇଁ ଆରସିବି ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବାବେଳେ ପଞ୍ଜାବ କିଙ୍ଗ୍ସ ଶେଷ ଭାଗରେ ଏଣ୍ଟ୍ରି କରି ୧୪ କୋଟି ଟଙ୍କାରେ କିଣିଥିଲା। ୨୪ ବର୍ଷୀୟ ଏହି ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ୯ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚରେ ୯ଟି ଉଇକେଟ ନେଇଛନ୍ତି। ମୋଟ ସେ ୬୨ଟି ଟି୨୦ ମ୍ୟାଚ ଖେଳି ୭୮ ଉଇକେଟ ହାସଲ କରିଛନ୍ତି। ୨୦୨୦-୨୧ ବିଗ୍ ବାଶ୍ ଲିଗ୍‌ରେ ସେ ଅଗ୍ରଣୀ ଉଇକେଟ ହାସଲକାରୀ ରହିଥିଲେ। ପର୍ଥ ସ୍କର୍ଚର୍ସ ପକ୍ଷରୁ ଖେଳି ସେ ୧୭ ମ୍ୟାଚରୁ ୨୯ ଉଇକେଟ ନେଇଥିଲେ। ଏଥର ସେ ଆଇପିଏଲରେ ପଦାର୍ପଣ କରିବେ।

**କ୍ରିଷ୍ଣାପ୍ପା ଗୋଥାମ (ଚେନ୍ନାଇ ସୁପରକିଙ୍ଗ୍ସ) ୯.୨୫ କୋଟି**

ଭାରତୀୟ ଅଲରାଉଣ୍ଡର କ୍ରିଷ୍ଣାପ୍ପା ଗୋଥାମଙ୍କ ବେସ୍ ପ୍ରାଇସ୍ ଥିଲା ମାତ୍ର ୨୦ ଲକ୍ଷ। ମାତ୍ର ନିଲାମ ସମୟରେ କୋଲକାତା ନାଇଟ ରାଇଡର୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିଥିବାବେଳେ ଚେନ୍ନାଇ ସୁପରକିଙ୍ଗ୍ସ ଏଣ୍ଟ୍ରି କରି ୯.୨୫ କୋଟି ଟଙ୍କାରେ କିଣି ନେଇଥିଲା। ଆଇପିଏଲ ଇତିହାସରେ ବିଶେଷ ଜଣାଶୁଣା ନ ଥିବା ଖେଳାଳିଙ୍କ ମଧ୍ୟରେ ସେ ସବୁଠାରୁ ଅଧିକ ଦାମ୍‌ରେ ବିକ୍ରି ହୋଇଥିଲେ। ପୂର୍ବରୁ ରାଜସ୍ଥାନ ରୟାଲ୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ଗୋଥାମ ୨୪ ମ୍ୟାଚ ଖେଳି ସାରିଛନ୍ତି। ସେ ୧୩ ଉଇକେଟ ନେବା ସହ ୧୬୯.୦୯ ଷ୍ଟ୍ରାଇକ୍ ହାରରେ ୧୮୬ ରନ କରିଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ବରଯାତ୍ରୀ ଆସିଥିବା ଯୁବକ ମୃତ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ତଥା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ଡୁମେରଯୋରକୁ ବରଯାତ୍ରୀ ଆସିଥିବା ଜଣେ ଯୁବକଙ୍କ।ନିବାର ମୃତ୍ୟୁ ଘଟିଛି। ମୃତକ ହେଲେ ପୁଇଁନ୍ତଲା ଥାନା ଅନ୍ତର୍ଗତ ଲେପଟାପାଲିର ପିଙ୍କୁ ଷାଣ୍ଡ(୨୪)। ଏନେଇ ଦେଓଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାନୁସାରେ ପୁଇଁନ୍ତଲା ଥାନା ଅନ୍ତର୍ଗତ ଲେପଟାପାଲିରୁ ଡୁମେରଯୋରକୁ ଏକ ବରଯାତ୍ରୀରେ ଆସିଥିବା ପିଙ୍କୁ କୌଣସି କାରଣରୁ ଗୁରୁତର ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

**ସଂକ୍ଷେପରେ**

### ଟ୍ରକ୍ ଚାପାରେ ସାଇକେଲ ଆରୋହୀ ମୃତ

**ନୂଆପଡା ଅଫିସ, ୧୦।୪:** ନୂଆପଡା ଏକତା ଛକ ନିକଟରେ ଏକ ଟ୍ରକ୍ ଚାପାରେ ଶୁକ୍ରବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦୀପକ ମହାପାତ୍ର (୨୫)। ରାତି ପ୍ରାୟ ୧୧ଟା ସମୟରେ ଏକ ଟ୍ରକ୍ ଉଦ୍ୟାନ ବନ୍ଧ ପଟୁ ଖରିଆର ରୋଡ୍ ଆଡକୁ ଯାଉଥିଲା। ଏହି ସମୟରେ ଏକତା ଛକରେ ଦୀପକ ହଠାତ ଟ୍ରକ୍ ସମ୍ମୁଖକୁ ଚାଲି ଆସିଯାଇଥିଲେ। ପୋଲିସ ଦୁର୍ଘଟଣା ଘଟଣାଇଥିବା ଟ୍ରକ୍‌କୁ ଥାନାରେ ଅଟକ ରଖିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ତଦନ୍ତ ଜାରି ରଖିଛି।

### ନୂଆପଡା: ୫୬ ନୂଆ କରୋନା ସଂକ୍ରମିତ

**ନୂଆପଡା ଅଫିସ, ୧୦।୪:** ନୂଆପଡା ଜିଲାରେ ଶନିବାର ୫୬ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ନୂଆପଡାରୁ ୯, ଖରିଆର ରୋଡ୍‌ରୁ ୯, କୋମନାରୁ ୧୪, ଖଡିଆଳ ଉପଖଣ୍ଡରୁ ୧୩, ସିନାପାଲିରୁ ୮ଜଣ ଏବଂ ବୋଡେନ ଅଞ୍ଚଳରୁ ୩ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଜିଲା କୋଭିଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ଗୋପାଳ ଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି। ଆଜିର ସଂକ୍ରମିତଙ୍କୁ ମିଶାଇ ଜିଲାରେ ଗତ ୧ତାରିଖରୁ ବର୍ତ୍ତମାନ ସୁଦ୍ଧା ୪୬୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

### ଭତ୍ତାରୁ ବଞ୍ଚିତ ବୃଦ୍ଧ କଳାକାର

**ଅତାବିରା, ୧୦।୪ (ଡି.ଏନ.ଏ):**



ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଗ୍ରାମର କରମସାନୀ, ସଂକୀର୍ତ୍ତନ ଗାୟକ ନିଳାଞ୍ଚଳ ଭୋଇ (୭୫)ଙ୍କୁ ଏ ପର୍ଯ୍ୟନ୍ତ ମିଳିନି କଳାକାର କି ବାର୍ଦ୍ଧକ୍ୟ ଭତ୍ତା। ତାଙ୍କୁ କେବଳ ୫ କେଜି ଚାଉଳ ଓ ଆବାସ ଗୃହଟିଏ ମିଳିଛି। ନିଳାଚଳ ଛାତ୍ରାବସ୍ଥାରୁ କରମସାନୀ ଓ ସଂକୀର୍ତ୍ତନ ଗାୟନ ଆରମ୍ଭ କରିଥିଲେ। ସେ ଗଣ୍ଡିଆପାଲି ରାଜେନ୍ଦ୍ର ବେହେରାଙ୍କଠାରୁ କଳା ବିଷୟରେ ଶିକ୍ଷା ଲାଭ କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ଯିଏ ପ୍ରକୃତ କଳାକାର ନୁହେଁ ତାଙ୍କୁ ମିଳୁଛି, ଯିଏ କଳାକାର ସେ ଭତ୍ତା ପାଇବାରୁ ବଞ୍ଚିତ ରହୁଛନ୍ତି ବୋଲି ନିଳାଚଳ କୁହନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

### ୩୫ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼ ଅଫିସ୍, ୧୦।୪:** ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ବାଳଗୋପାଳ ଫୁଡ୍ ପ୍ରଡ଼କ୍ଟସ୍ ପ୍ରାଇଭେଟ୍ ଲିଃରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିବା ବେଳେ ନିଷ୍ଠା ପରିବାର ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ଉପଦେଷ୍ଟା ଉତ୍ତମ ଦାଶ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଶିବିରରେ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ମାସ୍କ ଚେକିଂ କଡ଼ାକଡ଼ି

**କୋକସରା, ୧୦।୪ (ଡି.ଏନ.ଏ.):** କଳାହାଣ୍ଡି ଜିଲାରେ ଗତ କିଛିଦିନ ଭିତରେ କରୋନା ସଂକ୍ରମିତ ସଂଖ୍ୟା ବଢି ଚାଲିଛି। ଏଥିପାଇଁ ଜିଲା ପ୍ରଶାସନ ବ୍ଲକ ପ୍ରଶାସନ ଓ ପୋଲିସ ପ୍ରଶାସନକୁ ସଚେତନ ରହିବା ସହ କୋଭିଡ ଗାଇଡ଼ ଲାଇନ ପାଳନ କରିବାକୁ ନିର୍ଦ୍ଦେଶ ଜାରି କରିଛି। ଏହାକୁ ଦୃଷ୍ଟିରେ ରଖି ଆମପାଣି ଥାନା ପୋଲିସ ମାସ୍କ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିଛି। ୨୬ ନଂ ଜାତୀୟ ରାଜପଥ ଓ ବିଜୁ ଏକ୍ସପ୍ରେସ ରାସ୍ତାକୁ ସଂଯୋଗ କରୁଛି ଏହି ଥାନା ଅଞ୍ଚଳ। ପ୍ରତିଦିନ ବ୍ୟସ୍ତବହୁଳ ରହୁଛି ରାସ୍ତା। ଆମପାଣି ଥାନା ଅଧିକାରିଣୀ ପୁଷ୍ପାଞ୍ଜଳି ନିର୍ଙ୍ଗଙ୍କ ନେତୃତ୍ୱରେ ପ୍ରତିଦିନ ସୀମାରେ ଯାଞ୍ଚ କରାଯାଉଛି। ଏଥିସହିତ ଅମାନିଆଙ୍କଠାରୁ ଜରିମାନ ଆଦାୟ ଚାଲିଛି।

# ହାତୀ ଉପଦ୍ରବ, ବ୍ୟାପକ ଫସଲହାନି

- ବିନିକା ଅଞ୍ଚଳର ଚାଷୀଙ୍କ ନିଦ ହଜାଇଲେ ହାତୀପଲ
- ୭୦ରୁ ଊର୍ଦ୍ଧ୍ୱ ଏକର ରବିଧାନ ଫସଲ ନଷ୍ଟ କଲେଣି
- ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

**ସୋନପୁର, ୧୦।୪(ନି.ପ୍ର.)**



ଏସିଏଫ ସୁଶିଲ କୁମାର ତ୍ରିପାଠୀଙ୍କୁ ଚାଷୀ ପ୍ରତିନିଧି ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ହାତୀ ଉପଦ୍ରବ ଚାଷୀଙ୍କ ଆଖିରୁ ନିଦ ହଜାଇ ଦେଇଛି। ଗତ ୪ ତାରିଖରୁ ପ୍ରତ୍ୟହ ରାତିରେ ୧୭ଟି ହାତୀ ଉଲୁଣ୍ଡା(ସିଣ୍ଢୋଲ) ପଟୁ ଆସି ରବିଧାନ ଫସଲ ନଷ୍ଟ କରୁଛନ୍ତି। ବ୍ଲକର ସିନ୍ଧୁରପୁର, ମଣିଗାଁ, ଗଣେଶପୁର, ଡଭଲା ଓ ଗୁଲାପଡା ଅଞ୍ଚଳରେ ହାତୀପଲ ୬୦ରୁ ୭୦ ଏକର ଧାନ ପାଦରେ ଦଳି ନଷ୍ଟ କରି ସାରିଲେଣି। ହାତୀଙ୍କୁ ଘଉଡାଇ ପାଇଁ ଚାଷୀ ବନ ବିଭାଗ ଅଧିକାରୀଙ୍କୁ ଅନୁରୋଧ କରି ଆସୁଥିଲେ ବି ବିଭାଗ ଏଥିରେ ବିଫଳ ହୋଇଛି। ଶନିବାର ଶତାଧିକ ଚାଷୀ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ହାତୀ ଉପଦ୍ରବ ବିଷୟରେ ଜଣାଇଥିଲେ। ଗଣେଶପୁର ଅଞ୍ଚଳର ଚାଷୀ ପ୍ରକାଶ କୁମାର ପଣ୍ଡା କହିଥିଲେ ଯେ, ଗତ ଖରିଫରେ ହାତୀପଲ ଶତାଧିକ ଏକର ଜମିରେ ଧାନ ଫସଲ ନଷ୍ଟ କରିଥିଲେ। ସମ୍ପୃକ୍ତ ଚାଷୀଙ୍କୁ ଏ ପର୍ଯ୍ୟନ୍ତ କ୍ଷତିପୂରଣ ମିଳିନି। ମଣିଗାଁର ଚାଷୀ ପ୍ରେମାନନ୍ଦ ନାୟକ କୁହନ୍ତି, ଚାଷୀଙ୍କ ଦୁଃଖ ବୁଝିବାକୁ ପ୍ରଶାସନର ଆନ୍ତରିକତା ନାହିଁ। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଉନାହାନ୍ତ, କ୍ଷୟକ୍ଷତି ଆକଳନ କରାଯାଉନି। ଅନ୍ୟପକ୍ଷେ ହାତୀଙ୍କ ସୁରକ୍ଷା ଆଳରେ ରାତିରେ ବିଦ୍ୟୁତ୍ କାଟ ହେଉଛି। ଗ୍ରୀଷ୍ମରେ ଲୋକେ ହନ୍ତସନ୍ତ ହେଉଛନ୍ତି। ପ୍ରତିକାର ବ୍ୟବସ୍ଥା ନହେଲେ ଜନସାଧାରଣ ରାସ୍ତାରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି। ଡିଫଓଙ୍କ ଅନୁପସ୍ଥିତିରେ ସହକାରୀ ବନ ସଂରକ୍ଷକ ସୁଶିଲ କୁମାର ତ୍ରିପାଠୀ ଚାଷୀଙ୍କ ନିକଟରୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ଡିଏଫଓ ସୁଶାନ୍ତ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ଖାଦ୍ୟ ଅନ୍ୱେଷଣରେ ସମ୍ବଲପୁର ଜଙ୍ଗଲାଞ୍ଚଳରୁ ୩ଟି ଦନ୍ତା, ୯ଟି ମାଇ ହାତୀ ଓ ୫ଟି ଶାବକ ଆସି ଉଲୁଣ୍ଡା ବନାଞ୍ଚଳରେ ରହୁଛନ୍ତି। ହାତୀପଲ ସନ୍ଧ୍ୟା ପରେ ମହାନଦୀ ପାର ହୋଇ ବିନିକା ନଦୀ କୂଳବର୍ତ୍ତୀ ଅଞ୍ଚଳରେ ଫସଲ କ୍ଷତି ଘଟାଉଛନ୍ତି। ପୁଣି ଭୋର ସମୟରେ ଉଲୁଣ୍ଡା ଜଙ୍ଗଲକୁ ଫେରି ଆସୁଛନ୍ତି। ସେମାନଙ୍କୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରହିଥିବା ଡିଏଫଓ କହିଛନ୍ତି। ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ତଥା ମାନବିକ ଅଧିକାର ସଂଗଠନ ଜିଲା ସଭାପତି ଆନନ୍ଦ ବାରିକ୍, ଚାଷୀ ଆଲୋକ ରଞ୍ଜନ ପଣ୍ଡା, ସୁଶିଲ ଖଣ୍ଡଗିରି, ବରୁଣ ପଧାନ, ବେଡା ସାହୁ, ନିତ୍ୟାନନ୍ଦ ପଣ୍ଡା, ଭୀଷ୍ମ କୁମାର ଷାଣ୍ଢ, ସୁରୁ ଭୁଏ, ପୀତବାସ ସଠୀ, ହରି ଶଙ୍କର ପାଣିଗ୍ରାହୀ, ସାରଥୀ ପଧାନ ଓ ସବାଷ ଘିବିଲା ପ୍ରମୁଖ ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ସାଲେପାଲି, ବରକାନୀରେ ପାନୀୟ ଜଳ ସଙ୍କଟ



ସାଲେପାଲି ନିକଟସ୍ଥ ସୋନଗଡ ନଦୀକୂଳରେ ଥିବା ଇନ୍‌ଟେକ ୱେଲ।

**ଦେଓଗାଁ, ୧୦।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ ସାଲେପାଲି ଓ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ବରକାନୀରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ସମସ୍ୟାର ସମାଧାନ ପାଇଁ ସାଲେପାଲି ବାସୀ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉଭୟ ଗାଁକୁ ପାନୀୟଜଳ ପାଇଁ ଗ୍ରାମ୍ୟଜଳ ଯୋଗାଣ ବିଭାଗ ତରଫରୁ ସୋନଗଡ ନଦୀକୂଳରୁ ପ୍ରକଳ୍ପ ନିର୍ମାଣ ହୋଇଛି। ହେଲେ ଚଳିତବର୍ଷ କୂଅମାନଙ୍କରେ ଜଳସ୍ତର କମିଯିବାରୁ ମାତ୍ର ଅଧଘଣ୍ଟା ମୋଟର ଚଳାଇଲେ କୂଅରେ ପାଣି ସରିଯାଉଛି। ଫଳରେ ପାଣି ପାଇଁ ଉଭୟ ଗାଁରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏନେଇ ସାଲେପାଲି ଗ୍ରାମବାସୀ ତୁରନ୍ତ ସମସ୍ୟାର ସମାଧାନ ପାଇଁ ବିଡିଓ ନାଏକଙ୍କୁ ଲିଖିତଭାବେ ଅଭିଯୋଗ କରିଥିବା ଗାଁର ରଞ୍ଜନ କୁମାର ଷଡଙ୍ଗୀ କହିଛନ୍ତି। ବର୍ଷକ ତଳେ ବରକାନୀ ଗାଁମୁଣ୍ଡରେ ସୋନଗଡ ନଦୀକୂଳରେ ଥିବା ଟ୍ୟାଙ୍କରୁ ପାଣିକୁ ଗଚ୍ଛିତ ରଖିବା ପାଇଁ ଲକ୍ଷାଧିକ ଟଙ୍କାରେ ଓଭରହେଡ ଟ୍ୟାଙ୍କ ନିର୍ମାଣ କରାଯାଇଛି। ହେଲେ ତାହା ଏବେ ଅକାମୀ ହୋଇଥିବା ଅଭିଯୋଗ ହେଉଛି। ସମସ୍ୟାକୁ ନେଇ ବିଡିଓ ନାଏକଙ୍କୁ ପଚାରିବାରୁ ସମ୍ପୃକ୍ତ ଜେଇ ଛୁଟିରୁ ଆସିଲେ କ୍ଷେତ୍ର ପରିଦର୍ଶନ କରି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ନାମଯଜ୍ଞ ଆୟୋଜନକୁ ନା

**ବରଗଡ଼ ଅଫିସ୍, ୧୦।୪**

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଧାର୍ମିକ ପୀଠ, ପର୍ବପର୍ବାଣୀ, ନାମଯଜ୍ଞ ଆୟୋଜନରେ କଟକଣା ଜାରି କରାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଜିଲାର କୌଣସି ସ୍ଥାନରେ ନାମଯଜ୍ଞ ଆୟୋଜନ ହୋଇପାରିବ ନାହିଁ ବୋଲି ଶନିବାର ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଅନ୍ୟପଟେ ରାମ ନବମୀ, ମହାବିଷୁବ ସଂକ୍ରାନ୍ତି ପାଳନରେ ସେଭଳି ରୋକ୍ ଲଗାଯାଇନାହିଁ। ତେବେ କୋଭିଡ୍ ଗାଇଡ୍ ଲାଇନକୁ ଠିକ୍ ଭାବେ ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମନ୍ଦିର, ମସଜିଦ, ଚର୍ଚ୍ଚ ଆଦି ଧାର୍ମିକ ପୀଠରେ ଗୋଟିଏ ଲେଖାଏଁ ପୃଥକ୍ ପ୍ରବେଶ, ପ୍ରସ୍ଥାନ ଦ୍ୱାର ସହିତ କୋଭିଡ୍ ଗାଇଡ୍ ଲାଇନ ପାଳନ ତଥା ମାସ୍କ ବ୍ୟବହାର, ସାମାଜିକ ଦୂରତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ବିବାହୋତ୍ସବରେ ସର୍ବାଧିକ ଶହେ ଏବଂ ଶବଦାହରେ ୨୦ରୁ ଅଧିକ ଲୋକ ଉପସ୍ଥିତ ନ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କଟକଣା ଉଲ୍ଲଂଘନ କଲେ ଆଇନ ଆନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

ସେହିପରି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଅନ୍ୟ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି, ବାହାର ରାଜ୍ୟରୁ ଟ୍ରେନ, ବସ୍, ଉଡ଼ାଜାହାଜ, ଜଳପଥ ଏବଂ ବ୍ୟକ୍ତିଗତ ଯାନରେ ଆସୁଥିବା ଲୋକଙ୍କୁ ୭୨ଘଣ୍ଟା ମଧ୍ୟରେ ହୋଇଥିବା ଆର୍‌ଟି-ପିସିଆର ପରୀକ୍ଷାର ନେଗେଟିଭ ରିପୋର୍ଟ କିମ୍ବା ଦ୍ୱିତୀୟ ଡୋଜ୍ ଟିକା ନେଇଥିବା ପ୍ରମାଣପତ୍ର ଦେଖାଇବାକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁମାନଙ୍କ ପାଖରେ ଏହି ରିପୋର୍ଟ ନ ଥିବ ସେମାନଙ୍କୁ ୭ଦିନ ଗୃହ ସଙ୍ଗରୋଧ କିମ୍ବା ଆନୁଷ୍ଠାନିକ ସଙ୍ଗରୋଧରେ ରହିବାକୁ ପଡ଼ିବ। ଆସନ୍ତା ୧୨ତାରିଖରୁ ଏହା ଲାଗୁ କରାଯିବ। ବରଗଡ଼ ଜିଲାର ସମସ୍ତ ବୋର୍ଡ଼ର ଚେକ୍ ପଏଣ୍ଟ ଯଥା ଲୁହୁରାଚଟି, ଧଉରାଭଟା, ଜଗଦଲପୁର, ରୁଚିଦା, ଅମ୍ବାଭୋନା ଆଦି ସ୍ଥାନରେ ମଧ୍ୟ ଏହି ରିପୋର୍ଟ ପ୍ରଦର୍ଶନ ଜରୁରୀ ବୋଲି ସୂଚନା ଦିଆଯାଇଛି।

## ମହାରାଣୀ ସାଗରକୁ ୨୦ କୋଟି ଅନୁଦାନ

**ବଲାଙ୍ଗୀର ଅଫିସ, ୧୦।୪**

ବଲାଙ୍ଗୀର ସହର ମଧ୍ୟସ୍ଥଳରେ ଥିବା ବିରାଟ ଜଳାଶୟ ମହାରାଣୀ ସାଗରର ଉନ୍ନତିକରଣ ପାଇଁ ୨୦ କୋଟି ଓ ସହର ଉପକଣ୍ଠ ଗନ୍ଧରେଲ ଜଳାଶୟ ପାଇଁ ୩ କୋଟି ଅନୁଦାନ ଦିଆଯିବାକୁ ରାଜ୍ୟ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏ ନେଇ ବିଧାୟକ ନରସିଂହ ମିଶ୍ର ଶନିବାର ସୂଚନା ପ୍ରଦାନ କରିଛନ୍ତି। ଉଭୟ ପ୍ରକଳ୍ପ ଠିକ୍ ଭାବେ କାର୍ଯ୍ୟକାରୀ ହେଲେ ପର୍ଯ୍ୟଟନ, ଜଳସଂରକ୍ଷଣ କ୍ଷମତା ବୃଦ୍ଧି ପାଇବା ସହ ଲୋକଙ୍କ ଆର୍ଥିକ ବିକାଶ ସମ୍ଭବ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ପର୍ଯ୍ୟଟନ ପାଇଁ ଦାବି ମୁତାବକ ଦେଓଗାଁ ବ୍ଲକ ଅନ୍ତର୍ଗତ ଭୀମଡୁଙ୍ଗୁରୀର ବିକାଶ ନେଇ ଜଙ୍ଗଲ ବିଭାଗ ପକ୍ଷରୁ ଶୀଘ୍ର ଅନୁଦାନ ମିଳିବ ବୋଲି ସେ କହିଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ପାଇଁ ବଜେଟ ମଞ୍ଜୁର ହୋଇଥିବା ଅନୁଦାନ ରାଜ୍ୟ ବଜେଟ ଅନୁପାତରେ ସମୁଦ୍ରକୁ ଶଙ୍ଖେ ଭଳି ବୋଲି କହିଥିଲେ। ବଲାଙ୍ଗୀର ବାଇପାସ୍ କାମ ମଧ୍ୟ ଶୀଘ୍ର ଆରମ୍ଭ ହେବା ନେଇ ସେ ସୂଚନା ଦେଇଥିଲେ। ୪ କୋଟି ଟଙ୍କାରେ ଲିଟେରାରୀ ଆଣ୍ଡ ସୋସିଆଲ କ୍ଲବରେ ନିର୍ମାଣ ହେବାକୁ ଥିବା ଅଡିଟୋରିଅମ ପାଇଁ ୧ କୋଟି ଟଙ୍କା ଆସି ସାରିଥିବାବେଳେ ଆଗାମୀ ୩୦ ବର୍ଷକୁ ଆଖି ଆଗରେ ରଖି ଏକ ଉନ୍ନତମାନର ଅଡିଟୋରିଅମ ନିର୍ମାଣର ଆବଶ୍ୟକତା ରହିଛି। ତେଣୁ ଅନ୍ୟ ସୂତ୍ରରୁ ଆଉ ୬ କୋଟିର ଅନୁଦାନ ଅଣାଯାଇ ସମୁଦାୟ ୧୦ କୋଟିର ଏକ ଅଡିଟୋରିଅମ ନିର୍ମାଣ କରାଯିବା ନେଇ ସୂଚନା ଦେଇଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଦିବ୍ୟାଙ୍ଗଙ୍କ ପାଇଁ ହଷ୍ଟେଲ, ସାଇନ୍ସ ପାର୍କ ଶୀଘ୍ର କାମ ଆରମ୍ଭ ହେବ। ସ୍ଥାନୀୟ ସର୍କିଟ ହାଉସଠାରେ ଶନିବାର ଅନୁଷ୍ଠିତ ମତ ବିନିମୟ କାର୍ଯ୍ୟକ୍ରମ ସମୟରେ ବିଧାୟକ ମିଶ୍ର ଉପରୋକ୍ତ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା।

## ଚିନ୍ତାମଣିଙ୍କ ପରିବାର ପାଖରେ ପହଞ୍ଚିଲା ପ୍ରଶାସନ



ଦିବ୍ୟାଙ୍ଗ ଚିନ୍ତାମଣିଙ୍କ ପରିବାର ସହିତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ଆଲୋଚନା କରୁଛନ୍ତି।

**କର୍ଲାମୁଣ୍ଡା, ୧୦।୪ (ଡି.ଏନ.ଏ)**

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରଡବରା ପଞ୍ଚାୟତ ଅନ୍ତର୍ଗତ ସିଲେଟପଡା ଗାଁର ଦିବ୍ୟାଙ୍ଗ ଚିନ୍ତାମଣି ଗହୀରଙ୍କ ପରିବାରରେ ୩ଜଣ ଦିବ୍ୟାଙ୍ଗ ରହିଛନ୍ତି। ଏ ସମ୍ପର୍କରେ ଗତ ୭ ତାରିଖ ଧରିତ୍ରୀରେ 'ଦିବ୍ୟାଙ୍ଗ ଚିନ୍ତାମଣିଙ୍କ କାନ୍ଧରେ ପରିବାର ବୋଝ' ଶୀର୍ଷକରେ ଏକ ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ଜିଲା ପ୍ରଶାସନ ପକ୍ଷରୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସଏସଓ) ନାରାୟଣ ବେହେରା, ସାଇକୋଲୋଜିଷ୍ଟ ନିବାଶ ଚନ୍ଦ୍ର ସାହୁ ଚିନ୍ତାମଣିଙ୍କ ପରିବାର ନିକଟରେ ପହଞ୍ଚି ଭଲମନ୍ଦ ପଚାରି ବୁଝିବା ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେହିପରି ସ୍କାଉଟ୍ ମାଷ୍ଟର ପବିତ୍ର ମୋହନ ପାଶା ଓ ଅରବିନ୍ଦ ସାହୁ ତାଙ୍କ ଘରକୁ ଯାଇ ରାଶନ ସାମଗ୍ରୀ ସହ ୧ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଏହି ପରିଦର୍ଶନ ସମୟରେ ସାମାଜିକ କର୍ମୀ ସୁରେଶ ଚୌଧୁରୀ, ଗ୍ରାମ୍ୟ ଉନ୍ନୟନ ସମିତି, ଜଳନ୍ଧର ଭୋଇ, ଦ୍ରୋଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମେହେନ୍ଦୀରେ କ୍ୟାନ୍‌ସର ହସ୍ପିଟାଲ ଦାବି



ହାତରେ ମେହେନ୍ଦୀ ଲଗାଇ କ୍ୟାନ୍‌ସର ହସ୍ପିଟାଲ ଲାଗି ଦାବି କରୁଛନ୍ତି।

**ବରଗଡ଼ ଅଫିସ୍, ୧୦।୪**

**ବିଉଟିସିଆନଙ୍କ ଅଭିନବ କାର୍ଯ୍ୟକ୍ରମ**

ବରଗଡ଼ ଜିଲାରେ କ୍ୟାନ୍‌ସର ଆକ୍ରାନ୍ତ, ମୃତକଙ୍କ ସଂଖ୍ୟା ବଢ଼ି ଚାଲିଛି। ଫଳରେ ଏଠାରେ ଏକ କ୍ୟାନସର ହସ୍ପିଟାଲ ନିର୍ମାଣ ଦାବି ଜୋର୍ ଧରିଛି। ମୁଖ୍ୟମନ୍ତ୍ରୀ ମଧ୍ୟ ବରଗଡ଼ରେ କ୍ୟାନ୍‌ସର ହସପିଟାଲ ନିର୍ମାଣ କରାଯିବ ବୋଲି ଘୋଷଣା କରି ସାରିଛନ୍ତି। ମାତ୍ର ସେଥିରେ କିଛି ଅଗ୍ରଗତି ହୋଇ ନ ଥିବା ଯୋଗୁ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ଇଣ୍ଡିଆନ ବିଉଟି କାଉନସିଲ ପକ୍ଷରୁ ଅଭିନବ ଭାବେ ବରଗଡ଼ରେ କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ ଦାବି ଉପସ୍ଥାପନ କରାଯାଇଥିଲା। ସହର ଉପକଣ୍ଠରେ ଥିବା ଏକ ହୋଟେଲ ସମ୍ମିଳନୀ କକ୍ଷରେ ୨୫ଜଣ ବିଉଟିସିଆନ୍ ଏକାଠି ହୋଇ ନିଜ ହାତରେ ମେହେନ୍ଦୀରେ ଇଂରାଜୀରେ ଆୱାର୍ସ ଡିମାଣ୍ଡ୍ କ୍ୟାନସର ହସ୍ପିଟାଲ ଇନ୍ ବରଗଡ଼ ଲେଖି ସେମାନଙ୍କ ଦାବି ଉପସ୍ଥାପନ କରିଥିଲେ। ଇଣ୍ଡିଆନ ବିଉଟି କାଉନସିଲର ସଭାପତି ମିନତୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ର ସ୍ନେହଲତା ତ୍ରିପାଠୀ, ବନ୍ଧବାହାଲର ନମ୍ରତା ପଣ୍ଡା, ବଲାଙ୍ଗୀରର ବନିତା ଜାଲ, ଇତି ଘିବେଲା, ବୁର୍ଲାର ସୁଚିସ୍ମିତା ଷଡ଼ଙ୍ଗୀ, ସୋନପୁରର କୀର୍ତ୍ତି ମାଳିନୀ ପ୍ରମୁଖ ଯୋଗ ଦେଇଥିଲେ। ବରଗଡ଼ର ରଶ୍ମିତା ଦାଶ, ସରବଜିତ୍ କୌର, ସାନା ବାନୋ, ପ୍ରତିମା ବିଶି ପ୍ରମୁଖ ସହଯୋଗ କରିଥିଲେ।

## ପରିତ୍ୟକ୍ତ କୋଠା ଭଙ୍ଗାଯାଉ

**ରିଷିଡା, ୧୦।୪ (ଡି.ଏନ.ଏ)**

କଳାହାଣ୍ଡି ଜିଲା ରିଷିଡା ସାପ୍ତାହିକ ବଜାରରେ ୨ଟି କୋଠା ଘର ଓ ଆଶ୍ରୟସ୍ଥଳୀ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହି ଘରକୁ ନ ଭାଙ୍ଗିଲେ ବିପଦ ସମ୍ଭାବନା ରହିଛି। କେସିଙ୍ଗା ନିୟନ୍ତ୍ରିତ ବଜାର କମିଟି ଅଧୀନରେ ଥିବା ରିଷିଡା ଶନିବାର ହାଟ କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ ଜିଲାର ସୀମାନ୍ତ ହାଟ। ଏହି ହାଟ ଉପରେ ଜିଲାର ଅନେକ ବେପାରୀ ଓ ଜନସାଧାରଣ ନିର୍ଭର କରିଥାନ୍ତି। ଏହାକୁ ମରାମତି କରାଯିବା ପାଇଁ ଦାବି ହେଉଛି।

## ମାସ୍କ ଯାଞ୍ଚ, ୨.୨୮ ଲକ୍ଷ ଜରିମାନା ଆଦାୟ



ବରଗଡ଼ ସହରରେ ପୋଲିସ ମାସ୍କ ଯାଞ୍ଚ କରୁଛି।

**ବରଗଡ଼ ଅଫିସ୍, ୧୦।୪**

ବରଗଡ଼ ଜିଲା ପୋଲିସ ପକ୍ଷରୁ ମାସ୍କ ଯାଞ୍ଚ ଚାଲିଛି। ଶୁକ୍ରବାର, ଶନିବାର ଦୁଇ ଦିନ ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅମାନିଆଙ୍କଠାରୁ ସମୁଦାୟ ୨ଲକ୍ଷ ୨୮ହଜାର ୯୦୦ ଟଙ୍କା ଜରିମାନା ଅସୁଲ କରାଯାଇଛି। ଏହି ଦୁଇଦିନ ମଧ୍ୟରେ ଗୋଟିଏ ହୋଟେଲ ସିଲ୍ ହୋଇଥିବାବେଳେ ସାମାଜିକ ଦୂରତା ଅବଲମ୍ବନ କରି ନ ଥିବା ଯୋଗୁ ୧ହଜାର ଟଙ୍କା ଆଦାୟ ହୋଇଛି। ସେହିପରି ମୋଟର ଭେଇକିଲ ଆଇନ ଉଲ୍ଲଂଘନ କରିଥିବାରୁ ୧ଲକ୍ଷ ୫୫ହଜାର ଟଙ୍କା ଜରିମାନା ଅସୁଲ ହୋଇଛି। ୫ଟି ଅବକାରୀ ମାମଲା ରୁଜୁ ହୋଇଥିବା ଜିଲା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ପଶ୍ଚିମ ଓଡ଼ିଶାରେ ଆଇନ ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି ଉଠିଲା

**ବଲାଙ୍ଗୀର ଅଫିସ, ୧୦।୪**

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅଧିନରେ ରାଜ୍ୟ ସମସ୍ତ ଆଇନ ମହାବିଦ୍ୟାଳୟ ଅନ୍ତର୍ଭୁକ୍ତ କରାଯିବା ନେଇ ଘୋଷଣାକୁ ନେଇ ବଲାଙ୍ଗୀରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଧାୟକ ନରସିଂହ ମିଶ୍ର ତାଙ୍କ ପ୍ରତିକ୍ରିୟାରେ ପଶ୍ଚିମ ଓଡିଶାର ସମସ୍ତ ଆଇନ ମହାବିଦ୍ୟାଳୟଗୁଡିକୁ କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଭୁକ୍ତ କରାଯିବା ଦ୍ୱାରା ଛାତ୍ରୀଛାତ୍ରମାନେ ହଇରାଣ ହେବେ। ଏହା ବଦଳରେ ସରକାର ପଶ୍ଚିମ ଓଡିଶାର ବଲାଙ୍ଗୀରଠାରେ ଏକ ଆଇନ ମହାବିଦ୍ୟାଳୟ ପ୍ରତିଷ୍ଠା କରନ୍ତୁ ବୋଲି ସେ ଦାବି କରିଛନ୍ତି। ଏଥିପାଇଁ ଆଗକୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। କୋଶଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ମଧ ଏହା ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କୋଶଳାଞ୍ଚଳରେ ଆଉ ଆଇନ ବିଶବବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି। ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି ଯେ, ରାଜ୍ୟ ସରକାର ସବୁକିଛି କଟକ ଓ ଭୁବନେଶ୍ୱରରେ କେନ୍ଦ୍ରୀଭୂତ କରିବାରେ ଲାଗିଛନ୍ତି। କେନ୍ଦ୍ରୀଭୁତ କରିବାର ଏହି ଅପସଂସ୍କୃତିରେ ଅନ୍ୟ ଏକ ପ୍ରୟାସ ସଦ୍ୟ ଆରମ୍ଭ ହୋଇଥିବା କୋସଲାଞ୍ଚଳର ସମସ୍ତ ଆଇନ ମହାବିଦ୍ୟାଳୟଗୁଡିକର ସମସ୍ତ ଶୈକ୍ଷଣିକ କାର୍ଯ୍ୟକଳାପକୁ କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅଧିନକୁ ନେଇଯିବା। ଏହାପରେ କୋସଲାଞ୍ଚଳର ସମସ୍ତ ଆଇନ ମହାବିଦ୍ୟାଳୟଗୁଡ଼ିକର ପରୀକ୍ଷା ପରିଚାଳନା, ସାର୍ଟିଫିକେଟ ପ୍ରଦାନ ଆଦି ସମସ୍ତ କାର୍ଯ୍ୟ ଯାହାକି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନରେ ପରିଚାଳିତ ହେଉଥିଲା କଟକରୁ ପରିଚାଳିତ ହେବ। ଆଇନ ଶିକ୍ଷାଗ୍ରହଣ କରୁଥିବା ବିଦ୍ୟାର୍ଥୀମାନେ ପ୍ରତ୍ୟେକ କାର୍ଯ୍ୟ ପାଇଁ କଟକ ଯିବାକୁ ବାଧହେବେ। ପ୍ରଶାସନିକ ବିକେନ୍ଦ୍ରୀକରଣ କରିବା ଛାଡି କୋଶଳାଞ୍ଚଳ ପ୍ରତି ସରକାର ସବୁବେଳେ ଅନ୍ୟାୟ କରି ଚାଲିଛନ୍ତି ବୋଲି ସେ କହିଛନ୍ତି। ଶିକ୍ଷାକୁ ସୁଲଭ କରିବା ପାଇଁ କୋସଲାଞ୍ଚଳବାସୀ ବିଭିନ୍ନ ସମୟରେ ବିଶ୍ୱବିଦ୍ୟାଳୟ ଦାବି କଲା ପରେ କଳାହାଣ୍ଡି ଓ ବଲାଙ୍ଗୀରଠାରେ ବିଶ୍ୱବିଦ୍ୟାଳୟ ଗଠିତ ହୋଇଛି। ଏହି ସମୟରେ ଆଇନ ଶିକ୍ଷାର ପରିଚାଳନାକୁ କଟକ ସ୍ଥାନାନ୍ତରିତ କରି ଆଇନ ଶିକ୍ଷା ଗ୍ରହଣ କରିବାରେ ଇଚ୍ଛୁକ ଶିକ୍ଷାର୍ଥୀମାନଙ୍କ ବୋଝ ବଢାଯିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ସରକାରଙ୍କ ଏହ ପ୍ରୟାସକୁ କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ନିନ୍ଦା କରାଯାଇଛି। ଆଇନ ଶିକ୍ଷାର ପରିଚାଳନାକୁ ଆହୁରି ବିକେନ୍ଦ୍ରୀକରଣ କରାଯାଇ ଆଇନ କଲେଜଗୁଡିକୁ କୋସଲାଞ୍ଚଳରେ ରହିଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ କରାଯାଉ କିମ୍ବା କୋସଲାଞ୍ଚଳରେ ଅନ୍ୟ ଏକ ଆଇନ ବିଶ୍ୱବିଦ୍ୟାଳୟ ଗଠନ କରି ସମସ୍ତ ଆଇନ ମହାବିଦ୍ୟାଳୟକୁ ତା ସହ ଅନୁବନ୍ଧିତ କରାଯାଉ ବୋଲି ଦାବି କରାଯାଇଛି। କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ ଏ ନେଇ ଏକ ପ୍ରେସ୍ ବିଜ୍ଞପ୍ତି ପ୍ରଦାନ କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୧ ଏପ୍ରିଲ, ୨୦୨୧

## ଗଞ୍ଜେଇ ଜବତ, ଦୁଇ କୋର୍ଟ ଚାଲାଣ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଆଦର୍ଶ ଥାନା ଓ ବଘିଆପଡା ପୋଲିସ ପକ୍ଷରୁ ବୌଦ୍ଧ ବ୍ଲକ ଟିକରପଡା ପଞ୍ଚାୟତର ବହଲପଡା ଗ୍ରାମରେ ଚଢ଼ାଉ କରାଯାଇ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ବହଲପଡା ଗ୍ରାମରୁ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ହେବା ଖବର ପାଇ ଶୁକ୍ରବାର ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର ଓ ଅନ୍ୟ କର୍ମଚାରୀମାନେ ଉକ୍ତ ଗ୍ରାମର ଭାଗୀରଥି କହଁର(୩୨)ଙ୍କ ଘରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ତାଙ୍କ ଘରୁ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା । ଏନେଇ ପୋଲିସ ଏକ ମାମଲା ରଜୁ କରିଛି ।



## ସଂକ୍ଷେପରେ

### ବୌଦ୍ଧରେ ପୁଣି ୨ ପଜିଟିଭ ଚିହ୍ନଟ

ବୌଦ୍ଧ,୧୦।୪(ସ୍ୱ.ପ୍ର.): ଦୀର୍ଘଦିନର ବ୍ୟବଧାନ ପରେ ପୁଣି ବୌଦ୍ଧ ଜିଲାରେ କରୋନା କାୟା ବିସ୍ତାର କରିବାରେ ଲାଗିଛି। ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜିଲାରେ ଶନିବାର ପୁଣି ଦୁଇଜଣଙ୍କୁ ପଜିଟିଭ ଚିହ୍ନଟ କରାଯାଇଛି । ଫଳରେ ଜିଲାରେ ବର୍ତ୍ତମାନ ପଜିଟିଭଙ୍କ ସଂଖ୍ୟା ୬ରେ ପହଞ୍ଚିଛି। ଶନିବାର ପଜିଟିଭ ଚିହ୍ନଟ ହୋଇଥିବା ଦୁଇଜଣ ବ୍ୟକ୍ତି ବୌଦ୍ଧ ସହର ନିକଟସ୍ଥ ଏକ ଗ୍ରାମୀଣ ବ୍ୟାଙ୍କର କର୍ମଚାରୀ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାଯାଇଛି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ପ୍ରଧାନ ପ୍ରକାଶ କରିଛନ୍ତି। ମାସ୍କ ନ ଥିଲେ କାର୍ଯ୍ୟାଳୟରେ ପ୍ରବେଶ ଉପରେ କଟକଣା ଜାରି କରାଯାଇ ଥିବା ବେଳେ କର୍ମଚାରୀମାନେ ସାମାଜିକ ଦୂରତା ନିୟମ ପାଳନ କରି ଅଫିସ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ମାସ୍କ ଚେକିଂ, ୨୫ଶହ ଜରିମାନା ଆଦାୟ

ବିନିକା,୧୦।୪(ଡି.ଏନ୍.ଏ.): ୧୪ଦିନିଆ ମାସ୍କ ପିନ୍ଧା ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଶନିବାର ସୁବର୍ଣ୍ଣପୁର ଜିଲା ବିନିକା ଥାନା ପୋଲିସ ସଂସାମୁରା ଓ ବିଶାଳପାଲି ଛକରେ ଯାଞ୍ଚକୁ କଡାକଡି କରିଥିଲା। ଏଥିରେ ମହାଦେବପାଲି ଫାଣ୍ଡି ଅଧିକାରୀ ବସନ୍ତ ରଥ, ଗନିଆ ଫାଣ୍ଡି ଅଧିକାରୀ ଶ୍ରୀକୃଷ୍ଣ ସେଠ୍ ସାମିଲ ହୋଇଥିଲେ। ଲୋକଙ୍କୁ ସଚେତନ କରାଇବା ସହ ମାସ୍କ ପିନ୍ଧି ନଥିବା ଅମାନିଅଙ୍କଠାରୁ ପୋଲିସ ୨୫ଶହ ଟଙ୍କା ଜରିମାନା ଆଦାୟ କରିଥିଲା। ମାସ୍କ ଚେକିଙ୍ଗକୁ ଆଗକୁ ଆହୁରି କଡାକଡି କରାଯିବ ବୋଲି ପୋଲିସ କହିଛି। କରୋନାର ଦ୍ୱିତୀୟ ଲହରକୁ ରୋକିବା ପାଇଁ ସଚେତନତା ଉପରେ ଜୋର ଦେଇ ବିନିକା ବ୍ଲକ ପ୍ରଶାସନ ପକ୍ଷରୁ ୧୬ଟି ଯାକ ପଞ୍ଚାୟତରେ ଏକ ପ୍ରଚାର ଗାଡି ବୁଲୁଛି।

### କାର୍ଯ୍ୟରେ ଲାଗୁନି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ

ଜମ୍ପାପଙ୍କ,୧୦।୪ (ଡି.ଏନ.ଏ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ପରିସରରେ ସ୍ଥାପନ କରାଯାଇଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଆରମ୍ଭରୁ ଚାଲୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁସାରେ, ଗତ ୫ ବର୍ଷ ତଳେ ଏସଏଫସି ଅନୁଦାନରୁ ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ କରାଯାଇଥିଲା । ପଞ୍ଚାୟତକୁ ରାଶନ ସାମଗ୍ରୀ, କିରୋସିନି, ଭତ୍ତା ଓ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକମାନେ ଏହାଦ୍ୱାରା ଉପକୃତ ହେବା ଉଦ୍ଦେଶ୍ୟ ଥିଲା । କିନ୍ତୁ ଏହି ପ୍ରକଳ୍ପ ଚାଲୁ ନ ଥିବାରୁ ଏହି ବାଟ ଦେଇ ପ୍ରତ୍ୟହ ଯିବା ଆସିବା କରୁଥିବା ବାଲିଦୋହଲି, ସରଧାପୁର, ବେଦ୍ରିପାଲି, ଚଣ୍ଡିଗଡ ଓ ଜଗନ୍ନାଥପୁର ଗ୍ରାମବାସୀ ପାଣି ପିଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ଦିନର ତାପମାତ୍ରା ୪୦ଡିଗ୍ରୀରୁ ଊର୍ଦ୍ଧ୍ୱ ରହୁଥିବା ବେଳେ ଖୁଣ୍ଟବନ୍ଧ ପଞ୍ଚାୟତ ପକ୍ଷରୁ ଜନଗହଳିପୂର୍ଣ୍ଣ ଛକଗୁଡିକରେ ଆଜିଯାଏ ଜଳଛତ୍ର ଖୋଲାଯାଇ ନାହିଁ । ଯଥାଶୀଘ୍ର ବିଭିନ୍ନ ଗାଁରେ ଥିବା ଅଚଳ ପାନୀୟ ଜଳ ପ୍ରକଳ୍ପ ମରାମତି କରିବା ସହିତ ଜଳଛତ୍ର ଖୋଲିବାକୁ ଦାବି ହେଉଛି ।

### ସିଟିଜେନ୍ ଫୋରମ ପକ୍ଷରୁ ଶହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

କୋକସରା,୧୦।୪ (ଡି.ଏନ.ଏ.): ଛତିଶଗଡ଼ ବିଜାପୁର ମାଓବାଦୀଙ୍କ ଆକ୍ରମଣରେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା କୋକସରା ବ୍ଲକର ମୂଳ ବାସିନ୍ଦା ସ୍ୱର୍ଗତ ସୀତାରାମ ନାୟକଙ୍କ ପୁଅ ଦିବଙ୍ଗତ ସୁବାସ ନାୟକଙ୍କୁ କୋକସରା ବ୍ଲକ ସିଟିଜେନ ଫୋରମର ବରିଷ୍ଠ କର୍ମକର୍ତ୍ତା ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଶନିବାର ଶିଶୁମନ୍ଦିର ପରିସରରେ ଫୋରମ୍‌ର ସମ୍ପାଦକ ମୀନକେତନ ପ୍ରଧାନୀଙ୍କ ସଭାପତିତ୍ୱରେ ସହୀଦ ସୁବାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । କୋକସରା ମାଟି ଆଜି ଜଣେ ବୀରପୁତ୍ରକୁ ହରାଇ ମର୍ମାହତ ବୋଲି ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା । ଏହି ଅବସରରେ ଘାସିରାମ ପାଙ୍ଗଯୋଶୀ, ସହଦେବ ପଟ୍ଟନାୟକ, କେଶବ ଚନ୍ଦ୍ର ନାଏକ, ବୁଟୁନାଥ ସରାବୁ, ଜଗବନ୍ଧୁ ମାଝୀ, ରମେଶ ପ୍ରଧାନୀ, ନବୀନ ଶବର, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ବରଗଡ଼–ଛତିଶଗଡ଼ ବସ୍ ସେବା ବନ୍ଦ

■ସୀମାନ୍ତରୁ ଚାଲି ଚାଲି ଆସୁଛନ୍ତି ଯାତ୍ରୀ
■ବ୍ୟବସାୟିକ କ୍ଷେତ୍ର ପ୍ରଭାବିତ

ବରଗଡ଼ ଅଫିସ୍/ଅମ୍ବାଭୋନା,୧୦।୪

ପଡ଼ୋଶୀ ଛତିଶଗଡ଼ ରାଜ୍ୟର ରାୟପୁର ଏବେ କରୋନାର ହଟ୍‌ସ୍ପଟ୍ ପାଲଟିଛି। ଅନୁରୂପ ଭାବେ ବରଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଉଭୟ ରାଜ୍ୟକୁ ଶନିବାରଠାରୁ ବସ୍ ଚଳାଚଳ ବନ୍ଦ ରହିଛି। ଏଭଳି ସ୍ଥଳେ ଯାତ୍ରୀଙ୍କୁ ହଟହଟା ହେବାକୁ ପଡୁଛି। ଯାତ୍ରୀମାନେ ଚାଲି ଚାଲି ଗନ୍ତବ୍ୟସ୍ଥଳକୁ ଯାଉଥିବା ଦେଖିବାକୁ ମିଳିଛି। ରାୟପୁର ଏକ ପ୍ରମୁଖ ବ୍ୟବସାୟ କେନ୍ଦ୍ର ହୋଇଥିବା ଯୋଗୁ ବ୍ୟବସାୟିକ କ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇଛି ।

ବରଗଡ଼ ଜିଲାର ଅମ୍ବାଭୋନା ବ୍ଲକର ରୁଚିଦା, ସୋହେଲା ବ୍ଲକର ଲୁହୁରାଚଟି ଏବଂ ପାଇକମାଳ ବ୍ଲକର ମାଣ୍ଡୋସିଲରୁ ନୂଆପଡ଼ା ଜିଲା ଖରିଆର୍ ରୋଡ୍ ଦେଇ ଯାତ୍ରୀବାହୀ ବସ୍ ଚଳାଚଳ କରିଥାଏ। ଲୁହୁରାଚଟି ଦେଇ ୨୦ରୁ ୨୫, ପାଇକମାଳ ଦେଇ ୨ ଏବଂ ରୁଚିଦା ଦେଇ ୧୦ରୁ ୧୨ଟି ଯାତ୍ରୀବାହୀ ବସ୍ ନିୟମିତ ଚଳାଚଳ କରିଥାଏ। ତେବେ ରାୟପୁରରେ ଲକ୍ ଡାଉନ୍ ଘୋଷଣା ହୋଇଥିବା ବେଳେ ସୀମାନ୍ତ ରାଜ୍ୟକୁ ବସ୍ ଯୋଗାଯୋଗ ଉପରେ ମଧ୍ୟ କଟକଣା ଲାଗିଛି। ଏହି କ୍ରମରେ ଶନିବାରଠାରୁ ଛତିଶଗଡ଼କୁ ବସ୍ ଚଳାଚଳ ବନ୍ଦ ରହିଛି। ଏଥିଯୋଗୁ ଯାତ୍ରୀମାନଙ୍କୁ ହଟହଟା ହେବାକୁ ପଡୁଛି । ତେବେ ଛତିଶଗଡ଼କୁ ଯାଉ ନ ଥିଲେ ମଧ୍ୟ ସୀମାନ୍ତ ଅଞ୍ଚଳକୁ ଅଳ୍ପ କେତୋଟି ବସ୍ ଯାଉଛି। ସେହିପରି ଛତିଶଗଡ଼ ପଟୁ ସୀମାନ୍ତ ନିକଟବର୍ତ୍ତୀ ଅଞ୍ଚଳକୁ କାଁ ଭାଁ ବସ୍ ଆସୁଛି। ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ରୁଚିଦା ଏବଂ ଛତିଶଗଡ଼ ପଟୁ ସରିଆ ପର୍ଯ୍ୟନ୍ତ କିଛି ବସ୍ ଆସୁଥିବା ସୂଚନା ମିଳିଛି। ଫଳରେ ରୁଚିଦା ଓ ସରିଆ ମଧ୍ୟରେ ଥିବା ପ୍ରାୟ ୩କି.ମି ରାସ୍ତା ଯାତ୍ରୀମାନଙ୍କୁ ଚାଲିବାକୁ ପଡୁଛି । ତେବେ ପାଇକମାଳ ଦେଇ ଛତିଶଗଡ଼ ଯାଉଥିବା ୨ଟି ଯାକ ବସ୍ ସମ୍ପୂର୍ଣ୍ଣ ବନ୍ଦ ରହିଥିବାବେଳେ ଲୁହୁରାଚଟି ଦେଇ ଯାଉଥିବା ବସ୍ ମଧ୍ୟରେ ଅଳ୍ପ କେତୋଟି ସୋହେଲାରୁ ଫେରୁଥିବା ସୂଚନା ମିଳିଛି ।



ଛତିଶଗଡ଼ ପଟୁ ଯାତ୍ରୀମାନେ ଚାଲି ଚାଲି ଆସୁଛନ୍ତି।

# ତିନିବର୍ଷ ବିତିଲା, କାର୍ଯ୍ୟକ୍ଷମ ହେଲାନି ପ୍ରକଳ୍ପ

### ଧାମାନଡଙ୍ଗାରେ ଉତ୍କଟ ଜଳାଭାବ

କଣ୍ଟାବାଞ୍ଜି, ୧୦।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଧାମାନଡଙ୍ଗା ପଞ୍ଚାୟତ ସଦର ଗ୍ରାମରେ ବସୁଧା ଯୋଜନାରେ ୩ବର୍ଷ ତଳେ ଏକ ଜଳଯୋଗାଣ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ବୋରୱେଲ ଖୋଳାଠାରୁ ଆରମ୍ଭ କରି ଷ୍ଟାଣ୍ଡପୋଷ୍ଟ ସ୍ଥାପନ ପର୍ଯ୍ୟନ୍ତ ସବୁ କାମ ଇତିମଧ୍ୟରେ ଶେଷ ହୋଇଛି। ପ୍ରସ୍ତାବିତ ସମସ୍ତ ଅଞ୍ଚଳକୁ ପାଇପ ପାଣି ପହଞ୍ଚିବା ପାଇଁ ଏକ ଓଭରହେଡ୍ ଟାଙ୍କି ନିର୍ମାଣ ବି ସରିଛି । ହେଲେ ନିର୍ମାଣର ତିନିବାର୍ଷ ପରେ ବି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇନାହିଁ । କାର୍ଯ୍ୟକ୍ଷମ ନ ହେବାର କୌଣସି କାରଣ ଜଣାପଡୁ ନାହିଁ। ଅପରପକ୍ଷରେ ନିର୍ମାଣସ୍ଥାନରେ କୌଣସି ଫଳକ ଲଗାଯାଇ ନ ଥିବାରୁ ପ୍ରକଳ୍ପର ବ୍ୟୟ ଅଟକଳ, ନିର୍ମାଣକାରୀ ସଂସ୍ଥା ଓ କେବେ କାମ ସରିବ ସେ ନେଇ ଲୋକେ ଜାଣି ପାରୁ ନାହାନ୍ତି। ଏପରିସ୍ଥଳେ ଚଳିତ ଗ୍ରୀଷ୍ମଋତୁରେ ବି ଦୁଇୱାର୍ଡ ବିଶିଷ୍ଟ ଏହି ଗାଁର ଜନସାଧାରଣ ପାଣି ପାଇଁ ହଟହଟା ହେବା ନିଶ୍ଚିତ ହୋଇଯାଇଛି।

ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଜଳାଶୟ ସବୁ ଶୁଖିଗଲାଣି। ଗାଁରେ ୩ଟି ନଳକୂପ ଥିବା ବେଳେ ସେଥିରୁ ୨ଟି ଅଚଳ। ଯେଉଁ ଗୋଟିକ ସଚଳ ଅଛି ସେଥିରେ ପୁରା ଗାଁର ୧୦୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭର କରନ୍ତି। ପାଣିପାଇଁ ସବୁବେଳେ ନଳକୂପ ପାଖରେ ଭିଡ ଜମୁଛି। ଏପରିକି ବହୁ ସମୟରେ ପାଣି ସଂଗ୍ରହକୁ ନେଇ ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଛି। ଗାଁରେ ଜଳାଭାବଜିତ ସମସ୍ୟା ନେଇ ଗାଁର ଦୁଇ ୱାର୍ଡସଭ୍ୟା ବିଭିନ୍ନ ସମୟରେ ବିଭାଗ ନିକଟରେ ଅଭିଯୋଗ କଲେ ବି କେହି ଶୁଣି ନ ଥିବା କହିଛନ୍ତି। ଏ ନେଇ କଣ୍ଟାବାଞ୍ଜି ଗ୍ରାମ୍ୟ ଜଳ ଯୋଗାଣ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗଯୋଗ କରାଯାଇଥିଲା। ହେଲେ ତାଙ୍କ ଫୋନ ସୁଇଚ ଅଫ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।



ନିର୍ମାଣ ହୋଇ ପଡି ରହିଥିବା ଓଭରହେଡ ଟ୍ୟାଙ୍କ।

# ନକଲି ସୁନା ବିକି ୬ ଗିରଫ

ପଦ୍ମପୁର, ୧୦।୪ (ଡି.ଏନ.ଏ)

ପଦ୍ମପୁର ଆଦର୍ଶ ଥାନା ଅଧୀନ ବରିକେଲ ଗ୍ରାମରେ ଅସଲି ସୁନା ଦେଖାଇ ନକଲି ବିକ୍ରି କରୁଥିବା ବେଳେ ପୋଲିସ ଶନିବାର ୬ଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲା ଯଖପୁରା ଥାନା ରାବଣା ଗ୍ରାମର ଜଗବନ୍ଧୁ ପ୍ରଧାନ, କ୍ରିଷ୍ଣା ପ୍ରଧାନ, ଦିଲୀପ ପ୍ରଧାନ, ଗୋପୀ ପ୍ରଧାନ, ଜଗା ପୂର୍ତ୍ତି ଓ ବୀରେନ୍ଦ୍ର ସିଂ । ସେମାନଙ୍କଠାରୁ ୩ ଲକ୍ଷ ୪୪ ହଜାର ଟଙ୍କା ଜବତ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୬୯/୨୧) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି।

ପୋଲିସ ସୂଚନା ଅନୁସାରେ, ଉକ୍ତ ଯୁବକମାନେ ବରିକେଲ ଗାଁକୁ ଆସି ନିଜକୁ ସାପୁଆ କେଳା ପରିଚୟ ଦେଇ ବ୍ରୋଞ୍ଜକୁ ଅସଲି ସୁନା କହି ୧୨ଲକ୍ଷ ଟଙ୍କାର ବ୍ୟବସାୟ କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସୌମ୍ୟରଞ୍ଜନ ପାତ୍ର ତଦନ୍ତ କରିବାରୁ ଅଭିଯୁକ୍ତମାନଙ୍କ ଠକାମୀ ଧରାପଡିଥିଲା। ସୂଚନାଯୋଗ୍ୟ, ୨୦୨୦ ଡିସେମ୍ବର ୨୮ରେ ଅଭିଯୁକ୍ତମାନେ ବରଗଡରେ ୯ଲକ୍ଷ ଟଙ୍କାର ନକଲି ସୁନା ବିକ୍ରି କରିଥିଲେ।



ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ଟଙ୍କା।

# ଦୁଇ ଫାଣ୍ଡିକୁ ଥାନା ମାନ୍ୟତା ଦାବି

ଅତାବିରା, ୧୦।୪ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ଓ ଭେଡେନ ଥାନା ଅଧୀନରେ ଥିବା ରୁଷୁଡା ଓ ଗୋଡଭଗା ଫାଣ୍ଡିକୁ ଥାନା ମାନ୍ୟତା ଦେବାକୁ ଦାବି ହୋଇଛି। ୫୩ ନଂ. ଜାତୀୟ ରାଜପଥ ଓ ୫୪ ନଂ. ରାଜ୍ୟ ରାଜପଥ ନିକଟରେ ଗୋଡଭଗା ଫାଣ୍ଡି ଥିବା ବେଳେ ରୁଷୁଡା ଫାଣ୍ଡି ବସ୍ତି ମଧ ଭାଗରେ ରହିଛି । ରୁଷୁଡା ଫାଣ୍ଡିକୁ ମହାନଦୀ ପାର୍ଶ୍ୱ ଝରାଡେରା କିମ୍ବା ଝାଉଁଯୋର ନିକଟକୁ ସ୍ଥାନାନ୍ତର କରିବା ପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିଲେ ମଧ ସୁଫଳ ମିଳିନି । ଫଳରେ ଦିନକୁ ଦିନ ଅଞ୍ଚଳରେ ନିଶା କାରବାର ବୃଦ୍ଧି, ଚୋରି, ଲୁଟ, ଡକାୟତି, ମାଡପିଟ, ଅପହରଣ, ବଳାତ୍କାର, ଜୁଆ, ସଟ୍ଟା ଖେଳ ଚାଲିଛି। ଏ ନେଇ ରୁଷୁଡା ଫାଣ୍ଡି ଅଧିକାରୀ ଗଣେଶ କଲେତଙ୍କୁ ପଚରାଯିବାରୁ ଫାଣ୍ଡି ସ୍ଥାନାନ୍ତର ହେବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଥିଲେ। ସେହିପରି ଗୋଡଭଗା ଫାଣ୍ଡି ବ୍ୟସ୍ତବହୁଳ ବ୍ୟବସାୟ ପେଣ୍ଠସ୍ଥଳରେ ରହିଛି। ସୋନପୁର, ବୌଦ୍ଧ, ବରଗଡ, ସମ୍ବଲପୁର, ବଲାଙ୍ଗିର, କଳାହାଣ୍ଡି ଜିଲାବାସୀ ଏହି ଫାଣ୍ଡି ଦେଇ ପ୍ରତ୍ୟେହ ଯିବା ଆସିବା କରିବା ସହିତ ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଅତାବିରା ଥାନା ଅଧୀନ ଗୋଡଭଗା ଫାଣ୍ଡିକୁ ଥାନା ମାନ୍ୟତା ମିଳିଥିବା ବେଳେ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଗୋଡଭଙ୍ଗା ଫାଣ୍ଡି ସ୍ଥାପନ ବେଳେ ଅଞ୍ଚଳର ଜନସଂଖ୍ୟା ୧୩ ହଜାର ଥିଲା ବେଳେ ବର୍ତ୍ତମାନ ଦେଢ଼ ଲକ୍ଷକୁ ଟପିଲାଣି। ଏ ସମ୍ପର୍କରେ ଗୋଡଭଗା ଫାଣ୍ଡି ଅଧିକାରୀ ବାଲୁଙ୍କେଶ୍ୱର ନାୟକ କୁହନ୍ତି, ଗୋଡଭଗା ଫାଣ୍ଡି ଥାନା ମାନ୍ୟତା ପାଇଛି । ହେଲେ ସ୍ଥାନ ନିର୍ଦ୍ଧାରିତ ହୋଇପାରୁନାହିଁ।

# ବୌଦ୍ଧରେ ରାଷ୍ଟ୍ରୀୟ ଲୋକ ଅଦାଲତ

### ୨୫ ଲକ୍ଷ ୩ ହଜାର ୭୩୫ ଟଙ୍କା ଆଦାୟ

ବୌଦ୍ଧ,୧୦।୪(ସ୍ୱ.ପ୍ର.)

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ଦୌରାଜଜ୍ ପ୍ରତିମା ପଣ୍ଡାଙ୍କ ଅଧକ୍ଷତାରେ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ୩୧୯ଟି ମାମଲାର ଶୁଣାଣି ଓ ୫ଟି ପ୍ରାକ୍ ମକଦ୍ଦମାର ଫଇସଲା କରାଯାଇ ୨୫ଲକ୍ଷ ୩ ହଜାର ୭୩୫ ଟଙ୍କା ଆଦାୟ କରାଯାଇଥିଲା। ଏଥିରେ ପରିବାର ଅଦାଲତ ବିଚାରପତି ଗୌରୀମାଳି ମହାରଣା, ଅତିରିକ୍ତ ଜିଲା ଦୌରା ଜଜ୍ ସତ୍ୟ ନାରାୟଣ ଷଡଙ୍ଗୀ, ମୁଖ୍ୟ ଦଣ୍ଡାଧୀଶ ଅଧିକାରୀ ହୃଷିକେଶ ଆଚାର୍ଯ୍ୟ, ରେଜିଷ୍ଟ୍ରାର ପ୍ରୀତିଶ କୁମାର ରାଉତରାୟ, ବିଚାରପତି ଦୁର୍ବାଶା ଦୁର୍ଗା, ଜିଲା ଆଇନସେବା ପ୍ରାଧିକରଣ ସଚିବ ଚରଣଜିତ ଓରାମ, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରୀ ସୁମିତ୍ରା ସାହୁ, ପ୍ରଥମ ବିଚାର ବିଭାଗୀୟ ଅଧିକାରୀ ଶିବାନୀ ମିଶ୍ର ଓ ସୁନିତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ମାମଲା ଗୁଡିକ ଫଇସଲା କରିଥିଲେ। ଲୋକ ଅଦାଲତରେ ସରକାରୀ ଓକିଲଙ୍କ ସମେତ ଆଇନଜୀବୀମାନେ ଯୋଗ ଦେଇଥିଲେ। ସେହିପରି ହରଭଙ୍ଗା ବ୍ଲକ ଠାରେ ନୁତନ ଭାବେ ଖୋଲିଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ଅଦାଲତର ପ୍ରଥମ ବିଚାର ବିଭାଗୀୟ ଅଧିକାରୀ ସୌମ୍ୟା ରାଓ ଯୋଗଦେଇ ମାମଲା ଗୁଡିକ ଫଇସଲା କରିଥିଲେ । ଏଥିରେ ୮ ଗୋଟି ଫୌଜଦାରୀ ମାମଲା ଓ ଗୋଟିଏ ଚେକ୍ ବାଉନ୍ସିଂ ମାମଲା ବିଚାର କରାଯାଇ ୫୬ ହଜାର ଟଙ୍କା ଜରିମାନା ବାବଦକୁ ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ସରକାରୀ ଓକିଲ ଦିଲୀପ କୁମାର ଧଳଙ୍କ ସମେତ ବହୁ ଆଇନଜୀବୀ ଯୋଗ ଦେଇଥିଲେ।




ବୌଦ୍ଧ ଜିଲା ଦୌରାଜଜ୍ ପ୍ରତିମା ପଣ୍ଡା ମାମଲାଗୁଡିକ ଫଇସଲା କରୁଛନ୍ତି।

# ଲୋଇସିଂହା ବ୍ଲକ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ



ସାମ୍ବିଧାନିକ ସଭାରେ ମଞ୍ଚାସୀନ ଅତିଥି।

ଲୋଇସିଂହା,୧୦।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ହାଇସ୍କୁଲରେ ବ୍ଲକ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜୟ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଗୌରଚନ୍ଦ୍ର ନାଏକ ମୁଖ୍ୟଅତିଥି, ପୁରନ୍ଦର ଦାଶ ମୁଖ୍ୟବକ୍ତା, ରାଜ୍ୟ ସଭାପତି ବିନୋଦ ବହାରୀ, ରାମଚନ୍ଦ୍ର ପଟେଲ, ସମ୍ପାଦକ କୁଶଧ୍ୱଜ ସାହୁ, ହିମାଂଶୁ ଶେଖର ସାହୁ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅବସରଗ୍ରହଣ କରିଥିବା ଗଡଶଙ୍କର ଡୁଙ୍ଗରିପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ଦିଗାମ୍ବର ତ୍ରିପାଠୀ, ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁନନ୍ଦା ମିଶ୍ର, ମେହେର ବାନା,ବାଦିବାହାଲ ହାଇସ୍କୁଲର ଶିକ୍ଷକ ରଘୁନାଥ ବେହେରା ପ୍ରମୁଖଙ୍କୁ ଓଷ୍ଟା ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାବାଦ ୨୦୨୦ ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ଯୋଗୀସର୍ଡା ହାଇସ୍କୁଲର ଛାତ୍ର ଦୀପକ କୁମାର ପଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାରେ ଆଗାମୀ ୩ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତିଭାବେ ସଦାନନ୍ଦ ଭୋଇ, ବେଣୁଧର ଭୋଇ କାର୍ଯ୍ୟକାରୀ ସଭାପତି, ଭବାନୀଶଙ୍କର ରଣା, ଭକ୍ତଚରଣ ନାଏକ ଓ ସଂଯୁକ୍ତା ଉଦଗାତା ଉପସଭାପତି, ସାରଥୀ ସାହୁ ସମ୍ପାଦକ, ଅଶୋକ କୁମାର ଠାକୁର, ଶଶାଙ୍କ ସାହୁ ଓ ଯାଜ୍ଞସିନୀ ପାଠୀ ଯୁଗ୍ମସମ୍ପାଦକ, ଅଶୋକ କୁମାର ମେହେର, ଜତିନ୍ଦ୍ର ମାଝି ରାଜ୍ୟପରିଷଦ ସଭ୍ୟ, ସନ୍ତୋଷ ବାରିକ, ପରାଶର ଖମାରୀ,ଗଣନାଥ ସାହୁ ଜିଲା ପରିଷଦ ସଭ୍ୟ ଭାବେମନୋନୀତ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ନାଥ ସଭାପତିତ୍ୱ କରିଥିଲେ । ଉଭୟ ଅଧବେଶନରେ ହୋଇଥିବା ସଭାକୁ ଶିବପ୍ରସାଦ ତ୍ରିପାଠୀ ସଂଯୋଜନା କରିଥିଲେ।

# ଧୂଳିଧୂଆଁରେ ଅତିଷ୍ଠ ଗ୍ରାମବାସୀ

### ବେଆଇନ ବାଲି ଉଠାଣ

ଅତାବିରା, ୧୦।୪ (ଡି.ଏନ.ଏ)

ଅତାବିରା ଓ ଭେଡେନ ତହସିଲ ଅଞ୍ଚଳରେ ବାଲି ମାଫିଆମାନେ ସକ୍ରିୟ ହୋଇ ପଡିଛନ୍ତି। ସେମାନେ ମହାନଦୀ, ଝାଉଁଯୋର, ଜିରା ଓ ଦନ୍ତା ନଦୀରୁ ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ଅଭିଯୋଗ ହୋଇଛି। ବିନା ତାରପୋଲିନରେ ହାଇୱା, ଟ୍ରାକ୍ଟର ବାଲି ବୋଝେଇ କରି ଯାଉଥିବାରୁ ରାସ୍ତାପାର୍ଶ୍ୱ ଗାଁ ଗୁଡିକ ଧୂଳିମୟ ହେବା ସହିତ ପରିବେଶ ପ୍ରଦୂଷଣ ହେଉଛି। ଏହାସହିତ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଶନିବାର ଅତାବିରା ତହସିଲ ଅଧୀନ ଝାଉଁଯୋରରୁ ବାଲି ଚୋରା ଚାଲାଣ ହେଉଥିବା ବେଳେ ଗ୍ରାମବାସୀ ୪ଟି ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ ତହସିଲଦାରଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏହାପରେ ବାଲି ମାଫିଆମାନେ ବାବାଟିକ୍ରାକୁ ଆସି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ରାସ୍ତାରେ ପାଣି ଦେବା ସହିତ ଗାଡିରେ ତାରପୋଲିନ ଢ଼ାଙ୍କି ବାଲି ନେବାକୁ ସେମାନେ କହିଥିଲେ। ହେଲେ ଗ୍ରାମବାସୀ ଏଥିରେ ରାଜି ନ ହେବାରୁ ସେମାନେ ଫେରିଯାଇଥିଲେ।

୫୪ ନଂ. ରାଜ୍ୟ ରାଜପଥ ଦେଇ ପ୍ରତିଦିନ ୫୦ରୁ ଊର୍ଦ୍ଧ୍ୱ ହାଇୱା, ଟ୍ରାକ୍ଟର ଯୋଗେ ସକାଳୁ ରାତି ପର୍ଯ୍ୟନ୍ତ ବାଲି ଚୋରା ଚାଲାଣ ହେଉଛି। ଏଥିରେ ବାବାଟିକ୍ରାବାସୀ ଧୂଳିରେ ଅଣନିଃଶ୍ୱାସୀ ହୋଇପଡିଛନ୍ତି। ଶନିବାର କୃଷ୍ଣଚନ୍ଦ୍ର ମହାକୁର, ରାମ ବାବୁ, ରଣଜିତ ମହାକୁରଙ୍କ ସମେତ ପଡାର ମହିଳାପୁରୁଷ ବାଲି ବୋଝେଇ ଟ୍ରାକ୍ଟର ଗୁଡିକୁ ଅଟକାଇ ଚେତାବନୀ ଦେଇଥିଲେ । ଲରମ୍ଭା ବାଲିଘାଟ ନିଲାମ ହୋଇ ନ ଥିଲେ ମଧ ବାଲି ଚାଲାଣ କାହିଁକି ହେଉଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ। ଏ ନେଇ ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ମୋବାଇଲ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ସମ୍ଭବ ହୋଇ ନ ଥିଲା। ଅତିରିକ୍ତ ତହସିଲଦାର ସୌର୍ଯ୍ୟରଞ୍ଜନ ମିଶ୍ରଙ୍କୁ ପଚରାଯିବାରୁ ବେଆଇନ ବାଲି ଉଠାଣ କରୁଥିବା ମାଫିଆଙ୍କ ଉପରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ସିଲ୍ ହେଲା ପେଟ୍ରୋଲ ପମ୍ପ

### ଅପମିଶ୍ରଣ ଅଭିଯୋଗ କଲେ ଗ୍ରାହକ

ସୋନପୁର,୧୦।୪(ନି.ପ୍ର.)

ସୁବର୍ଣ୍ଣପୁର ସହରର ପଟାଭାଡିରେ ଥିବା ଦେବଯାନୀ ପେଟ୍ରୋଲ ପମ୍ପକୁ ଯୋଗାଣ ବିଭାଗ ଶନିବାରଠାରୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ସିଲ୍ କରିଛି। ପେଟ୍ରୋଲରେ ଅପମିଶ୍ରଣ ନେଇ ଦୁଇଜଣ ଗ୍ରାହକଙ୍କ ଅଭିଯୋଗକ୍ରମେ ଯୋଗାଣ ବିଭାଗ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସଦର ସହକାରୀ ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ଓ ହେଡକ୍ୱାର୍ଟର୍ସ ସହକାରୀ ଯୋଗାଣ ଅଧିକାରୀ ପ୍ରଣତି ପୃଷ୍ଟି ପେଟ୍ରୋଲ ପମ୍ପର ଡିସପେନସିଙ୍ଗ ପମ୍ପ, ଅଣ୍ଡର ଗ୍ରାଉଣ୍ଡ ଟ୍ୟାଙ୍କରେ ତାଲା ପକାଇବା ସହ ପ୍ରବେଶ ପଥକୁ ସିଲ୍ କରିଛନ୍ତି। ବୌଦ୍ଧ ଜିଲା ମନମୁଣ୍ଡା ଅଞ୍ଚଳର ପ୍ରଦ୍ୟୁମ୍ନ ରାୟ ଶନିବାର ଦେବଯାନୀ ପେଟ୍ରୋଲ ପମ୍ପରୁ ନିଜ ଆକ୍ଟିଭାରେ ପେଟ୍ରୋଲ ଭରିଥିଲେ। ବାଇକ୍‌ଟି ପମ୍ପରୁ ମାତ୍ର ୧୦୦ ମିଟର ଅତିକ୍ରମ କରିବା ପରେ ଆଉ ଚାଲି ନ ଥିଲା । ପମ୍ପରେ ଅପମିଶ୍ରଣ କରା ଯାଉଥିବା ଗ୍ରାହକ ସନ୍ଦେହ କରି ଏକ ପ୍ଲାଷ୍ଟିକ୍ ବୋତଲରେ ପୁଣି ପେଟ୍ରୋଲ କିଣିଥିଲେ। ତେବେ ପେଟ୍ରୋଲରେ ଫେଣ ଥିବା ଓ ବୋତଲ ତଳେ ଧଳା ରଙ୍ଗର ପଦାର୍ଥ ବସି ଯିବା ଦେଖିବାକୁ ପାଇଥିଲେ। ପ୍ରଦ୍ୟୁମ୍ନ ଘଟଣାର ପ୍ରତିବାଦ କରିବା ସହ ୧୧୨ନମ୍ବରେ ଫୋନ କରି ଅଭିଯୋଗ କରିଥିଲେ। ସେହିପରି ଡୁଙ୍ଗୁରିପାଲି ଗ୍ରାମର ରଞ୍ଜନ କୁମାର ସାହୁ ଏହି ପମ୍ପରୁ ତେଲ ପକାଇବା ପରେ ତାଙ୍କ ଗାଡି ଆଉ ଚାଲି ନଥିଲା। ସାହୁ ସ୍ଥାନୀୟ ଏକ ଗ୍ୟାରେଜ୍‌ରେ ଗାଡି ମରାମତି ପାଇଁ ଦେଇଥିଲେ। ପେଟ୍ରୋଲରେ ପାଣି ମିଶିଥିବାରୁ ଇଞ୍ଜିନ୍ ସିଜ୍ ହୋଇ ଯାଇଥିବା ଗ୍ୟାରେଜ୍ ମିସ୍ତ୍ରୀ କହିଥିବା ଯୋଗାଣ ବିଭାଗ ନିକଟରେ ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଯୋଗାଣ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପେଟ୍ରୋଲର ନମୂନା ସଂଗ୍ରହ କରିଥିଲେ। ଏ ସମ୍ପର୍କରେ ଭାରତୀୟ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ)ର ସେଲ୍‌ସ ଅଫିସର ଓ ବୈଷୟିକ ଟିମ୍‌ର ସହାୟତା ଲୋଡିଥିଲେ। ବିପିସିଏଲର ସେଲ୍‌ସ ଅଫିସର ସୋନପୁରରେ ପହଞ୍ଚି ନମୂନା ସଂଗ୍ରହ କରିଛନ୍ତି। ସନ୍ଧ୍ୟା ହୋଇ ଯିବାରୁ ତଦନ୍ତ ଅଧାରେ ରହିଛି। ତଦନ୍ତ ସମ୍ପୂର୍ଣ୍ଣ ହେଲେ ପେଟ୍ରୋଲରେ ପ୍ରକୃତରେ କଣ ମିଶିଥିଲା ସ୍ପଷ୍ଟ ହେବ ବୋଲି ଯୋଗାଣ ଅଧିକାରୀ ପ୍ରଣତି ପୃଷ୍ଟି କହିଛନ୍ତି। ଅନ୍ୟପକ୍ଷେ ବର୍ଷାଦିନେ ଅଣ୍ଡର ଗ୍ରାଉଣ୍ଡ ଟ୍ୟାଙ୍କରେ ପାଣି ମିଶିବାର ସମ୍ଭାବନା ରହିଛି । କିନ୍ତୁ ଗ୍ରୀଷ୍ମ ଦିନରେ ପେଟ୍ରୋଲରେ କିଭଳି ପାଣି ମିଶିଲା ସେ ନେଇ ନାନା ପ୍ରଶ୍ନ ସୃଷ୍ଟି ହୋଇଛି । କିଛି ଦିନ ପୂର୍ବରୁ କୋଭିଡ୍ ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ପ୍ରଶାସନ ପକ୍ଷରୁ ଏହି ପେଟ୍ରୋଲ ପମ୍ପକୁ ସିଲ କରା ଯାଇଥିଲା । ଦେଢ଼ ଲକ୍ଷ ଟଙ୍କା ଜରିମାନା ଦେବା ପରେ ପମ୍ପରୁ ୫ ଦିନ ପୂର୍ବରୁ ତାଲା ଖୋଲିଥିଲା।



ଯୋଗାଣ ବିଭାଗର ଅଧିକାରୀମାନେ ପେଟ୍ରୋଲ ପମ୍ପକୁ ସିଲ୍ କରୁଛନ୍ତି ।